

ଅଶ୍ୱତ୍ଥାମା ଭୂମିକାରେ ଶାହିଦ

▸ପୃଷ୍ଠା ୨ ଦେଖନ୍ତୁ...

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-271 ♦BHUBANESWAR ♦THURSDAY ♦28 MARCH 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୭୧ ♦ଭୁବନେଶ୍ୱର ♦ଗୁରୁବାର ♦୨୮ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦


# ମହାସମର ପାଇଁ ମହାଯୋଦ୍ଧା

## ବିଜେଡି ସୁପ୍ରିମୋ ଘୋଷଣା କଲେ ବିଧାନସଭା ଓ ଲୋକସଭା ପ୍ରାର୍ଥୀ ସୂଚୀ



**୭୨ ବିଧାନସଭା ଓ ୧୫ ଲୋକସଭା ନିମନ୍ତେ ପ୍ରାର୍ଥୀ ଘୋଷଣା**

**ଦଳର ଯୁବ ବର୍ଗ, ମହିଳା, ବରିଷ୍ଠଙ୍କୁ ସମାନୁପାତିକ ଟିକଟ**

**୭୨ ଜଣିଆ ବିଧାନସଭା ପ୍ରାର୍ଥୀ ସୂଚୀରେ ୧୨ ମହିଳାଙ୍କ ନାମ**

**୧୫ ଜଣିଆ ଲୋକସଭା ପ୍ରାର୍ଥୀ ତାଲିକାରେ ୪ ଜଣ ମହିଳା**

**୧୧ ଲୋକସଭା ଆସନରେ ପ୍ରାର୍ଥୀ ବଦଳାଇଲା ଦଳ**

**ଲୋକସମ୍ପର୍କ, ଆନୁଗତ୍ୟ ଓ ବିଜୟ ସମ୍ଭାବନା ଆଧାରରେ ଟିକଟ**

■ **ଭୁବନେଶ୍ୱର, ୨୭ ।୩ (ସମିସ):** ୨୦୨୪ ମହାସମର ନିମନ୍ତେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ବିଭିନ୍ନ ନିର୍ବାଚନ କ୍ଷେତ୍ର ନିମନ୍ତେ ଯୋଦ୍ଧାଙ୍କ ନାମ। ବୁଧବାର ପ୍ରଥମ ପର୍ଯ୍ୟାୟରେ ୭୨ ବିଧାନସଭା ଓ ୯ ଲୋକସଭା ଆସନ ନିମନ୍ତେ ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ଅପରାହ୍ନରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ୬ ଲୋକସଭା ଆସନ ନିମନ୍ତେ ପ୍ରାର୍ଥୀଙ୍କ ନାମ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ବିଧାନସଭା ନିମନ୍ତେ ଘୋଷିତ ସୂଚୀରେ ୧୩ ଜଣଙ୍କୁ ପ୍ରଥମଥର ଦଳୀୟ ଟିକେଟ ପ୍ରଦାନ କରାଯାଇଛି । ଅନୁରୂପ ଭାବରେ ମୋଟ ୭୨ ଜଣିଆ ସୂଚୀରେ ୧୨ ଜଣ ମହିଳା ପ୍ରାର୍ଥୀଙ୍କୁ ସ୍ଥାନ ମିଳିଛି। ଅନୁରୂପ ଭାବରେ ଦୁଇ ପର୍ଯ୍ୟାୟରେ ଘୋଷିତ ୧୫ ଜଣିଆ ଲୋକସଭା ପ୍ରାର୍ଥୀ ତାଲିକାରେ ୭ ଜଣ ପ୍ରଥମଥର ଲୋକସଭା ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି ଓ ୪ ଜଣ ମହିଳାଙ୍କୁ ଦଳ ଟିକଟ ଦେଇଛି। ଉଭୟ ଲୋକସଭା ଏବଂ ବିଧାନସଭାରେ ବିଜେଡି ସଭାପତି ମୋଟ ୧୬ ଜଣ ମହିଳାଙ୍କୁ ପ୍ରାର୍ଥୀ କରିଛନ୍ତି। ପ୍ରାର୍ଥୀ ଚୟନରେ ଯୋଗ୍ୟତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିବା ବେଳେ ଲୋକସମ୍ପର୍କ, ଦଳୀୟ ଆନୁଗତ୍ୟ ଏବଂ ବିଜୟ ସମ୍ଭାବନାକୁ ମଧ୍ୟ ମାପକାଠିର ଆଧାର କରାଯାଇଛି। ଆସନ୍ତା ବିଧାନସଭା ▸ପୃଷ୍ଠା-୧୩

## ପ୍ରଣବ ପ୍ରକାଶ ସମ୍ବଲପୁରରୁ ଲୋକସଭା ପ୍ରାର୍ଥୀ

### କଟକରୁ ସଂତୃପ୍ତ, ପୁରୀରୁ ଅରୂପ, ସୁନ୍ଦରଗଡରୁ ଦିଲ୍ଲୀପ

■ **ଭୁବନେଶ୍ୱର, ୨୭ ।୩ (ସମିସ):** ଦୁଇ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ୧୫ ଲୋକସଭା ଆସନ ନିମନ୍ତେ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ଦଳର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସମ୍ବଲପୁରରୁ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏହି ଆସନରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଜେପି ପ୍ରାର୍ଥୀ କରିଛି। ତେଣୁ ସମ୍ବଲପୁରରେ ପ୍ରଣବଙ୍କୁ ପ୍ରାର୍ଥୀ କରି ଦଳ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଦେଇଛି। ଅନୁରୂପ ଭାବରେ କଳାହାଣ୍ଡିରୁ ଲମ୍ବୋଦର ନିଆଲ, ସୁନ୍ଦରଗଡରୁ ଦିଲ୍ଲୀପ ତିର୍କୀ, ମୟୂରଭଞ୍ଜରୁ ସୁଦାମ ମାର୍ଣ୍ଡି, କେନ୍ଦ୍ରାପଡାରୁ ଅଂଶୁମାନ ମହାନ୍ତି, ନବରଙ୍ଗପୁରରୁ ପ୍ରଦୀପ କୁମାର ମାଝୀ, ଭୁବନେଶ୍ୱରରୁ ମନ୍ମଥ ରାଉତରାୟ, କୋରାପୁଟରୁ କୌଶଲ୍ୟା ହିକକା, ଆସିକାରୁ ରଞ୍ଜିତା ସାହୁ ନିର୍ବାଚନ ଲଢ଼ିବେ। ସେହିପରି ପୁରୀରୁ ଦଳର ବରିଷ୍ଠ ନେତା ଅରୂପ ପଟ୍ଟନାୟକଙ୍କୁ ▸ପୃଷ୍ଠା-୧୩

**ନିଜ ଆସନ ବଜାୟ ରଖିଲେ ଅଚ୍ୟୁତ, ରାଜଶ୍ରୀ, ଶର୍ମିଷ୍ଠା**

## ଜଗନ୍ନାଥରୁ ଆରମ୍ଭ, ଜଗନ୍ନାଥରେ ଶେଷ

### ଲୋକସଭା ପ୍ରାର୍ଥୀ ସୂଚୀରେ ପ୍ରଥମେ ଲମ୍ବୋଦର

କୋଟି ଓଡ଼ିଆର ମୁରବୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଭକ୍ତ ହେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନବୀନଙ୍କ ଜଗନ୍ନାଥଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଏବଂ ସମର୍ପଣ ଭାବ ଯୋଗୁଁ ଆଜି ପୁରୀ ପରିକ୍ରମା ପ୍ରକଳ୍ପ ସାକାର ରୂପ ନେଇପାରିଛି। ପ୍ରଶାସନିକ ନିଷ୍ପତ୍ତିଠାରୁ ଆରମ୍ଭ କରି ଦଳୀୟ କାର୍ଯ୍ୟକ୍ରମରେ ମହାପ୍ରଭୁଙ୍କ ପ୍ରତି ନବୀନଙ୍କ ବିଶ୍ୱାସ ଅନେକ ସମୟରେ ବାରି ହୋଇ ପଡ଼ିଛି। ଆଜି ବିଧାନସଭା ପାଇଁ ଟିକେଟ ଘୋଷଣା ସମୟରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଜଗନ୍ନାଥଙ୍କ ପ୍ରତି ଭକ୍ତି ସ୍ପଷ୍ଟ ବାରି ହୋଇପଡ଼ିଥିଲା। ପୂର୍ବ ବିଧାନସଭା ନିର୍ବାଚନ ସମୟରେ ଜଗନ୍ନାଥଙ୍କ ନାମରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରି ଆସୁଥିବା ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ପ୍ରଥମେ ଜଗନ୍ନାଥ ସାରକାଙ୍କ ନାମ ଘୋଷଣା କରିଛନ୍ତି। ପ୍ରାର୍ଥୀ ସୂଚୀରେ ବିଷମକଟକରୁ ଜଗନ୍ନାଥ ସାରକାଙ୍କ ନାମ ପ୍ରଥମରେ ଥିବାବେଳେ ଶେଷ ନାମଟି ପାଟଣାରୁ ଜଗନ୍ନାଥ ନାୟକଙ୍କ ନାମ ରହିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ୨୦୧୯ ବିଧାନସଭା ନିର୍ବାଚନ ବେଳେ ମଧ୍ୟ ସମାନ ଭାବେ ପ୍ରଥମେ ବିଧାୟକ ପ୍ରାର୍ଥୀ ଭାବେ ଜଗନ୍ନାଥ ସାରକାଙ୍କ ନାମ ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀ। ମନ୍ତ୍ରୀମଣ୍ଡଳ ଶପଥ ଗ୍ରହଣ ଉତ୍ସବରେ ମଧ୍ୟ ଶ୍ରୀ ସାରକା ପ୍ରଥମେ ମନ୍ତ୍ରୀ ଭାବେ ଶପଥ ନେଇଥିଲେ।

ଅପରପକ୍ଷେ ଲୋକସଭା ପ୍ରାର୍ଥୀ ଘୋଷଣା ବେଳେ ମଧ୍ୟ ଲମ୍ବୋଦର ନିଆଲଙ୍କ ନାମ ପ୍ରଥମେ ରହିଛି। କୌଣସି ଶୁଭ କାର୍ଯ୍ୟ ସମୟରେ ପ୍ରଥମେ ଗଣେଶଙ୍କୁ ପ୍ରଥମେ ପୂଜା କରାଯାଇଥାଏ। ଅନୁରୂପ ଭାବରେ ଲୋକସଭା ପ୍ରାର୍ଥୀ ସୂଚୀରେ ପ୍ରଭୁ ଶ୍ରୀ ଗଣେଶଙ୍କ ଅନ୍ୟ ନାମ ଲମ୍ବୋଦରକୁ ଅଗ୍ରାଧିକାର ଦେଇଛନ୍ତି ମୁଖ୍ୟମନ୍ତ୍ରୀ। କଳାହାଣ୍ଡିରୁ ଲମ୍ବୋଦର ନିଆଲଙ୍କୁ ଦଳର ପ୍ରାର୍ଥୀ ଭାବରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

## ମିଶନ ଶକ୍ତି ମା'ଙ୍କୁ ସମ୍ମାନ

**ଯାଜପୁରର ବିଧାନସଭା ଆସନରୁ ସୁଜାତା ସାହୁ**

■ **ଭୁବନେଶ୍ୱର, ୨୭ ।୩ (ସମିସ):** ମିଶନ ଶକ୍ତି ମା'ମାନଙ୍କୁ ସମ୍ମାନ ପ୍ରଦାନରେ ଯୋଡ଼ି ହୋଇଛି ଆଉ ଏକ ଫର୍ଦ୍ଦ। ମହିଳା ସଶକ୍ତିକରଣର ନିଦର୍ଶନ ଭାବେ ଯାଜପୁର ବିଧାନସଭା କ୍ଷେତ୍ରରୁ ପ୍ରଣବ ପ୍ରକାଶ ଦାସଙ୍କ ସ୍ଥାନରେ ଆଉ ଜଣେ ମିଶନ ଶକ୍ତି ମାଆ ତଥା ମହିଳାଙ୍କ ନେତୃତ୍ୱ ନେଉଥିବା ସୁଜାତା ସାହୁଙ୍କୁ ମୁଖ୍ୟମନ୍ତ୍ରୀ ବିଧାନସଭା ଟିକେଟ ପ୍ରଦାନ କରିଛନ୍ତି। ଯାହାକୁ ନେଇ ମହିଳାମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ମହିଳାମାନଙ୍କୁ ସମ୍ମାନ ପ୍ରଦାନ କରିବାରେ ମୁଖ୍ୟମନ୍ତ୍ରୀ ଯେପରି ଗୋଟିଏ ପରେ ଗୋଟିଏ ନିଷ୍ପତ୍ତି ନେଇ ଚାଲିଛନ୍ତି, ତାକୁ ଇତିହାସ ଚିରକାଳ ମନେ ରଖିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ମିଶନ ଶକ୍ତି ଅଧିନରେ ରାଜ୍ୟର ୭୦ ଲକ୍ଷ ମହିଳାଙ୍କୁ ସାମାଜିକ, ଅର୍ଥନୈତିକସ୍ତରରେ ମୁଖ୍ୟମନ୍ତ୍ରୀ ଯେପରି ଆତ୍ମନିର୍ଭର ଏବଂ ସଶକ୍ତ ଭାବେ ଗଢ଼ିତୋଳିଛନ୍ତି, ତାହାକୁ ବିଭିନ୍ନ ମହଲରେ ▸ପୃଷ୍ଠା-୧୩

## ଦଳୀୟ ସ୍ୱାର୍ଥକୁ ପ୍ରଣବଙ୍କ ପ୍ରାଥମିକତା

# ସମ୍ବଲପୁରରେ ପୂର୍ଣ୍ଣ ଶକ୍ତି ସହ ଲଢ଼ିବ ବିଜେଡି

■ **ଭୁବନେଶ୍ୱର, ୨୭ ।୩ (ସମିସ):** ଯାଜପୁର ବିଧାନସଭା କ୍ଷେତ୍ରରେ ବିଜେଡିର ସଙ୍ଗଠନ ଅତ୍ୟନ୍ତ ଦୃଢ଼ । ଗତ ଏକ ଦଶନ୍ଧି ମଧ୍ୟରେ ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଯାଜପୁରକୁ ବିଜେଡିର ଅଭେଦ୍ୟ ଗଡ଼ରେ ପରିଣତ କରିଛନ୍ତି। ଏଠାରୁ ତାଙ୍କର ବିଜୟ ଅବିସମ୍ବାଦିତ ଥିଲା, ଏହା ସତ୍ତ୍ୱେ ଦଳ ସ୍ୱାର୍ଥ ଓ ସଙ୍ଗଠନକୁ ଦୃଷ୍ଟିରେ ରଖି ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ପ୍ରାର୍ଥୀ ହୋଇଛନ୍ତି ବିଜେଡିର ସେନାପତି ପ୍ରଣବ ପ୍ରକାଶ ଦାସ । ସମ୍ବଲପୁରରୁ ଲୋକସଭା ପ୍ରାର୍ଥୀ ହେବାକୁ ସେ



ଆଗ୍ରହୀ ଥିବା ମୁଖ୍ୟମନ୍ତ୍ରୀଙ୍କୁ ଅବଗତ ସହ ଟିକଟ ପାଇଁ ଅନୁରୋଧ କରିଥିଲେ ପ୍ରଣବ ପ୍ରକାଶ। ଶେଷରେ ତାଙ୍କ ଅନୁରୋଧକୁ ରକ୍ଷାକରି ମୁଖ୍ୟମନ୍ତ୍ରୀ ସମ୍ବଲପୁର ଲୋକସଭା ଆସନରୁ ପ୍ରଣବ ପ୍ରକାଶଙ୍କୁ ପ୍ରାର୍ଥୀ କରିଛନ୍ତି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

ବିଜେଡି-ବିଜେପି ମେଣ୍ଟକୁ ନେଇ ନିକଟରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ମାତ୍ର ଶେଷରେ ଏହି ମିଛ ଓ ଗୁଜବର ଯବନିକା ପଡ଼ିଥିଲା। ଏହା ସତ୍ତ୍ୱେ ବିଜେପି ପ୍ରତି ବିଜେଡି ଲୋକସଭା ଆସନଗୁଡ଼ିକରେ ଅନୁକମ୍ପା ପୋଷଣ କରିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ମାତ୍ର ଏହି ଚର୍ଚ୍ଚା ଓ ଗୁଜବରେ କୌଣସି ଆଧାର ନ ଥିବା ମୁଖ୍ୟମନ୍ତ୍ରୀ ଏକ ବାର୍ତ୍ତା ଦେଇଛନ୍ତି । ପ୍ରାୟ ବର୍ଷକ ପୂର୍ବରୁ ପ୍ରଣବପ୍ରକାଶ ସମ୍ବଲପୁରରୁ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଥିଲା । ସମ୍ବଲପୁରରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଜେପିରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଧର୍ମେନ୍ଦ୍ରଙ୍କ ବିପକ୍ଷରେ ଲଢ଼ିବା ପାଇଁ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ନିଜକୁ ଶ୍ରେଷ୍ଠ ବିକଳ୍ପ ବୋଲି ମନେ କରୁଛନ୍ତି ଓ ମୁଖ୍ୟମନ୍ତ୍ରୀ ମଧ୍ୟ ତାଙ୍କ ଉପରେ ଆସ୍ଥା ସ୍ଥାପନ କରିଛନ୍ତି। ସମ୍ବଲପୁରରେ ବିଜେଡିକୁ ବିପୁଳ ବ୍ୟବଧାନରେ ବିଜୟୀ କରିବାରେ ପ୍ରଣବ ପ୍ରକାଶ ସକ୍ଷମ ହେବେ ବୋଲି ଦଳ ମଧ୍ୟ ବିଶ୍ୱାସ ରଖିଛି । ▸ପୃଷ୍ଠା-୧୩

## ଶେଷ ଦିନରେ ୪ ଲୋକସଭା, ୨୮ ବିଧାନସଭା ଆସନରେ ରଣନୀତି ପ୍ରସ୍ତୁତ

**ବିଶାଳ ବିଜୟ ଲକ୍ଷ୍ୟ**

# ନବୀନ ଆଙ୍କିଲେ ଶଙ୍ଖ ବ୍ୟୂହ ନକ୍ସା

- **ନବୀନ ନିବାସରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ନେତା**
- **ସମସ୍ତ ୨୧ ଲୋକସଭା ଓ ୧୪୭ ବିଧାନସଭା ଆସନ ସମୀକ୍ଷା ଶେଷ**
- **କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରିବାକୁ ନେତା ଓ ପର୍ଯ୍ୟବେକ୍ଷକଙ୍କୁ ନିର୍ଦ୍ଦେଶ**
- **ତ୍ରୁଟିଶୂନ୍ୟ ନିର୍ବାଚନ ପରିଚାଳନା ନିମନ୍ତେ '୫-ଟି' ଅଧ୍ୟକ୍ଷଙ୍କ ପରାମର୍ଶ**

■ **ଭୁବନେଶ୍ୱର, ୨୭ ।୩ (ସମିସ):** ୨୦୨୪ ମହାସମରରେ ବିଶାଳ ବିଜୟ ନିମନ୍ତେ ନକ୍ସା ଆଙ୍କିଛନ୍ତି ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିର୍ବାଚନୀ କ୍ଷେତ୍ରରେ ଶଙ୍ଖ ବ୍ୟୂହ ସୃଷ୍ଟି କରି ବୃହତ୍ ବ୍ୟବଧାନରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଦେଇଛନ୍ତି ମନ୍ତ୍ର । ଆଜି ନବୀନ ନିବାସରେ ୪ ଲୋକସଭା ଓ ୨୮ ବିଧାନସଭା ଆସନର ନିର୍ବାଚନୀ ରଣନୀତି ସମୀକ୍ଷା ଅବସରରେ ଦଳର ସଭାପତି ଜଣଜଣ କରି ପ୍ରତ୍ୟେକ ନେତା ଓ ପର୍ଯ୍ୟବେକ୍ଷକଙ୍କ ସହ ନିର୍ବାଚନୀ ରଣନୀତି ଓ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ଏହା ସହ କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

ଆଜି ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୨୮ଟି ନିର୍ବାଚନମଣ୍ଡଳୀର ସମୀକ୍ଷା କରିଛନ୍ତି। ଦଳର ନିର୍ବାଚନ ପ୍ରସ୍ତୁତି, ଲୋକଙ୍କ ସହ ନେତାଙ୍କ ଜନସମ୍ପର୍କ ଏବଂ ପ୍ରାର୍ଥିତ୍ୱ ସମ୍ପର୍କରେ ବୈଠକରେ ଗୋଟିଗୋଟି କରି ଆଲୋଚନା କରିଛନ୍ତି । ରାଜ୍ୟ ସରକାରଙ୍କ ବିକାଶ ବାର୍ତ୍ତାକୁ ଲୋକଙ୍କ ନିକଟରେ ଶତ ପ୍ରତିଶତ ଭାବେ ପହଞ୍ଚାଇବା ସହ ନିର୍ବାଚନମଣ୍ଡଳୀରେ ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ ନିର୍ବାଚନୀ ପ୍ରସ୍ତୁତିରେ ଲାଗିପଡ଼ିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମଧ୍ୟ ନିର୍ବାଚନ ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି ।

ଆଜି ପ୍ରଥମେ ନବୀନ ନିବାସରେ ମୟୂରଭଞ୍ଜ ଓ କେନ୍ଦୁଝର ସଂସଦୀୟ କ୍ଷେତ୍ର ପାଇଁ ସମୀକ୍ଷା କାର୍ଯ୍ୟକ୍ରମ ହୋଇଥିଲା। ବୈଠକରେ ଉଭୟ ଜିଲ୍ଲାର ପର୍ଯ୍ୟବେକ୍ଷକ ସଂସଦୀୟ କ୍ଷେତ୍ର ▸ପୃଷ୍ଠା-୧୩




# ଅଶ୍ୱତ୍ଥାମା ଭୂମିକାରେ ଶାହିଦ୍



ଆମାଜନ୍ ପ୍ରାଇମ୍ ଭିଡିଓ ଇଣ୍ଡିଆ ପକ୍ଷରୁ ନିକଟରେ 'ଆର୍ ୟୁ ରେଡି' ଇଭେଣ୍ଟର ଆୟୋଜନ କରାଯାଇଥିଲା । ଏହି ଇଭେଣ୍ଟରେ 'ଅଶ୍ୱତ୍ଥାମା: ଦ ସାଗା କଣ୍ଟିନ୍ୟୁଜ୍' ଫିଲ୍ମର ଘୋଷଣା କରାଯାଇଛି । ଏହି ଫିଲ୍ମ ସିନେମା ହଲ୍‌ରେ ରିଲିଜ୍ ହେବା ପରେ ଆମାଜନ୍‌ରେ ଆସିବ । ଫିଲ୍ମର ହିରୋ ଭାବେ ଦେଖାଯିବେ ଶାହିଦ୍ କପୁର । ଏଥିରେ ଶାହିଦ୍ ଅଶ୍ୱତ୍ଥାମା ଭୂମିକାରେ ଅଭିନୟ କରିବେ । ତେବେ ପ୍ରଥମ ଥର ପାଇଁ ଶାହିଦ୍ ପୌରାଣିକ ପୃଷ୍ଠଭୂମି ଉପରେ ନିର୍ମିତ ଫିଲ୍ମରେ କାମ କରିବେ । ସେହିଭଳି ଏହାର ପ୍ରଯୋଜକ ବାସୁ ଭଗନାନୀଙ୍କ ସହ ଶାହିଦ୍ ପ୍ରଥମ ଥର କାମ କରୁଛନ୍ତି । ଫିଲ୍ମଟିକୁ ପୂଜା ଏଣ୍ଟରଟେନ୍‌ମେଣ୍ଟ ନିର୍ମାଣ କରୁଛି । 'ଅଶ୍ୱତ୍ଥାମା: ଦ ସାଗା କଣ୍ଟିନ୍ୟୁଜ୍' ବହୁତ ଦିନରୁ ଚର୍ଚ୍ଚାରେ ରହିଥିଲା । ଏହି ଫିଲ୍ମ ଆଦିତ୍ୟ ଧର ନିର୍ମାଣ କରିବାର ଥିଲା । ଏଥିରେ ହିରୋ ଭାବେ ଭିକି କୌଶଲ ଅଭିନୟ କରିଥାନ୍ତେ । ଏହାର ଏକ ପୋଷ୍ଟର୍ ମଧ୍ୟ ରିଲିଜ୍ ହୋଇଥିଲା । ତେବେ 'ଆର୍ଟିକଲ୍-୩୭୦' ଲଞ୍ଚ୍ ଅବସରରେ ଆଦିତ୍ୟ ଏହି ଫିଲ୍ମ ନିର୍ମାଣ କରୁନାହାନ୍ତି ବୋଲି ସ୍ପଷ୍ଟ କରିଥିଲେ ।

# ମହାକାଶରେ ଡିନର୍




ଏଣିକି ଲୋକେ ମହାକାଶରେ ରାତ୍ରୀଭୋଜନର ମଧ୍ୟ ମଜା ନେଇପାରିବେ । ଆମେରିକାର ସ୍ପେସ୍ ଟ୍ରାଭେଲ କମ୍ପାନି 'ସ୍ପେସ୍ ଭିଆଇପି' ଖୁବ୍‌ଶୀଘ୍ର ଲୋକଙ୍କୁ ମହାକାଶରେ ସ୍ୱାଦିଷ୍ଟ ରାତ୍ର ଭୋଜନର ବିଚିତ୍ର ଅନୁଭୂତି ପ୍ରଦାନ କରିବ । ହାଇଟେକ୍ ସ୍ପେସ୍ ବେଲୁନ୍ ଯାତ୍ରା ମାଧ୍ୟମରେ ଏହି କମ୍ପାନି ଯାତ୍ରୀଙ୍କୁ ବହୁ ଉଚ୍ଚରେ ଭିନ୍ନ ଏକ ଦୁନିଆରେ ଖାଦ୍ୟ ଖାଇବାର ସୁଯୋଗ ଦେବ । ଅବଶ୍ୟ ଏନେଇ କମ୍ପାନି ପ୍ରଥମେ ଲୋକଙ୍କୁ ମନୋନୀତ କରିବ । ଏହା ମାଧ୍ୟମରେ ଭୂପୃଷ୍ଠରୁ ଏକ ଲକ୍ଷ ଫୁଟ୍ ଉଚ୍ଚରେ ବସି ଲୋକେ ଖାଦ୍ୟର ମଜା ନେଇପାରିବେ । ଏହି ଭୋଜନ ଯେଭଳି ରୋମାଞ୍ଚକର ହେବ, ସେହିପରି ମହଙ୍ଗା ବି ରହିବ । ଜଣେ ୪.୧୦ କୋଟି ଟଙ୍କାର ଟିକେଟ୍ କିଣି ସ୍ପେସ୍ ବେଲୁନ୍‌ରେ ବସି ଖାଇବେ । ସ୍ପେସ୍ ବେଲୁନ୍‌ରେ ୬ ଘଣ୍ଟା ପର୍ଯ୍ୟନ୍ତ ରହି ଲୋକେ ରାତ୍ରୀଭୋଜନର ମଜା ଉଠାଇବେ । ଏହି ଯାତ୍ରା ପାଇଁ ସ୍ପେସ୍ ଭିଆଇପି କମ୍ପାନି ସ୍ପେସ୍ ପର୍ସପେକ୍ଟିଭ୍ କମ୍ପାନିର ସ୍ପେସ୍‌ସିପ୍ ନେପଚ୍ୟୁନ୍‌ର ଉପଯୋଗ କରିବ । ଆସନ୍ତାବର୍ଷ ଆରମ୍ଭ ହେବାକୁ ଥିବା ଏହିଯାତ୍ରାର ପ୍ରଥମ ଉଡ଼ାଣ ଫ୍ଲୋରିଡ଼ାର କାନାଡ଼ା ସ୍ପେସ୍ ସେଣ୍ଟରରୁ ହେବ । ସ୍ୱାଦିଷ୍ଟ ଖାଦ୍ୟ ସାଙ୍ଗକୁ ଯାତ୍ରୀଙ୍କୁ ଫ୍ରେଞ୍ଚ୍ ଫେସନ୍ ହାଉସ୍ ପୋଷାକ ପିନ୍ଧିବାର ସୁଯୋଗ ମିଳିବ । ତା'ସହ ଯାତ୍ରୀଙ୍କୁ ସ୍ପେସ୍ ବେଲୁନ୍‌ରେ ୱାଇଫାଇର ସୁବିଧା ମିଳିବ । ଏହା ମାଧ୍ୟମରେ ସେମାନେ ଏହି ଯାତ୍ରାକୁ ସାମାଜିକ ଗଣମାଧ୍ୟମରେ ଲାଇଭ୍ କରିପାରିବେ । ସେହିପରି ମହାକାଶ ଥିମ୍ ଆଧାରରେ ଖାଦ୍ୟ ପ୍ରସ୍ତୁତ କରାଯିବ । ଏହାକୁ ନେଦରଲ୍ୟାଣ୍ଡର ସେଫ୍ ରସ୍‌ମସ୍ ମଙ୍କ୍ ତିଆରି କରିବେ । ତେବେ ମେନ୍ୟୁରେ କେଉଁ ସବୁ ଖାଦ୍ୟ ସାମିଲ କରାଯିବ, ତାହା ସ୍ଥିର ହୋଇ ନାହିଁ ।

# ଆଖି ଇସାରାରେ ଚାଲିବ ଫୋନ୍

ଆଇଫୋନ୍ ଆସିବା ପରେ ସ୍ମାର୍ଟଫୋନ୍‌ରୁ କିପ୍ୟାଡ୍ ଗାଏବ ହୋଇଗଲା । ଏବେ ଏହି କ୍ଷେତ୍ରରେ ଆଉ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବାକୁ ଯାଉଛି ଚୀନ୍‌ର ଟେକ୍ କମ୍ପାନି 'ଅନର୍' । ଏଣିକି ଫୋନ୍ ହାତରେ ନୁହେଁ, ବରଂ ଆଖି ଇସାରାରେ ଚାଲିବ । ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା) ଆଧାରରେ ଏହା ଫୋନ୍‌କୁ ଆଖି ଇସାରାରେ ଚାଲିବାର ବିକଳ୍ପ ପ୍ରଦାନ କରିବ । ବାର୍ସିଲୋନାରେ ଆୟୋଜିତ ମୋବାଇଲ ୱାର୍ଲ୍ଡ କଂଗ୍ରେସ (ଏମ୍‌ଡବ୍ଲୁସି) ୨୦୨୪ରେ ଅନର୍ ତା'ର ମ୍ୟାଜିକ୍ ୬ ପ୍ରୋରେ 'ମ୍ୟାଜିକାଲ କ୍ୟାପସୁଲ୍' ନାଁରେ ଏହାକୁ ପରିଚିତ କରାଇଛି । ଏଆଇ ଦ୍ୱାରା ଆଧାରିତ ଆଇ ଟ୍ରାକିଂ ଟେକ୍ନୋଲୋଜି ମାଧ୍ୟମରେ ଫୋନ୍ ଜାଣିପାରିବ, ସ୍କ୍ରିନ୍‌ରେ ଜଣେ କେଉଁଠିକୁ ଚାହୁଁଛି । ତେବେ କୌଣସି ଆପ୍ଲିକେସନ୍‌କୁ ଓପନ୍ କରିବା ପାଇଁ ବାସ୍ କିଛି ସମୟ ତାହା ଉପରେ ଦୃଷ୍ଟି ଦେବାକୁ ହେବ ।



ତେବେ ଏହା ସେଲ୍‌ଫି କ୍ୟାମେରାକୁ ବ୍ୟବହାର କରି ବ୍ୟବହାରକାରୀଙ୍କ ଆଖିର ଗତିକୁ ଟ୍ରାକ୍ କରିବ । ଏହାବାଦ୍ ୨୦-୫୦ ସେଣ୍ଟିମିଟର ଦୂରରୁ ବ୍ୟବହାରକାରୀ କେଉଁଠିକୁ ଦେଖୁଛି, ତାହାକୁ ମ୍ୟାଜିକାଲ୍ କ୍ୟାପ୍‌ସୁଲ ସହଜରେ ଜାଣିବାକୁ ସକ୍ଷମ । ତେବେ କୌଣସି ଆପ୍‌କୁ ଓପନ କରିବା ପାଇଁ ୧.୮ ସେକେଣ୍ଡ ପର୍ଯ୍ୟନ୍ତ ଫୋନ୍‌କୁ ଦେଖିବାକୁ ହେବ । ଏହି ଟେକ୍‌କୁ ଉପଯୋଗ କରି ବ୍ୟବହାରକାରୀଙ୍କୁ କଲ୍ ରିସିଭ୍ କରିବାଠୁ ଆରମ୍ଭ କରି ଟେକ୍ସଟ ମେସେଜ୍ ଓପନ କରିବା ଏବଂ ଟାଇମର ବନ୍ଦ କରିବାର ବିକଳ୍ପ ସୁବିଧା ମିଳିବ । ଅବଶ୍ୟ ଏହି ପ୍ରକ୍ରିୟା ପାଇଁ ବ୍ୟବହାରକାରୀଙ୍କୁ ଫୋନ୍‌ରେ ଆଇ ମୁଭମେଣ୍ଟ ସେଟ୍ କରିବାକୁ ପଡ଼ିବ । ଅନ୍ୟପଟେ ଯେତେବେଳେ କୌଣସି କାରଣ ପାଇଁ ଫୋନ୍‌କୁ ହାତରେ ବ୍ୟବହାର କରିବା ସମ୍ଭବ ହେବ ନାହିଁ, ସେତେବେଳେ ଆଖିରେ ଫୋନ୍‌କୁ ଚଳାଇପାରିବେ ।

# ସାବୁନ ସଂଗ୍ରହାଳୟ

ବିଭିନ୍ନ ଜିନିଷ ସଂଗ୍ରହ କରି ସାଇତିବା କେତେକଙ୍କ ସଉକ । କେହି ପୁରୁଣା ମୁଦ୍ରା ତଥା ନୋଟ ସଂଗ୍ରହ କରୁଥିବାବେଳେ, କେହି କେହି ପୁରୁଣା ଡାକଟିକଟଗୁଡ଼ିକ ସାଇତି ରଖୁଥିବା ଆମେ ଜାଣିଛେ । କିନ୍ତୁ ଉତ୍ତର ପ୍ରଦେଶ ମୁଜାଫରନଗରର ଜଣେ ବ୍ୟକ୍ତି ସାବୁନ ସଂଗ୍ରହାଳୟ କରିଛନ୍ତି । ତାଙ୍କ ସଂଗ୍ରହାଳୟରେ ପାଖାପାଖି ୧୧୦ଟି ଦେଶର ସାବୁନ ରହିଥିବା ଜଣାପଡ଼ିଛି । ଏକ ପଇସାଠାରୁ ଆରମ୍ଭ କରି ୮,୫୦୦ ଟଙ୍କା ପର୍ଯ୍ୟନ୍ତ ସାବୁନ୍ ତାଙ୍କ ସଂଗ୍ରହାଳୟରେ ସ୍ଥାନ ପାଇଛି । ଜୟକୁମାର ନାମକ ଏହି ବ୍ୟକ୍ତି ଜଣଙ୍କୁ ୪୫ ବର୍ଷ ପୂର୍ବରୁ ସାବୁନ ସଂଗ୍ରହ ନିଶା ଘାରିଥିଲା । କାରଣ ସେହି ସମୟରେ ତାଙ୍କ ନାମ ଅନୁଯାୟୀ ଜୟ ସାବୁନ ଉପଲବ୍ଧ ହେଉଥିଲା । ସେ ଦୋକାନରୁ ସର୍ବଦା ଦୁଇଟି ସାବୁନ କିଣୁଥିବାବେଳେ, ଗୋଟିକୁ ବ୍ୟବହାର କରନ୍ତି ଓ ଅନ୍ୟଟିକୁ ସାଇତି ରଖୁଥିଲେ । ଧୀରେ ଧୀରେ ସେ ଅନ୍ୟଦେଶର ସାବୁନ ସଂଗ୍ରହ କଲେ । ଏବେ ଦେଶ ବିଦେଶର ହଜାର ହଜାର ସଂଖ୍ୟକ ସାବୁନ ତାଙ୍କ ସଂଗ୍ରହାଳୟରେ ଶୋଭାପାଉଛି । ତନ୍ମଧ୍ୟରେ ବହୁ ମୂଲ୍ୟବାନ୍ ସାବୁନ ମଧ୍ୟ ରହିଛି । ତାଙ୍କର ଏହି ସାବୁନ ସଂଗ୍ରହାଳୟ ଲିମ୍‌କା ବୁକ୍ ଅଫ୍ ରେକର୍ଡ ଓ ଏସିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛି । ଜୟକୁମାରଙ୍କ କହିବାନୁଯାୟୀ, ସେ ଯେ କୌଣସି ଦେଶକୁ ବୁଲିବାକୁ ଗଲେ ସେଠାରୁ ଫେରିଲା ବେଳେ ସାଥିରେ ସାବୁନ ଅବଶ୍ୟ କିଣିଆଣନ୍ତି ଓ ଏହାକୁ ନିଜ ସଂଗ୍ରହାଳୟରେ ସଂଗ୍ରହ କରି ରଖିଥାନ୍ତି । ସାବୁନ ବାଦ୍ ବିଭିନ୍ନ ପ୍ରକାର ଅଳଙ୍କାର, ଖେଳନା ଓ କ୍ୟାଣ୍ଡେଲ ଆଦି ମଧ୍ୟ ସଂଗ୍ରହ କରି ସେ ତାଙ୍କ ସଂଗ୍ରହାଳୟରେ ରଖିଛନ୍ତି ।



## ଆଜିର ଇତିହାସ

- ୧୭୯୫- ପୋଲାଣ୍ଡର ବିଭାଜନ ହୋଇଥିଲା ।
- ୧୯୩୯- ସ୍ପେନ୍‌ରେ ଗୃହଯୁଦ୍ଧ ଶେଷ ହେଲା ।
- ୧୯୭୨-ସୋଭିଏତ୍ ରୁଷ୍ ପରମାଣୁ ପରୀକ୍ଷା କରିଥିଲା ।
- ୨୦୧୩-ଆମେରିକା ପାକିସ୍ତାନର ପେଶୱାରରେ ଥିବା ତା'ର ବାଣିଜ୍ୟିକ ଦୂତାବାସ ବନ୍ଦ କଲା ।
- ୨୦୧୫- ସାଇନା ନେହୱାଲ ବିଶ୍ୱର ଏକ ନମ୍ବର ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ହେଲେ ।

# ଆଣ୍ଟାର୍କଟିକାରେ ଚାକିରି

ଆଣ୍ଟାର୍କଟିକା ଏମିତି ଏକ ସ୍ଥାନ, ଯୁଆଡ଼େ ଚାହିଁବ କେବଳ ବରଫ ହିଁ ବରଫ । ଏଭଳି ସ୍ଥାନରେ ଜୀବନଧାରଣ କରିବା ସହଜ ନ ଥିବା ବେଳେ ଏବେ ଏଠାରେ ଯେଉଁ ଚାକିରି ବାହାରିଛି, ତାହା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଏଠାକାର ଲୋକପ୍ରିୟ ପେଙ୍ଗୁଇନ୍ ପୋଷ୍ଟ ଅଫିସ୍ ପାଇଁ ଚାକିରି ବାହାରିଛି । ଏଠାରେ ଚାକିରି କରିବା ଲୋକଙ୍କୁ ପେଙ୍ଗୁଇନ୍‌ଙ୍କ ଗହଣରେ ରହିବାକୁ ହେବ । ତା'ସହ ସପ୍ତାହକୁ କର୍ମଚାରୀଙ୍କୁ ଥରୁଟିଏ ଗାଧୋଇବାକୁ ହେବ । କାରଣ ଏଭଳି ଏକ ଥଣ୍ଡା ସ୍ଥାନରେ ନିତିଦିନ ଗାଧୋଇବା ସମ୍ଭବ ନୁହେଁ । ତେବେ ପାଣିପାଗ ଖରାପ ଥିଲେ ଦୁଇ ସପ୍ତାହକୁ ଥରେ ଗାଧୋଇ ପାରିବେ । ତେବେ ଏହି ପଦ ପାଇଁ କେବଳ ବ୍ରିଟେନ ନିବାସୀ ଆବେଦନ କରିପାରିବେ । ଏଠାରେ ନିୟୋଜିତ କର୍ମଚାରୀଙ୍କୁ ୧୮ ହଜାର କ୍ରୁଜ୍ ଯାତ୍ରୀଙ୍କୁ ସ୍ୱାଗତ କରିବାକୁ ହେବ । ତା'ସହ କର୍ମଚାରୀଙ୍କୁ ୮୦ ହଜାର ଚିଠି ଓ ପୋଷ୍ଟକାର୍ଡଗୁଡ଼ିକୁ ବାଣ୍ଟିବା ସହ ଗିଫ୍ଟ ସପ୍‌ଗୁଡ଼ିକରେ କାମ କରିବାକୁ ହେବ । ସବୁଠୁ ବଡ଼ କଥା ହେଉଛି, ଏଠାରେ କର୍ମଚାରୀଙ୍କୁ ପ୍ରତିକୂଳ ପରିସ୍ଥିତିରେ ବି ଖୁସି ରହିବାକୁ ପଡ଼ିବ । ଅନ୍ୟପଟେ ପ୍ରତିବର୍ଷ ଆଣ୍ଟାର୍କଟିକା ହେରିଟେଜ ଟ୍ରଷ୍ଟ ପାଇଁ ନିଯୁକ୍ତି ବାହାରିଥାଏ । ଏ ଲାଗି ବହୁତ ସଂଖ୍ୟକ ଲୋକ ଆବେଦନ କରିଥାନ୍ତି । ଏଥର ତିନିଟି ପଦ ପାଇଁ ବିଜ୍ଞାପନ ବାହାରିଛି ।



# ଅର୍ଥ ସଙ୍କଟ ଦୂରକରେ ଫେଙ୍ଗ୍‌ସୁଇ କଏନ୍

**ଜୀବନରେ ସୁଖସମୃଦ୍ଧି ପାଇଁ ଫେଙ୍ଗ୍‌ସୁଇର ଉପାୟ ବେଶ୍ ଲାଭଦାୟକ । ଫେଙ୍ଗ୍‌ସୁଇ କଏନ୍ ହେଉଛି ଧନର ପ୍ରତୀକ । ତେଣୁ ଏହାକୁ ଘରେ ରଖିବା ଦ୍ୱାରା ଆର୍ଥିକ ସଙ୍କଟ ଦୂରେଇ ଯାଏ ବୋଲି କୁହାଯାଏ । ଏହା ସହିତ ନକାରାତ୍ମକ ଶକ୍ତି ଦୂର କରିବା ପାଇଁ ଘରେ ଫେଙ୍ଗ୍‌ସୁଇ କଏନ୍ ରଖିପାରିବେ । ଫେଙ୍ଗ୍‌ସୁଇ ଅନୁସାରେ ଲାଲ୍ ଫିତାରେ ବନ୍ଧା ଯାଇଥିବା କଏନ୍‌କୁ ଘରର ପ୍ରବେଶ ଦ୍ୱାରରେ ରଖିବା ଉତ୍ତମ ହୋଇଥାଏ ।**

- କଏନ୍ ରଖିବା ସମୟରେ ଧ୍ୟାନ ଦିଅନ୍ତୁ, କଏନ୍‌ର ଯେଉଁ ଅଂଶରେ ୪ଟି ଲିପି ଲେଖାଯାଇଥିବ, ତାହାକୁ ଉପର ଭାଗରେ ରଖିବା ଉଚିତ । ଏହାକୁ ସକାରାତ୍ମକ ଶକ୍ତିଜନିତ ଅଂଶ ବୋଲି କୁହାଯାଏ । ଅନ୍ୟ ପଟରେ ୨ଟି ଲିପିର ଛବି ରହିଥାଏ । ଏହାକୁ ତଳକୁ ରଖନ୍ତୁ । ଏହାକୁ ନକାରାତ୍ମକ ଶକ୍ତିଯୁକ୍ତ ଅଂଶ ବୋଲି କୁହାଯାଏ ।
- ଫେଙ୍ଗ୍‌ସୁଇ କଏନ୍ ଘରେ ରଖିବା ଦ୍ୱାରା ନକାରାତ୍ମକ ଶକ୍ତି ଦୂର ହୋଇଥାଏ । ତିନୋଟି କଏନ୍‌କୁ ନିଜ ପାଖରେ ରଖିଲେ, ସବୁ ସମସ୍ୟା ଦୂର ହୋଇଥାଏ । ନକାରାତ୍ମକ ଶକ୍ତି ଦୂର ହେବା ସହିତ ପରିବେଶ ଶୁଦ୍ଧ ହୋଇଥାଏ ।
- ଘରର ମୁଖ୍ୟ ଦ୍ୱାର ଉପରେ କଏନ୍ ଝୁଲାଇବା ଦ୍ୱାରା ଅତ୍ୟନ୍ତ ଶୁଭ ଫଳ ମିଳିଥାଏ । ଘରେ ଖରାପ ଶକ୍ତିର ପ୍ରବେଶ ହୋଇପାରେ ନାହିଁ ଏବଂ ଦାରିଦ୍ର୍ୟତା ଦୂର ହୋଇଥାଏ ।
- ବହୁତ ଚେଷ୍ଟା କରିବା ପରେ ମଧ୍ୟ ଯଦି ଧାରକରଜ ଶୁଝି ହେଉନାହିଁ, ତେବେ ଲାଲ୍ ରିବନ୍‌ରେ ବନ୍ଧା ଯାଇଥିବା ପେଙ୍ଗ୍‌ସୁଇ କଏନ୍‌କୁ ଆଣି ଘରେ ଝୁଲାଇ ଦିଅନ୍ତୁ । ଏହାଦ୍ୱାରା କରଜ ସମସ୍ୟାରୁ ମୁକ୍ତି ମିଳିବ ।





# ମାଟି ତଳେ ବସବାସ

ପୌରାଣିକ କଥାଗୁଡ଼ିକରେ ଆମେ ପାତାଳଲୋକ କଥା ଶୁଣିଛୁ । ହେଲେ ଆମ ପୃଥିବୀରେ ମଧ୍ୟ ପାତାଳପୁରୀ ଭଳି ଏକ ସ୍ଥାନ ରହିଛି । ଯାହା ଚୀନ୍‌ରେ ଦେଖିବାକୁ ମିଳିଛି । ଏଠାରେ ଶହ ଶହ ବର୍ଷ ଧରି ଲୋକେ ମାଟିତଳେ ରହୁଛନ୍ତି । ଚୀନ୍‌ର ଉତ୍ତରରେ ଥିବା ବେଙ୍ଗ ଗାଁର ଲୋକେ ମାଟି ତଳେ ରୁହନ୍ତି । ମାଟି ତଳେ ରହିଲେ ବି ଏହି ଗାଁର ଲୋକଙ୍କୁ କୌଣସି ସମସ୍ୟା ହୋଇନଥାଏ । ତେବେ ଉପରୁ ଏହି ଘରଗୁଡ଼ିକ ଦେଖିଲେ ଏହା ଖୋଲା ପଡ଼ିଆ ପରି ମନେ ହେଉଥିବାବେଳେ ଏଠାରେ ହଜାର ହାଜର ଲୋକ ବାସ କରନ୍ତି । ଗାତ ଭିତରେ ଥିବା ଏହି ଘରକୁ ଡିକେଙ୍ଗୟୁଆନ୍ ନାଁରେ ଲୋକେ ଜାଣନ୍ତି । ତେବେ ଆକାଶମାର୍ଗରୁ ଏହି ଘରଗୁଡ଼ିକ ଗୁମ୍ଫା ଭଳି ଦେଖାଯାଏ । ଏହି ଗାଁ ୭୦୦୦ ବର୍ଷ ପୂର୍ବରୁ ନିର୍ମାଣ କରାଯାଇଥିବା ଐତିହାସିକମାନେ ମତ ଦିଅନ୍ତି । ସେତେବେଳେ ପ୍ରାକୃତିକ ବିପର୍ଯ୍ୟୟରୁ ଲୋକେ ସୁରକ୍ଷିତ ରହିବା ପାଇଁ ଏଭଳି ଘର ତିଆରି କରିଥିବା ଅନୁମାନ କରାଯାଉଛି । ଏହି ଘରେ ଖରାଦିନେ ବି ଥଣ୍ଡା ଲାଗିଥାଏ । ଆଉ ଥଣ୍ଡା ଦିନରେ ମଧ୍ୟ ଗରମ ରହିବାକୁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଇଥାଏ । ଏହି ଅଞ୍ଚଳର ମାଟି ଖୁବ୍ ନରମ ହୋଇଥିବାରୁ ଏହାକୁ ଖୋଳି ଘର ନିର୍ମାଣ କରିବା ବେଶ୍ ସହଜ ହୋଇଥାଏ । ମାଟିତଳ ଗୁମ୍ଫା ଗୃହ ତିଆରି କରିବା ପାଇଁ ଇଟା କିମ୍ବା ଟାଇଲ୍‌ର ଆବଶ୍ୟକତା ପଡ଼େନାହିଁ । ପଥର ଓ ମାଟି ବ୍ୟବହାର କରାଯାଇ ଗୃହଗୁଡ଼ିକ ନିର୍ମାଣ କରାଯାଏ । କେବଳ ସେତିକି ନୁହେଁ, ଏଠାରେ ପର୍ଯ୍ୟଟକଙ୍କ ପାଇଁ କିଛି ହୋଟେଲ ନିର୍ମାଣ କରାଯାଇଛି । ଅବଶ୍ୟ ଏବେ ଏଠାରେ ନିର୍ମାଣ କରାଯାଉଥିବା ଘରଗୁଡ଼ିକ କଂକ୍ରିଟ୍‌ରେ ନିର୍ମାଣ କରାଯାଉଛି । ସୌର ପ୍ୟାନେଲ୍ ମଧ୍ୟ ଲଗାଯାଉଛି ।

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ । ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ । ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ । ରୋଜଗାର ବୃଦ୍ଧି ହେବ । ମନ ପ୍ରସନ୍ନ ରହିବ । ଜୀବନସାଥୀଙ୍କ ସହଯୋଗ ମିଳିବ ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ । ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ । ଆଚରଣରେ ସଂଯମତା ରକ୍ଷା କରିବେ । ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ । ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ । ପାରିବାରିକ ଜୀବନରେ ସୁଖଶାନ୍ତି ରହିବ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ । ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ । ଗରିବଙ୍କୁ ସାହାଯ୍ୟ କରିବେ । ମାନସିକ ଶାନ୍ତି ମିଳିବ । ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ । ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ । କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ । ଦୁର୍ଗା ଚାଳିଶା ପାଠ କରିବା ଭଲ । କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ ।

**କନ୍ୟା:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ । ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ । ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ । ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ତୁଳା:** ଦିନଟିରେ ସଫଳତା ମିଳିବ । ପୈତୃକ ବ୍ୟବସାୟରୁ ଲାଭବାନ ହେବେ । ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ । ଆର୍ଥିକ ଲାଭ ମିଳିବ । ବଚନରେ ମଧୁରତା ରକ୍ଷା କରିବେ ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ । ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ । କାମରୁ ଲାଭ ଓ ସଫଳତା ମିଳିବ । ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ । ପ୍ରେମ ସମ୍ପର୍କ ସୁଖମୟ ହେବ ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ । ସମସ୍ୟାରେ ପଡ଼ିପାରନ୍ତି । ପରିଶ୍ରମ ଅନୁସାରେ ସଫଳତା ମିଳିବ । ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ ।

**ମକର:** ବିବାହ ପ୍ରସ୍ତାବ ଆସିବ । କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ । ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ । ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ । ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ । ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ । ସନ୍ତାନଙ୍କ କ୍ୟାରିୟରକୁ ନେଇ ଉପଯୁକ୍ତ ନିର୍ଣ୍ଣୟ ନେବେ ।

**ମୀନ:** ମାନସିକ ଶାନ୍ତି ପାଇବେ । ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ । ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ସମସ୍ତ କାମ ସହଜରେ ପୂରା କରିବେ ।

## ବିପର୍ଯ୍ୟୟ ପରିଚାଳନାରେ ଉଲ୍ଲେଖନୀୟ ସଫଳତା

# ଓଡ଼ିଶାକୁ ମିଳିଛି ଜାତୀୟ ପୁରସ୍କାର

- ଜନସାଧାରଣଙ୍କୁ ମିଳୁଛି ଆଗୁଆ ସର୍ତକ ସୂଚନା
- ଏକାଧିକ ସ୍ଥାନରେ ନିର୍ମାଣ ହୋଇଛି ଆଶ୍ରୟସ୍ଥଳ
- ବିପର୍ଯ୍ୟୟ ମୁକାବିଲା ପାଇଁ ଗୋଷ୍ଠିଭିତ୍ତିକ ତାଲିମ
- ସ୍କୁଲ ପିଲା ପଢୁଛନ୍ତି ବିପର୍ଯ୍ୟୟ ପରିଚାଳନା ପାଠ



ଭୁବନେଶ୍ୱର, ୨୭ ।୩(ସମିସ): ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଗତ ପାଞ୍ଚ ବର୍ଷରେ ଓଡ଼ିଶାକୁ ଉଲ୍ଲେଖନୀୟ ସଫଳତା ମିଳିଛି । ସଫଳ ବିପର୍ଯ୍ୟୟ ପରିଚାଳନା ପାଇଁ ଜାତୀୟ ସ୍ତରରେ ଓଡ଼ିଶା ପୁରସ୍କୃତ ହୋଇଛି । ରାଜ୍ୟ ସରକାର ଗ୍ରହଣ କରିଥିବା ଏକାଧିକ ପଦକ୍ଷେପ ଯୋଗୁଁ ଏଭଳି ସଫଳତା ମିଳିଛି । ଡପ୍‌ଲାର୍ ରାଡାର ପ୍ରତିଷ୍ଠା ସହିତ ବିଭିନ୍ନ ପାଣିପାଗ ମଡେଲ ଅନୁଧ୍ୟାନପୂର୍ବକ ଜନସାଧାରଣଙ୍କୁ ବିପର୍ଯ୍ୟୟ ସମ୍ପର୍କରେ ଆଗୁଆ ସତର୍କ ସୂଚନା ଦିଆଯାଉଛି । ପ୍ରାକୃତିକ ବିପର୍ଯ୍ୟୟରୁ ଧନଜୀବନ ରକ୍ଷା ପାଇଁ ଏକାଧିକ ସ୍ଥାନରେ ଆଶ୍ରୟସ୍ଥଳ ନିର୍ମାଣ କରାଯାଇଛି । ବିପର୍ଯ୍ୟୟର ମୁକାବିଲା ପାଇଁ ଗୋଷ୍ଠିଭିତ୍ତିକ ତାଲିମ ଦିଆଯିବା ସହିତ ବିଦ୍ୟାଳୟ ପାଠ୍ୟକ୍ରମରେ ବିପର୍ଯ୍ୟୟ ପରିଚାଳନା ଓ ମୁକାବିଲା ସମ୍ପର୍କିତ ବିଷୟବସ୍ତୁକୁ ସାମିଲ କରାଯାଇଛି । ଏସବୁ ବିବିଧ କାର୍ଯ୍ୟକ୍ରମ ପାଇଁ ବିଗତ ବର୍ଷଗୁଡ଼ିକରେ ରାଜ୍ୟରେ ସଂଘଟିତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଶୂନ୍ୟ ମୃତ୍ୟୁ ହାରକୁ ନିଶ୍ଚିତ କରାଯାଇପାରିଛି ।

ବିଜୁ ଜନତା ଦଳ ପକ୍ଷରୁ ବୁଧବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରୀୟ ମୁଖପାତ୍ର ଡଃ ସଂତୃପ୍ତ ମିଶ୍ର ଓ ଡଃ ସସ୍ମିତ ପାତ୍ର ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି ଯେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଆଦି ୬ଟି ଜିଲ୍ଲାରେ ୨୦୧୯ରୁ ଆଗୁଆ ସତର୍କ ସୂଚନା ପ୍ରସାରଣ ବ୍ୟବସ୍ଥା କରାଯାଇଛି । ଏଠାରେ ସତର୍କ ସୂଚନା ପ୍ରଦାନକାରୀ ୧୬୦ଟି ଟାୱାର ଲଗାଯାଇଥିବା ବେଳେ ଏଥିରୁ ୧୨୨ଟି ସ୍ଥାନରେ ସର୍ତକତା ସାଇରନ ବ୍ୟବସ୍ଥା କରାଯାଇଛି । ସେହିଭଳି ରାଜ୍ୟରେ ବିପର୍ଯ୍ୟୟ ସହାୟତା ନିରୀକ୍ଷଣ ଓ ଦେୟ ବ୍ୟବସ୍ଥା (ଡିଏଏମ୍‌ପିଏସ୍) ଦ୍ୱାରା ଲୋକଙ୍କୁ ଶୀଘ୍ର ଏବଂ ବାଧାମୁକ୍ତ ଦେୟ ପ୍ରଦାନ କରାଯାଇପାରୁଛି । ବିପର୍ଯ୍ୟୟରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କୁ ଶୀଘ୍ର ଏବଂ ବାଧାମୁକ୍ତ ଅନୁକମ୍ପା ସହାୟତା ପ୍ରଦାନ ପାଇଁ ରାଜ୍ୟ ସରକାର ୨୦୨୦ ଜୁନ୍ ମାସରୁ ବିପର୍ଯ୍ୟୟ ସହାୟତା ପରିଚାଳନା ଏବଂ ଦେୟ ବ୍ୟବସ୍ଥା (ଡିଏଏମପିଏସ୍) ଆରମ୍ଭ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ୧୨ ହଜାର ୮୨୯ଟି ଅନୁକମ୍ପାମୂଳକ ମାମଲାର ସମାଧାନ କରାଯାଇଛି ଏବଂ ୧୪ ହଜାର ୬୪୬ ଜଣ ହିତାଧିକାରୀଙ୍କୁ ୪୯୬.୫୮ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଡିଏଏମପିଏସ୍ କୁ ୨୦୨୨ ବର୍ଷ ପାଇଁ ସିଏସଆଇ ଇ-ଗଭର୍ଣ୍ଣାନ୍ସ ପୁରସ୍କାର ଏବଂ ୨୦୨୩ ବର୍ଷ ପାଇଁ ସ୍କଚ ପୁରସ୍କାରରେ ସମ୍ମାନିତ କରାଯାଇଛି ।

ସେହିପରି ବାଲେଶ୍ୱରର ବାହାନଗାଠାରେ ରାଜ୍ୟ ସରକାର ରେଳ ଦୁର୍ଘଟଣାରେ ଆହତ ଯାତ୍ରୀମାନଙ୍କୁ ହସପିଟାଲକୁ ସ୍ଥାନାନ୍ତର କରି ଦୁର୍ଘଟଣା ପରିଚାଳନା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିଥିଲେ । ଏହି ଦୁର୍ଘଟଣାରେ ସମୁଦାୟ ମୃତ୍ୟୁ ସଂଖ୍ୟା ୨୯୪ ଥିଲା । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି (ସିଏମ୍‌ଆର୍‌ଏଫ୍) ବାହାରୁ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଇଛି । ଯଦିଓ ଭାରତ ସରକାର ଏପର୍ଯ୍ୟନ୍ତ ବଜ୍ରପାତ, ଅଂଶୁଘାତ, ଭୟଙ୍କର ଘୂର୍ଣ୍ଣିଝଡ, ବାତ୍ୟା, ପ୍ରବଳବର୍ଷା, ନୌକା ଦୁର୍ଘଟଣା, ଜଳ ବୁଡ଼ି, ସାପକାମୁଡା ଆଦିକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିନାହାନ୍ତି, ତଥାପି ରାଜ୍ୟ ସରକାର ଏଭଳି ୮ଟି ବିପର୍ଯ୍ୟୟକୁ ରାଜ୍ୟ ଭିତ୍ତିକ ବିପର୍ଯ୍ୟୟ ଘୋଷଣା କରିଛନ୍ତି ଏବଂ ଭାରତ ସରକାରଙ୍କ ଦ୍ୱାରା ଘୋଷିତ ବିପର୍ଯ୍ୟୟ ସହାୟତା ପରିମାଣ ଅନୁରୂପ ସହାୟତା ରାଶି ଲୋକଙ୍କୁ ସହାୟତା ପ୍ରଦାନ କରିଛନ୍ତି । କୋଭିଡ୍-୧୯ ମହାମାରୀକୁ ରାଜ୍ୟ ସରକାର ସଫଳତାର ସହ ପରିଚାଳନା କରିଛନ୍ତି । ରାଜ୍ୟରେ କୋଭିଡ୍-୧୯ ଯୋଗୁଁ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ ପାଇଁ ଏକ ୱେବ୍ ଆଧାରିତ ଆପ୍ଲିକେସନ୍ ବିକଶିତ କରାଯାଇଛି ।

ଏନ୍‌ଡିଏମ୍‌ଏର ମାର୍ଗଦର୍ଶିକା ଅନୁଯାୟୀ, ଜରୁରୀକାଳୀନ ସହାୟତା ବ୍ୟବସ୍ଥା (ଇଆରଏସଏସ), ଏସଇଓସି, ଏସଆରସି ଅଫିସ୍ ବର୍ଷସାରା ୨୪ଘଣ୍ଟିଆ କାର୍ଯ୍ୟକ୍ଷମ ହୋଇଛି । ରାଜ୍ୟରେ ପଞ୍ଚାୟରାତିରାଜ ଆଇନ୍‌ରେ ସଂଶୋଧନ, କ୍ୟାବିନେଟରେ ସଙ୍କଳ୍ପ ପାରିତ, ପାଠ୍ୟକ୍ରମରେ ବିପର୍ଯ୍ୟୟ ପରିଚାଳନା ନିୟମାବଳୀକୁ ସାମିଲ, ଗ୍ରାମ ପଞ୍ଚାୟତ ଓ ବ୍ଲକ ସ୍ତରରେ ଯୋଜନା ପ୍ରସ୍ତୁତି, ଗ୍ରାମ୍ୟ ସ୍ତରରେ ବିପର୍ଯ୍ୟୟ ପରିଚାଳନା ଯୋଜନା, ସୁନାମି ପ୍ରସ୍ତୁତି କାର୍ଯ୍ୟକ୍ରମ, ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ, ସାପ କାମୁଡା ଜନିତ ମୃତ୍ୟୁ ହ୍ରାସ କାର୍ଯ୍ୟକ୍ରମ ଏବଂ ବିଦ୍ୟାଳୟରେ ସୁରକ୍ଷା କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଛି । ରାଜ୍ୟର ଏଭଳି ଉଲ୍ଲେଖନୀୟ ସଫଳତା ପାଇଁ ରାଜ କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡ଼ିଶାକୁ ସମ୍ମାନଜନକ ସୁଭାଷ ଚନ୍ଦ୍ର ବୋଷ ଆପଦା ପ୍ରବନ୍ଧନ ୨୦୨୩ ପୁରସ୍କାର ପ୍ରଦାନ କରାଯାଇଛି । ଭାରତ ମହାସାଗର ସୁନାମି ପ୍ରସ୍ତୁତି (ଆଇଓଟିଆର) କାର୍ଯ୍ୟକ୍ରମ ଅଧୀନରେ ଆଇଓସି- ୟୁନେସ୍କୋ ଦ୍ୱାରା ପ୍ରଥମ ଥର ପାଇଁ ଜଗତସିଂହପୁରର ନୋଲିଆସାହି ଏବଂ ଗଞ୍ଜାମର ଭେଙ୍କଟରାଇପୁର ଦୁଇଟି ସମ୍ପ୍ରଦାୟକୁ ସୁନାମି ପ୍ରସ୍ତୁତି ଗୋଷ୍ଠି ଭାବେ ସ୍ୱୀକୃତି ମିଳିଛି । ରାଜ୍ୟର ସରକାରୀ ଅଧିକାରୀ/କର୍ମଚାରୀ(ଗ୍ରୁପ୍-ଏରୁ ଗ୍ରୁପ୍-ଡି)ଙ୍କ ପ୍ରଶିକ୍ଷଣ ପାଇଁ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ) ସହିତ ରାଜିନାମା ହୋଇଛି । ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ଏବଂ ମହିଳା ଏବଂ ଶିଶୁ ବିକାଶ ବିଭାଗ ଅଧୀନରେ ଏସଆଇଆରଡି ଏବଂ ପଞ୍ଚାୟତିରାଜ ସଂସ୍ଥା ସେମାନଙ୍କର କର୍ମଚାରୀମାନଙ୍କୁ ବିପର୍ଯ୍ୟୟ ପରିଚାଳନାର ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି । ଭୁବନେଶ୍ୱର ଓ କଟକ ଦୁଇଟି ସହରରେ ବ୍ୟାପକ ଅଗ୍ନି ସୁରକ୍ଷା ଲାଗି ଅଗ୍ନିଶମ ବିଭାଗ ବ୍ୟାପକ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଅମ୍ରିତ ବିଶ୍ୱ ବିଦ୍ୟାପୀଠ ଭୂସ୍ଖଳନ ଏବଂ ଆଗୁଆ ସୂଚନା ପାଇଁ ସମ୍ବଲପୁର ସହରାଞ୍ଚଳର ବନ୍ୟା ଉପରେ ଅଧ୍ୟୟନ କରିଛି । ରାଜ୍ୟରେ ଆଶ୍ରୟସ୍ଥଳୀ ସ୍ତରରେ ୪୦, ୭୦୦ ଗୋଷ୍ଠି ସ୍ତରୀୟ ସ୍ୱେଚ୍ଛାସେବୀଙ୍କୁ ବିପର୍ଯ୍ୟୟ ପରିଚାଳନା ସଂକ୍ରାନ୍ତରେ ତାଲିମ ପ୍ରଦାନ କରାଯାଇଛି । ୧୮, ୭୫୦ ଜଣ ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଏବଂ ରକ୍ଷଣାବେକ୍ଷଣ କମିଟି (ସିଏସଏମଏମସି) ଏବଂ ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଏବଂ ରକ୍ଷଣାବେକ୍ଷଣ କମିଟି (ଏଫଏସଏମଏମସି)ର ସଦସ୍ୟମାନଙ୍କୁ ଗୋଷ୍ଠି ଭିତ୍ତିକ ଆଶ୍ରୟ ପରିଚାଳନା ଉପରେ ତାଲିମ ଦିଆଯାଇଛି ।

ମେ ୨୦୨୧ରେ ରାଜ୍ୟ ମନ୍ତ୍ରୀ ପରିଷଦ ଏକ ସଂକଳ୍ପ ମାଧ୍ୟମରେ ଛାତ୍ରଛାତ୍ରୀ, ପଞ୍ଚାୟତିରାଜ ସଦସ୍ୟ, ସମସ୍ତ ସରକାରୀ କର୍ମଚାରୀ, ଭିଏସଏସ ସଦସ୍ୟ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠି, ଆଶା, ଅଙ୍ଗନବାଡି କର୍ମଚାରୀ ଇତ୍ୟାଦିର ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ ମାଧ୍ୟମରେ ପ୍ରତ୍ୟେକ ଘରେ ବିପର୍ଯ୍ୟୟ ଯୋଦ୍ଧା ସୃଷ୍ଟି କରିବାକୁ ବାଧ୍ୟତାମୂଳକ କରିଥିଲା । ଓଡ଼ିଶା ସରକାରଙ୍କ ସରକାରୀ, ମାଧ୍ୟମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପାଠ୍ୟକ୍ରମରେ ବିପର୍ଯ୍ୟୟ ପରିଚାଳନା ପାଠ୍ୟକ୍ରମ ସାମିଲ କରାଯାଇଛି । ରାଜ୍ୟରେ ଉଦ୍ଧାର କାର୍ଯ୍ୟ ପରିଚାଳନା ପାଇଁ ୧୦୮ ଜଣ ଓଡ୍ରାଫ ଯବାନଙ୍କୁ ସ୍କୁବା ଡାଇଭିଂ ଉପରେ ତାଲିମ ଦିଆଯାଇଛି । ଅଗ୍ନିଶମ ଓ ଜରୁରୀକାଳୀନ ପରିସ୍ଥିତିକୁ ସୁଦୃଢ଼ କରିବା ପାଇଁ ଅଗ୍ନିଶମ ଓ ଜରୁରୀକାଳୀନ ସେବା ପାଇଁ ୧୮୦.୩୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ରାଜ୍ୟରେ ୫୯ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ (ଏମସିଏସ୍) ଓ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ (ଏମ୍‌ଏଫ୍‌ଏସ୍) ନିର୍ମାଣ କରାଯାଇଛି । ବଗପାଟିଆ ଥଇଥାନ କଲୋନୀ ପାଇଁ ପ୍ରଦାନ କରାଯାଇଥିବା ୨୨.୫୩ କୋଟି ଟଙ୍କା ସାମାଜିକ, ଶିକ୍ଷାଗତ, ସ୍ୱାସ୍ଥ୍ୟ, ଯୋଗାଯୋଗ, ଖେଳପଡ଼ିଆ, ଗୋଷ୍ଠୀ ଭିତ୍ତିଭୂମି, ଷ୍ଟ୍ରିଟ୍ ଲାଇଟିଂ, ଆଭ୍ୟନ୍ତରୀଣ ସଡ଼କ ବିକାଶ, ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ପାଇଁ ବ୍ୟବହୃତ ହୋଇଛି । ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଏବଂ ଓଡ଼ିଶା ସରକାର ପାରାଦୀପ, ଗୋପାଳପୁର, ସମ୍ବଲପୁର ଓ ବାଲେଶ୍ୱର ଭଳି ୪ଟି ସ୍ଥାନରେ ବାତ୍ୟା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସଙ୍ଗଗୁଡିକର ପ୍ରଭାବଶାଳୀ ଟ୍ରାକିଂ ପାଇଁ ଡପଲର ରାଡାର ଷ୍ଟେସନ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଏସଡିଏମଏ ଅଧୀନରେ ୧୫୮ କୋଟି ଟଙ୍କା ମଞ୍ଜୁର କରାଯାଇଛି । ୟୁନିସେଫ୍ ସହାୟତାରେ ଓସଡମା କୋଭିଡ-୧୯ ମହାମାରୀର ସଫଳ ପରିଚାଳନା ପାଇଁ ଡକ୍ୟୁମେଣ୍ଟେସନ୍ ପ୍ରକ୍ରିୟା ବିକଶିତ କରିଛି ବୋଲି ଦୁଇ ମୁଖପାତ୍ର କହିଛନ୍ତି ।

## ଯବାନ-ମାଓବାଦୀ ଗୁଳିବିନିମୟ

# କମାଣ୍ଡର ନାଗେଶ ସହ ୬ ମାଓବାଦୀ ନିହତ

ମାଲକାନଗିରି, ୨୭।୩ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟି ୬ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି । ସୂଚନାନୁଯାୟୀ, ବିଜାପୁର ଜିଲ୍ଲା ଟିକରବାଟି, ଅସବାକା ନିକଟ ଜଙ୍ଗଲ ମଧ୍ୟରେ ମାଓବାଦୀଙ୍କ ବୈଠକ ଚାଲିଥିବା ବିଶେଷ ସୂତ୍ରରୁ ଖବର ମିଳିଥିଲା । ଏନେଇ ଡିଆରଜି, ସିଆରପିଏଫ, ୨୨୯ କୋବ୍ରା ବାଟାଲିୟନ ଓ ସ୍ଥାନୀୟ ପୁଲିସ ମିଳିତ ଭାବେ ସେହି ଅଞ୍ଚଳରେ



ସର୍ଚ୍ଚ ଅପରେସନ ଜାରି ରଖିଥିଲେ । ସେମାନଙ୍କ ଆସିବା ଦେଖି ମାଓବାଦୀମାନେ ପ୍ରଥମେ ପୁଲିସ ଓ ଯବାନଙ୍କ ଉପରେ ଗୁଳିଚାଳନା କରିଥିଲେ । ପାଲଟା ଜବାବରେ ପୁଲିସ ଓ ଯବାନମାନେ ମଧ୍ୟ ଗୁଳିଚାଳନା କରିଥିବାବେଳେ ପୁଲିସଙ୍କ ଆକ୍ରମଣକୁ ସାମ୍ନା କରି ନ ପାରି ଜଙ୍ଗଲ ମଧ୍ୟରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ । ତେବେ ଦୀର୍ଘ ସମୟ ଧରି ଗୁଳିବିନିମୟ ପରେ ପୁଲିସ ଓ ଯବାନମାନେ ସେଠାରେ ତଲାସି କାର୍ଯ୍ୟ ଜାରି ରଖିଥିବାବେଳେ ଛଅଜଣ ମାଓବାଦୀଙ୍କ ମୃତଦେହ ଠାବ କରିଥିଲେ । ସେଥିମଧ୍ୟରେ ମାଓ ସଂଗଠନର ଡେପୁଟି କମାଣ୍ଡର ନାଗେଶ ଓ ତାଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଛି । ଅନ୍ୟମାନଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ମିଳି ନ ଥିବାବେଳେ ତଲାସି ଅଭିଯାନ ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ବିଜାପୁର ଏସପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି । ନିର୍ବାଚନ ପୂର୍ବରୁ ଏହିପରି ମାଓଗଡ଼ ଉପରେ ପ୍ରହାର କରିବା ସହ ୬ ମାଓବାଦୀଙ୍କ ମୃତ୍ୟୁ ପୁଲିସ ପାଇଁ ବଡ଼ ସଫଳତା ଆଣିଛି । ଏହି ଅଞ୍ଚଳରେ ମାଓ ଦମନକୁ ଆହୁରି ଜୋରଦାର କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି ।

# ବିଜେଡିରେ ସୁର ରାଉତରାୟଙ୍କ ପୁଅ ମନ୍ମଥ

ଭୁବନେଶ୍ୱର, ୨୭ ।୩(ସମିସ): ପୂର୍ବତନ ଏୟାର ଇଣ୍ଡିଆ ପାଇଲଟ ତଥା ଜଟଣୀ ବିଧାୟକ ସୁର ରାଉତରାୟଙ୍କ ସାନ ପୁଅ ମନ୍ମଥ ରାଉତରାୟ ବିଜେଡିରେ ଯୋଗ ଦେଇଛନ୍ତି । ଜଟଣୀ ନିର୍ବାଚନମଣ୍ଡଳୀର ଶତାଧିକ କଂଗ୍ରେସ କର୍ମୀଙ୍କ ସହ ଶ୍ରୀ ରାଉତରାୟ ବୁଧବାର ଶଙ୍ଖଭବନରେ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ,

## ଶତାଧିକ କଂଗ୍ରେସ କର୍ମୀ ମଧ୍ୟ ଦଳରେ ଯୋଗଦେଲେ

## ମିଶ୍ରଣ ପରେ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ ଭେଟିଲେ

## ରାଜ୍ୟର ବିକାଶ ଦିଗରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ




ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ, ରାଜ୍ୟସଭା ସାଂସଦ ଡଃ ସସ୍ମିତ ପାତ୍ର ଓ ସୁଲତା ଦେଓଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି । ଦଳରେ ସାମିଲ୍ ହୋଇଥିବା କ୍ୟାପଟେନ ମନ୍ମଥ ରାଉତରାୟ ଏବଂ ଶତାଧିକ କଂଗ୍ରେସ କର୍ମୀଙ୍କୁ ଶ୍ରୀ ମଙ୍ଗରାଜ, ଡଃ ପାତ୍ର, ଶ୍ରୀମତୀ ଦେଓ ଓ ଶ୍ରୀ ବଳବନ୍ତରାୟ ଉପଢୌକନ ଦେଇ ସ୍ୱାଗତ କରିଥିଲେ । ଶ୍ରୀ ରାଉତରାୟଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଜଟଣୀ ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ମଙ୍ଗରାଜ, ଡଃ ପାତ୍ର, ଶ୍ରୀମତୀ ଦେଓ ଓ ଶ୍ରୀ ବଳବନ୍ତରାୟ କହିଥିଲେ ।

ଏହି ଅବସରରେ ବିଜେଡିରେ ସାମିଲ୍ ହୋଇଥିବା ଯୁବ ନେତା କ୍ୟାପଟେନ ମନ୍ମଥ ରାଉତରାୟ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଛନ୍ତି । '୫-ଟି' ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ କାର୍ଯ୍ୟଶୈଳୀରେ ସେ ଅନୁପ୍ରାଣିତ ହୋଇଥିବା ନେଇ କହିବା ଦଳରେ ତାଙ୍କୁ ଏବଂ ତାଙ୍କ ସହ ଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ଶଙ୍ଖଭବନରେ ଯୋଗଦାନ ପରେ ମନ୍ମଥ ରାଉତରାୟ, ନବୀନ ନିବାସ ଯାଇ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷଙ୍କ ସହ ସାକ୍ଷାତ କରି ଆଶୀର୍ବାଦ ଗ୍ରହଣ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଦଳରେ ସ୍ୱାଗତ କରିବା ସହ ରାଜ୍ୟର ବିକାଶ ଦିଗରେ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ । ଏହି ମିଶ୍ରଣ ପର୍ବରେ ବୋଲଗଡ଼ ବେଗୁନିଆ ନିର୍ବାଚନମଣ୍ଡଳୀର ସହପ୍ରଭାରୀ ସୁନିଲ କୁମାର ରାଉତରାୟ, ଉପସଭାପତି ସୁଧାଂଶୁ ମୋହନ ପଟ୍ଟନାୟକ, ତ୍ରିଲୋଚନ ପ୍ରଧାନ, ସୁରେଶ ଗଜେନ୍ଦ୍ର, ଛାତ୍ର କଂଗ୍ରେସ ସମ୍ପାଦକ ସୌମ୍ୟ ଶ୍ରୀଚନ୍ଦନ, ଜିଲ୍ଲା ପରିଷଦ ପ୍ରାର୍ଥୀ ଜ୍ୟୋର୍ତିମୟୀ ଛୋଟରାୟ, ସୁସ୍ମିତା ଗୁମାନସିଂହ, ପଦ୍ମଲୋଚନ ସୁବୁଦ୍ଧି, ଭୁବନେଶ୍ୱର ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦୁଃଶାସନ ସ୍ୱାଇଁ, ସଭାପତି ବିଷ୍ଣୁ ପ୍ରସାଦ ବାହିନୀପତି, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ନାଥ ଜଗଦେବ, ସାମାଜିକ କର୍ମୀ ପ୍ରୀତି ସିଂ, ବିଧାୟକ ପ୍ରତିନିଧି ରାଜା ସ୍ୱାଇଁ, ସାଂସଦ ପ୍ରତିନିଧି ତଥା ପୂର୍ବତନ ବିଜେପି କାଉନସିଲର ପଦ୍ମଚରଣ ପ୍ରଧାନ, କାଉନସିଲର ଲୁସେନ ରାୟ, ରୋଟାରୀ କ୍ଲବ ସେକ୍ରେଟାରୀ କଳିଙ୍ଗ କୁମାର ସାହୁ, ପିସିସି ସମ୍ପାଦକ ଜିତେନ୍ଦ୍ର ରଥ, ବିଜେପି ମହିଳା ମୋର୍ଚ୍ଚା ସଦସ୍ୟା ସ୍ମିତାରାଣୀ ମହାପାତ୍ର, ପୂର୍ବତନ କାଉନସିଲର ପ୍ରାର୍ଥୀ ଜି. ସାବିତ୍ରୀ ରେଡ୍ଡୀ, ପିଏନ୍ କଲେଜର ପୂର୍ବତନ ସଭାପତି କ୍ଷୀତୀଶ ପାହାଡ଼ସିଂହ, ଜଟଣୀ ପାଇକ ସଂଘ ସମ୍ପାଦକ କାଳନ୍ଦୀ ଚରଣ ନାୟକ, ଉତ୍କଳ ହରିଜନ ମହାସଂଘ ସଭାପତି ସୁରେଶ ଚନ୍ଦ୍ର ନାୟକ, ପରାମର୍ଶଦାତା ହରି ନାଏକ, କୁଦିଆରି ସମବାୟ ସମିତି ସଭାପତି ବବିତା ଛୋଟରାୟଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ୍ ହୋଇଥିଲେ । ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଗାମୀ ୧୦ ବର୍ଷ ଓଡ଼ିଶାର ଯୁବକଙ୍କ ପାଇଁ ସୁବର୍ଣ୍ଣ ସମୟ



ଭୁବନେଶ୍ୱର, ୨୭ ।୩(ସମିସ): ରାଜ୍ୟର ପ୍ରାୟ ୭୦୦୦ ହାଇସ୍କୁଲକୁ ୫-ଟି ହାଇସ୍କୁଲରେ ରୂପାନ୍ତରିତ କରାଯାଇଛି । ସେହିଭଳି ଅଧିକାଂଶ କଲେଜର ରୂପାନ୍ତରଣ ମଧ୍ୟ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏବଂ ୫-ଟି ଅଧ୍ୟକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ କଠିନ ପରିଶ୍ରମରେ ଏହା ସଫଳ ହୋଇଛି ବୋଲି ବିଜୁ ଛାତ୍ର ଜନତା ଦଳର ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ମହାସଚିବ ଇପ୍ସିତା ସାହୁ କହିଛନ୍ତି । ସୋମବାର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ତ୍ରିପାଠୀ ଓ ଶ୍ରୀମତୀ ସାହୁ କହିଛନ୍ତି ଯେ, ୟୁଜି ଏବଂ ପିଜି କୋର୍ସରେ ଅଧ୍ୟୟନରତ ଥିବା ଛାତ୍ରଛାତ୍ରୀଙ୍କୁ ବିଜେଡି ସରକାର ନୂଆ- ଓ ସ୍କଲାରଶିପ ପ୍ରଦାନ କରିଛନ୍ତି, ଯେଉଁଥିରେ ପ୍ରାୟ ୯୮% ଛାତ୍ରଛାତ୍ରୀ ଉପକୃତ ହୋଇପାରିଛନ୍ତି । ଦେଶର କୌଣସି ବି ରାଜ୍ୟରେ ଏତେ ବଡ଼ ମାତ୍ରାରେ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଚାଲିନାହିଁ । ଓଡ଼ିଶା ଏ ଦିଗରେ ସାରା ଦେଶରେ ଉଦାହରଣ ସୃଷ୍ଟି କରିପାରିଛି । ନୂଆ-ଓ କାର୍ଯ୍ୟକ୍ରମ ଜରିଆରେ ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ସହିତ ସ୍ପୋର୍ଟସ୍ ଏବଂ କଲଚୁରାଲ ପ୍ଲାଟଫର୍ମ ଉପଲବ୍ଧ କରାଇଛନ୍ତି । ରାଜ୍ୟ ସରକାର ଆସନ୍ତା ଅଗଷ୍ଟ ୧୫ ତାରିଖରୁ ନବୀନ ଓଡ଼ିଶା ମ୍ୟାଜିକ କାର୍ଡ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିବାକୁ ଯାଉଛନ୍ତି । ଏହି ନବୀନ ଓଡ଼ିଶା ମ୍ୟାଜିକ କାର୍ଡରେ ରାଜ୍ୟ ସରକାର ଘୋଷଣା କରିଥିବା ସୁବିଧା ବାଦ୍ ଆଉ କ'ଣ ସବୁ ସୁବିଧା ସାମିଲ କରିବାର ଆବଶ୍ୟକତା ରହିଛି, ସେନେଇ ଜିଲ୍ଲାସ୍ତରରେ

## ଦଳୀୟ ଇସ୍ତାହାରରେ ସାମିଲ ହେବ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ

## ହ୍ୱାଟ୍ସଆପ୍ ଓ ଇ-ମେଲ୍ ଜରିଆରେ ମତାମତ ଲୋଡ଼ିଲା ଛାତ୍ର ବିଜେଡି

ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ୫-ଟି ଅଧ୍ୟକ୍ଷ କହଥିଲେ । ଆଗାମୀ ୭ ଦିନ ଭିତରେ ବିଜୁ ଛାତ୍ର ଜନତା ଦଳର କର୍ମକର୍ତା, ଜିଲ୍ଲା ଗସ୍ତ କରି ଏନେଇ ମତାମତ ସଂଗ୍ରହ କରିବେ । ଏହାବାଦ୍ ଗୁଣାତ୍ମକ ଶିକ୍ଷା ପାଇଁ ଛାତ୍ରମାନଙ୍କର ଆଉ କ'ଣ ଆବଶ୍ୟକତା ରହିଛି, ସେନେଇ ଆସିଥିବା ପରାମର୍ଶକୁ ଏକାଠି କରି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ପ୍ରଦାନ କରାଯିବ ବୋଲି ସେମାନେ କହିଛନ୍ତି ।

ସେହିପରି ଏଥିପାଇଁ ଦଳ ପକ୍ଷରୁ ଏକ ହ୍ୱାଟସଆପ୍ ନମ୍ବର- ୯୦୭୮୪୦୪୪୪୪ ଏବଂ ଇ-ମେଲ୍ ଆଇଡି- bcjdofficial@gmail.com ଜରିଆରେ ଛାତ୍ରଛାତ୍ରୀମାନେ ମତାମତ ଦେଇପାରିବେ ବୋଲି ଶ୍ରୀ ତ୍ରିପାଠୀ ଏବଂ ଶ୍ରୀମତୀ ସାହୁ କହିଛନ୍ତି । ଏହା ସହିତ ଆଗାମୀ ନିର୍ବାଚନରେ ବିଜୁ ଜନତା ଦଳ ତରଫରୁ ଯେଉଁ ଇସ୍ତାହାର ଜାରି କରାଯିବ, ସେଥିରେ ସ୍ୱତନ୍ତ୍ର ଭାବେ ଷ୍ଟୁଡେଣ୍ଟ ମାନିଫେଷ୍ଟୋ ସାମିଲ କରିବା ପାଇଁ ଅନୁରୋଧ କରାଯିବ ଏବଂ ଏହାକୁ ନୂତନ ସରକାରର ପ୍ରଥମ କ୍ୟାବିନେଟରେ ପାରିତ କରିବାକୁ ଛାତ୍ର ସମାଜ ପକ୍ଷରୁ ଅନୁରୋଧ କରିବା ସହ ମୁଖ୍ୟମନ୍ତ୍ରୀ ଏହାକୁ କାର୍ଯ୍ୟକାରୀ କରିବେ ବୋଲି ଆମର ସମ୍ପୂର୍ଣ୍ଣ ବିଶ୍ୱାସ ଥିବା ଦୁଇ ନେତା ଓ ନେତ୍ରୀ କହିଛନ୍ତି ।

ଆଗାମୀ ୧୦ ବର୍ଷ ଅର୍ଥାତ୍ ୨୦୨୪ରୁ ୨୦୩୪ ଯାଏଁ ଛାତ୍ର ଏବଂ ଯୁବପୀଢ଼ିଙ୍କ ପାଇଁ ସୁବର୍ଣ୍ଣ ସମୟ । ଏହି ଅବଧିରେ ଶିକ୍ଷାର ଦ୍ରୁତ ଅଭିବୃଦ୍ଧି, ଦକ୍ଷତା ବିକାଶ, ନିବେଶ ଓ ନିଯୁକ୍ତି ଜରିଆରେ ସଶକ୍ତିକରଣ ବ୍ୟାପକ ଆକାରରେ ହେବାକୁ ଯାଉଛି । ଯାହା ଏକ ସମୃଦ୍ଧ, ସଶକ୍ତ ଓ ନବୀନ ଓଡ଼ିଶା ଗଠନରେ ସହାୟକ ହେବ ବୋଲି ଶ୍ରୀ ତ୍ରିପାଠୀ ଓ ଶ୍ରୀମତୀ ସାହୁ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ବିଶ୍ୱପ୍ରତାପ ସାହୁ, ରାଜେଶରାଜ ସ୍ୱାଇଁ, ମିକୁ ପ୍ରଧାନ, ବରିଷ୍ଠ ଉପସଭାପତି ପ୍ରଦୋଷ ପରିଡ଼ା, ଅପୂର୍ବା ଅପରୂପା, ସ୍ୱାଗତିକା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବିଜୁ ଛାତ୍ର ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ସଭାପତି ଦେବୀରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ସେହିଦିନ ପୂର୍ବାହ୍ଣରେ ନବୀନ ନିବାସ ଯାଇ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସାଧାରଣ ସମ୍ପାଦକ (ଛାତ୍ର ଓ ଯୁବ ବ୍ୟାପାର) ତଥା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପସ୍ଥିତିରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହ କାର୍ଯ୍ୟକ୍ରମ ବାବଦରେ ବିସ୍ତୃତ ଆଲୋଚନା କରିଥିଲେ ।







ଆଜି ନବୀନ ନିବାସରେ ୪ ଲୋକସଭା ଓ ୨୮ ବିଧାନସଭା ଆସନର ନିର୍ବାଚନୀ ରଣନୀତି ସମୀକ୍ଷା ଅବସରରେ ଦଳର ସଭାପତି ନବୀନ ପଟ୍ଟନାୟକ ପ୍ରତ୍ୟେକ ନେତା ଓ ପର୍ଯ୍ୟବେକ୍ଷକଙ୍କ ସହ ନିର୍ବାଚନୀ ରଣନୀତି ଓ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ ଓ ଭଦ୍ରକ ଲୋକସଭା ନିର୍ବାଚନ ମଣ୍ଡଳୀ ଏବଂ ତତ୍‌ସଂଲଗ୍ନ ବିଧାନସଭା କ୍ଷେତ୍ରଗୁଡ଼ିକର ଦଳୀୟ ସ୍ଥିତି ସମ୍ପର୍କରେ ଆଲୋଚନା କରିବା ସହ କ୍ଷେତ୍ର ସ୍ଥଳରେ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ବିଜେଡି ମିଡିଆ ସେଲ୍ ସଦସ୍ୟଙ୍କୁ '୫-ଟି' ଅଧ୍ୟକ୍ଷଙ୍କ ପରାମର୍ଶ

# ବିକାଶର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଅ

ଭୁବନେଶ୍ୱର, ୨୭ ।୩(ସମିସ): ବିଗତ ୨୪ ବର୍ଷରେ ନବୀନ ସରକାରଙ୍କ ଦ୍ୱାରା ନିରନ୍ତର ଭାବେ ବିକାଶମୂଳକ କାର୍ଯ୍ୟ ହୋଇଥିବା ବେଳେ ଗତ ୫ ବର୍ଷରେ ରାଜ୍ୟର ବିକାଶ ଧାରା ଶିଖର ଛୁଇଁଛି । ଏହି କାର୍ଯ୍ୟଗୁଡ଼ିକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ବିଜେଡି ମିଡିଆ ସେଲ୍‌ର ସଦସ୍ୟମାନଙ୍କୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ପରାମର୍ଶ ଦେଇଛନ୍ତି ।



ଆଗାମୀ ନିର୍ବାଚନରେ ବିଜେଡି ମିଡିଆ ସେଲ କିପରି ଅଧିକ କ୍ରିୟାଶୀଳ ହୋଇ ଦଳର ଭାବମୂର୍ତ୍ତୀ ଓ ଦଳୀୟ ପ୍ରାର୍ଥୀମାନଙ୍କର ବିଜୟ ସମ୍ଭାବନାକୁ ବଢ଼ାଇବା ପାଇଁ କାର୍ଯ୍ୟ କରିପାରିବ, ସେଥିପାଇଁ ଆଜି ଶଙ୍ଖଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଛି । ରାଜ୍ୟସଭା ସାଂସଦ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ (ଗଣମାଧ୍ୟମ) ମାନସ ମଙ୍ଗରାଜଙ୍କର ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମିଡିଆ ସେଲ୍‌ର ସଦସ୍ୟମାନେ ଟିଭି ଡିବେଟ୍ ଓ ଅନ୍ୟାନ୍ୟ ଗଣମାଧ୍ୟମରେ ରାଜ୍ୟ ସରକାରଙ୍କ ଉପଲବ୍ଧିକୁ ଜନସାଧାରଣଙ୍କ ସାମ୍ନାରେ ପ୍ରସ୍ତୁତ କରିବେ ବୋଲି ନିଷ୍ପତ୍ତି ହୋଇଥିଲା । ଏହି ବୈଠକ ପରେ ସାଂସଦ ମାନସ ମଙ୍ଗରାଜଙ୍କ ନେତୃତ୍ୱରେ ବିଜେଡି ମିଡିଆ ସେଲ୍‌ର ସମସ୍ତ ସଦସ୍ୟ ନବୀନ ନିବାସ ଯାଇଥିଲେ । ସେଠାରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଅଧୀନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମିଡିଆ ସେଲ୍‌ର ସଦସ୍ୟ ଯଥା, ସଂଯୋଜକ ପ୍ରିୟବ୍ରତ ମାଝୀ, ସର୍ମିଷ୍ଠା ସେଠୀ, ଡ.ସସ୍ମିତ ପାତ୍ର, ସୁଲତା ଦେଓ, ସଂତୃପ୍ତ ମିଶ୍ର, ଲେନିନ ମହାନ୍ତି, ତୁମ୍ବନାଥ ପଣ୍ଡା, ଗୌତମବୁଦ୍ଧ ଦାସ, ମିହିର ରାୟ, ଓମପ୍ରକାଶ ସାହୁ, ଅମିତ ମଲ୍ଲିକ, ସ୍ୱୟମପ୍ରକାଶ ମହାପାତ୍ର, ଡ. ହରିଶ ଚୌଧୁରୀ, ଇପ୍ସିତା ସାହୁ, ମହିକ୍ଷିତା ମିଶ୍ର, ମଧୁସ୍ମିତା ନାୟକ, ଲୋରା ମହାପାତ୍ର, ଅପୂର୍ବା ଅପରୂପା ଓ ସୋଫିଆ ଆଲାମ ଇତ୍ୟାଦି ଯୋଗ ଦେଇଥିଲେ ।

## ରାଇସ୍ ମିଲ୍‌ରେ ଦୁର୍ଘଟଣା; ଶ୍ରମିକ ମୃତ

**ବହଳଦା, ୨୭।୩(ସମିସ)**; ବହଳଦା ଥାନା ଅନ୍ତର୍ଗତ ଗମ୍ଭାରିଆ ପଞ୍ଚାୟତ କଣ୍ଟାଶୋଳାଠାରେ ଥିବା ସିଂଘାଣିଆ ଆଗ୍ରୋ ଇଣ୍ଡଷ୍ଟ୍ରି (ରାଇସ ମିଲ)ରେ ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, ଝାରଖଣ୍ଡ ରାଜ୍ୟ ଇଚାଗଡ଼ ଥାନା ପିଲତ ଗାଁର ସ୍ୱର୍ଗତ ଟୁନୁରାମ ମହାନ୍ତଙ୍କ ପୁଅ ରାଜେଶ୍ୱର ମହାନ୍ତ (୨୭) ବହଳଦା ଥାନା ଅନ୍ତର୍ଗତ କଣ୍ଟାଶୋଳା ରାଇସ ମିଲରେ ୩ ବର୍ଷ ହେଲା କାମ କରୁଥିଲେ। ଗତ ୨୫ ତାରିଖ ସଂଧାରେ ମିଲ୍ ଭିତରେ ଅସାବଧାନତା ଯୋଗୁ ରାଜେଶ୍ୱରଙ୍କୁ ଏକ ଟ୍ରକ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇଛି। ପୁଲିସ ଏକ ଅପମୃତ୍ୟୁ ମାଲା ରୁଜୁ କରିଛି। କ୍ଷତିପୂରଣ ଦାବିରେ ଗ୍ରାମବାସୀ ପୁଲିସ ଉପସ୍ଥିତିରେ ମିଲ୍ ମାଲିକଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ପରେ ମୃତକ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯାଇଥିଲା।

# ବାଜିଲାଣି ଛଉ ବାଦ୍ୟ; କମ୍ପିଲାଣି ଆଖଡ଼ା

### ନିର୍ବାଚନ କଟକଣା ପାଇଁ ଅନିଶ୍ଚିତତାରେ ଚୈତ୍ରପର୍ବ

**ବାରିପଦା, ୨୭।୩(ସମିସ)**

ମୟୂରଭଞ୍ଜ ଜିଲ୍ଲାର ଗ୍ରାମାଞ୍ଚଳ ସହିତ ବାରିପଦାରେ ବାଜିଲାଣି ଛଉ ବାଦ୍ୟ। କମ୍ପିଲାଣି ଆଖଡ଼ା। ତେବେ ନିର୍ବାଚନ ଆଚରଣ ବିଧି ଲାଗୁ ପାଇଁ ପ୍ରାଶସନ ସାମିଲ ହେବ ନାହିଁ। ଏଣୁ ଚଳିତ ବର୍ଷ ଚୈତ୍ରପର୍ବ ପାଳନରେ ଅନିଶ୍ଚିତତା ଦେଖାଦେଇଛି।। ମୟୂରଭଞ୍ଜ ଛଉପ୍ରତିଷ୍ଠାନର ବିଶ୍ୱ ପ୍ରସିଦ୍ଧ ଚୈତ୍ରପର୍ବ ଆଡମ୍ବର ମଧ୍ୟରେ ଆୟୋଜିତ ହୋଇଥାଏ। ପୂର୍ବରୁ ଚୈତ୍ରପର୍ବ ପାଇଁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥାଏ। ବୈଠକରେ ଏସପି, ଉଭୟ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ସଂସ୍କୃତି ଅଧିକାରୀ, ଉତ୍ତର ଓ ଦକ୍ଷିଣ ସାହିର କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରି ତା'ର ରୂପରେଖ ଧାର୍ଯ୍ୟ କରିଥାନ୍ତି। କାର୍ଯ୍ୟକ୍ରମ ପରିଚାଳନା ପାଇଁ ଏକ କମିଟି ଗଠନ ହୋଇଥାଏ। ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ୪/୫ଲକ୍ଷ ବ୍ୟୟ ଅଟକଳରେ ପ୍ରତିବର୍ଷ ବାରିପଦ ଛଉ ପଡ଼ିଆରେ ଏହି ପର୍ବ ୩ଦିନ ଧରି ଆୟୋଜିତ ହୋଇଥାଏ। ପର୍ବ ପାଳନକୁ ଆଉ ୧୫ଦିନ ଥିବା ବେଳେ ଏଥର ତାହା ହୋଇନାହିଁ। ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ କୁମାର ସେଠୀଙ୍କ ସୂଚନା ଅନୁଯାୟୀ ନିର୍ବାରଚନ ଆଚରଣ ବିଧି ଲାଗୁ ପାଇଁ ଏଥର ପ୍ରଶାସନ ସାମିଲ ହେବ ନାହିଁ। ଚୈତ୍ରପର୍ବ ପାଇଁ ଗାଁରୁ ସହର ପର୍ଯ୍ୟନ୍ତ ଥିବା ଛଉ ପ୍ରତିଷ୍ଠାନ ଗୁଡିକ ଚଳଚଞ୍ଚଳ ହୋଇ



ଉଠିଥିବା ବେଳେ ପର୍ବ ପାଳନରେ ଅନିଶ୍ଚିତତା ସମସ୍ତ କଳାକାର ଓ ଦର୍ଶକଙ୍କୁ ନିରାଶ କରିବ। ଏହି ଚୈତ୍ର ପର୍ବରେ ଗ୍ରାମାଞ୍ଚଳ ଛଉ ପ୍ରତିଯୋଗିତାରେ ଉର୍ତ୍ତୀର୍ଣ୍ଣ ଦଳ ଓ ଉତ୍ତର ସାହି ଓ ଦକ୍ଷିଣ ସାହି ଛଉ କଳାକାରମାନେ ତିନିଦିନ ଛଉନୃତ୍ୟ ପରିବେଷଣ କରିଥାନ୍ତି।

ଉଦଳା ଉପଖଣ୍ଡକୁ ବାଦ ଦେଲେ ବାରିପଦା, ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ୫ଟି ଗ୍ରାମାଞ୍ଚଳ ଛଉ ଦଳ ଜିଲାସ୍ତରୀୟ ଛଉ ନୃତ୍ୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରନ୍ତି। ସେମାନେ ୧୧ତାରିଖରେ ନିଜର ପ୍ରତିଭା ପ୍ରଦର୍ଶନ କରୁଥିବା ବେଳେ ୧୨ ଓ ୧୩ ତାରିଖରେ ଉତ୍ତର ଓ ଦକ୍ଷିଣ ସାହି ଛଉ ନୃତ୍ୟ ଦଳ ପ୍ରତିଯୋଗିତାରେ ଭାଗ ନେଇ ୧୩-୧୩ଟି ନୃତ୍ୟ ପ୍ରଦର୍ଶନ କରନ୍ତି। ମାତ୍ର ଏଥର କଟକଣା ପାଇଁ ଗ୍ରାମାଞ୍ଚଳ ପ୍ରତିଯୋଗିତା ହେବ ନାହିଁ। ତିନିଦିନ ପରିବର୍ତ୍ତେ ଦୁଇ ଦିନ ଅନୁଷ୍ଠିତ ହେବାକୁ ଥିବା ଚୈତ୍ର ପର୍ବ-୨୪ର ପ୍ରତ୍ୟେକ ରାତିରେ ୩-୩ଟି ନୃତ୍ୟ ପରିବେଷଣ ହେବ। ସେହିପରି ଉଡାପର୍ବର ଭକ୍ତା ମାନେ ନିଶାଘଟ ନେଇ ମଧ୍ୟରାତ୍ରରେ ଚୈତ୍ରପର୍ବ ମଞ୍ଚରେ ପ୍ରତିଭା ପ୍ରଦର୍ଶନ ପରମ୍ପରା ଅନୁଷ୍ଠିତ ହେବ। ଦର୍ଶକଙ୍କ ଆମୋଦ ପ୍ରମୋଦ ପାଇଁ କଲେଜ ପଡ଼ିଆରେ ପଲ୍ଲିଶ୍ରୀ ମେଳା ସପ୍ତାହକ ପାଇଁ ବସିଥାଏ। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ଉଠା ଦୋକାନୀ ପସରା ମେଲାଇଥାନ୍ତି। ଅପରପକ୍ଷରେ ଟାଇମ୍ସ ମେଗାଜିନରେ ଶ୍ରେଷ୍ଠ ୫୦ଟି ସ୍ଥାନ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲା ସ୍ଥାନ ପାଇବା ପରେ ବିଶ୍ୱପ୍ରସିଦ୍ଧ ଚୈତ୍ରପର୍ବ ଦେଖିବା ପାଇଁ ଗତଥର ରାଜ୍ୟ ବାହାର ଓ ବିଦେଶୀ ପର୍ଯ୍ୟଟକ ଆସିବା ଆରମ୍ଭ କରିଥିଲେ। ଚୈତ୍ରପର୍ବ ଆୟୋଜନକୁ ନେଇ ଛଉ ପ୍ରେମୀ ଉତ୍ସାହିତ ଥିବାବେଳେ ଏଥରର ଅନିଶ୍ଚିତତା ସଭିଁଙ୍କୁ ନିରାଶ କରିଛି। ଦୁଇଦିନିଆ ଏହି ନିରାଡମ୍ବର କାର୍ଯ୍ୟକ୍ରମ ପାଇଁ ମାତ୍ର ଏକ ଲକ୍ଷ ଟଙ୍କା ଅଟକଳ ରହିଥିବା ଜଣାପଡ଼ିଛି। ଏହି ଅଟକଳରେ ଆଲୋକ, ଚେୟାର, ବ୍ୟାରିକେଟ କାର୍ଯ୍ୟ ଅସମ୍ଭବ। ଏଣୁ ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରି କଟକଣା କଧରେ ପରମ୍ପରା ରକ୍ଷା ସହ ଚୈତ୍ରପର୍ବ ପାଳନ ପାଇଁ ଦକ୍ଷିଣସାହି ଛଉ ମନ୍ଦିରର ସଭାପତି କୃଷ୍ଣ ଦାସ ନିବେଦନ କରିଛନ୍ତି।

## କଳାହାଣ୍ଡି କପ୍ କ୍ରିକେଟ୍ ପାଇଁ ମୟୂରଭଞ୍ଜ ଦଳ ଘୋଷିତ



**ବାରିପଦା, ୨୭।୩(ସମିସ)**: ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଦଳର ଚୟନ ହୋଇଯାଇଛି। ଦିବ୍ୟରଞ୍ଜନ ଦାସ (ଅଧିନାୟକ), ଅଭିଜିତ ପ୍ରସାଦ ଘଣା (ଉପଅଧିନାୟକ), ଶୁଭମ ନାୟକ, ସୌମ୍ୟରଞ୍ଜନ ମହାନ୍ତ, ସୁବ୍ରତ କୁମାର ସିଂ, ମନୁ ରାମ, ଶୁଭମ ମହାନ୍ତି, ସ୍ମୃତି ରଞ୍ଜନ ନାୟକ, ସଞ୍ଜୟ ସିଂ, ମେରି ଲୋକନାଥ, ଭବାନୀ ଶଙ୍କର ପାତ୍ର, ମୋହିତ କଂକାରିଆ, ଅଜୁ ମହାନ୍ତ, ରୋହିତ ମୁଦି, ପ୍ରୀତପାଲ ସିଂହ ଓ ଶେକ ନଫିସୁଲ ହୁସେନଙ୍କ ସମେତ କୋଚ ସାଇବା ସିଂ ଏବଂ ମ୍ୟାନେଜର ଭାବେ ସୁମନ ମହାନ୍ତିଙ୍କୁ ଚୟନ କରାଯାଇଛି। ଚୟନକର୍ତ୍ତା ଭାବେ ପୂର୍ବତନ ଖେଳାଳି ପ୍ରଭାସ ଚନ୍ଦ୍ର ଘଡେଇ, ସୋମନାଥ ସିଂହ, ବଳବନ୍ତ ତୁଙ୍ଗ, ଶକ୍ତି ପ୍ରସାଦ ପାତ୍ର ଓ ମାନସ ଧଳ ଯୋଗଦେଇ ସହାୟତା କରିଥିଲେ। କଟକ ଗସ୍ତ ପୂର୍ବରୁ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଉପସଭାପତି ମନୋଜ କୁମାର ସାଓ, କୋଷାଧକ୍ଷ ଅମିତାଭ ଦାସ, କ୍ରିକେଟ ସହ ସମ୍ପାଦକ ହରପ୍ରସାଦ ପାତ୍ର ଓ ପ୍ରସନ୍ନଜିତ ମହାନ୍ତି, ସହ ସମ୍ପାଦକ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଗୁରୁବାର ମୟୂରଭଞ୍ଜ ପ୍ରଥମ ମ୍ୟାଚ ଭୁବନେଶ୍ୱର (ବି) ସହିତ ଖେଳିବ।

## ସିପିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ; ପ୍ଲେ ବ୍ୟାକ୍ ଚ୍ୟାଲେଞ୍ଜର୍ସ ଚାମ୍ପିଅନ

**ବାରିପଦା, ୨୭।୩(ସମିସ)**: ସ୍ଥାନୀୟ କଲେଜ ପଡ଼ିଆରେ ଚାଲିଥିବା ୮ମ ବାର୍ଷିକ ସିପିଏଲ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପ୍ଲେ ବ୍ୟାକ ଚ୍ୟାଲେଞ୍ଜର୍ସ ଜଗନ୍ନାଥ ୱାରିୟର୍ସକୁ ୭ ଉଇକେଟରେ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରଥମେ ବେଟିଂ କରି ଜଗନ୍ନାଥ ୱାରିୟର୍ସ ୧୦ ଓଭରରେ ୮ ଉଇକେଟ ହରାଇ ମାତ୍ର ୫୯ ରନ କରିପାରିଥିଲେ ଓ ଉତ୍ତରରେ ପ୍ଲେ ବେକ ଚେଲେଞ୍ଜର୍ସ ୮ ଓଭରରେ ୩ ଉଇକେଟ ହରାଇ ୬୨ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ ଓ କେ ଇନ୍ଦ୍ରଜିତ ପ୍ରସାଦ ଓ ସାଇବା ସିଂ ଖେଳ ପରିଚାଳନା କରିଥିବାବେଳେ ମାନସ ପାଣ୍ଡବ ସ୍କୋରିଂରେ ସହାୟତା କରିଥିଲେ।

ପଙ୍କଜ ମହାକୁଡ଼ ଓ ବୁବୁନ ବାରିକ ଧାରାବିବାରଣୀ ପ୍ରଦାନ କରିଥିଲେ। ଚାମ୍ପିଅନ ଦଳକୁ ୭୦ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୫୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାନ



ଅଫ ଦି ମ୍ୟାଚ ଭାବେ ଯଶୋବନ୍ତ ମାଝୀ, ମ୍ୟାନ ଅଫ ଦି ସିରିଜ ଓ ଶ୍ରେଷ୍ଠ ବୋଲର ଭାବେ ଆଦିତ୍ୟ ବସା, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ସୁଧାକର ନାୟକ ତଥା ଶ୍ରେଷ୍ଠ ସଂଗଠକ ଭାବେ ସୌରଜିତ ସାହୁ ପୁରସ୍କୃତ ହୋଇଥିଲେ।

ଟୁର୍ଣ୍ଣାମେଣ୍ଟର ସଭାପତି ଗିରୀଶ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଦେବାଶିଷ ମାର୍ଣ୍ଡି, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଦେବାଶିଷ ଦାସ, ଅରୁଣ ବରାଡ, ଉପ ସଭାପତି ସଞ୍ଜୀବ ଦ୍ୱିବେଦୀ, ଅମର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ ଜିତ ପଟ୍ଟନାୟକ, ସତ୍ୟନାରାୟଣ ଜୀଉ, ସନ୍ଦୀପ୍ତ ମଲ୍ଲିକ ଓ ପ୍ରଣବ ସେଠୀ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ସିଏପିଏଫ୍ ଓ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ବାରିପଦା, ୨୭।୩(ସମିସ)**: ଆଗାମୀ ସାଧାରଣ ନିର୍ବାଚନରେ ଅବାଧ ଓ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ପରିପ୍ରେକ୍ଷୀରେ ମିଳିତ ଫ୍ଲାଗମାର୍ଚ୍ଚ ହୋଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ ସୁଶ୍ରୀଙ୍କ ନିର୍ଦ୍ଦେଶକ୍ରମେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସୁଜିତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ଫୋର୍ସ (ସିଏପିଏଫ) ଯବାନ ଓ ମୟୂରଭଞ୍ଜ ଜିଲ୍ଲା ପୁଲିସର ମିଳିତ ଭାବେ ବାରିପଦା ସହରରେ ବୁଧବାର ଫ୍ଲାଗମାର୍ଚ୍ଚ ହୋଇଛି। ନିର୍ବାଚନରେ ସୁରକ୍ଷା ନିମନ୍ତେ ନିୟୋଜିତ ହୋଇଥିବା ସିଏପିଏଫ ଯବାନ ଓ ପୁଲିସର ମିଳିତ ଫ୍ଲାଗମାର୍ଚ୍ଚ ମୁର୍ଗାବାଡ଼ି ଗୋଲେଇଠାରୁ ବାହାରି ଭଞ୍ଜପୁର, ଷ୍ଟିଲ ଗୋଲେଇ, ଲାଲବଜାର, ବସଷ୍ଟାଣ୍ଡ, ବିଜୁ ପଟ୍ଟନାୟକ ଗୋଲେଇ, ଟ୍ରାଫିକ ଛକ, କୃଷ୍ଣଚନ୍ଦ୍ର ଗୋଲେଇ ହୋଇ ସହର ପରିକ୍ରମା କରି ବଡ଼ବଜାର ଠାରେ ସମ୍ପର୍ଣ୍ଣ ହୋଇଥିଲା।

ନିର୍ବାଚନ ଅବ୍ୟବହିତ ପୂର୍ବରୁ ଆଇନ ଶୃଙ୍ଖଳାରକ୍ଷା ସହ ଅବାଧ ଓ ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ଲୋକଙ୍କ ମଧ୍ୟରେ ଦୃଢ ଆତ୍ମବିଶ୍ୱାସ ସୃଷ୍ଟି କରିବା ଉକ୍ତ ଫ୍ଲାଗମାର୍ଚ୍ଚର ଉଦ୍ଦେଶ୍ୟ ରହିଛି। ଆଗାମୀ ୨୦୨୪ ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ ଓ ନିର୍ଭୀକ ଭାବେ ପରିଚାଳନା କରିବା ପ୍ରଶାସନର ଲକ୍ଷ୍ୟ ରଖି ସମସ୍ତ ଉଦ୍ୟମ କରାଯାଉଛି। ଏବେ ଜିଲ୍ଲାକୁ ଗୋଟିଏ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ ଆସିଥିବାବେଳେ ଆଗକୁ ଏହି ସଂଖ୍ୟା ବୃଦ୍ଧି ହେବ। ତେଣୁ ସମସ୍ତ ଭୋଟର ନିର୍ଭୟରେ ସେମାନଙ୍କ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସଠିକ୍ ଭାବେ ମତଦାନ ସାବ୍ୟସ୍ତ କରିବାକୁ ମୟୂରଭଞ୍ଜ ପୁଲିସ ପକ୍ଷରୁ ନିବେଦନ କରାଯାଇଛି। ଏହି ଫ୍ଲାଗମାର୍ଚ୍ଚରେ ବାରିପଦା ଟାଉନ ଥାନା ଅଧିକାରୀ ସୁମିତ କୁମାର ସୋରେନ, ଭଞ୍ଜପୁର ଥାନା ଅଧିକାରୀ କରୁଣାକର ରାଉତ ଓ ଅନ୍ୟାନ୍ୟ ପୁଲିସ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

## ୩ଦିନିଆ ହୋଲି ମହୋତ୍ସବ ଉଦ୍‌ଯାପିତ



**ବାରିପଦା, ୨୭।୩(ସମିସ)**: ମୟୂରଭଞ୍ଜ ଜିଲ୍ଲା ଶ୍ୟାମାଖୁଣ୍ଟା ବ୍ଲକ ଅଧୀନ ସିନ୍ଦୁରଗୌରା (କେନ୍ଦୁସାହି) ଠାରେ ୧୫ତମ ହୋଲି ମହୋତ୍ସବ ତିନିଦିନ ଧରି ପାଳିତ ହୋଇଯାଇଛି। ଗ୍ରାମର ପୁରୁଷ ମହିଳାମାନେ ଏକତ୍ରିତ ହୋଇ ୧୦୮ କଳସ ଯାତ୍ରାରେ ଗ୍ରାମ ପରିକ୍ରମା କରି ଅଷ୍ଟମ ପ୍ରହର ମଣ୍ଡପରେ ଘଟ ପ୍ରତିଷ୍ଠା କରି ଅଷ୍ଟମ ପ୍ରହର ଅଖଣ୍ଡ ହରିନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଦାମୋଦର ପତି ନାମ ଯଜ୍ଞରେ ଯୋଗଦେଇ ଶ୍ରଦ୍ଧାଳୁଙ୍କୁ ଉତ୍ସାହିତ କରଥିଲେ। ଏହି ଅବସରରେ ହୋଲି ମହୋତ୍ସବ କମିଟି ତରଫରୁ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ପଞ୍ଚାୟତ ସମିତି ଅଧକ୍ଷ ଚନ୍ଦ୍ରମୋହନ ସିଂ, ସିନ୍ଦୁରଗୌରା ପଞ୍ଚାୟତର ନାଏବ ସରପଞ୍ଚ ପ୍ରତିଭା ମହାନ୍ତ, ପ୍ରତିଷ୍ଠିତ ବ୍ୟବସାୟୀ ଝିଙ୍କ ନନା, ସମାଜସେବୀ ଚିନ୍ମୟ କୁମାର ମହାନ୍ତ, ଗବେଷକ ଡ. ଭକ୍ତହରି ମହାନ୍ତ ଓ ହରିଭକ୍ତ ମହାନ୍ତଙ୍କୁ ସମ୍ମାନିତ କରାଯାଇଥିଲା।

### ଝୁମର ଗାୟକ ସୌରୀଦତ୍ତ ମହାନ୍ତଙ୍କ ସ୍ମୃତିସଭା

## ଜୟନ୍ତୀ ମହାନ୍ତଙ୍କୁ 'ଝୁମୁରିଆ ସୌରୀ ମହାନ୍ତ' ସ୍ମୃତି ସମ୍ମାନ



**ବାରିପଦା, ୨୭।୩(ସମିସ)**: ମୟୂରଭଞ୍ଜ ଜିଲ୍ଲାର ଲୋକ ନୃତ୍ୟ କହିଲେ ଛଉ ଏବଂ ଝୁମରକୁ ବୁଝାଏ ; ଯାହା ସମଗ୍ର ଜିଲ୍ଲାକୁ ବିଶ୍ୱ ଦରବାରରେ ପରିଚୟ ଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ହଜାର ହଜାର ବର୍ଷ ଏହି ଲୋକନୃତ୍ୟକୁ ପଚାର ପ୍ରସାର ପାଇଁ ଅନେକ କଳାକାରଙ୍କ ଅବଦାନ ଉଲ୍ଲେଖନୀୟ। ସେହି ବଦାନ୍ୟ କଳାକାରଙ୍କ ମଧ୍ୟରୁ ଦିବଂଗତ ଝୁମର ଗାୟକ ସୌରୀଦତ୍ତ ମହାନ୍ତ ଅନ୍ୟତମ। ସ୍ୱର୍ଗତ ସୌରୀଦତ୍ତ ମହାନ୍ତ ଏକାଧାରରେ ଝୁମର ଗାୟକ, ବାଦକ, ଲେଖକ, ନିର୍ଦ୍ଦେଶକ ଓ ପ୍ରଯୋଜକ ଆଦି ଅନେକ ପ୍ରତିଭାର ଅଧିକାରୀ ଥିଲେ; କିନ୍ତୁ ଗତବର୍ଷ ମାର୍ଚ୍ଚ ୧୮ରେ ତାଙ୍କର ପରଲୋକ ହୋଇଯିବା ପରେ ଝୁମର ଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ହୋଇଯାଇଛି। ଝୁମର ଜଗତର ଏହି ଅମର ବ୍ୟକ୍ତିତ୍ୱଙ୍କ ସ୍ମୃତିରେ ସ୍ଥାନୀୟ କଲ୍ୟାଣୀ ମହିଳା ସମିତିର ସମ୍ମିଳନୀ କକ୍ଷରେ ଝୁମୁରିଆ ସୌରୀ ମହାନ୍ତ ସ୍ମୃତି ସମ୍ମାନ ମଞ୍ଚର ଆନୁକୂଲ୍ୟରେ ଝୁମୁରିଆ ସୌରୀ ମହାନ୍ତ ସ୍ମୃତି ସମ୍ମାନ- ୨୦୨୪ ଜୟନ୍ତୀ ମହାନ୍ତଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଶ୍ରୀମତୀ ମହାନ୍ତଙ୍କୁ ମାନପତ୍ର, ଉପଢୌକନ ଓ ସ୍ମୃତିଫଳକ ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି, ସେ ହେଉଛନ୍ତି ସ୍ୱର୍ଗତ ସୌରୀଦତ୍ତଙ୍କ ପତ୍ନୀ। ତାଙ୍କ ସହଯୋଗ ଓ ସମର୍ଥନ ବିନା ସୌରୀଦତ୍ତ ଝୁମରର ପ୍ରଚାର ଓ ପ୍ରସାର ଦିଗରେ ଏତେ ଆଗକୁ ଯାଇପାରି ନ ଥାନ୍ତେ। ଯେଉଁ ସମୟରେ ଝୁମର ସୁପ୍ତ ପ୍ରାୟ ଅବସ୍ଥାକୁ ଚାଲି ଆସିଥିଲା ସେ ସମୟରେ ସୌରୀଦତ୍ତ ଝୁମର ମେଲୋଡି, ଝୁମର କ୍ୟାସେଟ ଓ ଆଲବମ ତିଆରି କରି ଏ ଲୋକ କଳାକୁ ଲୋକପ୍ରିୟ କରିଥିଲେ। ତାଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜଣକୁ ଝୁମରର ପ୍ରସାର ଦିଗରେ ସମ୍ମାନିତ କରିବା ପାଇଁ କମିଟି ନିଷ୍ପତ୍ତି ନେଇଛି। ସ୍ମୃତି ସମ୍ମାନ ମଞ୍ଚର ଆବାହକ ତଥା ଝୁମର ପ୍ରଯୋଜକ ତପନ ମହାନ୍ତ ଓ ନିର୍ଦ୍ଦେଶକ ଗୁଲଶନ ମହାନ୍ତଙ୍କ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଝୁମର ଗାୟିକା ଆରତୀ ଟୁଡୁ ମଞ୍ଚ ପରିଚାଳନା କରିଥିଲେ।

କାର୍ଯ୍ୟକ୍ରମରେ ଅତିଥି ଭାବରେ କୁଡମାଲି ଝୁମର ଏକାଡେମୀର ସଭାପତି ଅବନୀ ମହାନ୍ତ, ପ୍ରାକ୍ତନ ଅଧ୍ୟାପକ ଗୋପବନ୍ଧୁ ମହାନ୍ତ, କୁଡମାଲି କଲଚରାଲ ଆସୋସିଏସନର ସଭାପତି ଚିତ୍ତରଞ୍ଜନ ମହାନ୍ତ, ସଙ୍ଗୀତ ନିର୍ଦ୍ଦେଶକ କ୍ଷୀରୋଦ ମହାନ୍ତ, ଜୟଗୋରାମ ଟିଭିର ନିର୍ଦ୍ଦେଶକ ତଥା ସମ୍ପାଦକ କବି ମନୋଜ କୁମାର ମହାନ୍ତ, ପ୍ରଯୋଜକ ପ୍ରଶାନ୍ତ ମହାନ୍ତ, ଗାୟିକା ବିନ୍ଦୁମୋତି ମହାନ୍ତ, ପ୍ରଯୋଜକ ହିମାଂଶୁ ମହାନ୍ତ, କୁନା ମାହାନା, ସାଉନା ଟୁଡୁ, ସାମ୍ବାଦିକ ଗତିକୃଷ୍ଣ ମହାନ୍ତ ପ୍ରମୁଖ ଯୋଗଦାନ କରିଥିଲେ। ଅତିଥିମାନେ ସର୍ବପ୍ରଥମେ ସ୍ୱର୍ଗତ ସୌରୀଦତ୍ତ ମହାନ୍ତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସ୍ମୃତି ସଭାରେ ଅତିଥିଗଣ ସ୍ୱର୍ଗତ ସୌରୀଦତ୍ତ ମହାନ୍ତଙ୍କ ଝୁମର ପ୍ରତି ଅବଦାନକୁ ଅଭିଭାଷଣରେ ପ୍ରକାଶ କରିଥିଲେ। ଶେଷରେ ଉକ୍ତ ପୂଜ୍ୟପୂଜାର ପରମ୍ପରାକୁ ବଜାୟ ରଖିବା ପାଇଁ ଯଥାଶୀଘ୍ର କମିଟିକୁ ପଞ୍ଜୀକୃତ କରି ଆଗାମୀ ବର୍ଷ ବିଶାଳ ଜନସମାବେଶ କରିବା ନିମନ୍ତେ ଅତିଥିମାନେ ମତ ରଖିଥିଲେ।



## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ପୁଅ ମୃତ, ମା' ଗୁରୁତର

**ପାଟଣା, ୨୭।୩ (ସମିସ):** ପାଟଣା ବ୍ଲକ ଅନ୍ତର୍ଗତ କୁଆପଶି ଛକ ନିକଟରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ମା'ଓ ପୁଅ ବନ୍ଧୁ ଘରକୁ ଏକ ବାଇକରେ ଯାଉଥିବା ବେଳେ ଏହି ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ପୁଅର ମୃତ୍ୟୁ ଘଟିଛି ।ମୃତକ ହେଲେ ସ୍ଥାନୀୟ ଖୁଣ୍ଟାପଡା ଗ୍ରାମର ଶକ୍ତି ଭୂଷଣ ବାରିକ (୨୩) । ସୂଚନା ଅନୁସାରେ ପାଟଣା ବ୍ଲକ ଅନ୍ତର୍ଗତ ଖୁଣ୍ଟାପଡ଼ା ଗ୍ରାମର ପଦ୍ମିନୀ ବାରିକ ଏବଂ ତାଙ୍କ ପୁତ୍ର ଶକ୍ତି ଭୂଷଣ ବାରିକ ବାଇକ ଯୋଗେ ମାଉସୀ ଘର ସୁନାରୀପସିକୁ ଯାଉଥିବା ବେଳେ କୁଆପଶି ନିକଟରେ ବିପରିତ ପାଶ୍ୱର୍ରୁ ଆସୁଥିବା ଅନ୍ୟ ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଗାଡିରୁ ଉଭୟେ ଛିଟିକି ପଡିଥିଲା ବେଳେ ଶକ୍ତିଭୂଷଣ ଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ତାଙ୍କ ମା' ପଦ୍ମିନୀ ଙ୍କୁ ଗୁରୁତର ଅବସ୍ଥାରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅନ୍ୟ ବାଇକର ଯୁବକ ଜଣକ ଆହତ ହୋଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା ହେଉଛନ୍ତି।ଖବର ପାଇ ପାଟଣା ପୁଲିସ ପହଞ୍ଚି ଦୁଇ ଗାଡିକୁ ଜବତ କରି ତଦନ୍ତ ଜାରି ରଖିଛି।

## ଗୁରୁଡ଼ାରେ ଯୁବକଙ୍କୁ ହତ୍ୟା, କାରଣ ଅସ୍ପଷ୍ଟ

**ଯୋଡା,୨୭।୩(ସମିସ):** କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅନ୍ତର୍ଗତ ଗୁରୁଡା ନ୍ୟୁ ହାଟିଂଠାରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତ ଯୁବକଙ୍କ ନାମ ଦୁଃଶାସନ ପାତ୍ର (୩୩) ଓ ତାଙ୍କ ଘର ଗୁରୁଡା ଗ୍ରାମରେ ବୋଲି ଜଣାପଡିଛି। ପୁଲିସ ମୃତ ଦେହକୁ ଉଦ୍ଧାର କରି ଘଟଣାର ତଦନ୍ତ ଆରମ୍ଭ କରିଛି। ବାମେବାରି ଥାନା ଆଇଆଇସି ଦୀପ୍ତିରଞ୍ଜନ୍ ସାହୁଙ୍କ ସୂଚନା ଅନୁଯାୟୀ, ଗତ ୨୫ତାରିଖ ରାତ୍ରିରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିଥିବା ନେଇ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବୈତରଣୀରେ ନାବାଳକ ନିଖୋଜ

**ପାଟଣା, ୨୭ ।୩(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ବଣମହୁଲଡିହା ବୈତରଣୀ ନଦୀରେ ଜଣେ ନାବାଳକ ୨ ଦିନ ହେଲା ନିଖୋଜ ହୋଇ ଯାଇଥିବା ଘଟଣା ଚର୍ଚ୍ଚା ହୋଇଛି। ମୃତ ନାବାଳକ ଜଣକ ହେଲେ ଗ୍ରାମର ସେରାଲ ମାଝୀଙ୍କ ପୁଅ ଭୀମ ମାଝୀ (୧୨) । ଭୀମ ସ୍ଥାନୀୟ ଏକ ବିଦ୍ୟାଳୟରେ ୭ମ ଶ୍ରେଣୀ ରେ ପାଠ ପଢୁଥିଲେ। ଗତକାଲି ହୋଲି ପାଳନ ଅବସରରେ ବଣମହୁଲଡିହା ଗ୍ରାମର କିଛି ସାଙ୍ଗ ପିଲାଙ୍କ ସହ ହୋଲି ଖେଳ ସାରି ଅପରାହ୍ନରେ ଗାଁ ବୈତରଣୀ ନଦୀକୁ ସାଙ୍ଗ ମାନଙ୍କ ସହିତ ଗୋଧୋଇବାକୁ ଯାଇଥିଲେ। ଭୀମ ସାଙ୍ଗ ପିଲାଙ୍କ ସହିତ ଉଚ୍ଚ ପଥରରୁ ପାଣି କୁ ଡିଆଁ ମାରି ଖେଳୁଥିଲେ। ହେଲେ ସେ ବୈତରଣୀ ନଦୀର ଅଗଭୀର ପାଣି ସହିତ ଭଉଁରୀରେ ପଡି ନିଖୋଜ ହୋଇ ଯାଇଥିଲେ। ଖବର ପାଇ ସ୍ଥାନୀୟ ଦମକଳ ବାହିନୀର କର୍ମଚାରୀ ମାନେ ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ ମଧ୍ୟ ନାବାଳକର ପତ୍ତା ପାଇ ନ ଥିଲେ। ଆଜି ମଧ୍ୟ ଦମକଳ ବାହିନୀର ଉଦ୍ଧାର କାର୍ଯ୍ୟ ଜାରି ରହିଥିଲେ ସୁଦ୍ଧା ତାଙ୍କୁ ପାଇ ପାରି ନଥିଲେ। ଏ ସମ୍ପର୍କରେ ଘଟଗାଁ ଥାନାରେ ଏକ ମାମଲା ରୁଜୁହୋଇ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ଜେନା ପ୍ରକାଶ କରିଛନ୍ତି।

## ବିଜେଡିର ତାଲିକାରେ ବିଧାୟକ ବଦ୍ରି ନାରାୟଣ

**କର୍ମୀ ଓ କର୍ମକର୍ତ୍ତା ଉତ୍ସାହିତ**

**ଆନନ୍ଦପୁର, ୨୭।୩(ସମିସ):** ୨୦୨୪ ସାଧାରଣ ନିର୍ବାଚନ ପାଇଁ ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା କରିବାରେ ସବୁ ଦଳକୁ ପଛରେ ପକାଇ ବିଜୁ ଜନତା ଦଳ ଆଗରେ ରହିଛି। ଆଜି ପ୍ରକାଶିତ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ କେନ୍ଦୁଝର ଜିଲ୍ଲାର ଘସିପୁରା ବିଧାନସଭା କ୍ଷେତ୍ର ପାଇଁ ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କ ନାମ ଘୋଷଣା କରାଯାଇଥିବାରୁ ଦଳୀୟ କର୍ମୀ ଓ ନେତୃବୃନ୍ଦ ମାନଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଶ୍ରୀ ପାତ୍ର ୧୯୯୦ ମସିହାରୁ ପ୍ରତ୍ୟକ୍ଷ ରାଜନୀତିରେ ପାଦଥାପି ରାମଚନ୍ଦ୍ରପୁର ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପରେ ୨୦୦୦ ମସିହାରେ ଦ୍ୱିତୀୟ ଥର ପାଇଁ ଓ ୨୦୦୯ , ୨୦୧୪ ଓ ୨୦୧୯ ମସିହାରେ ଲଗାତାର ଭାବେ ବିଜୟୀ ହୋଇ ବିଧାୟକ ଓ ମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ରୀ ପାତ୍ରଙ୍କ ନାମ ଘୋଷଣା ପରେ ସମଗ୍ର କେନ୍ଦୁଝର ଜିଲା ବିଜୁ ଜନତା ଦଳ ସଂଗଠନରେ ଉତ୍ସାହ ବୃଦ୍ଧି ପାଇଛି।

## ୪୧ ବର୍ଷ ପରେ ନିଜ ଘରୁ ଭିକ୍ଷା ଗ୍ରହଣ କଲେ ସନ୍ନ୍ୟାସୀ



**ଆନନ୍ଦପୁର, ୨୭।୩(ସମିସ) ;** ଅଲେଖ ମହିମା ଧର୍ମରେ ଦୀକ୍ଷିତ ହୋଇ ୪୧ ବର୍ଷ ଧରି ଢେଙ୍କାନାଳ ଜିଲ୍ଲାର ଯୋରନ୍ଦାରେ ରହୁଥିବା ତ୍ୟାଗୀ ସନ୍ନ୍ୟାସୀ ଭୀମସେନ ବେହେରା ଘରକୁ ଫେରିଛନ୍ତି। ଘସିପୁରା ବ୍ଲକ ସୀମାନ୍ତ ଡରାଇଲୋ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରା ଓ ହାରାମଣି ବେହେରାଙ୍କ ପୁଅ ଭୀମସେନ୍ ୪୧ ବର୍ଷ ପୂର୍ବେ ଗୁରୁ ରଘୁନାଥ ବାବାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅଲେଖ ମହିମା ଧର୍ମରେ ଦୀକ୍ଷିତ ହୋଇଥିଲେ। ପରେ ସେ ଯୋରନ୍ଦା ଗାଦିରେ ଅଲେଖ ସାଧୁଙ୍କ ସାନିଧ ଲାଭ କରି ବିଶ୍ୱ କଲ୍ୟାଣ ନିମନ୍ତେ ମହିମାଧର୍ମର ପ୍ରଚାରରେ ସାମିଲ ହୋଇଥିଲେ। ମାତ୍ର ୪୧ବର୍ଷ ପରେ ଜିଲ୍ଲି ସାଧୁସଙ୍ଗଙ୍କ ସହ ସେ ନିଜ ଗ୍ରାମକୁ ଫେରି ନିଜ ଘରେ ଅଖଣ୍ଡ ଦୀପ ଜାଳିଥିଲେ। ଏହି ଅବସରରେ ସାଥିରେ ଯୋରନ୍ଦା ଗାଦିରୁ ଆସିଥିବା ଅନ୍ତର୍ଯ୍ୟାମୀ ବାବା, କାଶିନାଥ ବାବା, ପ୍ରଫୁଲ୍ଲ ଶୁକଦେବ ବାବା, ରୁଦ୍ରମଣି ବାବା, ଆକୁଳି ବାବା, ଭାବ ବାବା, ସାଧାନ ବାବା, ଅନାମ ବାବା, ପ୍ରଭାକର ବାବା ପ୍ରମୁଖ ସାଧୁସନ୍ଥମାନେ ଧର୍ମସଭା ଓ ଅଖଣ୍ଡ ସଂକୀର୍ତ୍ତନ କରି ଉକ୍ତ ଅଞ୍ଚଳରେ ଅଲେଖ ଧର୍ମର ପ୍ରଚାର କରିଥିଲେ। ପରେ ନିଜ ଘରୁ ଭିକ୍ଷା ଗ୍ରହଣ କରି ସେ ଯୋରନ୍ଦା ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିବା ଜଣାପଡିଛି। ଅନନ୍ତ ବେହେରା, କୃଷ୍ଣଚନ୍ଦ୍ର ବେହେରା ଓ ଗୋବିନ୍ଦ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

**୨୦ନଂ ଜାତୀୟ ରାଜପଥରେ ଗଡୁଛି ମୁଣ୍ଡ**

# କ୍ଷତିପୂରଣ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଧନେଇ ସଂଘ ଥାନାରେ ଫେରାଦ

**ଆନନ୍ଦପୁର,୨୭।୩(ସମିସ)**



ଅଧାପଡ଼ିଆ ରାସ୍ତା ଯୋଗୁ ୨୦ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ହୋଇ ଧନଜୀବନ ହାନି ହେଉଥିବାରୁ କ୍ଷତିପୂରଣ ଓ ଜାତୀୟ ରାଜପଥ ପିଡ଼ିଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ଆଜି ମୃତକ ପରିବାର ପକ୍ଷରୁ ଦାବି ହୋଇଛି। ଏନେଇ ମା' ଧନେଇ ସେବା ସଂଘର ସଭାପତି ବିଷ୍ଣୁ ଚରଣ ବାରିକଙ୍କ ନେତୃତ୍ୱରେ ସଂଗଠନର କର୍ମକର୍ତ୍ତାମାନେ ଘସିପୁରା ଥାନାରେ ଫେରାଦ ହୋଇ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ୨୦ନଂ ଜାତୀୟ ରାଜପଥର ବାରିଗାଁଠାରୁ ଶାଳପଡ଼ା ପର୍ଯ୍ୟନ୍ତ ୨ କିମି ରାସ୍ତାର ଗୋଟିଏ ପାର୍ଶ୍ୱ ଅଧାପଡ଼ିଆ ହୋଇ ପଡିରହିଥିବାରୁ ଗୋଟିଏ ପାର୍ଶ୍ୱରେ ଗାଡି ଚଳାଚଳ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଗତ ମାସେ ମଧ୍ୟରେ ୧୦ ରୁ ଅଧିକ ବ୍ୟକ୍ତି ମୃତ୍ୟୁବରଣ କରିଥିବା ବେଳେ ୫୦ ରୁ ଅଧିକ ଆହତ ହୋଇଥିବାରୁ ଏନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ଶାଳପଡ଼ା-ବାରିଗାଁ ନିକଟରେ ଥିବା ଦୁଇଟି ଡାଇଭର୍ସନ ରାସ୍ତାକୁ ବନ୍ଦ କରିଦିଆଯିବାର ଚାରି ମାସ ବିତିଯାଇଥିଲେ ମଧ୍ୟ ଏଠାରେ ରାସ୍ତା ନିର୍ମାଣ ପାଇଁ କୌଣସି ପଦକ୍ଷେପ ନିଆଯାଉନଥିବାରୁ ବାରମ୍ବାର ଦୁର୍ଘଟଣା ହେଉଥିବା ଗୁରୁତର ଅଭିଯୋଗ ହୋଇଛି। ଖପରାଖାଇଠାରୁ ବେଲବାହାଳି ପର୍ଯ୍ୟନ୍ତ ଏକପାଖିଆ ରାସ୍ତାରେ ଲୋକେ ବିପଦପୂର୍ଣ୍ଣ ଭାବେ ଯାତ୍ରା କରୁଛନ୍ତି। ପରିବହନ ଅଧିକାରୀ, ଏନଏଚଏଆଇର ଅଧିକାରୀମାନେ ପହଞ୍ଚି ଦୁର୍ଘଟଣା ପ୍ରବଣ ଜୋନ୍ ଅଞ୍ଚଳ ପରିଦର୍ଶନ କରିଥିଲେ। ସେହିଦିନଠାରୁ ଖପରାଖାଇଠାରୁ ବେଲବାହାଳି ପର୍ଯ୍ୟନ୍ତ ଗୋଟିଏ ପାଶ୍ୱରେ ଗାଡି ଚଳାଚଳ କରୁଛି। ଏହି ରାସ୍ତାରେ ସବୁ ସମୟରେ ବିପଦ ରହୁଥିବାରୁ ବାଇକ ସାଇକେଲ ଆରୋହୀମାନେ ଅନ୍ୟପାର୍ଶ୍ୱରେ ଯାତାୟତ କରୁଛନ୍ତି। ଘସିପୁରା ବସଷ୍ଟାଣ୍ଡ ଆଡୁ ଆସିବା ସମୟରେ ଗାଡିଗୁଡିକ ସିଧାସଳଖ ଜାତୀୟ ରାଜପଥରେ ମୁହାଁମୁହିଁ ହେଉଥିବାରୁ କୌଣସି ମୁହୂର୍ତ୍ତରେ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଇତିମଧ୍ୟରେ ୪ ମାସ ବିତିଯାଇଥିଲେ ମଧ୍ୟ ଏନଏଚଏଆଇ ରାସ୍ତା ନିର୍ମାଣ କରିବା ପରିବର୍ତ୍ତେ ବେପରୁଆ ହୋଇଯାଇଛି। ବର୍ଷ ବର୍ଷ ଧରି ଏଠାରେ ରାସ୍ତା ନିର୍ମାଣ ହେଉନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକେ ଏଠାରେ ଏକ ଅଣ୍ଡରପାସ୍ ନିର୍ମାଣ ପାଇଁ ଦାବି କରୁଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏ ନେଇ କେତେକ ମୃତକ ପରିବାର ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ବିରୋଧରେ ଜନସ୍ୱାର୍ଥ ମାମଲା ଦାଏର କରିବାକୁ ଅଣ୍ଟା ଭିଡୁଥିବା ଆଲୋଚନାରୁ ଜଣାଯାଇଛି।

## ନିଯୁକ୍ତି ଦିନରୁ ୬ ମାସ ଧରି ମିଳିନି ଦରମା | ଝାଡୁ ଛାଡିବେ ଘସିପୁରା ବସ୍‌ଷ୍ଟାଣ୍ଡ ସଫେଇ କର୍ମଚାରୀ

**ଆନନ୍ଦପୁର,୨୭।୩(ସମିସ):** ଏକ ଘରୋଇ ଠିକା ସଂସ୍ଥା ଦ୍ୱାରା ବସଷ୍ଟାଣ୍ଡରେ ନିୟୋଜିତ ହୋଇଥିବା ସଫେଇ କର୍ମଚାରୀ ନିଯୁକ୍ତି ଦିନଠାରୁ ଆଜକୁ ୬ ମାସ ଧରି ଦରମା ପାଇନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସଂପୃକ୍ତ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦରମା ସମ୍ପର୍କିତ ସମସ୍ୟାର ସମାଧାନ କରିବାକୁ ଅବଗତ କରାଯାଇଥିଲେ ମଧ୍ୟ ଦରମା ଦେଉନଥିବାରୁ କର୍ମଚାରୀମାନେ ଆନନ୍ଦପୁର ଉପଜିଲାପାଳଙ୍କୁ ଫେରାଦ ହୋଇ କାର୍ଯ୍ୟବନ୍ଦ କରିବାକୁ ଚେତାବନୀ ଦେଇଥିଲେ। ତେବେ ଖୁବ ଶୀଘ୍ର ନିୟମିତ ଦରମା ମିଳିବ ବୋଲି ଠିକାସଂସ୍ଥା ପ୍ରତିଶ୍ରୁତି ଦେଇଥିବା ବେଳେ ଏଯାଏଁ କେବଳ ଠକି ଚାଲିଥିବାରୁ ସଫେଇ କର୍ମଚାରୀମାନେ ଝାଡୁ ଛାଡି କାମ ବନ୍ଦ କରିବେ ବୋଲି ପ୍ରକାଶ କରିଛନ୍ତି। ରାଜ୍ୟ ସଡକ ପରିବହନ ବିଭାଗ ପକ୍ଷରୁ ଗତ ୨୦୨୩ ମସିହା ଅକ୍ଟୋବର ମାସରେ ଉଦଘାଟିତ ହୋଇଥିବା ଘସିପୁରା ବସଷ୍ଟାଣ୍ଡରେ ୪ ଜଣ ସଫେଇ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ନିଯୁକ୍ତି ଦିନଠାରୁ ଏହି କର୍ମଚାରୀମାନେ ନିୟମିତ ମାସକୁ ମାସ ଦରମା ପାଇବା ପରିବର୍ତ୍ତେ୬ ମାସ ଧରି ଦରମା ପାଇନଥିଲେ ମଧ୍ୟ ନିୟମିତ ଡ୍ୟୁଟି କରୁଥିବା ଜଣାଯାଇଛି। ତେବେ ବିନା ଦରମାରେ କାର୍ଯ୍ୟ କରୁଥିବା ଏହି ମହିଳା ସଫେଇ କର୍ମଚାରୀ ବାଙ୍ଗି ହେମ୍ବ୍ରମ, ମାନେକା ହାଁସଦା, ଝୁନୁ ନାହକ, ବାସନ୍ତୀ ହେମ୍ବ୍ରମ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବାରୁ ଆନନ୍ଦପୁର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି।

## କୁଣ୍ଡାକୋଟରେ ରାଧାକୃଷ୍ଣ ପୂଜା

**ଆନନ୍ଦପୁର, ୨୭।୩(ସମିସ) ;** ଆନନ୍ଦପୁର ବ୍ଲକ ଧକୋଠା ପନଚାୟତ ଅନ୍ତର୍ଗତ କୁଣ୍ଡାକୋଟ ଗ୍ରାମରେ ରାଧାକୃଷ୍ଣଙ୍କର ପୂଜା ସହିତ ଦୋଳ ପୂର୍ଣ୍ଣିମା ପାଳନ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଗ୍ରାମର ଯୁବଗୋଷ୍ଠୀ ଶ୍ରଦ୍ଧାଳୁଙ୍କ ଦ୍ୱାରା ବୈତରଣୀ ନଦୀରୁ କଳସ ଅଣାଯାଇ ପୂଜାମଣ୍ଡପରେ ସ୍ଥାପନ ପରେ ପୂଜାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ପୂଜକ ବିପିନି ବିହାରୀ ମିଶ୍ର ଓ ସୁରେଶ ମିଶ୍ରଙ୍କ ପୌରୋହିତ୍ୟରେ ବେଦପାଠ, ସକାଳପୂଜା ଓ ଭାଗବତ ପଠନ କରାଯାଇଥିବା ବେଳେ ସଂଧ୍ୟାରେ ନାମସଂକୀର୍ତ୍ତନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦୋଳଗୋବିନ୍ଦ ଖିଲାର, କୃଷ୍ଣଚନ୍ଦ୍ର ଖିଲାର, ଦୀପକ କୁମାର ବେହେରା, ବାପୀ ଖିଲାର, ମାନସ ଖିଲାର, ସହଦେବ ଖିଲାର, କାଳନ୍ଦୀ ଖିଲାର, ଅମରଜିତ ଖିଲାର, ଇନ୍ଦ୍ରମଣୀ ଖିଲାର ସହଯୋଗ କରିଥିଲେ।

## ଧୂମ୍‌ଧାମ୍‌ରେ ପାଳନ ହେଲା ହୋଲିପର୍ବ

**କେନ୍ଦୁଝର,୨୭।୩(ସମିସ):** ଭାଇଚାରାର ନିଆରା ପର୍ବ ହୋଲି କେନ୍ଦୁଝର ଜିଲ୍ଲାରେ ଧୂମଧାମ ରେ ପାଳିତ ହୋଇଛି। ହୋଲି ପର୍ବ ଅବସରରେ ନିଜନିଜ ମଧ୍ୟରେ ମିଠା ଖୁଆଇ ଆନନ୍ଦ ଉଲ୍ଲାସ ମଧ୍ୟରେ ରଙ୍ଗ ବୋଳି ପର୍ବର ମଜ୍ଜା ନେଇଥିଲେ। ହୋଲି ଅବସରରେ ସକାଳୁ ସକାଳୁ ଯୁବକ ଯୁବତୀମାନଙ୍କଠାରୁ ପୁରୁଷ ମହିଳା ସମସ୍ତେ ସାହି ସାହି ବୁଲି ଲୋକଙ୍କୁ ଆଦରର ସହିତ ଅବିର ବୋଳି ହୋଲିର ଶୁଭକାମନା ଜଣାଇଥିଲେ। ଭଳିକି ଭଳି ରଙ୍ଗ ଅବିର ଧରି ମହିଳାମାନେ



ହୋଲି ମନାଇଥିଲେ। କେତେକ ସ୍ଥାନରେ ଯୁବକମାନେ ବାଜା ବଜାଇ ଦଳଦଳ ହୋଇ ସାହି ବଜାର ବୁଲିବା ସହିତ ମିଠା ବାଣ୍ଟି ରଙ୍ଗ ବୋଳିଥିଲେ। ମଧ୍ୟାହ୍ନରେ ହୋଲି ସରିବା ଅବସରରେ ସ୍ଥାନେ ସ୍ଥାନେ ଭୋଜିଭାତ ସହିତ ବାଜାର ତାଳେତାଳେ ନାଚଗୀତ ହୋଇଥିଲା। ମଧ୍ୟାହ୍ନରେ ଗାଁ ପୋଖରୀ ତୁଠ ଠାରୁ ନଦିଘାଟ ସବୁଠି ଲୋକେ ଗାଧୋଇବାର ମଜ୍ଜା ନେଇଥିଲେ। ଭାଇଚାରର ପର୍ବ ହୋଲିକୁ ଲୋକେ ଆନନ୍ଦରେ ପାଳନ କରିଥିଲେ।

## ୩୬ତମ ଜିଲ୍ଲାସ୍ତରୀୟ ସ୍କାଉଟ ଗାଇଡ କ୍ୟାମ୍ପୋରୀ | ମନୋଜ ମଞ୍ଜରୀ ଶିଶୁଭବନ ବିଦ୍ୟାଳୟର ସଫଳତା

**କେନ୍ଦୁଝର,୨୭।୩ (ସମିସ):** ୩୬ତମ ଜିଲ୍ଲାସ୍ତରୀୟ ସ୍କାଉଟ ଗାଇଡ କ୍ୟାମ୍ପୋରୀରେ ମନୋଜ ମଞ୍ଜରୀ ଶିଶୁଭବନ ଉଚ୍ଚ ବିଦ୍ୟାଳୟ, କେନ୍ଦୁଝରର ଛାତ୍ରଛାତ୍ରୀମାନେ ସଫଳତା ଅର୍ଜନ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ରାଇସୁଆଁ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ଏହି କ୍ୟାମ୍ପୋରୀରେ ବିଦ୍ୟାଳୟର ୧୯ ଜଣ ସ୍କାଉଟ ଗାଇଡ ଅଂଶଗ୍ରହଣ କରିଥିଲେ। ଏଠାରେ ଅନୁଷ୍ଠିତ ହୋଇଥିବା ଗେଟ୍ ପ୍ରତିଯୋଗିତା,କୁଇଜ୍ ଓ ଲୋକନୃତ୍ୟରେ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ମାର୍ଚ୍ଚ ଫାଷ୍ଟ,ଫିଜିକାଲ ଡିସପ୍ଲେ,ଫାଷ୍ଟଏଡ୍ ରେ ୨ୟ ଓ କଲଟ ପାର୍ଟିରେ ତୃତୀୟ ସ୍ଥାନ ଅଧିକାର କରିବା ସହିତ ରନର୍ସଅପ୍ ଆଖ୍ୟା ଅର୍ଜନ କରିଥିଲେ। ଏତଦ୍ୟତୀତ କ୍ୟାଟ ୱାକ୍ ପ୍ରତିଯୋଗିତାରେ ରିଙ୍କି ମହାନ୍ତ,ସୁଦିପ୍ତା ନନ୍ଦ ଓ ସୁଶିଳା ମୁଣ୍ଡା ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ସ୍କାଉଟ ଗାଇଡ କମିଶନର କାଳିପ୍ରସାଦ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଏହି ପୁରସ୍କାର ପ୍ରଦାନ ସହିତ ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ଓ ବିଦ୍ୟାଳୟର ପ୍ରସ୍ତୁତ ଶୈଳୀରେ ଖୁସି ହୋଇ ସ୍ୱତନ୍ତ୍ର ଭାବେ ବିଦ୍ୟାଳୟକୁ ଫ୍ଲାଗ ଓ



ଅନେକ ଉପଯୋଗୀ ଆକର୍ଷଣୀୟ ଉପହାର ଓ ପୁସ୍ତକ ପ୍ରଦାନ କରିଥିଲେ। ବିଦ୍ୟାଳୟର ସ୍କାଉଟ ମାଷ୍ଟର ଗୋପବନ୍ଧୁ ପାତ୍ର ଓ ଗାଇଡ୍ କ୍ୟାପଟେନ ସଂଯୁକ୍ତା ନାଥଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କ୍ୟାମ୍ପୋରୀରେ ଛାତ୍ରଛାତ୍ରୀମାନେ ସଫଳତା ଅର୍ଜନ କରିଥିଲେ। ଏଥିପାଇଁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତପନ କୁମାର ପଣ୍ଡା ଓ ପରିଚାଳନା କମିଟିର ସଭାପତି ସତ୍ୟନାରାୟଣ ମିଶ୍ର ଏବଂ ପରିଚାଳନା କମିଟିର ସମସ୍ତ ସଦସ୍ୟ,ସଦସ୍ୟା,ଶିକ୍ଷକ ଓ ଶିକ୍ଷୟିତ୍ରୀ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସାଧୁବାଦ ଜ୍ଞାପନ କରିଛନ୍ତି।

## ଯୁବକଙ୍କ ତଣ୍ଟିଚିପି ହତ୍ୟା ଅଭିଯୋଗ

**ବଡ଼ବିଲ,୨୭ ।୩(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ୧୨ ନମ୍ବର ୱାର୍ଡରୁ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିବା ଯୁବକଙ୍କୁ ଡାକ୍ତର ମୃତ ଘୋଷଣା କଲା ପରେ ପରିବାର ପକ୍ଷରୁ ହତ୍ୟା ଅଭିଯୋଗ କରାଯାଇଛି। ମିଳିଥିବା ଖବର ଅନୁଯାୟୀ, ଗତ ୨୬ ତାରିଖ ଷ୍ଟେସନରୋଡ୍ ଅଞ୍ଚଳର ଜେନା ଶୁଣ୍ଡିଙ୍କ ପୁଅ ରାଜେଶ ଶୁଣ୍ଡି (୩୫) ବାପା ଜେନା ଶୁଣ୍ଡିଙ୍କ ଠାରୁ ଅଲଗା ହୋଇ ନିକଟରେ ଏକ ଭଡାଘରେ ସ୍ତ୍ରୀ ଓ ଶାଶୁଙ୍କ ସହିତ ରହିଆସୁଥିଲେ। ଗତ କାଲି ୨୬ ତାରିଖ ହୋଲିଖେଳିବା ପାଇଁ ସାଙ୍ଗମାନଙ୍କ ସହିତ ରାଜେଶ ଷ୍ଟେସନ ଆଡକୁ ଯାଇଥିଲେ। ଅପରାହ୍ନ ୧ ଘଟିକା ସମୟରେ ଘରକୁ ଫେରିଥିଲେ ଓ ଫେରିବାର ମାତ୍ର ଅଧଘଣ୍ଟାପରେ ସେ ଗୁରତର ଆହତ ହୋଇଥିଲେ। ଗୁରୁତର ଆହତ ରାଜେଶଙ୍କୁ ବଡ଼ବିଲ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏ ନେଇ ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ ହେବାପରେ,ବଡ଼ବିଲ ପୁଲିସ ତଦନ୍ତ କରୁଥିବା ଜଣାପଡିଛି ।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ବଡ଼ବିଲ,୨୭ ।୩(ସମିସ):** ବଡ଼ବିଲ ଥାନା ଠାକୁରାଣୀ ଅଞ୍ଚଳରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବକର ମୃତ୍ୟୁ ହୋଇଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଠାକୁରାଣୀ ଅଞ୍ଚଳର ସ୍ୱପ୍ନେଶ୍ୱର ନାଏକ(୨୪ବର୍ଷ) ଆଜି ନିଜ ଘରେ ବିଦ୍ୟୁତ ଲାଇନ ସଜାଡ଼ିବାସମୟରେ ହଠାତ ତାଙ୍କୁ ବିଦ୍ୟୁତ ସକ୍ ଲାଗି ଗୁରକ୍ତର ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ବଡ଼ବିଲ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱପ୍ନେଶ୍ୱର ସ୍ଥାନୀୟ ସୁମ୍ରିତ ମେଟାଲିକ୍ସ କାରଖାନାରେ ମେକାନିକାଲ ବିଭାଗରେ କାର୍ଯ୍ୟକରୁଥିଲେ। ବଡ଼ବିଲ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରିଥିବା ଜଣାଯାଇଛି।

## ପୋଡ଼ିହୋଇ ଦୁଇ ରୋଷେୟା ଗୁରୁତର

**ରାମଚନ୍ଦ୍ରପୁର,୨୭ ।୩(ସମିସ):** ବ୍ରତ ଘର ଭୋଜି ଚାଲିଥିବା ବେଳେ ହଠାତ ଗ୍ୟାସ ଚୁଲାରୁ ପାଇପ ଫାଟି ଲାଗିଗଲା ନିଆଁ। ଏଥିରେ ଦୁଇ ରୋଷେୟା ନିଆଁ ସଂସ୍ପର୍ଶରେ ଆସି ଗୁରୁତର ଆହାତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶଯେ ଘସିପୁରା ବ୍ଲକ ରାମଚନ୍ଦ୍ରପୁର ଥାନା ଗଁପୁର ପଞ୍ଚାୟତ ଅଙ୍ଗାରୁଆ ଗ୍ରାମର ରକ୍ଷାକର କରଙ୍କ ପୁଅଙ୍କ ବ୍ରତ ପାଇଁ ଚାଲିଥିଲା ଭୋଜି ଭାତର ଆୟୋଜନ। ଆଜି ଦିନ ମଧ୍ୟାହ୍‌ନସମୟରେ ରୋଷେଇ ଚାଲିଥିବା ବେଳେ ହଠାତ ଗ୍ୟାସ ଚୁଲାକୁ ସଂଯୋଗ କରୁଥିବା ପାଇପଟି ଫାଟି ଅଲଗା ହୋଇଯିବା ସହ ନିମିଷକେ ନିଆଁ ବ୍ୟାପି ଯାଇଥିଲା ।ରୋଷେୟା ଭାବେ କାମ କରୁଥିବା ଅଙ୍ଗାରୁଆ ଗ୍ରାମର ରଙ୍ଗାଧର ଶତପଥି(୪୦) ଏବଂ ପ୍ରଶାନ୍ତ ସାହୁ(୩୫) ନିଆଁ ସଂସ୍ପର୍ଶରେ ଆସି ଯିବାରୁ ଦେହର ଅନେକ ସ୍ଥାନରେ ପୋଡି ହୋଇ ଯାଇଛି। ପରେ ନିଆଁକୁ ଆୟତ୍ତ କରାଯାଇଥିଲେ ସୁଦ୍ଧା ନିଆଁରେ ଦୁହେଁ ପୋଡି ହୋଇ ଗୁରୁତର ଆହାତ ହୋଇଯାଇଥିବାରୁ ଦୁହିଁଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା, ।ପ୍ରଶାନ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

## ଘସିପୁରାରେ ବାରୁଣୀ ମେଳା ପ୍ରସ୍ତୁତି

**ଆନନ୍ଦପୁର ୨୭।୩ (ସମିସ):** ଶ୍ରୀ ଶ୍ରୀଝାଡେଶ୍ୱର ମହେଶଙ୍କ ପୀଠରେ ପ୍ରତିବର୍ଷ ପରି ଚଳିତବର୍ଷ ବାରୁଣୀ ମେଳା ଅନୁଷ୍ଠିତ ହେବା ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ଓ ଦେବୋତ୍ତର ବିଭାଗ ପକ୍ଷରୁ ଆୟୋଜିତ ବୈଠକରେ ଉପଜିଲାପାଳ ଫାଲଗୁନୀ ମାଝି ଅଧକ୍ଷତା କରିଥିଲେ। ଆସନ୍ତା ୬ ତାରିଖ ଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି ମେଳା ଅନୁଷ୍ଠିତ ହେବ। ୭ ଦିନ ଧରି ହେବାକୁ ଥିବା ଏହି ମେଳାରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ ପ୍ରଶାସନକୁ ଦାୟିତ୍ୱ ଦିଆଯାଇଥିବା ବେଳେ ବିଭିନ୍ନ ଦାୟିତ୍ୱରେ ଆନନ୍ଦପୁର ପୌରପାଳିକା, ଅଗ୍ନିଶମ ବିଭାଗ, ଜଳ ଯୋଗାଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପରିମଳ ବିଭାଗ, ବିଦ୍ୟୁତ ବିଭାଗ ର ଅଧିକାରୀମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ତେବେ ଶୃଙ୍ଖଳାର ସହିତ ଏହି ମେଳାକୁ ପରିଚାଳନା କରିବା ପାଇଁ ଗଠନ କରାଯାଇଥିବା କମିଟିକୁ ଅଜୟ ସାହୁ, ନିରଂଜନ ସାହୁ, ପରେଶ ସେଠୀ, ଦୀପକ ସାହୁ, ତୋଫାନ ସାହୁ, ଜିତେନ୍ଦ୍ରୀୟ ସାହୁ, ଚିନ୍ତାମଣି ସାହୁ, ପ୍ରଶାନ୍ତ ସାହୁ, ପଙ୍କଜ ସାହୁ, ନାରାୟଣ ସାହୁ , ଚକ୍ରଧର ସାହୁ ଓ ଶୈଳେନ୍ଦ୍ର ସାହୁ ପ୍ରମୁଖ ମନୋନୀତ ହୋଇଥିବା ଜଣାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଅତିରିକ୍ତ ଉପଜିଲ୍ଲାପାଳ ଅଭିପ୍ସା ମହାନ୍ତି ଓ ଘସିପୁରା ଥାନା ଅଧିକାରୀ ସୁନୀଲ କୁମାର କର ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

SBI
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍ : crpd@sbi.co.in

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. : CRPD/SCO/2023-24/34 | | |
|---|---|---|
| ପୋଷ୍ଟ ନାମ | ଖାଲି ପଦବୀ | ସମକକ୍ଷ ଗ୍ରେଡ୍ |
| ମୁଖ୍ୟ (କର୍ପୋରେଟ୍ ଯୋଗାଯୋଗ ଏବଂ ମାର୍କେଟିଂ) | 1 | ଟିଇଜିଏସ୍-VII |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 16.05.2023 ରୁ 05.06.2023 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 20.03.2024
ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

# ଦୋଳ ଉତ୍ସବରେ ଲଉଡ଼ି ଖେଳିଲେ ଖଲଣା ଗୋପାଳ ପିଲା

**ରାମଚନ୍ଦ୍ରପୁର,୨୭ ।୩(ସମିସ)**

ଦୋଳ ଉତ୍ସବ ପାଇଁ ଉତ୍ସବ ମୁଖର ହୋଇ ଉଠିଛି ଘସିପୁରା ବ୍ଲକ ଅନ୍ତର୍ଗତ ଖଲଣା ଗ୍ରାମ।ଦୋଳ ଉତ୍ସବରେ ଗୋପାଳ ପିଲାଙ୍କ ଲଉଡି ବା ବାଡି ଖେଳ ମୁଖ୍ୟ ଆକର୍ଷଣ ହୋଇଥିବାରୁ ଗ୍ରାମର ପ୍ରାୟ ୪୦ ରୁ ଉର୍ଦ୍ଧ୍ୱ ଯୁବକ ଲଉଡି ଖେଳି ନିଜକୁ ସାମିଲ କରିଛନ୍ତି। ଗାଁର ଛୋଟ ଠାରୁ ବଡ ସବୁ ବର୍ଗର ଗୋପାଳ ପିଲା ଏଥିରେ ସାମିଲ ହୋଇ ସଂଗୀତର ତାଳେତାଳେ ଦୁଇଟି ବାଡି ଧରି ନୃତ୍ୟ ପ୍ରଦର୍ଶନ କରୁଛନ୍ତି। ଏସବୁ ନୃତ୍ୟକୁ ଅତି ନିଖୁଣ ଭାବେ ନିଜେ ପ୍ରଦର୍ଶନ କରି ଶିକ୍ଷା ଦେଉଥବା ଗୁରୁ ହେଉଛନ୍ତି ଯାଜପୁର ଜିଲ୍ଲା ହାତିବାରୀ ଅଞ୍ଚଳର କଣ୍ଡୁରୀ ଦେହେରା (୭୮) ଏଠି ତାଙ୍କ ନୃତ୍ୟ ଆଗରେ ବୟସ ହାର ମାନିଛ। ୭୬ ବର୍ଷରେ ସେ ତିନି ଚାରି ଘଣ୍ଟା ଧରି ସଙ୍ଗୀତର ତାଳେ ତାଳେ ନୃତ୍ୟ ପରିବେଷଣ କରିପାରୁଛନ୍ତି। ଗୁରୁ କଣ୍ଡୁରୀ ବେହେରାଙ୍କ କହିବାନୁସାରେ ଦ୍ୱାପର ଯୁଗରେ ଗୋପପୁରରେ ଶ୍ରୀକୃଷ୍ଣ ଓ ବଳରାମ ଅନ୍ୟ ଗୋପାଳ ସାଥୀମାନଙ୍କ ସହ ଗାଈ ଚରାଇବା ବେଳେ ଦୁଇ ହାତରେ ବାଡ଼ି ଧରି ବୀରତା ପ୍ରଦର୍ଶନ ପୂର୍ବକ ବାଡ଼ି ଖେଳି ମନୋରଞ୍ଜନ କରୁଥିଲେ। ଗୋଟିଏ ଦଳ ବାଡ଼ିଧରି ଆକ୍ରମଣ କରୁଥିବାବେଳେ ଅନ୍ୟଦଳ ବିଭିନ୍ନ କୌଶଳ ପ୍ରଦର୍ଶନ କରି ବାଡି ସାହାଯ୍ୟରେ ଆକ୍ରମଣକୁ ପ୍ରତିହତ କରୁଥିଲେ। ଦୋଳ ପୂର୍ଣ୍ଣିମା ସନ୍ଧ୍ୟାରେ ଗୋପାଳମାନେ ଏକାପରି



ରଙ୍ଗର ବେଶରେ ସଜ୍ଜିତ ହୋଇ ଅଣ୍ଟାରେ କାଛଟା, ଘାଗୁଡି, ବଂଶୀ ବାନ୍ଧନ୍ତି। ମଥାରେ ଠେକା ବାନ୍ଧି ଜାମୁଡାଳ ଓ ଗଳାରେ ଫୁଲହାର ପିନ୍ଧନ୍ତି। ଦୁଇ ହାତରେ ଥାଏ ଦୁଇ ଲଉଡ଼ି ବା ବାଡି। ଏହି ବାଡ଼ି ଖେଳ ଏକ ଦଳଗତ ନୃତ୍ୟ। ଜଣେ ଜଣେ ଦଳପତିଙ୍କ ଅଧିନାୟକତ୍ୱରେ ଗୋପାଳମାନେ ଗୋଷ୍ଠୀଗତ ଭାବେ ବିଭକ୍ତ ହୋଇ ସଙ୍ଗିତର ତାଳେ ତାଳେ ଲଉଡି ଖେଳି ନାଚି ଉଠନ୍ତି।ଏହି ଖେଳ ସାଙ୍ଗରେ ଯେଉଁ ଗୀତ ବୋଲିଥାନ୍ତି ତାକୁ ଓଗାଳ କୁହାଯାଏ। ମହାପ୍ରଭୁ ଅଚ୍ୟୁତାନନ୍ଦଙ୍କ ରଚିତ "ଗୋପାଳ ଓଗାଳ' ଗାନ ସାଙ୍ଗକୁ ବାଦ୍ୟର ତାଳେ ତାଳେ ଗୋପାଳ ପିଲାମାନେ ପ୍ରତ୍ୟେକ ନିଜର ଡାହାଣ ଓ ବାମ ପାଖରେ ଥିବା ସହଯୋଗୀମାନଙ୍କ ବାଡି ସହିତ ନିଜ ବାଡିକୁ ପିଟି ଶବ୍ଦ ସୃଷ୍ଟି କରିଥାନ୍ତି। ରାଧାକୃଷ୍ଣଙ୍କୁ ମଦନମୋହନ ବେଶରେ ସୁସଜ୍ଜିତ କରି ପଳାସ ଫୁଲ ଓ ପାଟକନାରେ ସଜ୍ଜିତ ବିମାନ ହୁକୁମ୍ ଧାବଲ୍ ସ୍ୱରରେ ଢଳି ଢଳି ଗୋପାଳ ମାନେ ଗ୍ରାମ ପରିକ୍ରମା କରିଥାନ୍ତି। ବିମାନ ସାଙ୍ଗରେ ଅଢେଣୀ. ତରାସ, ଚାମର, ଧ୍ୱଜା, ସଂକୀର୍ତ୍ତନ ସହକାରେ ଗୋପାଳମାନେ ତାଙ୍କ ପ୍ରିୟ କୃଷ୍ଣ ଠାକୁରଙ୍କୁ ସାଙ୍ଗରେ ନେଇ ଚାଲିଥାନ୍ତି। ଏହି ଅବସରରେ ରାଧା କୃଷ୍ଣଙ୍କ ଭଜନ, କୀର୍ତ୍ତନ ଗାନ କରି ଫଗୁ ଖେଳାଯାଏ। ଲହୁଡି ଖେଳ ପରିଚାଳନାରେ ଦୋଳ ଉତ୍ସବ କମିଟି ସଭାପତି ହରିହର ବେହେରା, ସମ୍ପାଦକ ଜଳଧର ବେହେରା, ନୃସିଂହ ବେହେରା, ଗୋବିନ୍ଦ ବେହେରା, ନିରଞ୍ଜନ ବେହେରା, ମଦନ ବେହେରା ଗୋବିନ୍ଦ ବେହେରା, ଚିନ୍ତାମଣୀ ବେହେରା, ରିଲୁ ବେହେରା, ପ୍ରଦୀପ ବେହେରା, ରାଜେନ୍ଦ୍ର ବେହେରା, ବିଭ୍ରାଂଶୁ ବେହେରା, ରାମଚନ୍ଦ୍ର ବେହେରା ଲଉଡି ଖେଳରେ ସାମିଲ ହୋଇଥିଲେ। ଗ୍ରାମର ଗୋପକୃଷ୍ଣ ବେହେରା ଏବଂ ତାଙ୍କ ପତ୍ନୀ ଲୋପାମୁଦ୍ରା ବେହେରା ମୁଖ୍ୟକର୍ତ୍ତା ଭାବେ ନିଷ୍ଠାର ସହ ବ୍ରତ ସମାପନ କରିଥିଲେ।

● ପୁରୀ ଜିଲ୍ଲା: ୬ ନିର୍ବାଚନମଣ୍ଡଳୀରୁ ଗୋଟିଏ ସଂରକ୍ଷିତ

# ଲୋକସଭା ନିର୍ବାଚନ ପାଇଁ ଜିଲ୍ଲାପାଳ ରିଟର୍ଣ୍ଣିଂ ଅଫିସର



ପୁରୀ, ୨୭ା୩(ସମିସ): ପୁରୀ ଜିଲ୍ଲା ଦୁଇଟି ଲୋକସଭା ନିର୍ବାଚନ ମଣ୍ଡଳୀର ୬ଟି ବିଧାନସଭା ଆସନକୁ ନେଇ ଗଠିତ। ଜଗତସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଅନସୂଚିତ ଜାତି ପାଇଁ ସଂରକ୍ଷିତ ଥିବାବେଳେ ଏହା ଅଧୀନରେ କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ ଓ ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ। କାକଟପୁର ବିଧାନସଭା ଆସନ ଅନସୂଚିତ ଜାତି ପାଇଁ ସଂରକ୍ଷିତ ରହିଛି। ସେହିପରି ୧୭ ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀରେ ପୁରୀ ବିଧାନସଭା, ବ୍ରହ୍ମଗିରି ବିଧାନସଭା, ସତ୍ୟବାଦୀ ବିଧାନସଭା ଓ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀ ସାମିଲ ଅଛି। ଲୋକସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀ ଜିଲ୍ଲାପାଳ ରହିଥିବା ବେଳେ ତାଙ୍କୁ ସହଯୋଗ ପାଇଁ ୭ ଜଣ ଏଆର୍‌ଓ ବା ଆସିଷ୍ଟାଣ୍ଟ ରିଟର୍ଣ୍ଣିଂ ଅଫିସର ରହିଛନ୍ତି। ସେହିପରି ୬ଟି ବିଧାନସଭା ଆସନ ପାଇଁ ୬ ଜଣ ରିଟର୍ଣ୍ଣିଂ ଅଧିକାରୀ ଥିବାବେଳେ ତାଙ୍କୁ ସହଯୋଗ ପାଇଁ ୧୨ ଜଣ ଏଆର୍‌ଓ ନିୟୋଜିତ ରହିଛନ୍ତି। କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ନିମାପଡ଼ା ବିଧାନସଭା ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ, ପୁରୀ ବିଧାନସଭା ପାଇଁ ଉପଜିଲ୍ଲାପାଳ, ବ୍ରହ୍ମଗିରି ବିଧାନସଭା ପାଇଁ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ସତ୍ୟବାଦୀ ବିଧାନସଭା ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଓ ପିପିଲି ବିଧାନସଭା ନିର୍ବାଚନ ପାଇଁ ଅତିରିକ୍ତ ଉପଜିଲ୍ଲାପାଳ ରିଟର୍ଣ୍ଣିଂ ଅଧିକାରୀ ରହିଛନ୍ତି।

**ବିଧାନସଭା ନିର୍ବାଚନ ପାଇଁ ୬ ଅଧିକାରୀ ରିଟର୍ଣ୍ଣିଂ ଅଫିସର**



ବଲାଙ୍ଗିର ବିଧାନସଭା ଆସନ

# ୫୭୧୯ ନୂଆ ଭୋଟର ଉପରେ ସମସ୍ତଙ୍କ ନଜର

ବଲାଙ୍ଗିର, ୨୭ ।୩(ସମିସ)

ଗଣତନ୍ତ୍ର ଦେଶର ସବୁଠାରୁ ମହାନ ପର୍ବ ନିର୍ବାଚନ ବିଗୁଲ ବାଜିସାରିଛି। ନିର୍ବାଚନ କମିଶନ ରାଜ୍ୟରେ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିବା ପରେ ଏବେ ବଲାଙ୍ଗିର ଜିଲ୍ଲାର ରାଜନୈତିକ ପାଣିପାଗ ଉଷ୍ମ ହେବାରେ ଲାଗିଛି। ୨୦୧୪ ପରଠାରୁ ଏହି ବିଧାନସଭା ଆସନ କଂଗ୍ରେସ ହାତରେ ରହିଥିବା ବେଳେ ୨୦୨୪ରେ କିଏ ଜିତିବ, କାହାର ଭୋଟ କେତେ ହେବ ସେ ନେଇ ରାଜନୈତିକ ସମୀକ୍ଷକ ମାନେ ଆକଳନ କରିବା ଆରମ୍ଭ କରିଦେଇଛନ୍ତି। ଏବେ ବଲାଙ୍ଗିର ବିଧାନସଭା ଆସନରୁ ବିଜେଡି କଳିକେଶ ନାରାୟଣ ସିଂହଦେଓଙ୍କୁ ପ୍ରାର୍ଥୀ ଘୋଷଣା କରି ଏକପାଖିଆ ବିଜୟ ନିମନ୍ତେ ରଣନୀତି ପ୍ରସ୍ତୁତ କରିଛି। ଅନ୍ୟପକ୍ଷରେ ବିଜେପି ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା ପରେ ଲଢ଼େଇର ବାସ୍ତବ ରୂପ ସ୍ପଷ୍ଟ ହେବ ବୋଲି କୁହାଯାଉଛି।

ବଲାଙ୍ଗିର ଜିଲ୍ଲାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନମଣ୍ଡଳି ହେଉଛି ବଲାଙ୍ଗିର ସଦର ଆସନ। ଏହି ଆସନ ରାଜ୍ୟ ରାଜନୀତିରେ ଅନେକ ଗୁରୁତ୍ୱବହନ କରିଥାଏ। ଏହି ନିର୍ବାଚନମଣ୍ଡଳି ବଲାଙ୍ଗିର ପୌର ପରିଷଦ, ସଦର ବ୍ଲକ ଓ ଦେଓଗାଁ ବ୍ଲକକୁ ନେଇ ଗଠିତ। ଚଳିତ ନିର୍ବାଚନରେ ୨ ଲକ୍ଷ ୪୧ ହଜାର ୪୦୧

**ଜନପ୍ରତିନିଧି ବାଛିବେ ୨ ଲକ୍ଷ ୪୧ ହଜାର ୪୦୧ ଭୋଟର**

ଜଣ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ଏମାନଙ୍କ ମଧ୍ୟରେ ୧ ଲକ୍ଷ ୨୨ ହଜାର ୧୨୬ ଜଣ ପୁରୁଷ, ୧ ଲକ୍ଷ ୧୯ ହଜାର ୨୨୬ ଜଣ ମହିଳା ଭୋଟର ରହିଛନ୍ତି। ସେହିପରି ଚଳିତ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳିରେ ୨୧୫୫ ଭିନ୍ନକ୍ଷମ ଭୋଟର ରହିଥିବା ବେଳେ ୫୭୧୯ ଜଣ ଭୋଟର ୧୮-୧୯ ବର୍ଷ ମଧ୍ୟରେ ରହିଛନ୍ତି। ଚଳିତ ବର୍ଷର ନୂଆ ଭୋଟରଙ୍କ ସଂଖ୍ୟା ଓ ଗତ ନିର୍ବାଚନର ଭୋଟ ବ୍ୟବଧାନ ପ୍ରାୟତ ସମାନ ରହିଛି। ତେଣୁ ଏହି ନୂଆ ଭୋଟର ହିଁ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ।

୨୦୧୯ ନିର୍ବାଚନରେ କଂଗ୍ରେସ ଦଳରୁ ନରସିଂହ ମିଶ୍ର ବିଜୟୀ ହୋଇଥିଲେ। ସେ ବିଜେଡି ପ୍ରାର୍ଥୀ ଅର୍କେଶ ନାରାୟଣ ସିଂହଦେଓଙ୍କୁ ୫୩୪୧ ଖଣ୍ଡ ଭୋଟରେ ପରାଜିତ କରିଥିଲେ। ନରସିଂହ ୭୧ ହଜାର ୫୯୮ ଖଣ୍ଡ ଭୋଟ ପାଇଥିବା ବେଳେ ଅର୍କେଶ ୬୬ହଜାର ୨୫୭ ଖଣ୍ଡ ଭୋଟ ପାଇଥିଲେ। ସେହିପରି ବିଜେପି ପ୍ରାର୍ଥୀ ଅନନ୍ତ ଦାସ ମାତ୍ର ୨୮ ହଜାର ୯୨୪ ଖଣ୍ଡ ଭୋଟ ପାଇଥିଲେ।

୧୯୫୧ ରେ ଗଠନ ହୋଇଥିବା ଏହି ଆସନରେ ପ୍ରଥମ ଥର ପାଇଁ ଗଣପରିଷଦ ଦଳରୁ ନନ୍ଦ କିଶୋର ମିଶ୍ର ବିଜୟୀ ହୋଇଥିଲେ। ସେ ୧୯୫୧. ୧୯୫୭ ନିର୍ବାଚନ ଜିତିଥିଲେ। ପରେ ୧୯୬୧ରେ ଚନ୍ଦ୍ରଶେଖର ସିଂ ବିଧାୟକ ହୋଇଥିବା ବେଳେ ୧୯୬୭, ୧୯୭୧ ଓ ୧୯୭୪ ନିର୍ବାଚନରେ ସ୍ୱତନ୍ତ୍ର ଦଳରୁ ନିର୍ବାଚିତ ହୋଇ ରାଜେନ୍ଦ୍ର ନାରାୟଣ ସିଂଦେଓ ବିଧାୟକ ହେବା ସହ ମୁଖ୍ୟମନ୍ତ୍ରୀ ହୋଇପାରିଥିଲେ। ଏହା ପରେ ୧୯୭୭ ରେ ମୁରଲୀ ଗୁରୁ, ୧୯୮୦ ଓ ୧୯୮୫ରେ କଂଗ୍ରେସ ଦଳରୁ ମୁଜାଫର ଖାନ ବିଧାୟକ ହୋଇ ରାଜ୍ୟ ରାଜନୀତିରେ ନିଜ ଛାପ ବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଥିଲେ। ଏହା ପରେ ୧୯୯୦, ୧୯୯୫ ରୁ ଜନତା ଦଳ ଓ ୨୦୦୦, ୨୦୦୪, ୨୦୦୯ ନିର୍ବାଚନରେ ବିଜେଡି ଦଳରୁ ଅନଙ୍ଗ ଉଦୟ ସିଂହଦେଓ ବିଜୟୀ ହୋଇଥିଲେ। ଏପରିକି ସେ କ୍ୟାବିନେଟରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମନ୍ତ୍ରୀ ରହିଥିଲେ। ୨୦୧୪ ଓ ୨୦୧୯ ନିର୍ବାଚନରେ କଂଗ୍ରେସ ଦଳରୁ ନରସିଂହ ମିଶ୍ର ବିଜୟୀ ହୋଇଥିବା ବେଳେ ୨୦୧୪ ରେ ବିରୋଧୀ ଦଳ ନେତା ଓ ୨୦୧୯ରେ କଂଗ୍ରେସ ବିଧାୟକ ଦଳ ନେତା ରହିଛନ୍ତି।

# ବିଜେପିରେ ବିଦ୍ରୋହ: ସ୍ୱାଧୀନ ଲଢ଼ିବେ ଖାରବେଳ

ବାଲେଶ୍ୱର, ୨୭ ।୩(ସମିସ)

ଦଳର ଶୀର୍ଷ ନେତୃତ୍ୱ ବାଲେଶ୍ୱର ଲୋକସଭା ଆସନରୁ ଦଳର ପ୍ରାର୍ଥୀ ଭାବରେ ପ୍ରତାପ ଷଡ଼ଙ୍ଗୀଙ୍କ ନାମ ଘୋଷଣା କରିଛନ୍ତି। ଏହାପରେ ଦଳରେ ସୃଷ୍ଟି ହୋଇଛି ବିଦ୍ରୋହ। ପୂର୍ବତନ ସାଂସଦ ଐର ଖାରବେଳ ସ୍ୱାଇଁ ବାଲେଶ୍ୱରରୁ ସ୍ୱାଧୀନ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଘୋଷଣା କରିଛନ୍ତି। ଏପରିକି ମନମୋହନ ସାମଲ ଓ ଧର୍ମେନ୍ଦ୍ର ପ୍ରଧାନ ନୁହନ୍ତି; ଏକ ଅଦୃଶ୍ୟ ଶକ୍ତି ତାଙ୍କ ଟିକଟ କାଟିଛି ଓ ପରେ ସେ ଏ ସମ୍ପର୍କରେ ସ୍ପଷ୍ଟ କରିବେ ବୋଲି ଶ୍ରୀ ସ୍ୱାଇଁ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ଭାରତୀୟ ଜନତା ପାର୍ଟିରୁ ଚଳିତ ନିର୍ବାଚନରେ ବାଲେଶ୍ୱର ଲୋକସଭା ଆସନରେ ପ୍ରାର୍ଥୀ ହେବାକୁ ମନ ବଳାଇଥିଲେ ଶ୍ରୀ ସ୍ୱାଇଁ। ସେଥିପାଇଁ ସେ ବେଶ କିଛି ଦିନ ହେବ ସଂସଦୀୟ କ୍ଷେତ୍ରର ବିଭିନ୍ନ ଅଞ୍ଚଳ ଗସ୍ତ କରୁଥିଲେ। ମାତ୍ର ବିଜେପି ପ୍ରାର୍ଥୀ ତାଲିକା ପ୍ରକାଶ ପରେ ଶ୍ରୀ ସ୍ୱାଇଁଙ୍କୁ ନିରାଶ ହେବାକୁ ପଡ଼ିଛି। ଏହା ସତ୍ତ୍ୱେ ସେ ଦଳରୁ ଇସ୍ତଫା ଦେବେ ନାହିଁ; କିନ୍ତୁ ନିର୍ବାଚନରେ ସ୍ୱାଧୀନ ଭାବରେ ଲଢ଼ିବେ ଏବଂ ଏଥିପାଇଁ ଦଳର କାର୍ଯ୍ୟାନୁଷ୍ଠାନକୁ ସମ୍ମୁଖୀନ ହେବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଖାରବେଳ କହିଛନ୍ତି ଯେ, ରାଜନୀତି ତାଙ୍କର ପେଶା ନୁହେଁ; ଜନସେବା ପାଇଁ ରାଜନୀତିକୁ ସେ ବାଛିଥିଲେ। ସିଭିଲ ସର୍ଭିସ ଚାକିରି ଛାଡି ସେ ରାଜନୀତିକୁ ଆସିଥିଲେ। କନ୍ଧମାଳ ଲୋକସଭା ଆସନରେ ସେ ୧୪ଦିନ ପ୍ରଚାର କରି ବିଜେପିର ଭୋଟ ସଂଖ୍ୟା୨୦ପ୍ରତିଶତ ବୃଦ୍ଧି ସହ ୩ ଲକ୍ଷ ୧୨ହଜାରରେ ପହଞ୍ଚାଇ ପାରିଥିଲେ। ହାରିବା ପରେ ସେ ଆଉ କନ୍ଧମାଳ ନ ଯାଇ ବାଲେଶ୍ୱର ଲୋକସଭା ଆସନ ପାଇଁ କାର୍ଯ୍ୟ କରି ଆସୁଛନ୍ତି। ୨୦୨୪ ନିର୍ବାଚନରେ ବାଲେଶ୍ୱରରୁ ତାଙ୍କୁ ପ୍ରାର୍ଥୀ କରିବା ପାଇଁ ରାଜ୍ୟ ସଭାପତିଙ୍କ





ନିକଟରେ ଏକାଧିକ ଥର ଦାବି ଦୋହରାଇଛନ୍ତି। ପ୍ରତାପଚନ୍ଦ୍ର ଷଡଙ୍ଗୀଙ୍କ ବଦଳରେ ତାଙ୍କୁ ପ୍ରାର୍ଥୀ କରାଯିବ ବୋଲି ଦଳୀୟସ୍ତରରେ ପ୍ରତିଶୃତି ମିଳିଥିବା ସତ୍ତ୍ୱେ ତାଙ୍କୁ ହତାଦର କରାଯାଇ ଶ୍ରୀ ଷଡଙ୍ଗୀଙ୍କୁ ପୁଣିଥରେ ପ୍ରାର୍ଥୀ କରାଯାଇଛି। ସେଥିପାଇଁ ସେ ସ୍ୱାଧୀନ ଭାବେ ଲଢିବାକୁ ନିଷ୍ପତ୍ତି

**ପ୍ରତିଶ୍ରୁତି ସତ୍ତ୍ୱେ ଟିକଟ ନ ଦେବାରୁ ଖାରବେଳଙ୍କ କ୍ଷୋଭ**

**ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ବିରୋଧରେ ଜନ ଅସନ୍ତୋଷ ତୀବ୍ର**

ନେଇଛନ୍ତି। ବିଗତ ବର୍ଷେ ଧରି ଆରଏସଏସର ସ୍ଥାନୀୟ ଶାଖାରେ ନିୟମିତ ଆଲୋଚନାଚକ୍ରରେ ଅଂଶଗ୍ରହଣ କରୁଛନ୍ତି। ଆରଏସଏସ ବାଲେଶ୍ୱର ଶାଖା ତାଙ୍କୁ ପ୍ରାର୍ଥୀ କରିବା ପାଇଁ ମଧ୍ୟ ଚିଠି ଲେଖିଛି। ସେହିପରି ଗୁଇନ୍ଦା ବିଭାଗ ସାଂସଦ ଶ୍ରୀ ଷଡଙ୍ଗୀଙ୍କ ଆଦୌ ଲୋକପ୍ରିୟତା ନ ଥିବା ରିପୋର୍ଟ ଦେଇଥିବା ଖାରବେଳ ପ୍ରକାଶ କରିଛନ୍ତି।

ଖାରବେଳ ପୁଣି କହିଛନ୍ତି ଯେ ୫ଥର ନିର୍ବାଚନ ଲଢିଥିବା ବେଳେ ବାଲେଶ୍ୱରରୁ ୩ଥର ସାଂସଦ ହୋଇଛନ୍ତି। କୌଣସି କଲେଜର କିରାଣୀ ନୁହେଁ ବରଂ ସିଭିଲ ସର୍ଭିସରୁ ରାଜନୀତିକୁ ଆସିଛନ୍ତି। ବର୍ତ୍ତମାନର ସାଂସଦ ଶ୍ରୀ ଷଡଙ୍ଗୀଙ୍କ ବିରୋଧରେ ଏତେ ମାତ୍ରାରେ ଜନ ଅସନ୍ତୋଷ ରହିଛି ଯେ, ସେ ବାଲେଶ୍ୱରର କୌଣସି ସ୍ଥାନରେ ପ୍ରଚାର ମଧ୍ୟ କରିପାରିବେ ନାହିଁ। ମାତ୍ର ସେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ଓ ଏଥିପାଇଁ ବାଲେଶ୍ୱରବାସୀ ତାଙ୍କୁ ଆର୍ଥିକ ସହାୟତା ଦେବାକୁ ଖାରବେଳ ଅନୁରୋଧ କରିଛନ୍ତି।

ରାଜ୍ୟର ମୁଖ୍ୟମନ୍ତ୍ରୀ, ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନୀ କ୍ଷେତ୍ର

# ଗଞ୍ଜାମ ଜିଲ୍ଲାରେ ୩ ସଂସଦୀୟ କ୍ଷେତ୍ର

ବ୍ରହ୍ମପୁର, ୨୭ ।୩(ସମିସ)

ରାଜ୍ୟ ରାଜନୀତିକୁ ଦୃଢ ନେତୃତ୍ୱ ଦେଇ ଆସିଛି ଗଞ୍ଜାମ ଜିଲ୍ଲା। ଏଣୁ ରାଜ୍ୟ ଓ ଜାତୀୟ ରାଜନୀତିରେ ଏହି ଜିଲ୍ଲାର ଗୁରୁତ୍ୱ ସର୍ବଦା ରହି ଆସିଛି। ଅନେକ ସମୟରେ ରାଜନୀତିର ଗୋଟି ଚାଳନା ମଧ୍ୟ ଗଞ୍ଜାମରୁ ଆରମ୍ଭ ହୋଇଥାଏ। ସରକାରୀସ୍ତରରେ ପ୍ରସ୍ତୁତ ହେଉଥିବା ବହୁ ଯୋଜନା ଗଞ୍ଜାମରୁ ହିଁ ଶୁଭାରମ୍ଭ ହୋଇଛି। ରାଜ୍ୟର ସର୍ବବୃହତ୍ ଜନସଂଖ୍ୟା ବିଶିଷ୍ଟ ଏହି ଜିଲ୍ଲାରେ କେବଳ ରାଜ୍ୟ ରାଜନୀତି ନୁହେଁ; ଜାତୀୟ ରାଜନୀତିରେ ମଧ୍ୟ ବିଶେଷ ଭୂମିକା ନିର୍ବାହ କରିଛି। ଏଣୁ ପ୍ରତି ନିର୍ବାଚନରେ ଏହି ଜିଲ୍ଲାର ଗୁରୁତ୍ୱ ବୃଦ୍ଧି ପାଉଛି।

ଅବିଭକ୍ତ ଗଞ୍ଜାମ ଜିଲ୍ଲା ସମ୍ପ୍ରତି ତିନୋଟି ଲୋକସଭା କ୍ଷେତ୍ରରେ ପ୍ରତିନିଧି ଚୟନ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥାଏ। ଛତ୍ରପୁର, ବ୍ରହ୍ମପୁର, ଗୋପାଳପୁର, ଦିଗପହଣ୍ଡି, ଚିକିଟି ଓ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି, ମୋହନା ନିର୍ବାଚନ ମଣ୍ଡଳୀକୁ ନେଇ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଗଠିତ ହୋଇଛି। ସେହିଭଳି ଆସିକା, ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ସୋରଡ଼ା, ସାନଖେମୁଣ୍ଡି ଓ ହିଞ୍ଜିଳି ନିର୍ବାଚନ ମଣ୍ଡଳୀକୁ ନେଇ ଆସିକା ଲୋକସଭା ନିର୍ବାଚନ ମଣ୍ଡଳୀ ଗଠିତ। ଏହା ସହ କନ୍ଧମାଳ ସଂସଦୀୟ କ୍ଷେତ୍ର ଅଧିନରେ ଗଞ୍ଜାମର ଭଞ୍ଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ। ପ୍ରତିଟି ନିର୍ବାଚନରେ ଗଞ୍ଜାମ ଜିଲ୍ଲା ତିନୋଟି ସଂସଦୀୟ କ୍ଷେତ୍ରର ଜନ ପ୍ରତିନିଧି ଚୟନ କରିବାକୁ ଅଗ୍ରଣୀ ଜିଲ୍ଲା ଭାବେ ନିଜ ପରାକାଷ୍ଠା ଦେଖାଇଛି। ଚଳିତ ସାଧାରଣ ନିର୍ବାଚନରେ ମଧ୍ୟ ଏହି ତିନି ଲୋକସଭା ନିର୍ବାଚନ ମଣ୍ଡଳୀରେ ଜନ ପ୍ରତିନିଧି ଚୟନ କରି ବିକାଶର ଧାରାକୁ ଆଗକୁ ନେବାକୁ ଭୋଟର ବି ପ୍ରସ୍ତୁତ ହେଉଛନ୍ତି। ଚଳିତ ନିର୍ବାଚନରେ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରେ ସମୁଦାୟ ୧୫ଲକ୍ଷ ୬୯ହଜାର ୯୪୧ଜଣ ଭୋଟର ରହିଥିବା ବେଳେ ଆସିକା ସଂସଦୀୟ କ୍ଷେତ୍ରରେ ୧୬ଲକ୍ଷ ୧୨ହଜାର ୪୦୩ଜଣ ରହିଛନ୍ତି। ସେହିଭଳି କନ୍ଧମାଳ ଲୋକସଭା ଅନ୍ତର୍ଗତ ଭଞ୍ଜନଗର ବିଧାନସଭା କ୍ଷେତ୍ରରେ ୨ଲକ୍ଷ ୩୮ ହଜାର ୧୧୧ଜଣ ଭୋଟର ରହିଛନ୍ତି।

ବ୍ରହ୍ମପୁର ଲୋକସଭା କ୍ଷେତ୍ରରୁ ପୂର୍ବତନ ପ୍ରଧାନମନ୍ତ୍ରୀ ପି ଭି ନରସିଂହ ରାଓ ନିର୍ବାଚିତ ହୋଇଥିଲେ। ଦୀର୍ଘବର୍ଷ ଧରି ଏହି ଆସନ କଂଗ୍ରେସ ହାତରେ ରହିଥିଲେ ହେଁ ଏହି ଧାରା ଭାଙ୍ଗି ଅନାଦି ସାହୁ ବିଜେପି ଦଳରୁ ପ୍ରାର୍ଥୀ ହୋଇ ବ୍ରହ୍ମପୁର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ସେହିଭଳି ୧୪ତମ ଲୋକସଭା ନିର୍ବାଚନରେ ବର୍ତ୍ତମାନର ସାଂସଦ ଚନ୍ଦ୍ର ଶେଖର ସାହୁ କଂଗ୍ରେସରୁ ନିର୍ବାଚିତ ହୋଇ କେନ୍ଦ୍ରମନ୍ତ୍ରୀ ହେବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ। କଂଗ୍ରେସର ଏହି ଧାରା ଭାଙ୍ଗି ସିନେ ଅଭିନେତା ସିଦ୍ଧାନ୍ତ ମହାପାତ୍ର ବିଜୁ ଜନତା ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରି ରେକର୍ଡ଼ ସଂଖ୍ୟକ ଭୋଟରେ ବିଜୟପ୍ରାପ୍ତ ହୋଇଥିଲେ। ଶ୍ରୀ ମହାପାତ୍ର ୨୦୦୯ ଓ ୨୦୧୪ ମସିହାରେ ହୋଇଥିବା ଦୁଇଟି ସାଧାରଣ ନିର୍ବାଚନରେ ବ୍ରହ୍ମପୁର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ତତ୍‌ପରେ ଗତ ସାଧାରଣ ନିର୍ବାଚନ ଅର୍ଥାତ ୨୦୧୯ରେ କଂଗ୍ରେସ ଦଳ ପରିତ୍ୟାଗ କରି ବିଜେଡି ଟିକଟରେ ଲଢି ସାଂସଦ ଚନ୍ଦ୍ର ଶେଖର ସାହୁ ଏଠାରେ ବିଜୟୀ ହୋଇଥିଲେ। ବର୍ତ୍ତମାନ ସେ ଏଠାକାର ସାଂସଦ ରହିଛନ୍ତି। ଗତ ନିର୍ବାଚନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ଭୃଗୁ ବକ୍ସିପାତ୍ର ୩ଲକ୍ଷ ୪୮ହଜାର ୯୯୯ଖଣ୍ଡ ଭୋଟ ପାଇଥିବା ବେଳେ ଶ୍ରୀ ସାହୁ ୪ଲକ୍ଷ ୪୩ହଜାର ୮୩୪ଭୋଟ ପାଇଥିଲେ। କଂଗ୍ରେସର ପ୍ରାର୍ଥୀ ଥିବା ଭି ଚନ୍ଦ୍ର ଶେଖର ନାଇଡୁ ୧ଲକ୍ଷ ୪୨ହଜାର ଭୋଟ ପାଇବାରେ ସକ୍ଷମ ହୋଇଥିଲେ।

ଅନୂରୂପ ଭାବେ ଆସିକା ସଂସଦୀୟ କ୍ଷେତ୍ର ବିଜେଡି ଦଳର ଗଡ଼ ଭାବେ ପରିଚିତ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଆସିକା ସଂସଦୀୟ କ୍ଷେତ୍ରରୁ ହିଁ ନିଜ ରାଜନୈତିକ ଜୀବନ ଯାତ୍ରା ଆରମ୍ଭ କରିଥିଲେ। ସେ ଏଠାରେ ପ୍ରଥମଥର ଲାଗି ଜନତା ଦଳରୁ ସାଂସଦ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହେବା ସହ ବାଜପେୟୀ ସରକାରରେ କେନ୍ଦ୍ରମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ସେହିପରି ପ୍ରବାଦ ପୁରୁଷ ବିଜୁ ବାବୁ, ନିତ୍ୟାନନ୍ଦ ପ୍ରଧାନ, ଦିବଙ୍ଗତ ନେତା ଲଡ୍ଡୁ କିଶୋର ସ୍ୱାଇଁ, ଦ୍ୱିତୀକୃଷ୍ଣ ପଣ୍ଡା, ସୋମନାଥ ରଥଙ୍କ ଭଳି ବିଶିଷ୍ଟ ରାଜନେତା ଆସିକା ସଂସଦୀୟ କ୍ଷେତ୍ରର ଗାରିମାକୁ ବୃଦ୍ଧି କରିଛନ୍ତି। ଗତ ୨୦୧୯ ସାଧାରଣ ନିର୍ବାଚନରେ ଏଠାରେ ବିଜେଡି ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଜଣେ ସଦସ୍ୟା ପ୍ରମିଳା ବିଷୋୟୀ ସାଂସଦ ହୋଇଥିଲେ। ସେ



ସର୍ବାଧିକ ୫ ଲକ୍ଷ ୫୨ ହଜାର ୭୪୯ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତଦ୍ୱନ୍ଦ୍ୱୀ ବିଜେପିର ଅନିତା ଶୁଭଦର୍ଶିନୀ ୩ଲକ୍ଷ ୪୮ହଜାର ୪୨ଭୋଟ ପାଇଥିଲେ। ଏଥିରେ ସାଂସଦ ପ୍ରମିଳା ବିଷୋୟୀ ବହୁ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବା ବେଳେ ସିପିଆଇ ପ୍ରାର୍ଥୀ ରାମକୃଷ୍ଣ ପଣ୍ଡା ମାତ୍ର ୫୪ହଜାର ଭୋଟ ପାଇବାରେ ସକ୍ଷମ ହୋଇଥିଲେ। ସେହିଭଳି କନ୍ଧମାଳ ଲୋକସଭା କ୍ଷେତ୍ରରେ ପରିଧି ଅନ୍ତର୍ଭୂକ୍ତ ଭଞ୍ଜନଗର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ଗଡ଼ ଭାବେ ପରିଚିତ। ବର୍ତ୍ତମାନର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏଠାରୁ ଲଗାତାର ନିର୍ବାଚିତ ହୋଇ ଆସୁଛନ୍ତି। କନ୍ଧମାଳ ସାଂସଦ ପ୍ରାର୍ଥୀଙ୍କ ଲାଗି ସେ ଏଠାରେ ବହୁ ଜନମତ ସଂଗ୍ରହ କରିବାରେ ସକ୍ଷମ ହେଉଛନ୍ତି।

ବିଜେଡି ବ୍ରିଗେଡ୍ ପ୍ରସ୍ତୁତ

# ବିଧାନସଭାରୁ ୭୨, ଲୋକସଭା ପାଇଁ ୧୫ ପ୍ରାର୍ଥୀ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

## ୭୨ ଜଣିଆ ବିଧାନସଭା ପ୍ରାର୍ଥୀ ତାଲିକାରେ ୧୨ ମହିଳା

ମୁଖ୍ୟମନ୍ତ୍ରୀ ଆଜି ବିଧାନସଭା ପାଇଁ ଗୋଟିଏ ପର୍ଯ୍ୟାୟରେ ୭୨ ଏବଂ ଲୋକସଭା ପାଇଁ ୨ଟି ପର୍ଯ୍ୟାୟରେ ମୋଟ ୧୫ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ଏମାନଙ୍କ ମଧ୍ୟରୁ ମୋଟ ୧୬ ଜଣ ମହିଳାଙ୍କୁ ନିର୍ବାଚନ ଲଢ଼ିବାକୁ ସୁଯୋଗ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ରାୟଗଡ଼ାରୁ ଅନୁସୟା ମାଝୀ, ବିଜେପୁରରୁ ରୀତା ସାହୁ, ଅତାବିରାରୁ ସ୍ନେହାଙ୍ଗିନୀ ଛୁରିଆ, ବସ୍ତାରୁ ସୁବାସିନୀ ଜେନା, ବିଞ୍ଝାରପୁରରୁ ପ୍ରମିଳା ମଲ୍ଲିକ, ଯାଜପୁରରୁ ସୁଜାତା ସାହୁ। ସେହିପରି ଟିଟିଲାଗଡ଼ରୁ ଟୁକୁନି ସାହୁ, ଉମରକୋଟରୁ ନବୀନା ନାୟକ, ନବରଙ୍ଗପୁରରୁ କୌଶଲ୍ୟା ପ୍ରଧାନୀ, ଭବାନୀପାଟଣାରୁ ଲତିକା ନାୟକ, କବିସୂର୍ଯ୍ୟନଗରରୁ ଲତିକା ପ୍ରଧାନ, ସୋରଡାରୁ ସଂଘମିତ୍ରା ସ୍ୱାଇଁଙ୍କୁ ଦଳ ବିଧାନସଭା ନିମନ୍ତେ ପ୍ରାର୍ଥୀ କରିଛି।

## ୧୩ ନୂଆ ମୁହଁ ଉପରେ ଦଳୀୟ ସୁପ୍ରିମୋଙ୍କ ଆସ୍ଥା

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ୭୨ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ତାଲିକାରେ ୧୩ ଜଣ ନୂଆ ମୁହଁଙ୍କୁ ବିଧାନସଭା ଟିକଟ୍ ମିଳିଛି। ରାୟଗଡ଼ା ବିଧାନସଭା କ୍ଷେତ୍ରରୁ ଅନୁସୟା ମାଝୀ, ବସ୍ତାରୁ ସୁଭାସିନୀ ଜେନାଙ୍କୁ ସୁଯୋଗ ମିଳିଛି। ସେହିଭଳି ଧାମନଗରରୁ ଡ.ସଞ୍ଜୟ ଦାସ, ଯାଜପୁରରରୁ ସ୍ୱୟଂ ସହାୟିକା ଗୋଷ୍ଠୀର ନେତ୍ରୀ ସୁଜାତା ସାହୁ, ଲୋଇସିଙ୍ଗାରୁ ନିହାର ବେହେରା, ଉମରକୋଟରୁ ନବୀନା ନାୟକ, ନବରଙ୍ଗପୁରରୁ କୌଶଲ୍ୟା ପ୍ରଧାନୀ, ଭବାନୀପାଟନାରୁ ଲତିକା ନାୟକ, ପାଟକୁରାରୁ ଅରବିନ୍ଦ ମହାପାତ୍ର, ପୁରୀରୁ ସୁନିଲ ମହାନ୍ତି, ସୋରୋଡ଼ାରୁ ସଂଘମିତ୍ରା ସ୍ୱାଇଁ, ଦିଗପହଣ୍ଡିରୁ ବିପ୍ଳବ ପାତ୍ର ଓ ଚିକିଟିରୁ ଚିନ୍ମୟାନନ୍ଦ ଶ୍ରୀରୂପ ଦେବ ପ୍ରଥମଥର ପାଇଁ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

## ଗତଥର ଲୋକସଭା, ଏଥର ବିଧାନସଭା

ବିଜେଡି ପକ୍ଷରୁ ଆସନ୍ତା ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ଜାରି ହୋଇଛି। ଗତଥର ଲୋକସଭା ନିର୍ବାଚନ ଲଢ଼ିଥିବା ୩ ଜଣ ପ୍ରାର୍ଥୀଙ୍କୁ ଚଳିତ ଥର ଦଳ ବିଧାନସଭା ଟିକଟ୍ ଦେଇଛି। କଳିକେଶ ନାରାୟଣ ସିଂଦେଓ ଏଥରକ ଦଳୀୟ ଟିକଟରେ ବଲାଙ୍ଗିର ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିଭଳି ପୁଷ୍ପେନ୍ଦ୍ର ସିଂଦେଓ ଧର୍ମଗଡ଼ ବିଧାନସଭା ଆସନ ଏବଂ ରମେଶ ମାଝି ଝରିଗାଁରୁ ବିଧାନସଭା ପାଇଁ ନିର୍ବାଚନ ପ୍ରତିଦ୍ୱନ୍ଦିତା କରିବାକୁ ଯାଉଛନ୍ତି।

## କଟିଲା ୭ ବିଧାୟକଙ୍କ ଟିକଟ

ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ୭ ଜଣ ବିଧାୟକଙ୍କ ଟିକଟ କଟିଛି। ପାଟକୁରା ବିଧାୟକ ସାବିତ୍ରୀ ଅଗ୍ରୱାଲ, ସୋରଡା ବିଧାୟକ ପୁର୍ଣ୍ଣଚନ୍ଦ୍ର ସ୍ୱାଇଁ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, କୋଟପାଡ ବିଧାୟକ ପଦ୍ମିନୀ ଦିଆନ, ଚିକିଟି ବିଧାୟକ ଉଷା ଦେବୀ, ଧର୍ମଗଡ଼ ବିଧାୟକ ମଉସଧି ବାଗ ଏବଂ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁଙ୍କୁ ଦଳ ଏଥର ଟିକଟ ଦେଇନାହିଁ। ଏହି ଆସନଗୁଡ଼ିକ ପାଇଁ ଦଳ ଓ ଦଳର ସଭାପତି ଅନ୍ୟ ପ୍ରାର୍ଥୀଙ୍କ ଉପରେ ଆସ୍ଥା ସ୍ଥାପନ କରିଛନ୍ତି। ସେହିପରି ଘୋଷିତ ୧୫ ଜଣ ସାଂସଦଙ୍କ ନାମ ମଧ୍ୟରୁ ୭ ଜଣଙ୍କ ଟିକଟ କଟିଛି।

## ୩ ସାଂସଦଙ୍କୁ ପୁନଃ ସୁଯୋଗ, ୨ ବିଧାୟକ ଲଢ଼ିବେ ଲୋକସଭା

ଘୋଷିତ ୧୫ ଜଣିଆ ଲୋକସଭା ପ୍ରାର୍ଥୀ ତାଲିକାରେ ୩ ଜଣ ସାଂସଦଙ୍କ ଉପରେ ପୁନଃ ବିଶ୍ୱାସ ପ୍ରକଟ କରିଛନ୍ତି। କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ, ଜଗତସିଂହପୁର ସାଂସଦ ଡ. ରାଜଶ୍ରୀ ମଲ୍ଲିକ ଓ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ। ସେହିପରି ଯାଜପୁର ବିଧାୟକ ତଥା ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କୁ ଚଳିତଥର ଲୋକସଭା ନିର୍ବାଚନ ଲଢ଼ିବା ପାଇଁ ଟିକଟ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

# ବିଜେଡିର ୭୨ ଜଣିଆ ବିଧାୟକ ପ୍ରାର୍ଥୀ ତାଲିକା ପ୍ରକାଶିତ

| | | | |
|---|---|---|---|
| ବିଷମ କଟକ<br>ଜଗନ୍ନାଥ ସାରକା | ଧର୍ମଗଡ଼<br>ପୁଷ୍ପେନ୍ଦ୍ର ସିଂଦେଓ | କାମାକ୍ଷାନଗର<br>ପ୍ରଫୁଲ୍ଲ ମଲ୍ଲିକ | ଜଟଣୀ<br>ବିଭୂତି ବଳବନ୍ତରାୟ |
| ଗୁଣପୁର<br>ରଘୁନାଥ ଗମାଙ୍ଗୋ | ଭବାନୀପାଟଣା<br>ଲତିକା ନାୟକ | ପରଜଂଗ<br>ନୃସିଂହ ସାହୁ | ରଣପୁର<br>ସତ୍ୟନାରାୟଣ ପ୍ରଧାନ |
| ରାୟଗଡ଼ା<br>ଅନୁସୟା ମାଝୀ | ଜି.ଉଦୟଗିରି<br>ସାଲୁଗା ପ୍ରଧାନ | ପାଲଲହଡ଼ା<br>ମୁକେଶ ପାଲ | ଦଶପଲ୍ଲା<br>ରମେଶ ବେହେରା |
| ବରଗଡ଼<br>ଦେବେଶ ଆଚାର୍ଯ୍ୟ | କନ୍ଧମାଳ<br>ମହୀଧର ରଣା | ଛେଣ୍ଡିପଦା<br>ସୁଶାନ୍ତ କୁମାର ବେହେରା | ନୟାଗଡ଼<br>ଅରୁଣ କୁମାର ସାହୁ |
| ବିଜେପୁର<br>ରୀତା ସାହୁ | ବୌଦ୍ଧ<br>ପ୍ରଦୀପ ଅମାତ | ସୋନପୁର<br>ନିରଂଜନ ପୂଜାରୀ | ଭଂଜନଗର<br>ବିକ୍ରମ ଆରୁଖ |
| ଅତାବିରା<br>ସ୍ନେହାଙ୍ଗିନୀ ଛୁରିଆ | ବଡ଼ମ୍ବା<br>ଦେବୀ ପ୍ରସାଦ ମିଶ୍ର | ଲୋଇସିଂହା<br>ନିହାର ବେହେରା | ପୋଲସରା<br>ଶ୍ରୀକାନ୍ତ ସାହୁ |
| ଭଟଲି<br>ସୁଶାନ୍ତ ସିଂ | ବାଙ୍କୀ<br>ଦେବୀ ରଞ୍ଜନ ତ୍ରିପାଠୀ | ପାଟଣାଗଡ଼<br>ସରୋଜ ମେହେର | କବିସୂର୍ଯ୍ୟନଗର<br>ଲତିକା ପ୍ରଧାନ |
| ଜଳେଶ୍ୱର<br>ଅଶ୍ୱିନୀ ପାତ୍ର | ଆଠଗଡ଼<br>ରଣେନ୍ଦ୍ର ପ୍ରତାପ ସ୍ୱାଇଁ | ବଲାଙ୍ଗିର<br>କଳିକେଶ ସିଂଦେଓ | ଛତ୍ରପୁର<br>ସୁବାସ ବେହେରା |
| ବସ୍ତା<br>ସୁଭାସିନୀ ଜେନା | କଟକ ଚୌଦ୍ୱାର<br>ସୌଭିକ୍ ବିଶ୍ୱାଳ | ଟିଟିଲାଗଡ଼<br>ଟୁକୁନି ସାହୁ | ସୋରଡ଼ା<br>ସଂଘମିତ୍ରା ସ୍ୱାଇଁ |
| ଭଣ୍ଡାରୀପୋଖରୀ<br>ସଂଜୀବ ମଲ୍ଲିକ | ନିଆଳି<br>ପ୍ରମୋଦ ମଲ୍ଲିକ | ନୂଆପଡ଼ା<br>ରାଜେନ୍ଦ୍ର ଢୋଲକିଆ | ହିଞ୍ଜିଳି<br>ନବୀନ ପଟ୍ଟନାୟକ |
| ଭଦ୍ରକ<br>ପ୍ରଫୁଲ୍ଲ ସାମଲ | କଟକ ସଦର<br>ଚନ୍ଦ୍ରସାରଥୀ ବେହେରା | ଉମରକୋଟ<br>ନବୀନା ନାୟକ | ଗୋପାଳପୁର<br>ବିକ୍ରମ ପଣ୍ଡା |
| ବାସୁଦେବପୁର<br>ବିଷ୍ଣୁବ୍ରତ ରାଉତରାୟ | ପାଟକୁରା<br>ଅରବିନ୍ଦ ମହାପାତ୍ର | ଝରିଗାଁ<br>ରମେଶ ମାଝୀ | ଦିଗପହଣ୍ଡି<br>ବିପ୍ଳବ ପାତ୍ର |
| ଧାମନଗର<br>ଡ. ସଂଜୟ ଦାସ | ଆଳି<br>ପ୍ରତାପ ଦେବ | ନବରଙ୍ଗପୁର<br>କୌଶଲ୍ୟା ପ୍ରଧାନୀ | ଚିକିଟି<br>ଚିନ୍ମୟାନନ୍ଦ ଶ୍ରୀରୂପଦେବ |
| ଚାନ୍ଦବାଲି<br>ବ୍ୟୋମକେଶ ରାୟ | ରାଜନଗର<br>ଧ୍ରୁବ ସାହୁ | ମହାକାଳପଡ଼ା<br>ଅତନୁ ସବ୍ୟସାଚୀ ନାୟକ | କୋଟପାଡ଼<br>ଚନ୍ଦ୍ରଶେଖର ମାଝୀ |
| ବିଂଝାରପୁର<br>ପ୍ରମିଳା ମଲ୍ଲିକ | ଧର୍ମଶାଳା<br>ପ୍ରଣବ ବଳବନ୍ତରାୟ | ପୁରୀ<br>ସୁନିଲ ମହାନ୍ତି | କୋରାପୁଟ<br>ରଘୁରାମ ପୋଡ଼ାଲ |
| ଡାବୁଗାଁ<br>ମନୋହର ରନ୍ଧାରୀ | ଯାଜପୁର<br>ସୁଜାତା ସାହୁ | ବ୍ରହ୍ମଗିରି<br>ଉମା ସାମନ୍ତରାୟ | ମାଲକାନଗିରି<br>ମାନସ ମାଡ଼କାମୀ |
| ଲାଞ୍ଜିଗଡ଼<br>ପ୍ରଦୀପ ଦିଶାରୀ | ସୁକିନ୍ଦା<br>ପ୍ରୀତିରଂଜନ ଘଡ଼ାଇ | ସତ୍ୟବାଦୀ<br>ସଂଜୟ ଦାସ ବର୍ମା | ଘସିପୁରା<br>ବଦ୍ରି ପାତ୍ର |
| ଜୁନାଗଡ଼<br>ଦିବ୍ୟଶଙ୍କର ମିଶ୍ର | ଢେଙ୍କାନାଳ<br>ସୁଧୀର କୁମାର ସାମଲ | ପିପିଲି<br>ରୁଦ୍ର ମହାରଥୀ | ପାଟଣା<br>ଜଗନ୍ନାଥ ନାଏକ |

## ବିଜେଡିର ଲୋକସଭା ପ୍ରାର୍ଥୀ ତାଲିକା

| | |
|---|---|
| ସମ୍ବଲପୁର | ପ୍ରଣବ ପ୍ରକାଶ ଦାସ |
| କଳାହାଣ୍ଡି | ଲମ୍ବୋଦର ନିଆଳ |
| ସୁନ୍ଦରଗଡ଼ | ଦିଲ୍ଲୀପ ତିର୍କୀ |
| ମୟୂରଭଞ୍ଜ | ସୁଦାମ ମାର୍ଣ୍ଡି |
| କେନ୍ଦ୍ରାପଡା | ଅଂଶୁମାନ ମହାନ୍ତି |
| ନବରଙ୍ଗପୁର | ପ୍ରଦୀପ ମାଝୀ |
| ଭୁବନେଶ୍ୱର | ମନ୍ମଥ ରାଉତରାୟ |
| କୋରାପୁଟ | କୌଶଲ୍ୟା ହିକକା |
| ଆସ୍କା | ରଞ୍ଜିତା ସାହୁ |
| କଟକ | ଡ. ସଂତୃପ୍ତ ମିଶ୍ର |
| ପୁରୀ | ଅରୂପ ପଟ୍ଟନାୟକ |
| କନ୍ଧମାଳ | ଡ. ଅଚ୍ୟୁତ ସାମନ୍ତ |
| ଯାଜପୁର | ଶର୍ମିଷ୍ଠା ସେଠୀ |
| ଜଗତସିଂହପୁର | ଡା. ରାଜଶ୍ରୀ ମଲ୍ଲିକ |
| ଢେଙ୍କାନାଳ | ଅବିନାଶ ସାମଲ |

ଭୋଟଦାନ ପ୍ରତ୍ୟେକ ନାଗରିକଙ୍କ ସବୁଠାରୁ ମୂଲ୍ୟବାନ ଅଧିକାର। ତେଣୁ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ନିଶ୍ଚିତ କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ।
-ହିଲାରୀ କ୍ଲିଣ୍ଟନ



ସକାଳ
THE SAKALA

# ଅଶାନ୍ତ ଲଦାଖ ଦେଶ ପାଇଁ ଅଶୁଭ

ବିଶିଷ୍ଟ ଜଳବାୟୁ ଆନ୍ଦୋଳନକାରୀ ସୋନମ ୱାଙ୍ଗଚୁ ଲଦାଖରେ ଚଳାଇଥିବା ଅନଶନକୁ ୨୧ ଦିନରେ ପ୍ରତ୍ୟାହାର କରିନେବା ଏକ ଭଲ ଖବର। ହିମାଳୟର ପର୍ଯ୍ୟାବରଣର ସୁରକ୍ଷା ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖକୁ ରାଜ୍ୟ ମାନ୍ୟତା ଦେବା ଦାବିରେ ସେ ଏହି ଅନଶନ ଆରମ୍ଭ କରିଥିଲେ। ତାଙ୍କ ଅନଶନ ପ୍ରତ୍ୟାହାର ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କଥାବର୍ତ୍ତା ଜାରି ରହିଥିଲା ଏବଂ ପଞ୍ଚମ ପର୍ଯ୍ୟାୟ ଆଲୋଚନା ପରେ ସେ ଅନଶନ ପ୍ରତ୍ୟାହାର କରିଛନ୍ତି। ତେବେ ଚିନ୍ତାର ବିଷୟ ହେଲା ସେ ଅନଶନ ସିନା ଭାଙ୍ଗିଛନ୍ତି; କିନ୍ତୁ ତାଙ୍କ ଦାବି ପୂରଣ ସର୍ତ୍ତ ଅବ୍ୟାହତ ରହିଛି। ସେ ସ୍ପଷ୍ଟ କରି ଦେଇଛନ୍ତି ଯେ ଲଦାଖର ସାମ୍ବିଧାନିକ ସୁରକ୍ଷା ଏବଂ ରାଜନୈତିକ ଅଧିକାର ପାଇଁ ଏହି ସଂଗ୍ରାମ ଚାଲିବ। ଲଦାଖରେ ଏବେ ମହିଳାମାନେ ଏହି ଦାବି ପୂରଣ ପାଇଁ ଗଣଅନଶନ ଆରମ୍ଭ କରିବେ ବୋଲି ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ଲଦାଖର ଏହି ଗଣଦାବି ସମ୍ପର୍କରେ ଅବଗତ ଅଛନ୍ତି। ଏବେ ଦେଶରେ ଲୋକସଭା ନିର୍ବାଚନ ପ୍ରକ୍ରିଆ ଆରମ୍ଭ ହୋଇଛି। ଭାରତୀୟ ଗଣତନ୍ତ୍ରର ଭାବମୂର୍ତ୍ତି ପାଇଁ ଏହି ସମୟରେ ଏଭଳି ଅନଶନ ଓ ପ୍ରତିବାଦ ଅନୁକୂଳ ନୁହେଁ। ୱାଙ୍ଗଚୁ ମଧ୍ୟ ଲଦାଖର ମହିଳା ଗୋଷ୍ଠୀଗୁଡ଼ିକୁ ଆନ୍ଦୋଳନର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇ କୌଣସି ଦାୟିତ୍ୱହୀନ କାମ ନ କରିବାକୁ ପରାମର୍ଶ ଦେଇଛନ୍ତି।

ଭାରତର ସଂଘୀୟ ବ୍ୟବସ୍ଥାରେ ଦେଶର କୌଣସି ଅଞ୍ଚଳ ରାଜନୈତିକ ଓ ସାମ୍ବିଧାନିକ ଅଧିକାର ପାଇଁ ଦାବି କରିବା ଅନୈତିକ ନୁହେଁ। ତେଣୁ ଲଦାଖରେ ଯେଉଁ ରାଜ୍ୟସ୍ତରୀୟ ମାନ୍ୟତା ପାଇଁ ଆନ୍ଦୋଳନ ଚାଲିଛି, ତାହା ପ୍ରତି ସ୍ଥାନୀୟ ସମର୍ଥନ ରହିବା ସ୍ୱାଭାବିକ। ତେବେ ଅନେକ ସମୟରେ ଆମେ ଜନସାଧାରଣ ଆଞ୍ଚଳିକ ବାସ୍ତବତା ଓ ସ୍ଥାନୀୟ ଅସ୍ମିତାକୁ ମାତ୍ରାଧିକ ଗୁରୁତ୍ୱ ଦେଇ ଆତ୍ମପ୍ରବଣ ହୋଇଯାଉ। ସେତେବେଳେ ଆମର ଯୁକ୍ତି, ବିଚାର ଓ କାର୍ଯ୍ୟର ଯଥାର୍ଥତା ଆମେ ରାଷ୍ଟ୍ରୀୟ ସ୍ତରରେ ଉପଲବ୍ଧି କରିପାରି ନଥାଉ। ଲଦାଖ କ୍ଷେତ୍ରରେ ସେଭଳି କିଛି ହୋଇଥିବା ମନେହୁଏ। ଲଦାଖ ଭାରତର ଉତ୍ତର-ସୀମାନ୍ତର ଶେଷତମ ଚୀନ୍ ସଂଲଗ୍ନ କ୍ଷେତ୍ର। ଏହା ସାରାବର୍ଷ ବରଫାବୃତ ରହେ ଓ ବସ୍ତୁତଃ ଏକ ଶୀତଳ ମରୁଭୂମି। ବିଶ୍ୱର ଏହା ଅନ୍ୟତମ ଉଚ୍ଚତମ ସ୍ଥାନ, ଯାହା ପାହାଡ଼ ପର୍ବତ ଘେରା। ତେବେ ଏହାର ତୁଷାର ସ୍ରୋତ ଓ ହ୍ରଦ ସବୁ ଭାରତ, ପାକିସ୍ତାନ, ଚୀନ୍, ନେପାଳ ସମେତ ବିଭିନ୍ନ ଦେଶକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଏ। ସେଥିପାଇଁ ଏହାକୁ ଏସିଆର 'ୱାଟର ଟାୱାର' ବା 'ଜଳ ମୀନାର' କୁହାଯାଏ।

ସାମରିକ ଓ ବିଦେଶ ନୀତି ରଣକୌଶଳାତ୍ମକ ଦୃଷ୍ଟିରୁ ଲଦାଖ ଭାରତ ପାଇଁ ବିଶେଷ ମହତ୍ତ୍ୱ ରଖେ। ଏହା କେନ୍ଦ୍ର-ଏସିଆକୁ ପ୍ରବେଶ ପଥ ଏବଂ ପାକିସ୍ତାନ, ଚୀନ ଓ ମଧ୍ୟ-ଏସୀୟ ରାଷ୍ଟ୍ରମାନଙ୍କର ମିଳନ ସ୍ଥଳ। ଏହା ମଧ୍ୟ ଏସିଆର ପ୍ରମୁଖ ପ୍ରାଚୀନ ବାଣିଜ୍ୟ ପଥର ଏକ କେନ୍ଦ୍ରସ୍ଥଳ। ସ୍ୱାଧୀନତା ପରଠାରୁ ଏହା ଜାମ୍ମୁ-କାଶ୍ମୀର ରାଜ୍ୟର ଏକ ଅଂଶ ଥିଲା। ଧାରା ୩୭୦ର ଉଚ୍ଛେଦ ସହିତ ଲଦାଖକୁ ମଧ୍ୟ ଜାମ୍ମୁ-କାଶ୍ମୀର ସହିତ କେନ୍ଦ୍ରଶାସିତ ଅଞ୍ଚଳର ମର୍ଯ୍ୟାଦା ପ୍ରଦାନ କରାଯାଇଛି। ଏହି ଅଞ୍ଚଳର ମୋଟ କ୍ଷେତ୍ରଫଳ ୫୯୧୪୬ ବର୍ଗ କିମି ଏବଂ ଲୋକସଂଖ୍ୟା ମାତ୍ର ତିନିଲକ୍ଷ ମଧ୍ୟରେ। ଭୌଗୋଳିକ ପ୍ରତିବନ୍ଧକ ଦୃଷ୍ଟିରୁ ଗୋଟିଏ ଗାଁରୁ ଅନ୍ୟ ଗାଁର ଦୂରତ୍ୱ ବହୁ ଅଧିକ ଏବଂ ଗମନାଗମନ ଅତ୍ୟନ୍ତ ଅସହଜ। ଲେହ ଓ କାରଗିଲ୍ ଏହାର ଦୁଇ ପ୍ରମୁଖ ଅଞ୍ଚଳ ଓ ପ୍ରଥମଟି ତାହାର ରାଜଧାନୀ। ମୋଟ ଜନସଂଖ୍ୟାର ୪୬ ଶତାଂଶ ସିଆ ମୁସଲମାନ ହୋଇଥିବା ବେଳେ ୪୦ ଶତାଂଶ ତିବ୍ବତୀୟ ବୌଦ୍ଧ। ମାତ୍ର ୧୨ ଶତାଂଶ ହିନ୍ଦୁ ଓ ଅନ୍ୟାନ୍ୟ ଧର୍ମର ୨ ଶତାଂଶ ଲୋକ ଏଠାରେ ବସବାସ କରନ୍ତି। ଚାଷ ଜମିର ଅଭାବ ଲୋକଙ୍କୁ ବାଡ଼, ବଗିଚା ଓ ଔଷଧୀୟ ବୃକ୍ଷରାଜି ଚାଷ କରିବାକୁ ବାଧ୍ୟ କରିଥାଏ। ପଶୁପାଳନ ସେଠାକାର ଲୋକମାନଙ୍କର ଆଉ ଏକ ବଡ଼ ବେଉସା। ତେବେ ଲଦାଖର ପରିବେଶ ଅତ୍ୟନ୍ତ ସ୍ପର୍ଶକାତର ଏବଂ କ୍ଷୟଶୀଳ। ସେଠାରେ କେତେକ ଅତି ଦୁର୍ମୂଲ୍ୟ ଓ ଦୁଷ୍ପ୍ରାପ୍ୟ ଖଣିଜ ସମ୍ପଦ ରହିଛି। ଏହାର ଉତ୍ତୋଳନ ଦେଶ ପାଇଁ ଦରକାରୀ ହେଲେ ମଧ୍ୟ ସ୍ଥାନୀୟ ଲୋକେ ଏହା ପରିବେଶ ସଂରକ୍ଷଣ ଅନୁକୂଳ ନୁହେଁ ବୋଲି ବିରୋଧ କରୁଛନ୍ତି। ଏହା ଅବଶ୍ୟ ଯୁକ୍ତିଯୁକ୍ତ। ଖଣି ଖନନ ଓ ଜଙ୍ଗଲ ନଷ୍ଟ ଦ୍ୱାରା ଏ ଅଞ୍ଚଳର ପରିବେଶ ଅବଶ୍ୟ କ୍ଷତିଗ୍ରସ୍ତ ହେବ।

ଏବେ ରାଜନୈତିକ ଓ ସାମ୍ବିଧାନିକ ଅଧିକାର କଥା ବିଚାର କରିବା। ସମ୍ବିଧାନର ଷଷ୍ଠ ସୂଚୀରେ ଦେଶର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ସ୍ୱୟଂଶାସନ ଦେବାର ବ୍ୟବସ୍ଥା ରହିଛି। ତଦନୁସାରେ ଆସାମ, ମେଘାଳୟ, ତ୍ରିପୁରା ଓ ମିଜୋରାମର ଅନେକ ସ୍ୱୟଂଶାସିତ ଜିଲ୍ଲା ପରିଷଦ ଗଠନ କରାଯାଇଛି। ତଦନୁସାରେ ଲଦାଖରେ ସେପରି ବ୍ୟବସ୍ଥା କରିବାରେ କିଛି ଅସୁବିଧା ନାହିଁ। କିନ୍ତୁ ପ୍ରସଙ୍ଗ ହେଉଛି ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତାଠାରୁ ଏହି ସ୍ୱୟଂଶାସିତ ଜିଲ୍ଲା ପରିଷଦ ବା ଅଞ୍ଚଳ ମାନ୍ୟତା କ'ଣ ବଡ଼ ଓ ସୁବିଧାଜନକ? ଆହୁରି ମଧ୍ୟ ମାତ୍ର ତିନିଲକ୍ଷ ଲୋକଙ୍କୁ ନେଇ କ'ଣ ଏକ ସ୍ୱୟଂସମ୍ପୂର୍ଣ୍ଣ ରାଜ୍ୟ ଗଠନ ଉଚିତ ହେବ କି?

ଏହା ହେଲେ ନୂଆ ରାଜ୍ୟ ଗଠନ ଦାବିର ଭାନୁମତୀ ପେଡ଼ି ଖୋଲିଯିବ। କେନ୍ଦ୍ର ଶାସିତ ଅଞ୍ଚଳର ସବୁ ଖର୍ଚ୍ଚ, ଲୋକଙ୍କୁ ସହାୟତା ଓ ସୁବିଧା କେନ୍ଦ୍ର ସରକାର ଯୋଗାଇଥା'ନ୍ତି। ଏହାଦ୍ୱାରା ଲୋକଙ୍କ ଜୀବନଧାରଣର ମାନ ବଢ଼ିଥାଏ। ଲଦାଖ ପାଇଁ ଅତି ବେଶୀରେ କେନ୍ଦ୍ର ସରକାର ଏକ ନିର୍ବାଚିତ ପରିଷଦ ବ୍ୟବସ୍ଥା ଶାସନ ଚଳାଇବାକୁ ଦେଇପାରନ୍ତି; ପୂର୍ଣ୍ଣାଙ୍ଗ ରାଜ୍ୟ ମାନ୍ୟତା ଦେବା ସମ୍ଭବ ନୁହେଁ। ସୁତରାଂ ଲଦାଖବାସୀ ବାସ୍ତବତାକୁ ହୃଦୟଙ୍ଗମ କରି ନିଜର ଜିଦ୍‌ରୁ ଓହରିଯିବା ଉଚିତ ହେବ। ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ରହି ରାଜନୈତିକ ଓ ପ୍ରଶାସନିକ କ୍ଷମତା ମଧ୍ୟ କେନ୍ଦ୍ରଶାସିତ ଅଞ୍ଚଳବାସୀ ପାଇପାରିବେ ତଥା ଭାରତୀୟ ମୁଖ୍ୟସ୍ରୋତରେ ସାମିଲ୍ ହୋଇ ଏକ ଅନନ୍ୟ ପରିଚିତି ବଜାୟ ରଖିପାରିବେ।

# ଗଣତନ୍ତ୍ର ଓ ଯୁବ ଭୋଟର



ଡକ୍ଟର ଅବଶ ପରିଡ଼ା
ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

ଗତ କିଛିବର୍ଷ ହେଲା ପୃଥିବୀରେ ଗଣତନ୍ତ୍ରର ସ୍ଥିତିକୁ ନେଇ ଅନେକ ରିପୋର୍ଟ ପ୍ରକାଶ ପାଇଛି। ଏହି ସବୁ ରିପୋର୍ଟରେ ଗଣତନ୍ତ୍ର, ନିର୍ବାଚନ ଓ ଅନୁଷ୍ଠାନକୁ ନେଇ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି। ଯେପରିକି, ସମଗ୍ର ବିଶ୍ୱରେ ଅନେକ ପ୍ରତିଷ୍ଠିତ ଗଣତନ୍ତ୍ର ଏବେ ବିପଦରେ। ଗତ ଦଶନ୍ଧିରେ ଗଣତାନ୍ତ୍ରିକ ଦେଶଗୁଡ଼ିକ ଧ୍ରୁବୀକରଣ ଆଡ଼କୁ ଗତି କରୁଛନ୍ତି। କୋଭିଡ୍-୧୯ ପରଠାରୁ ସମଗ୍ର ବିଶ୍ୱରେ ଗଣତନ୍ତ୍ରର ସ୍ଥିତି କୁଆଡ଼େ ଭଲ ନାହିଁ ବୋଲି ଏ ସବୁ ରିପୋର୍ଟ ଦାବି କରୁଛନ୍ତି। ଏପରିକି ରାଷ୍ଟ୍ରଗୁଡ଼ିକର ଗଣତାନ୍ତ୍ରିକ ଗୁଣ ମଧ୍ୟ ହ୍ରାସ ପାଇଥିବା ଅଭିଯୋଗ ହେଉଛି। ରାଜନୈତିକ ଅନୁଷ୍ଠାନ ଦୁର୍ବଳ ହେବା ସହିତ ନାଗରିକ ସ୍ୱାଧୀନତା ପ୍ରତି ବିପଦ ବଢ଼ୁଛି ବୋଲି କିଛି ରିପୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ରତିନିଧିମୂଳକ ସରକାର, ମୌଳିକ ଅଧିକାର, ସରକାରଙ୍କ ଉପରେ ନିୟନ୍ତ୍ରଣ, ନିରପେକ୍ଷ ପ୍ରଶାସନ ଏବଂ ସହଭାଗିତା ଭଳି ପାଞ୍ଚଟି ମାନଦଣ୍ଡକୁ ନେଇ ଗଣତନ୍ତ୍ର ଗଠିତ। ଏହାବ୍ୟତୀତ ଗଣତନ୍ତ୍ରର ମୂଳପିଣ୍ଡ ହେଉଛି ନିର୍ବାଚନ। କୁହାଯାଏ ନିର୍ବାଚନ ହେଉଛି ଗଣତନ୍ତ୍ରର ଚାବିକାଠି। କିନ୍ତୁ ଗଣତନ୍ତ୍ରକୁ ନେଇ ପ୍ରକାଶିତ କିଛି ରିପୋର୍ଟରେ ନିର୍ବାଚନୀ ସଚ୍ଚୋଟତା ଓ ନିର୍ବାଚନରେ ଏକଛତ୍ରବାଦୀ କୌଶଳ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି। ତେଣୁ ଉପରୋକ୍ତ ତଥ୍ୟ ଯଥା ସନ୍ଦେହଜନକ ନିର୍ବାଚନ ପ୍ରକ୍ରିୟା ଏବଂ ହ୍ରାସ ପାଉଥିବା ଗଣତାନ୍ତ୍ରିକ ମୂଲ୍ୟବୋଧ ଆଧାରରେ ଏହି ରିପୋର୍ଟଗୁଡ଼ିକ ଗଣତନ୍ତ୍ରର ଭବିଷ୍ୟତକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି।

ଡେଭିଡ୍ ରୁନ୍‌ସିମ୍ୟାନଙ୍କ ପୁସ୍ତକ 'ହାଓ ଡେମୋକ୍ରାସି ଏଣ୍ଡ' ସାରା ବିଶ୍ୱରେ ରାଜନୀତି ବିଜ୍ଞାନୀଙ୍କ ସବୁଠାରୁ ପୁରାତନ ଓ ଚର୍ଚ୍ଚିତ ପ୍ରସଙ୍ଗ ଉପରେ ଏକ ନୂତନ ଆଲୋଚନା। ଏହି ପୁସ୍ତକରେ ଗଣତନ୍ତ୍ର ଏବଂ ଏହାର ଅନୁଷ୍ଠାନଗୁଡ଼ିକ ପାଇଁ ସମ୍ଭାବ୍ୟ ବିପଦ ସମ୍ପର୍କରେ ଆଲୋଚନା କରାଯାଇଛି। ରୁନ୍‌ସିମ୍ୟାନ ଗଣତନ୍ତ୍ର ପାଇଁ ତିନୋଟି ମୌଳିକ ସମ୍ଭାବ୍ୟ ଆହ୍ୱାନ ବିଷୟରେ ଉଲ୍ଲେଖ କରିଛନ୍ତି। ସେଗୁଡ଼ିକ ହେଉଛି ବିଦ୍ରୋହ, ବିପର୍ଯ୍ୟୟ ଏବଂ ବୈଷୟିକ ଅଧିଗ୍ରହଣ। ଗଣତନ୍ତ୍ରରେ ଷଡ଼ଯନ୍ତ୍ର ସିଦ୍ଧାନ୍ତର ପ୍ରସାରକୁ ନେଇ ରୁନ୍‌ସିମ୍ୟାନ୍ ଚିନ୍ତିତ। ବିଦ୍ରୋହ ହେଉଛି ଏହି ସିଦ୍ଧାନ୍ତଗୁଡ଼ିକର ସବୁଠାରୁ ଜ୍ୱଳନ୍ତ ଉଦାହରଣ। ବିଗତ ୫୦ ବର୍ଷ ମଧ୍ୟରେ ଗଣତନ୍ତ୍ରକୁ ଅସ୍ଥିର କରିବା ପାଇଁ ବିଶ୍ୱ ଅନେକ ବିଦ୍ରୋହ ଦେଖିଛି। ନିକଟରେ ଗିନି, ମାଲି, ଚାଡ୍ ଆଲଜେରିଆ, ବ୍ରାଜିଲ, ତୁର୍କୀ ଓ ଚିଲି ଭଳି ଦେଶ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ଯୁଦ୍ଧ, ପ୍ରାକୃତିକ ବିପର୍ଯ୍ୟୟ, ଜୈବିକ ଅସ୍ତ୍ରର ବ୍ୟବହାର ଭଳି ବିପର୍ଯ୍ୟୟ ମଧ୍ୟ ଗଣତନ୍ତ୍ର ପାଇଁ ବିପଦ। କଙ୍ଗୋ, ୟେମେନ, ସିରିଆ ଓ ୟୁକ୍ରେନ ଭଳି ଗଣତାନ୍ତ୍ରିକ ଦେଶ ସବୁ ଯୁଦ୍ଧ ପାଇଁ ବିନାଶ ହୋଇଯାଇଛି। କିନ୍ତୁ ଡେଭିଡ୍ ରୁନ୍‌ସିମ୍ୟାନଙ୍କ ମତରେ ବୈଷୟିକ ଅଧିଗ୍ରହଣ ଯଥା ରୋବଟ୍, ଏଆଇ, ମେଟା ଡାଟା ଏବଂ ସୋସିଆଲ ମିଡିଆ ଗଣତନ୍ତ୍ର ପାଇଁ ଭୟଙ୍କର ବିପଦ। ଗଣତନ୍ତ୍ରକୁ ବିନାଶ କରିବା ପାଇଁ ଏବେ ଅସ୍ତ୍ର ବିଦ୍ରୋହର ଆବଶ୍ୟକତା ନାହିଁ। ବୈଷୟିକ ଜ୍ଞାନ ଦ୍ୱାରା ନିର୍ବାଚନକୁ ନିୟନ୍ତ୍ରଣ ଓ ମତଦାନ ଆଚରଣରେ ପରିବର୍ତ୍ତନ ହିଁ ଗଣତନ୍ତ୍ର ପାଇଁ ଦୁଃଖ।

ଡେଭିଡ୍ ରୁନ୍‌ସିମ୍ୟାନଙ୍କ ମତରେ ସମଗ୍ର ବିଶ୍ୱରେ ଗଣତନ୍ତ୍ର ମଧ୍ୟ ଜୀବନସଙ୍କଟ ଦେଇ ଗତି କରୁଛି। ଏହି ସଙ୍କଟରୁ ଗଣତନ୍ତ୍ରର ଅବକ୍ଷୟ ଏବଂ ଏହାର ସ୍ୱତଃସ୍ଫୂର୍ତ୍ତତା ସମ୍ପର୍କରେ ବୁଝିବା ଆବଶ୍ୟକ। ଯୁବପିଢ଼ିଙ୍କ ମନୋଭାବ ଓ ଆଚରଣ ହିଁ ଗଣତନ୍ତ୍ରକୁ ରକ୍ଷା କରିପାରିବ। ଯଦି ଯୁବପିଢ଼ିଙ୍କୁ ନେଇ ରୁନ୍‌ସିମ୍ୟାନଙ୍କ ବିଶ୍ଳେଷଣ ଠିକ୍, ତେବେ ଏହା ଭାରତ ପାଇଁ ଶୁଭଙ୍କର। ଚଳିତ ବର୍ଷ ଲୋକସଭା ନିର୍ବାଚନର ଚୂଡ଼ାନ୍ତ ଭୋଟର ତାଲିକା ଅନୁଯାୟୀ ଏଥର ଭାରତରେ ୯୭ କୋଟି ଭୋଟର ମତଦାନ କରିବାକୁ ଯାଉଛନ୍ତି।



ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେମାନଙ୍କ ମଧ୍ୟରୁ ୨୧.୫ କୋଟି ୨୯ ବର୍ଷରୁ କମ୍ ବୟସ ବର୍ଗର। ପ୍ରଥମ ଥର ପାଇଁ ଭୋଟ ଦେଉଥିବା ଭୋଟର ସଂଖ୍ୟା ପ୍ରାୟ ୧.୮୫ କୋଟି। ଏକ ସର୍ବେକ୍ଷଣ ଅନୁଯାୟୀ, ପ୍ରାୟ ୩୦% 'ଜେନେରେସନ ଜୀ' (୧୯୯୭ ରୁ ୨୦୧୨ ମଧ୍ୟରେ ଜନ୍ମ ଗ୍ରହଣ କରିଥିବା ଯୁବକ ଓ ଯୁବତୀ) ନିର୍ବାଚନରେ ମତଦାନ କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। କିନ୍ତୁ ସମାଜବିଜ୍ଞାନୀଙ୍କ ମତରେ ଶକ୍ତିଶାଳୀ ଗଣତନ୍ତ୍ର, ମଜବୁତ ସଂଘୀୟ ବ୍ୟବସ୍ଥା ଏବଂ ଉତ୍ତରଦାୟୀ ସରକାର ସୁନିଶ୍ଚିତ କରିବାରେ ନୂତନ ଭୋଟରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥାର ଦୀର୍ଘଜୀବନ ପାଇଁ ସେମାନଙ୍କ ଅଂଶଗ୍ରହଣ ଜରୁରୀ। ନୂତନ ଭୋଟର ଓ ଯୁବଭୋଟର ନିର୍ବାଚନ ପ୍ରକ୍ରିୟାରେ ନୂଆ ଦୃଷ୍ଟିକୋଣ, ପରିବର୍ତ୍ତନ ଓ ବିବିଧ ଚିନ୍ତାଧାରା ଆଣିଥା'ନ୍ତି।

ସ୍ମାର୍ଟ ଫୋନ, ଏଆଇ ଓ ସୋସିଆଲ ମିଡିଆ ଯୁଗରେ ନିର୍ବାଚନ ପ୍ରତି ଯୁବଧାରଣାର ମତାମତକୁ ବିଶ୍ଳେଷଣ କରିବା ପାଇଁ 'ବମ୍ବଲ' ପକ୍ଷରୁ ଏକ ସର୍ବେକ୍ଷଣ କରାଯାଇଥିଲା। ଏହି ସର୍ବେକ୍ଷଣର ତଥ୍ୟ ଅନୁଯାୟୀ, ୩୯% ଭାରତୀୟ ଦର୍ଶାଇଛନ୍ତି ଯେ ନିଜ ଡେଟିଂ ଆପ୍ ପ୍ରୋଫାଇଲରେ ସେମାନେ ରାଜନୈତିକ ସମ୍ପୃକ୍ତି କଥା ଉଲ୍ଲେଖ କରିଛନ୍ତି। ସେହିପରି ସର୍ବେକ୍ଷଣରେ ଭାଗ ନେଇଥିବା ୪୧% ଭାରତୀୟଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଯେ ସେମାନଙ୍କର ସାଥୀ ସକ୍ରିୟ ଭାବରେ ରାଜନୀତିରେ ନିୟୋଜିତ ହୁଅନ୍ତୁ ଏବଂ ସେମାନଙ୍କର ମତଦାନ ଅଧିକାର ସାବ୍ୟସ୍ତ କରନ୍ତୁ। ଏହି ଅଧ୍ୟୟନରୁ ଏହା ମଧ୍ୟ ଜଣାପଡ଼ିଛି ଯେ ସର୍ବେକ୍ଷଣରେ ସାମିଲ ହୋଇଥିବା ୭୭% ଭାରତୀୟ ନିର୍ବାଚନରେ ଭୋଟ ଦେଉଥିବା ବ୍ୟକ୍ତିଙ୍କୁ ଆକର୍ଷଣୀୟ ବୋଲି ବିଚାର କରନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ସମ୍ଭାବ୍ୟ ରୋମାଣ୍ଟିକ୍ ସମ୍ପର୍କ ବିଷୟରେ ଚିନ୍ତା କରିବା ସମୟରେ ପୁରୁଷଙ୍କ ତୁଳନାରେ ଅଧିକ ଭାରତୀୟ ମହିଳା ବ୍ୟକ୍ତିଙ୍କ ରାଜନୈତିକ ମତକୁ ପ୍ରାଥମିକତା ଦିଅନ୍ତି। ଏକ ସକାରାତ୍ମକ ଦିଗରେ ବୁଝିବାକୁ ହେଲେ ଭାରତୀୟ ଯୁବପିଢ଼ିଙ୍କ ପାଇଁ ସେମାନଙ୍କ ଭାବନା ଓ ସମ୍ପର୍କ ସହ ନିର୍ବାଚନ ଓ ଗଣତନ୍ତ୍ର ଜଡ଼ିତ।

ସୋସିଆଲ ମିଡିଆର ଭୂମିକା, ଡିପ୍ ଫେକ୍ ଭିଡିଓ, ଭ୍ରମାତ୍ମକ ଓ ନକାରାତ୍ମକ ଏଆଇର ବ୍ୟବହାର ଯୁବ ଭୋଟରଙ୍କ ମନକୁ ପ୍ରଭାବିତ କରିପାରେ। ନିର୍ବାଚନ ସମୟରେ ସୋସିଆଲ ମିଡିଆର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେରିକା ଓ ଭାରତ ଭଳି ଦେଶରେ ସୋସିଆଲ ମିଡିଆ ଆଶାଠାରୁ ଅଧିକ ରାଜନୈତିକ ମତାମତକୁ ସକ୍ରିୟ କରିଆସୁଛନ୍ତି। ଅନ୍ୟଦିଗରେ ସୋସିଆଲ ମିଡିଆର ଫେକ୍ ନ୍ୟୁଜ୍, ବିଜ୍ଞାପନ, ଭୁଲ ସୂଚନା, ଘୃଣ୍ୟ ଭାଷଣ ଓ ଧ୍ରୁବୀକରଣ ସହ ବିଶାଳ ଅନୁଗାମୀଙ୍କୁ ନକାରାତ୍ମକ ଭାବେ ମାର୍ଗଦର୍ଶନ କରୁଛନ୍ତି। ଏହା ସୋସିଆଲ ମିଡିଆରେ ଏକ ଟ୍ରେଣ୍ଡ। ୨୦୧୯ ସାଧାରଣ ନିର୍ବାଚନରେ ହ୍ୱାଟ୍ସଆପ୍‌ର ଭୂମିକାକୁ ନେଇ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ନିର୍ବାଚନ ସମୟରେ ମିଥ୍ୟା ଖବର ପ୍ରସାର, ଆତଙ୍କ ଓ ହିଂସା ସୃଷ୍ଟି କରିବା ପାଇଁ ହ୍ୱାଟ୍‌ସ ଆପ୍ ପ୍ରଥମ ପସନ୍ଦ ବୋଲି ରିପୋର୍ଟରେ ଉଲ୍ଲେଖ ଥିଲା। କିଛିଦିନ ତଳେ ୟୁଗଭ-ମିଣ୍ଟ-ସିପିଆର ଦ୍ୱାରା କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଚାଳିଶ ପ୍ରତିଶତ ଯୁବଗୋଷ୍ଠୀ ଆମ ଗଣତନ୍ତ୍ର ଉପରେ ଆସ୍ଥା ପ୍ରକଟ କରନ୍ତି ଏବଂ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ନିର୍ବାଚନ ହେଲେ ଗଣତନ୍ତ୍ର ଅଧିକ ଶକ୍ତିଶାଳୀ ହେବ ବୋଲି ବିଶ୍ୱାସ ମଧ୍ୟ ରଖନ୍ତି। ଏହି ସର୍ବେକ୍ଷଣର ମୁଖ୍ୟ ତଥ୍ୟ ହେଉଛି ଯେ ୩୫% ଯୁବପିଢ଼ି ହ୍ୱାଟ୍ସଆପ୍‌ରେ ବନ୍ଧୁ କିମ୍ବା ପରିବାର ଦ୍ୱାରା ପଠାଯାଇଥିବା ରାଜନୈତିକ ସୂଚନା ଉପରେ ଭଲ କିମ୍ବା ମଧ୍ୟମ ବିଶ୍ୱାସ ରଖିଛନ୍ତି ଏବଂ ୬୦ ପ୍ରତିଶତ ଖବରକାଗଜ ଓ ସରକାରୀ ସୂତ୍ର ଉପରେ ଆସ୍ଥା ପ୍ରକଟ କରିଛନ୍ତି।

ପ୍ରଥମ ଥର- ମତଦାତାଙ୍କୁ ତାଲିକାଭୁକ୍ତ ଏବଂ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ନିୟମିତ ଭୋଟର ପଞ୍ଜିକରଣ ଅଭିଯାନକୁ ଏକ ଆନ୍ଦୋଳନ ଭାବେ ଭାବରେ ବିବେଚନା କରି ନୂତନ ଭୋଟରଙ୍କୁ ପଞ୍ଜୀକୃତ କରାଯାଉଛି। ପ୍ରଥମ ଥର- ମତଦାତାଙ୍କ ପାଇଁ ନିର୍ବାଚନ ଆୟୋଗ ପଞ୍ଜିକରଣ ପ୍ରକ୍ରିୟାକୁ ସରଳ, ସୁଲଭ ଏବଂ ଉପଭୋକ୍ତା ଅନୁକୂଳ କରିଛି। ଭାରତୀୟ ନିର୍ବାଚନ ଆୟୋଗ ପ୍ରଥମ ଥର-ମତଦାତାଙ୍କ ନିମନ୍ତେ ସ୍ୱତନ୍ତ୍ର ବର୍ଗ, ଯେପରିକି ଭିନ୍ନକ୍ଷମ ଓ ତୃତୀୟ ଲିଙ୍ଗୀଙ୍କୁ ପଞ୍ଜିକରଣର ସୁବିଧା ଯୋଗାଇଛନ୍ତି। ଉଦାହରଣ ସ୍ୱରପ, ଦୃଷ୍ଟିହୀନ ଭୋଟରଙ୍କ ପାଇଁ ବ୍ୟାଲଟ୍ ୟୁନିଟ୍‌ରେ 'ବ୍ରେଲ୍-ସକ୍ଷମ ସ୍କ୍ରିପ୍ଟ'ର ବ୍ୟବହାର କରାଯାଉଛି। ଏହାଦ୍ୱାରା ବ୍ୟକ୍ତିବିଶେଷ ନିଜ ଗୋପନୀୟତା ଓ ନିରପେକ୍ଷତା ବଜାୟ ରଖି ଘରେ ବସି ଭୋଟ ଦେଇପାରିବେ। ସେହିପରି ଭୋଟର ଶିକ୍ଷାର ମହତ୍ତ୍ୱକୁ ଭାରତୀୟ ନିର୍ବାଚନ ଆୟୋଗ ଅତି ଗମ୍ଭୀରତା ସହ ନେଇଛନ୍ତି। ଶୃଙ୍ଖଳିତ ଭୋଟରଶିକ୍ଷା ଏବଂ ନିର୍ବାଚନ ଅଂଶଗ୍ରହଣ (ଏସଭିଇଇପି) କାର୍ଯ୍ୟକ୍ରମ ମାଧ୍ୟମରେ ଭୋଟର ସଚେତନତା ଓ ଭୋଟର ସାକ୍ଷରତାକୁ ତ୍ୱରାନ୍ୱିତ କରିବା ସହ ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଭଳି କାର୍ଯ୍ୟକ୍ରମ ଭାରତୀୟ ନିର୍ବାଚନ ଆୟୋଗ ନିୟମିତ ପରିଚାଳନା କରୁଛନ୍ତି। ମତଦାନ ଅଧିକାର, ଦାୟିତ୍ୱ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ନିର୍ବାଚନ କମିଶନ ଗଣମାଧ୍ୟମ, ଶିକ୍ଷାନୁଷ୍ଠାନ ଏବଂ ନାଗରିକ ସମାଜ ସହ ସମ୍ପୃକ୍ତ ହୋଇଛନ୍ତି।

ଭାରତୀୟ ନିର୍ବାଚନ ଆୟୋଗ ଏହାର ଭୋଟର ହେଲ୍ପଲାଇନ ଆପ୍ଲିକେସନ୍ (ଭିଏଚ୍ଏ) ମୋବାଇଲ୍ ଆପ୍ ଆରମ୍ଭ କରିଛନ୍ତି। ଏହା ଏକ ଡିଜିଟାଲ ପ୍ଲାଟଫର୍ମ, ଯାହା ଭୋଟର ସମ୍ବନ୍ଧୀୟ ସମସ୍ତ ପ୍ରଶ୍ନର ଉତ୍ତର ଦେବା ପାଇଁ ପ୍ରସ୍ତୁତ କରାଯାଇଛି। ସେହିପରି ପଶ୍ଚିମବଙ୍ଗ ରାଜ୍ୟପାଳ ସିଭି ଆନନ୍ଦ ବୋଷ ମତଦାନ ସମୟରେ ଲୋକଙ୍କ ସହ ଯୋଡ଼ି ରହିବା ପାଇଁ ଏକ ଉତ୍ସର୍ଗୀକୃତ ପୋର୍ଟାଲ 'ଲଗ୍ ସଭା'ର ଶୁଭାରମ୍ଭ କରିଛନ୍ତି। ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ, ନ୍ୟାକ ଓ ୟୁଜିସି ନୂତନ ଭୋଟରଙ୍କ ପାଇଁ ଦେଶବ୍ୟାପୀ 'ମେରା ପେହେଲା ଭୋଟ ଦେଶ କେ ଲିୟେ' କାର୍ଯ୍ୟକ୍ରମ କରୁଛନ୍ତି। ପ୍ରଥମ ଥର -ମତଦାନ କରୁଥିବା ଭୋଟରଙ୍କ ମଧ୍ୟରେ ନାଗରିକ କର୍ତ୍ତବ୍ୟ ଓ ଜାତୀୟ ଗୌରବର ଭାବନା ଜାଗ୍ରତ କରିବା ଏହି ପଦକ୍ଷେପର ଲକ୍ଷ୍ୟ। ନାଗରିକ ଶିକ୍ଷାରେ ପୁଞ୍ଜିନିବେଶ କରିବା ଏବଂ ରାଜନୈତିକ ପ୍ରକ୍ରିୟାରେ ଯୁବଗୋଷ୍ଠୀଙ୍କ ଅର୍ଥପୂର୍ଣ୍ଣ ଅଂଶଗ୍ରହଣ ପାଇଁ ସୁଯୋଗ ସୃଷ୍ଟି କରିବାର ଆବଶ୍ୟକତା ଅତ୍ୟନ୍ତ ଗୁରତ୍ୱପୂର୍ଣ୍ଣ। ଭାରତରେ ଅଧିକ ଅନ୍ତର୍ଭୁକ୍ତୀ ଗଣତନ୍ତ୍ରରେ ଯୋଗଦାନ ପାଇଁ ନୂତନ ଭୋଟରଙ୍କ ସଚେତନତା ଓ ସକ୍ରିୟ ଅଂଶଗ୍ରହଣ ଅତ୍ୟନ୍ତ ଜରୁରୀ। ଭୋଟ୍ କେବଳ ବାଲଟ୍ ପେପରରେ ଏକ ଚିହ୍ନ ନୁହେଁ; ଏହା ଏକ ସ୍ୱର ହେବା ଉଚିତ, ଯାହା ଆମ ଦେଶର ଭବିଷ୍ୟତକୁ ନିର୍ଦ୍ଧାରଣ କରିବ।

# ଦିଲ୍ଲୀ ମଦ ଦୁର୍ନୀତି ବନାମ ସ୍ୱଚ୍ଛ ରାଜନୀତି



ଦେବେନ୍ଦ୍ର ନାଥ ରାଉତ
ନୂଆଦିଲ୍ଲୀ, ମୋ: ୯୩୫୦୧୨୭୩୭୦

ସାମ୍ପ୍ରତିକ ସମୟରେ ଦିଲ୍ଲୀର ରାଜନୈତିକ ପରିସ୍ଥିତି ସାରାଦେଶ ପାଇଁ ଉତ୍କଣ୍ଠାର କେନ୍ଦ୍ର ବିନ୍ଦୁ ପାଲଟିଛି। ପାରମ୍ପରିକ ରାଜନୈତିକ ବ୍ୟବସ୍ଥାକୁ ଦୃଢ଼ ସମାଲୋଚନା କରି ମହାତ୍ମା ଗାନ୍ଧୀଙ୍କ ମାର୍ଗରେ ଶାନ୍ତିପୂର୍ଣ୍ଣ ଧାରଣା ପ୍ରଦର୍ଶନ ଦ୍ୱାରା ଦୁର୍ନୀତିକୁ ସମୂଳେ ବିନାଶ କରି ଦେଶରେ ରାଜନୀତିର ଏକ ନବକଳେବର ଆଣିବା ପାଇଁ ପ୍ରତିଷ୍ଠିତ ରାଜନୈତିକ ଦଳ ଆମ ଆଦମି ପାର୍ଟି (ଆପ୍) ଆଜି ଦୁର୍ନୀତିର ଜାଲରେ ଛନ୍ଦି ହୋଇଯାଇଛି। ସାଧାରଣ ଜନତାଙ୍କ ପାଇଁ ଯାହା ଏକ ସମ୍ଭାବନାର ଉତ୍ସ ମନେ ହେଉଥିଲା, ତାହା ଆଜି ଏକ ପ୍ରଶ୍ନବାଚୀ ରୂପରେ ପ୍ରତୀୟମାନ ହେଉଛି। ଜାତୀୟସ୍ତରରେ ଏହି ସର୍ବକନିଷ୍ଠ ରାଜନୈତିକ ଦଳଟିର ଗଳାର କଣ୍ଟା ହୋଇଛି ଦିଲ୍ଲୀ ସରକାରଙ୍କ ନୂଆ ଅବକାରୀ ନୀତି। ଏହି ନୂଆ ଅବକାରୀ ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରିଛି। ଏହାପୂର୍ବରୁ ଦିଲ୍ଲୀର ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ, ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ, ସାଂସଦ ସଞ୍ଜୟ ସିଂ, 'ଆପ୍' ଯୋଗାଯୋଗ ଦାୟିତ୍ୱରେ ଥିବା ବିଜୟ ନାୟାର ଗିରଫ ହୋଇ ଜେଲରେ ରହିଛନ୍ତି। ଆଜି ପର୍ଯ୍ୟନ୍ତ ଦିଲ୍ଲୀ, ହାଇଦ୍ରାବାଦ, ଚେନ୍ନାଇ, ମୁମ୍ବାଇ ଏବଂ ଅନ୍ୟାନ୍ୟ ସ୍ଥାନ ସମେତ ୨୪୫ଟି ସ୍ଥାନରେ ଏହି ମାମଲାରେ ଇଡି ଚଢ଼ାଉ କରି ପ୍ରାୟ ୧୫ ଜଣଙ୍କୁ ଗିରଫ କରିଛି।

ପ୍ରଥମେ ଜାଣିବା ଆବଶ୍ୟକ ଏହି ସଂଶୋଧିତ ଅବକାରୀ ନୀତି କ'ଣ! ନଭେମ୍ବର ୨୦୨୧ରେ ଆରମ୍ଭ ହୋଇଥିବା ନୂଆଦିଲ୍ଲୀ ଅବକାରୀ ନୀତି ୨୦୨୧-୨୨ ମାଧ୍ୟମରେ ରାଜଧାନୀରେ ମଦ ଖୁଚୁରା ବେପାରରେ ସୁଧାର ଆଣିବା ସହିତ ରାଜ୍ୟ ପାଇଁ ରାଜସ୍ୱ ବୃଦ୍ଧି କରିବା, ନକଲି ମଦ ବିକ୍ରିକୁ ମୁକାବିଲା କରିବା ଏବଂ ଗ୍ରାହକଙ୍କ ଅଭିଜ୍ଞତାକୁ ଉତ୍ତମ କରିବା ଥିଲା ମୂଳ ଲକ୍ଷ୍ୟ। ସଂଶୋଧିତ ନୀତିର ଏକ ପ୍ରମୁଖ ବିଷୟ ହେଲା ମଦ ଖୁଚୁରା ବ୍ୟବସାୟରେ ପ୍ରତ୍ୟକ୍ଷ ଯୋଗଦାନରୁ ରାଜ୍ୟ ସରକାରଙ୍କୁ ପ୍ରତ୍ୟାହାର କରିବା। ଏକ ସୁରକ୍ଷିତ ଏବଂ ଅଧିକ ବ୍ୟବସ୍ଥିତ ବିକ୍ରୟ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇ ଗ୍ରାହକମାନଙ୍କୁ 'ବ୍ରାଣ୍ଡ'ର ଏକ ବ୍ୟାପକ ଧରଣର ସୁଯୋଗ ପ୍ରଦାନ କରିବା ସହିତ ମଦ ବିକ୍ରେତାମାନଙ୍କର ବୃଦ୍ଧି ହେବାର କଳ୍ପନା କରାଯାଇଥିଲା। ଏହି ନୀତିରେ ମଦ୍ୟପାନର ବୟସକୁ ୨୫ ରୁ ୧୮ କୁ ହ୍ରାସ କରିବାକୁ ପ୍ରସ୍ତାବ ଦିଆଯାଇଥିଲା, ଯାହା ଆଇନଗତ ପ୍ରତିବନ୍ଧକ ହେତୁ ଏହି ଦିଗଟି କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏହି ବିଲ୍ ବିରୋଧରେ ବିଜେପି ଏବଂ କଂଗ୍ରେସ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଅଭିଯୋଗ ହୋଇଥିଲା ଯେ ସରକାର ଟଙ୍କା ବଦଳରେ ସମସ୍ତ ଲାଇସେନ୍ସ ବିକ୍ରି କରିଛନ୍ତି ଏବଂ ସରକାର ଅବକାରୀ ବିଭାଗକୁ ବେସରକାରୀ ବ୍ୟକ୍ତି ଏବଂ ବ୍ୟବସାୟ ସଂସ୍ଥାକୁ ସମ୍ପୂର୍ଣ୍ଣ ଭାବେ ହସ୍ତାନ୍ତର କରିଛନ୍ତି। ମଦ ଲାଇସେନ୍ସଧାରୀମାନଙ୍କୁ ନିଜ ଇଚ୍ଛାନୁସାରେ ସମ୍ପ୍ରସାରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ବିରୋଧୀ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ ନୂତନ ନୀତିଗୁଡ଼ିକ ଅବକାରୀ ନୀତିର ବିରୋଧ କରୁଛି ଏବଂ ବ୍ୟବସାୟୀମାନଙ୍କୁ ସେମାନଙ୍କ ଇଚ୍ଛା ଅନୁଯାୟୀ ୩୦ କୋଟି ରିହାତି ପ୍ରଦାନ କରାଯାଇଛି। ଏହାର ନିରପେକ୍ଷ ଅନୁସନ୍ଧାନ ପାଇଁ ଉଭୟ ପକ୍ଷ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ହସ୍ତକ୍ଷେପ ଲୋଡ଼ିଥିଲେ। ଶେଷରେ ଅଗଷ୍ଟ ୧, ୨୦୨୨ ରେ ଏହି ବିଲ୍‌କୁ ବାତିଲ କରିଦିଆଯାଇଥିଲା। ଦିଲ୍ଲୀ ସରକାରଙ୍କ ମୁଖ୍ୟ ଶାସନ ସଚିବ ନରେଶ କୁମାର ଦିଲ୍ଲୀ ସରକାର ଆଣିଥିବା ନୀତିକୁ ବିରୋଧ କରି ଜୁଲାଇ ୨୦୨୨ ରେ ଲେଫ୍ଟନାଣ୍ଟ ଗଭର୍ଣ୍ଣର (ଏଲ-ଜି) ବିନୟ କୁମାର ସାକ୍‌ସେନାଙ୍କୁ ଏହି ନୀତିର ଉଲ୍ଲଂଘନ ବିଷୟରେ ଜଣାଇଥିଲେ, ଯାହା କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ଦ୍ୱାରା ଯାଞ୍ଚ ପାଇଁ ସୁପାରିସ କରାଯାଇଥିଲା। ଏହାର ଯାଞ୍ଚ ଦାୟିତ୍ୱ ଗ୍ରହଣ କରି ଇଡି ଅଭିଯୋଗ କରିଛି ଯେ 'ଆପ୍' ନେତାମାନଙ୍କୁ ସମର୍ଥନ କରିବା ଏବଂ କାର୍ଟେଲ ଗଠନକୁ ପ୍ରୋତ୍ସାହିତ କରିବା ପାଇଁ ଏହି ନୀତି ଉଦ୍ଦେଶ୍ୟମୂଳକ ଭାବେ ପରିକଳ୍ପନା କରାଯାଇଛି। ଏଥିରେ 'ଆପ୍' ନେତାମାନେ ମଦ ବ୍ୟବସାୟରୁ ରିହାତି, ଲାଇସେନ୍ସ ଶୁଳ୍କ ଛାଡ଼ ଏବଂ କୋଭିଡ-୧୯ ମହାମାରୀ ସମୟରେ ରିଲିଫ୍ ଭଳି ମଦ ବ୍ୟବସାୟରୁ ପିସି ଗ୍ରହଣ କରିଥିବା ଅଭିଯୋଗ କରିଛି। ଇଡି ଆହୁର ମଧ୍ୟ ଅଭିଯୋଗ କରିଛି ଯେ ଏହି ନୀତିରେ ବେସରକାରୀ ସଂସ୍ଥାକୁ ପାଇକାରୀ ମଦ ବ୍ୟବସାୟରେ ୧୨% ସ୍ଥିର ଲାଭାଂଶ ପ୍ରଦାନ କରାଯାଇଛି, ଯେଉଁଥିରେ ୬% ଦେୟ 'ଆପ' ପାଇଁ ଉଦ୍ଦିଷ୍ଟ। ଏଥିସହ ସେମାନେ ୨୦୨୨ ପ୍ରାରମ୍ଭରେ ପଞ୍ଜାବ ଏବଂ ଗୋଆରେ ଅନୁଷ୍ଠିତ ନିର୍ବାଚନକୁ ଏହି ଅର୍ଥ ଦ୍ୱାରା ପ୍ରଭାବିତ କରିଥିବା ଅଭିଯୋଗ ହୋଇଛି।

ଇଡିର ସନ୍ଦେହ ଘେରରେ କେବଳ 'ଆପ୍'ର ସଭ୍ୟମାନେ ସୀମିତ ନୁହନ୍ତି। ନିକଟରେ ନୂଆଦିଲ୍ଲୀ ଅବକାରୀ ନୀତିରୁ ଲାଭ ପାଇବା ପାଇଁ ଭାରତର ରାଷ୍ଟ୍ରୀୟ ସମିତି (ବିଆରଏସ) ନେତା କେ କବିତାଙ୍କୁ ଶୀର୍ଷ 'ଆପ୍' ନେତାମାନଙ୍କୁ ୧୦୦ କୋଟି ଟଙ୍କା ଦେଇଥିବା ଅଭିଯୋଗରେ ଗିରଫ କରାଯାଇଛି।

ଏବେ ଦେଖିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ କ'ଣ ଅଭିଯୋଗ ରହିଛି! ଇଡି ଦ୍ୱାରା ଦାଖଲ ହୋଇଥିବା ଚାର୍ଜସିଟରେ କେଜ୍ରିୱାଲଙ୍କ ନାମ ଏକାଧିକ ଥର ଉଲ୍ଲେଖ କରାଯାଇଛି। ଅବକାରୀ ନୀତି ଗଠନ ପାଇଁ ଅଭିଯୁକ୍ତ କେଜ୍ରିୱାଲଙ୍କ ସହ ଯୋଗାଯୋଗ କରିଥିବା ଏଜେନ୍ସି ଅଭିଯୋଗ କରିଛି। ଇଡି ଦୃଢ଼ୋକ୍ତି ପ୍ରକାଶ କରିଛି ଯେ ଅବକାରୀ ନୀତିରେ ଆପ ନେତାମାନେ ୧୦୦ କୋଟି ଟଙ୍କା ମୂଲ୍ୟର କିକବ୍ୟାକ୍ ପାଇଛନ୍ତି। କେଜ୍ରିୱାଲ ନିଜେ ମୁଖ୍ୟ ଅଭିଯୁକ୍ତଙ୍କ ସହ ଜଡ଼ିତ ଥିଲେ ଏବଂ ଏହି ମାମଲାରେ ଜଡ଼ିତ ଅନ୍ୟମାନଙ୍କ ସହ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଅକ୍ଟୋବର ୨୦୨୩ ରୁ ମାର୍ଚ୍ଚ ୨୦୨୪ ମଧ୍ୟରେ ନଅଟି ସମନ ଗ୍ରହଣ କରିବା ସତ୍ତ୍ୱେ ସେ ଇଡି ପାଖରେ ସାକ୍ଷ୍ୟ ଦେବା ପାଇଁ ହାଜର ହୋଇ ନ ଥିଲେ। ଗିରଫଦାରୀରୁ ରକ୍ଷା ପାଇଁ ତାଙ୍କ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ପ୍ରତ୍ୟାଖ୍ୟାନ କରିବା ପରେ କେଜ୍ରିୱାଲଙ୍କୁ ମାର୍ଚ୍ଚ ୨୧ ତାରିଖ ସନ୍ଧ୍ୟାରେ ଗିରଫ କରାଯାଇଥିଲା। ଇଡି ଅଭିଯୋଗ କରିଛି ଯେ କେଜ୍ରିୱାଲ 'ଦକ୍ଷିଣ ଗୋଷ୍ଠୀ' ଏବଂ ମଦ ଦୁର୍ନୀତିରେ ଅଭିଯୁକ୍ତଙ୍କ ମଧ୍ୟରେ ମଧ୍ୟସ୍ଥି ଭାବରେ କାର୍ଯ୍ୟ କରିଥିଲେ। ଦିଲ୍ଲୀ ଅବକାରୀ ନୀତି ପ୍ରସ୍ତୁତ ଏବଂ କାର୍ଯ୍ୟକାରୀ କରିବା ପାଇଁ ସେ ଏହି ଗୋଷ୍ଠୀରୁ କିକବ୍ୟାକ୍ ଭାବରେ ଅନେକ କୋଟି ଟଙ୍କା ପାଇଥିଲେ ବୋଲି ଇଡି ଅଭିଯୋଗ କରିଛି।

ଦିଲ୍ଲୀର ମୁଖ୍ୟମନ୍ତ୍ରୀଙ୍କ ଗିରଫଦାରୀକୁ ସମସ୍ତ ବିରୋଧୀ ଦଳ ଭାରତୀୟ ଜନତା ପାର୍ଟିକୁ ଦାୟୀ କରିବା ସହିତ ଏହା ଅତ୍ୟନ୍ତ ନିଷ୍ଠୁର ଏବଂ ସାଧାରଣ ନିର୍ବାଚନ ପୂର୍ବରୁ ସମସ୍ତ ବିରୋଧୀ ସ୍ୱରକୁ ନିରବ କରିବା ପାଇଁ ଏକ ଷଡ଼ଯନ୍ତ୍ର ବୋଲି ମତ ପ୍ରକାଶ କରିଛନ୍ତି। ଏଥିସହିତ ୱାଶିଂଟନ୍ ପୋଷ୍ଟ, ବିବିସି, ଦି ନ୍ୟୁୟର୍କ ଟାଇମ୍ସ ଏବଂ ଅନ୍ୟାନ୍ୟ ପ୍ରମୁଖ ଅନ୍ତର୍ଜାତୀୟ ଗଣମାଧ୍ୟମ ସଂଗଠନଗୁଡ଼ିକ ଦେଶରେ ସାଧାରଣ ନିର୍ବାଚନ ପୂର୍ବରୁ ଏହି କାର୍ଯ୍ୟାନୁଷ୍ଠାନକୁ ଏକ ପ୍ରଶ୍ନବାଚୀ ସୃଷ୍ଟିକାରୀ ମୁଖ୍ୟ ଖବର ଭାବରେ ପ୍ରକାଶ କରିଛନ୍ତି। ଦୁର୍ନୀତିକୁ ରାଜନୀତିରୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ସୃଷ୍ଟି ହୋଇଥିବା ରାଜନୈତିକ ଦଳ ସେହି ଦୁର୍ନୀତିର ମାୟାଜାଲରେ ଛନ୍ଦି ହୋଇଯିବା ଅତ୍ୟନ୍ତ ପରିତାପର ବିଷୟ। ସ୍ୱାଧୀନତାର ୭୫ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ଜଣେ କାର୍ଯ୍ୟରତ ମୁଖ୍ୟମନ୍ତ୍ରୀଙ୍କୁ ଦୁର୍ନୀତି ଅଭିଯୋଗରେ ଗିରଫ କରାଯାଇଛି ଓ ଏହା ମଧ୍ୟ ଅନ୍ୟ ଏକ ବିଡ଼ମ୍ବନା ଯେ ଅଭିଯୁକ୍ତ ମୁଖ୍ୟମନ୍ତ୍ରୀ ଜେଲରୁ ରାଜ୍ୟ ଶାସନ କରିବା ପାଇଁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# କେଜ୍ରିୱାଲଙ୍କୁ ମିଳିଲାନି ଅନ୍ତରୀଣ ସୁରକ୍ଷା

ନୂଆଦିଲ୍ଲୀ,୨୭।୩(ଏଜେନ୍ସି)

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିପାରି ନାହିଁ। ଅବକାରୀ ଦୁର୍ନୀତି ମାମଲାରେ ଇଡି ଦ୍ୱାରା ଗିରଫ ହୋଇ ବର୍ତ୍ତମାନ ବିଭାଗୀୟ ହେପାଜତରେ ଥିବା କେଜ୍ରିୱାଲଙ୍କୁ ଅନ୍ତରୀଣ ସୁରକ୍ଷା ଦେବାକୁ ହାଇକୋର୍ଟ ମନା କରିଦେଇଛନ୍ତି। ଚଳିତ ମାସ ୨୧ ତାରିଖରେ ଇଡି ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କୁ ତାଙ୍କ ବାସଭବନରୁ ଗିରଫ କରିବା ପରେ ୭ ଦିନିଆ ରିମାଣ୍ଡରେ ନେଇଥିଲା। କିନ୍ତୁ କେଜ୍ରିୱାଲ ମାର୍ଚ୍ଚ ୨୩ ତାରିଖରେ ଇଡିର ଗିରଫଦାରୀ ଓ ରିମାଣ୍ଡକୁ ବେଆଇନ ଦର୍ଶାଇ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହି ପ୍ରସଙ୍ଗରେ ତ୍ୱରିତ ଶୁଣାଣି କରିବାକୁ ସେ ହାଇକୋର୍ଟଙ୍କୁ ନିବେଦନ କରିଥିଲେ ହେଁ ସେତେବେଳେ ଏହାକୁ କୋର୍ଟ ଅଗ୍ରାହ୍ୟ କରିଦେଇଥିଲେ। ତେବେ ବୁଧବାର ଏହି ପ୍ରସଙ୍ଗରେ ଶୁଣାଣି ହୋଇଥିଲା ବେଳେ ହାଇକୋର୍ଟ କେଜ୍ରିୱାଲଙ୍କୁ ଅନ୍ତରୀଣ ସୁରକ୍ଷା ଦେବାକୁ ମନା କରିଦେଇଛନ୍ତି। ତେବେ ଗିରଫଦାରୀକୁ ବେଆଇନ ଦର୍ଶାଇ କେଜ୍ରିୱାଲ ଯେଉଁ ଆବେଦନ କରିଛନ୍ତି ସେ ସମ୍ପର୍କରେ ହାଇକୋର୍ଟ ଇଡିକୁ ଜବାବ ମାଗିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଏପ୍ରିଲ ୩ରେ ହେବାକୁ ଥିବା ବେଳେ ଇଡି ନିଜର ଜବାବ ରଖିବାକୁ କିଛି ସମୟ ମାଗିଛି। ଅନ୍ୟପକ୍ଷରେ କେଜ୍ରିୱାଲଙ୍କ ରିମାଣ୍ଡ



ଅବଧି ଆସନ୍ତାକାଲି ଶେଷ ହେଉଥିବାରୁ ତାଙ୍କୁ ଗୁରୁବାର ରାଉଜ୍ ଆଭେନ୍ୟୁ କୋର୍ଟରେ ହାଜର କରାଯିବ। ହାଇକୋର୍ଟରୁ ସୁରକ୍ଷା ମିଳି ନଥିବାରୁ ଇଡି ପୁଣି କେଜ୍ରିୱାଲଙ୍କୁ ରିମାଣ୍ଡରେ ନେଇପାରେ ବୋଲି କୁହାଯାଇଛି। ଦିଲ୍ଲୀ ଅବକାରୀ ଦୁର୍ନୀତିକୁ ନେଇ ପ୍ରଥମେ ସିବିଆଇ ପକ୍ଷରୁ ଖୋଳତାଡ଼ କରାଯାଇଥିଲା। ଏହାପରେ ଏହି ମାମଲାରେ ଅର୍ଥ ହେରଫେର କରାଯାଇଥିବା ଜଣାପଡ଼ିବା ପରେ ଇଡି କେଜ୍ରିୱାଲଙ୍କୁ ସମନ କରିଥିଲା। ସିବିଆଇ ମୂଳ ଏତଲା ଦାଏର କରିଥିବାରୁ ଏହି ଏଜେନ୍ସି ମଧ୍ୟ ପଚରାଉଚରା ପାଇଁ କେଜ୍ରିୱାଲଙ୍କୁ ରିମାଣ୍ଡରେ ନେଇପାରେ ବୋଲି ଆଲୋଚନା ହେଉଛି। ଏହିସବୁ ଘଟଣାକୁ ନେଇ କେଜ୍ରିୱାଲଙ୍କ ସମସ୍ୟା ବଢ଼ି ଚାଲିଥିଲା ବେଳେ ଜେଲରେ ଥାଇ ସରକାର ଚଳାଇବାକୁ ଆମ ଆଦମୀ ପାର୍ଟି ଯେଉଁ ଯୋଜନା କରିଥିଲା ତାହା ମଧ୍ୟ ଫସର ଫାଟିଯିବ ବୋଲି କୁହାଯାଉଛି। ଇତିମଧ୍ୟରେ ଦିଲ୍ଲୀ ସରକାର ପରିଚାଳନାକୁ ନେଇ ମୁଖ୍ୟମନ୍ତ୍ରୀ ଭାବେ କେଜ୍ରିୱାଲ ଚିଠି ମାଧ୍ୟମରେ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଆପ୍ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। କିନ୍ତୁ ଇଡି ହେପାଜତରେ ଥାଇ କେଜ୍ରିୱାଲ କିଭଳି ନିର୍ଦ୍ଦେଶନାମା ଜାରିକଲେ ବୋଲି ବିଭିନ୍ନ ସ୍ତରରେ ପ୍ରଶ୍ନ ଉଠିବା ପରେ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। କେଜ୍ରିୱାଲ ଗିରଫ ହେବା ପରେ ନୈତିକତା ଦୃଷ୍ଟିରୁ ନିଜ ପଦବୀରୁ ଇସ୍ତଫା ଦେବା କଥା। କିନ୍ତୁ ଏହା ନକରି ସେ ନିଜ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଉଛନ୍ତି। ଏହା କିଭଳି ସମ୍ଭବ ବୋଲି ବିଜେପି ପ୍ରଶ୍ନ ଉଠାଇବା ସହ ଦିଲ୍ଲୀ ପୁଲିସ କମିସନରଙ୍କ ନିକଟରେ ଫେରାଦ ହୋଇ ଘଟଣାର ଯାଞ୍ଚ ଦାବି କରିଛି। ସେହିପରି ଇଡି କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଘଟଣାର ଯାଞ୍ଚ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ କେଜ୍ରିୱାଲଙ୍କ ଇସ୍ତଫା ଦାବି କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା ବେଳେ ଆସନ୍ତାକାଲି ଏହା ଉପରେ ଶୁଣାଣି ହେବ ବୋଲି ଜଣାପଡ଼ିଛି। କେଜ୍ରିୱାଲ ଇଡି ହେପାଜତରେ ଥାଇ ସରକାର ଚଳାଇବାକୁ ଯେଉଁ ଉଦ୍ୟମ କରୁଛନ୍ତି ତାହାକୁ କରିବାକୁ ଦିଆଯିବନି ବୋଲି ଦିଲ୍ଲୀ ଉପରାଜ୍ୟପାଳ ମଧ୍ୟ କହିଛନ୍ତି। ଏଭଳି କରି ଦିଲ୍ଲୀବାସୀଙ୍କ ପ୍ରତି ଅନ୍ୟାୟ କରାଯାଇପାରିବନି। ତେଣୁ ସେ ମଧ୍ୟ ଅଦାଲତରେ ଏହି ପ୍ରସଙ୍ଗକୁ ଚ୍ୟାଲେଞ୍ଜ କରିବେ ବୋଲି ବୁଧବାର କହିଛନ୍ତି।

- ଏପ୍ରିଲ ୩ରେ ପରବର୍ତ୍ତୀ ଶୁଣାଣି
- ଆଜି ଶେଷ ହେବ ରିମାଣ୍ଡ ଅବଧି
- କେଜ୍ରିୱାଲଙ୍କ ଇସ୍ତଫା ଦାବି ଆବେଦନର ମଧ୍ୟ ଶୁଣାଣି ଆଜି
- ହେପାଜତରେ ଥାଇ ସରକାର ଚଳାଇବାକୁ ଦିଆଯିବନି : ଉପରାଜ୍ୟପାଳ

## ଆପ୍‌ର ଏକମାତ୍ର ଲୋକସଭା ସାଂସଦ ବିଜେପିରେ ସାମିଲ



୨୦୨୪ ନିର୍ବାଚନ ପାଖେଇ ଆସୁଥିବା ବେଳେ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଇଡି ଦ୍ୱାରା ଗିରଫ ହେବା ଘଟଣା ଦଳ ପାଇଁ ବଡ଼ ଝଟକା ହୋଇଛି। ଗୋଟିଏ ପକ୍ଷରେ ଦଳୀୟ ନେତା ସାଂପ୍ରତିକ ସ୍ଥିତିକୁ ମୁକାବିଲା କରି ଭୋଟର ସମୁଦାୟଙ୍କୁ ନିଜ ସପକ୍ଷରେ ଆଣିବାକୁ ଉଦ୍ୟମ କରୁଛନ୍ତି। କିନ୍ତୁ ଅନ୍ୟପକ୍ଷରେ ଆପ୍‌ରୁ ଗୋଟିଏ ପରେ ଗୋଟିଏ ନେତା ହାତ ଛାଡିବାକୁ ଆରମ୍ଭ କରିଦେଇଛନ୍ତି। ନିର୍ବାଚନ ପୂର୍ବରୁ ଦଳର ଏକମାତ୍ର ଲୋକସଭା ସାଂସଦ ସୁଶୀଲ କୁମାର ରିଙ୍କୁ ବୁଧବାର ଆପ୍ ଛାଡି ବିଜେପିରେ ସାମିଲ ହେବା ଘଟଣା ଦଳ ପାଇଁ ଶକ୍ତ ଧକ୍କା ହୋଇଛି। ରିଙ୍କୁ ପଦ୍ମ ଧରିବା ପରେ ଆପ୍ ଏବେ ଲୋକସଭାରେ ସାଂସଦ ଶୂନ୍ୟ ହୋଇଯାଇଛି। ସାଂସଦ ରିଙ୍କୁଙ୍କ ସହ ଜଲନ୍ଧର (ପଶ୍ଚିମ) ବିଧାୟକ ଶୀତଲ ଅନଗୁରାଲ ମଧ୍ୟ ବିଜେପିରେ ସାମିଲ ହୋଇଛନ୍ତି। ୨୦୨୩ରେ ଜଲନ୍ଧର ଲୋକସଭା ଉପ ନିର୍ବାଚନରେ ରିଙ୍କୁ ଏକତରଫା ବିଜୟ ହାସଲ କରିଥିଲେ। ଆପର ଏକମାତ୍ର ଲୋକସଭା ସାଂସଦ ଭାବେ ସେ ସଂସଦକୁ ଯାଇଥିଲେ। କିନ୍ତୁ ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ସେ ବିଜେପିରେ ମିଶିଛନ୍ତି।

## ଆମେରିକା ଟିପ୍ପଣୀକୁ ପ୍ରତିବାଦ ଜଣାଇଲା ଭାରତ

ନୂଆଦିଲ୍ଲୀ, ୨୭।୩(ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରାଯିବା ଓ ତା'ପରର ଘଟଣାସବୁର ରିପୋର୍ଟ ଉପରେ ନଜର ରଖିଛୁ ଓ କେଜ୍ରିୱାଲଙ୍କ କ୍ଷେତ୍ରରେ ନିଃସ୍ପକ୍ଷ, ସ୍ୱଚ୍ଛ ସମୟସୀମା ଅନୁପାଳନ ପୂର୍ବକ କ୍ଷିପ୍ର ନ୍ୟାୟିକ ପ୍ରକ୍ରିୟା ଯେପରି ଅନୁସୃତ ହୁଏ ତାହା ନିଶ୍ଚିତ କରାଯିବା ପାଇଁ ଅଭିମତ ରଖୁଛୁ ବୋଲି ଆମେରିକାର ପରରାଷ୍ଟ୍ର ବିଭାଗ ମୁଖପାତ୍ରଙ୍କ ବୟାନର ପ୍ରତିକ୍ରିୟାରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଆଜି ଆମେରିକା ଦୂତାବାସର କାର୍ଯ୍ୟକାରୀ ଉପମୁଖ୍ୟ ବରିଷ୍ଠ କୂଟନୀତିଜ୍ଞ ଗ୍ଲୋରିଆ ବାରବେନାଙ୍କୁ ମନ୍ତ୍ରଣାଳୟ ଦପ୍ତରକୁ ଡକାଇଥିଲା। ଭାରତ ସରକାରଙ୍କ ତରଫରୁ କୂଟନୀତିଜ୍ଞ ବାରବେନାଙ୍କୁ ତାଙ୍କ ସରକାରୀ ମୁଖପାତ୍ରଙ୍କ ମନ୍ତବ୍ୟ ଭାରତର ଅଭ୍ୟନ୍ତରୀଣ ବ୍ୟାପାରରେ ଅନାହୂତ, ଅବାଞ୍ଛିତ, ହସ୍ତକ୍ଷେପ ବୋଲି କୁହାଗଲା ଓ ଭାରତ ତାହାର ତୀବ୍ର ପ୍ରତିବାଦ କରୁଥିବା ଜଣାଇଦିଆଗଲା। କୂଟନୀତିଜ୍ଞ ବାରବେନାଙ୍କୁ କୁହାଗଲା ଯେ ଭାରତର ନ୍ୟାୟପାଳିକା ସ୍ୱାଧୀନ ଓ ନ୍ୟାୟିକ ପ୍ରକ୍ରିୟା ସ୍ୱଚ୍ଛ ତଥା ଗତିଶୀଳ। ଏହା ଉପରେ ଯଦି କିଏ କୌଣସି ଦେଶର ସରକାରଙ୍କ ତରଫରୁ ପ୍ରଚ୍ଛନ୍ନ ସନ୍ଦେହସୂଚକ ଟିପ୍ପଣୀ ଦିଅନ୍ତି ତେବେ ତାହା ଅବାଞ୍ଛିତ ଓ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ଅଯଥା ମୁଣ୍ଡଖେଳାଇବା ସଦୃଶ ଆଶା କରାଯାଉନଥିବା କାର୍ଯ୍ୟ। କେଜ୍ରିୱାଲଙ୍କ ଗିରଫକୁ ନେଇ ଜର୍ମାନୀର ବୈଦେଶିକ ବିଭାଗ ମଧ୍ୟ ଏତାଦୃଶ ଧୃଷ୍ଟତା ପ୍ରଦର୍ଶନ କରିଥିଲା ଓ ଭାରତ ସରକାର ଦିଲ୍ଲୀସ୍ଥିତ ଜର୍ମାନୀ ଦୂତାବାସର ଉପମୁଖ୍ୟ ଜର୍ଜ ଇଞ୍ଜୱେଇଲରଙ୍କୁ ଡକାଇ ଭାରତର ମୁଖର ପ୍ରତିବାଦ ନଥିଭୁକ୍ତ କରିଥିଲେ।

● ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତା

## ପ୍ରଥମ ଥର ଭାଗନେବେ ସାଉଦି ସୁନ୍ଦରୀ



ରିୟାଧ, ୨୭।୩ (ଏଜେନ୍ସି): ଚଳିତ ବର୍ଷ ଶେଷ ଭାଗରେ ମେକ୍ସିକୋରେ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛନ୍ତି। ପ୍ରଥମ ଥର ପାଇଁ ସାଉଦି ଆରବ ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଛି। ୨୭ ବର୍ଷୀୟ ସାଉଦି ସୁନ୍ଦରୀ ମଡେଲ ରୁମୀ ଅଲଖଥାନି ଏହି ପ୍ରତିଯୋଗିତାରେ ଦେଶର ପ୍ରତିନିଧିତ୍ୱ କରିବେ। ସେ ନିଜେ ଏହି ସୂଚନା ଦେଇଛନ୍ତି। ଏହା ପୂର୍ବରୁ ରୁମି ମିସ୍ ସାଉଦି ଆରବିୟା, ମିସ୍ ମିଡିଲ ଇଷ୍ଟ, ମିସ୍ ଆରବ ୱାର୍ଲ୍ଡ ପିସ୍ ଏବଂ ମିସ୍ ଓମେନ (ସାଉଦି ଆରବ) ଭଳି ସୁନ୍ଦରୀ ପ୍ରତିଯୋଗିତାରେ ବିଜୟୀ ହୋଇ ସାରିଛନ୍ତି।

## ଏୟାର ଇଣ୍ଡିଆ ସହ ଇଣ୍ଡିଗୋ ବିମାନ ଧକ୍କା

କୋଲକାତା, ୨୭।୩ (ଏଜେନ୍ସି): କୋଲକାତା ବିମାନବନ୍ଦର ରନୱେରେ ଛିଡ଼ା ହୋଇଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ (୭୩୭ ଭିଟି-ଟିଜିଜି) ବିମାନକୁ ବୁଧବାର ଇଣ୍ଡିଗୋ ବିମାନ (ଏ୩୨୦ ଭିଟି-ଆଇଏସଏସ) ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ଉଭୟ ବିମାନର କ୍ଷତି ହୋଇଛି। ଏଆଇ ବିମାନର ଏକ ଡେଣା ଭାଙ୍ଗି ଯାଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଇଣ୍ଡିଗୋ ବିମାନର ପାଇଲଟ ଏବଂ ସହାୟକ ପାଇଲଟଙ୍କୁ ନିଲମ୍ବିତ କରିଦେଇଛନ୍ତି। ସୂଚନା ଅନୁଯାୟୀ ଏଆଇ ବିମାନ ଚେନ୍ନଇ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥାନ୍ତା। ଏହା ରନୱେକୁ ଆସିବା ପାଇଁ ଅପେକ୍ଷା କରିଥିଲା। ଏହି ସମୟରେ ଇଣ୍ଡିଗୋ ବିମାନ ରନୱେକୁ ଆସି ଏଆଇକୁ ଧକ୍କା ଦେଇଥିଲା।

## ଖାଦ୍ୟ ପାଇଁ ଗଲା ୧୮ ପାଲେଷ୍ଟିନୀୟଙ୍କ ଜୀବନ

ତେଲ ଆଭିଭ, ୨୭।୩ (ଏଜେନ୍ସି): ଇସ୍ରାଏଲ-ହମାସ ଯୁଦ୍ଧ ଥମିବାର ନା ଧରୁନି। ଏହି ଯୁଦ୍ଧ ଯୋଗୁଁ ୨୩ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଗାଜାରେ ଗୁରୁତର ଖାଦ୍ୟ ସଙ୍କଟ ସୃଷ୍ଟି ହୋଇଛି। ଲୋକେ ଖାଇବାକୁ ନ ପାଇ ଡହଳବିକଳ ହେଉଛନ୍ତି। ଆମେରିକା ଆକାଶମାର୍ଗରୁ ବିମାନ ମାଧ୍ୟମରେ ପକାଉଥିବା ଖାଦ୍ୟ ପ୍ୟାକେଟ ପାଇଁ ଲୋକେ ଜୀବନ ଦେବାକୁ ବି ପଛାଉ ନାହାନ୍ତି। ଉତ୍ତର ଗାଜାର ବେଟ ଲାହିୟାରେ ମଙ୍ଗଳବାର ଏପରି ଏକ ଅଘଟଣ ଘଟିଛି। ବିମାନରୁ ପକାଇଥିବା ଖାଦ୍ୟ ପ୍ୟାକେଟ ଆଣିବାକୁ ଯାଇ ୧୮ ଜଣ ଲୋକ ପ୍ରାଣ ହରାଇଛନ୍ତି। ସୂଚନା ଅନୁଯାୟୀ ପାରାଚ୍ୟୁଟ ଖରାପ ହେବା ଯୋଗୁଁ କିଛି ବାକ୍ସ ସମୁଦ୍ରରେ ପଡ଼ି ଯାଇଥିଲା। ଏହା ଆଣିବାକୁ ଯାଇ ୧୨ ଜଣ ବୁଡ଼ି ଯାଇଥିଲେ। ସେହିପରି ଖାଦ୍ୟ ପାଇଁ ଦଳା ଚକଟାରେ ୬ ଜଣଙ୍କ ଜୀବନ ଯାଇଥିଲା।

## ଆତ୍ମଘାତୀ ଆକ୍ରମଣ; ୬ ଚୀନ୍ ନାଗରିକ ମୃତ

ଇସଲାମାବାଦ, ୨୭।୩ (ଏଜେନ୍ସି): ପାକିସ୍ତାନର ଖୈବର ପଖତୁନଖ୍ୱା ବେସମ ସହରରେ ମଙ୍ଗଳବାର ଆତ୍ମଘାତୀ ଆକ୍ରମଣ ହୋଇଥିଲା। ବେସମ ସହର ଦେଇ ଯାଉଥିବା ବେଳେ ଚୀନ୍ ଇଞ୍ଜିନିୟରଙ୍କ ଏକ ଗାଡ଼ିକୁ ବିସ୍ଫୋରକ ଭର୍ତ୍ତି ଆତଙ୍କବାଦୀଙ୍କ ଏକ ଗାଡ଼ି ଧକ୍କା ଦେଇଥିଲା। ଏହି ଆକ୍ରମଣରେ ଜଣେ ପାକିସ୍ତାନୀ ନାଗରିକ ଏବଂ ଚୀନ୍‌ର ୫ ଜଣ ଇଞ୍ଜିନିୟରଙ୍କ ମୃତ୍ୟୁ ହୋଇଥିଲା। ଏମାନଙ୍କ ମଧ୍ୟରେ ଜଣେ ମହିଳା ଇଞ୍ଜିନିୟର ମଧ୍ୟ ସାମିଲ ଅଛନ୍ତି। ଏହି ଆକ୍ରମଣକୁ ନେଇ ଚୀନ୍ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଜଷ୍ଟିସ ଋତୁରାଜ ଅବସ୍ଥିଙ୍କ ଇସ୍ତଫା

ନୂଆଦିଲ୍ଲୀ, ୨୭।୩ (ଏଜେନ୍ସି): ଆଇନ କମିଶନ ଅଧ୍ୟକ୍ଷ ଜଷ୍ଟିସ ଋତୁରାଜ ଅବସ୍ଥି ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ମଙ୍ଗଳବାର ନିଜ ଇସ୍ତଫା ପତ୍ରକୁ ଆଇନ ମନ୍ତ୍ରାଳୟକୁ ପଠାଇ ଦେଇଛନ୍ତି। ସେ ୨୦୨୨ ନଭେମ୍ବରରେ ଅଧ୍ୟକ୍ଷ ଭାବେ ଶପଥ ଗ୍ରହଣ କରିଥିଲେ। ଏହା ପୂର୍ବରୁ ସେ କର୍ଣ୍ଣାଟକ ହାଇକୋର୍ଟର ମୁଖ୍ୟ ବିଚାରପତି ଥିଲେ। ଜଷ୍ଟିସ ଅବସ୍ଥି ବୁଧବାର ନୂଆ ଦାୟିତ୍ୱ ନେଇଛନ୍ତି। ସେ ଲୋକପାଳର ନ୍ୟାୟିକ ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି।

## ସ୍ୱାମୀ ସ୍ମରଣାନନ୍ଦ ମହାରାଜଙ୍କ ପରଲୋକ



କୋଲକାତା, ୨୭।୩(ଏଜେନ୍ସି): ରାମ କ୍ରିଷ୍ଣ ମଠ ଓ ଏହାର ସଭାପତି ସ୍ୱାମୀ ସ୍ମରଣାନନ୍ଦ ମହାରାଜଙ୍କ ଗତ ସୋମବାର ସନ୍ଧ୍ୟାରେ ଏଠାରେ ଥିବା ରାମକ୍ରିଷ୍ଣ ମିଶନ ଦ୍ୱାରା ଦକ୍ଷିଣ କୋଲକାତାରେ ପରିଚାଳିତ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥାଇ ପରଲୋକ ଘଟିଛି। ସ୍ୱର୍ଗ ପ୍ରାପ୍ତି ବେଳକୁ ତାଙ୍କୁ ୯୫ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ସମସ୍ୟାରେ ପୀଡ଼ିତ ଥିଲେ। ବେଲୁର ମଠରେ ଗତକାଲି ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ୨୦୧୭ରେ ସେ ରାମ କ୍ରିଷ୍ଣ ମଠ ଓ ରାମକ୍ରିଷ୍ଣ ମିଶନର ୧୬ତମ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

● ମହୁଆ, ଦର୍ଶନଙ୍କୁ ଇଡିର ନୂଆ ସମନ

## ବୀଣା ଜର୍ଜ ଓ ତାଙ୍କ କମ୍ପାନୀ ବିରୋଧରେ ମାମଲା

ନୂଆଦିଲ୍ଲୀ, ୨୭।୩(ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଆଜି ସଂସଦରୁ ବହିଷ୍କୃତ ତୃଣମୂଳ କଂଗ୍ରେସ ନେତ୍ରୀ ମହୁଆ ମୋଇତ୍ର ଓ ଦୁବାଇ ଭିତ୍ତିକ ଭାରତୀୟ ବ୍ୟବସାୟୀ ଦର୍ଶନ ହୀରାନନ୍ଦାନିଙ୍କୁ ବୈଦେଶିକ ମୁଦ୍ରା ପରିଚାଳନା ଆଇନ(ଫେମା)-୧୯୯୯ ଉଲ୍ଲଂଘନର ଏକ ମାମଲାରେ ୨୮ ତାରିଖରେ ହାଜର ହେବା ପାଇଁ ନୂଆ ସମନ ଜାରି କରିଛି। ଇଡି ଏକ ନନ-ରେସିଡେଣ୍ଟ ଏକ୍ସଟରନାଲ ଆକାଉଣ୍ଟରେ ହୋଇଥିବା ନେଣଦେଣ, କେତେକ ଫରେନ୍ ରେମିଟାନ୍ସ ଓ ଫଣ୍ଡ ଟ୍ରାନ୍ସଫର୍ ସମ୍ପର୍କରେ ତଦନ୍ତ କରୁଛି। ମହୁଆଙ୍କୁ ଏଥିପୂର୍ବରୁ ଇଡି ଫେବୃଆରୀ ୧୯ରେ ଗୋଟିଏ ଓ ମାର୍ଚ୍ଚ ୧୧ରେ ଆଉ ଗୋଟିଏ ଏହିଭଳି ଦୁଇଟି ସମନ ପଠାଇଥିଲା। ଅନ୍ୟପକ୍ଷରେ କେରଳ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନଙ୍କ ଝିଅ ବୀଣା ବିଜୟନ ଏବଂ ତାଙ୍କ ଆଇଟି କମ୍ପାନୀ 'ଏକ୍ସାଲଜିକ ସଲ୍ୟୁସନ' ବିରୋଧରେ ମନି ଲଣ୍ଡରିଂ ନିରୋଧି ଆଇନ ଅନୁଯାୟୀ ମାମଲା ରୁଜୁ କରିଛି। ଏହି ମାମଲା ଏକ ମିନେରାଲ କମ୍ପାନୀ 'କୋଚିନ ମିନେରାଲ୍ସ ଆଣ୍ଡ ରୁଟାଇଲ ଲିମିଟେଡ' (ସିଏମଆରଏଲ) ବୀଣାଙ୍କ କମ୍ପାନୀଙ୍କୁ ଦେଇଥିବା ୧.୭୨ କୋଟି ପାଣ୍ଠି ସହ ସମ୍ବନ୍ଧିତ।

## କୃଷିମନ୍ତ୍ରୀଙ୍କ ଘରେ ଭୋଜି ଖାଇ ୨୦୦ ଅସୁସ୍ଥ

ବଳରାମପୁର, ୨୭।୩ (ଏଜେନ୍ସି): ଛତିଶଗଡ଼ କୃଷିମନ୍ତ୍ରୀ ରାମବିଚାର ନେତାମଙ୍କ ବଳରାମପୁର ସ୍ଥିତ ଘରେ ଭୋଜି ଖାଇ ୨୦୦ ଲୋକ ଅସୁସ୍ଥ ହୋଇଛନ୍ତି। ଏମାନେ ସମସ୍ତେ 'ହୋଲି ମିଳନ' କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଆସିଥିଲେ। ଖାଇ ସାରିବା ପରେ ସମସ୍ତଙ୍କର ବାନ୍ତି ଏବଂ ଝାଡ଼ା ହୋଇଥିଲା। ସ୍ୱାସ୍ଥ୍ୟାବସ୍ଥା ବେଶୀ ବିଗିଡ଼ିବାରୁ ସମସ୍ତଙ୍କୁ ଅଲଗା ଅଲଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବେଡ୍ ଅଭାବ ହେବାରୁ ତଳେ ସୁଆଇ ରୋଗୀଙ୍କୁ ଚିକିତ୍ସା ଦିଆଯାଉଛି। ଭୋଜିରେ ଭାଙ୍ଗ ଖାଇଥିବା ଲୋକେ ସର୍ବାଧିକ ପ୍ରଭାବିତ ହୋଇଛନ୍ତି ବୋଲି ଜଣାପଡ଼ିଛି। ଏମାନଙ୍କ ମଧ୍ୟରେ ସନାୱଲ, ୱାଡ୍ରଫନଗର, ରାମାନୁଜଗଞ୍ଜ, ଡିଣ୍ଡୋ, ବଗରା, ରାମଚନ୍ଦ୍ରପୁର ସହିତ ଅନେକ ଗ୍ରାମର ଲୋକ ସାମିଲ ଅଛନ୍ତି। ଅଚାନକ ରୋଗୀସଂଖ୍ୟା ବଢ଼ିବାରୁ ସିଏମଏଚଓ ଡ. ବସନ୍ତ ସିଂହ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକୁ ସତର୍କ କରି ରଖିଛନ୍ତି। ଏବେ ଅଞ୍ଚଳର ୭୮ ଗ୍ରାମରେ ସର୍ଭେ କରାଯାଉଛି। ୧୫ ଗ୍ରାମରୁ ପୀଡ଼ିତଙ୍କୁ ଠାବ କରାଯାଇଛି।

## ପ୍ରଥମ ପର୍ଯ୍ୟାୟ ଭୋଟ୍ ପାଇଁ ନାମାଙ୍କନ ଶେଷ

ନୂଆଦିଲ୍ଲୀ,୨୭।୩(ଏଜେନ୍ସି): ୨୦୨୪ ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ୍ ପାଇଁ ବୁଧବାର ନାମାଙ୍କନ ଦାଖଲ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୧୭ଟି ରାଜ୍ୟ ଏବଂ ୪ କେନ୍ଦ୍ରଶାସିତ ଅଞ୍ଚଳର ୧୦୨ଟି ଆସନ ପାଇଁ ମତଦାନ ହେବ। ତାମିଲନାଡୁରେ ୩୯ଟି ଆସନ ସମେତ ରାଜସ୍ଥାନରେ ୧୨, ଉତ୍ତରପ୍ରଦେଶ ୮, ମଧ୍ୟପ୍ରଦେଶ ୬ ଏବଂ ମହାରାଷ୍ଟ୍ର, ଉତ୍ତରାଖଣ୍ଡ ଓ ଆସାମରେ ପ୍ରତ୍ୟେକ ୫ଟି ଆସନରେ ମତଦାନ ହେବ। ଏହାବ୍ୟତୀତ ପଶ୍ଚିମବଙ୍ଗଳ ଛତିଶଗଡ଼, ମିଜୋରାମ, ମେଘାଳୟ, ତ୍ରିପୁରା ଏବଂ ସିକିମ୍‌ରେ ମଧ୍ୟ ମତଦାନ କରାଯିବ। ଏଥିପାଇଁ ଏହିସବୁ ରାଜ୍ୟରେ ନାମାଙ୍କନ ଦାଖଲ ଶେଷ ହୋଇଛି। ଆସନ୍ତାକାଲି ପ୍ରାର୍ଥୀପତ୍ର ଯାଞ୍ଚ ଶେଷ କରାଯିବା ସହିତ ୩୦ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯାଇପାରିବ। ଏହାସହିତ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ପାଇଁ ଆସନ୍ତାକାଲି ଠାରୁ ନାମାଙ୍କନ ଆରମ୍ଭ ହୋଇ ଏପ୍ରିଲ ୪ରେ ଶେଷ ହେବ।

**ଆଜିଠୁ ଆରମ୍ଭ ହେବ ଦ୍ୱିତୀୟ ପର୍ଯ୍ୟାୟ**

## ଆଇପିଏସ ସଦାନନ୍ଦ ବସନ୍ତ ଏନ୍‌ଆଇଏ ଡିଜି ନିଯୁକ୍ତ

ନୂଆଦିଲ୍ଲୀ, ୨୭।୩ (ଏଜେନ୍ସି): କେନ୍ଦ୍ର ସରକାର ମଙ୍ଗଳବାର ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନଆଇଏ), ନ୍ୟାସନାଲ ଡିଜାଷ୍ଟର ରେସପନ୍ସ ଫୋର୍ସ (ଏନ୍‌ଡିଆରଏଫ), ସ୍ପେସିଆଲ ପ୍ରୋଟେକ୍ସନ ଗ୍ରୁପ୍(ଏସ୍‌ପିଜି) ଏବଂ ପୁଲିସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ବ୍ୟୁରୋ (ବିପିଆରଡି)ର ଗୁରୁତ୍ୱପୂର୍ଣ୍ଣ ପଦରେ ନୂଆ ନିଯୁକ୍ତି ଆଦେଶ ଦେଇଛନ୍ତି। ମହାରାଷ୍ଟ୍ର ଆଣ୍ଟି ଟେରରିଜିମ ସ୍କ୍ୱାର୍ଡ (ଏଟିଏସ୍) ମୁଖ୍ୟ ଡ଼. ସଦାନନ୍ଦ ବସନ୍ତ ଦାତେଙ୍କୁ ଏନ୍‌ଆଇଏ ମୁଖ୍ୟ ନିଯୁକ୍ତ କରାଯାଇଛି। ସେ ବର୍ତ୍ତମାନର ଡିଜି ଦିନକର ଗୁପ୍ତାଙ୍କ ସ୍ଥାନ ନେବେ। ଡ. ଦାତେ ୨୦୨୬ ଡିସେମ୍ବର ୩୧ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ। ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ସାମିଲ ଆତଙ୍କବାଦୀ କସାବକୁ ଧରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ



ସାହସିକତା ଏବଂ ଉପସ୍ଥିତ ବୁଦ୍ଧି ଯୋଗୁଁ କାମା ଏବଂ ଅଲ୍‌ବଲେସ ହସ୍ପିଟାଲରେ ଫସି ରହିଥିବା ମହିଳା ଏବଂ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ୧୯୯୦ ବ୍ୟାଚ୍‌ର ଆଇପିଏସ ଅଧିକାରୀ ଡ.ଦାତେଙ୍କ ଭଲ ଛବି ରହିଛି। ବୀରତା ପାଇଁ ତାଙ୍କୁ ରାଷ୍ଟ୍ରପତି ପୁଲିସ ମେଡାଲରେ ମଧ୍ୟ ସମ୍ମାନିତ କରାଯାଇଛି। ସେହିପରି କେରଳ କ୍ୟାଡରର ଆଇପିଏସ ଅଧିକାରୀ ଏସ୍ ସୁରେଶ ଏସ୍‌ପିଜି ଏଡିଜି ନିଯୁକ୍ତ ହୋଇଛନ୍ତି। ଏବେ ସେ ଏସ୍‌ପିଜିରେ ଆଇଜି ପଦରେ କାର୍ଯ୍ୟ କରୁଛନ୍ତି। ଏହା ବ୍ୟତୀତ ଉତ୍ତରପ୍ରଦେଶ କ୍ୟାଡରର ଆଇପିଏସ ଅଧିକାରୀ ପୀୟୁଷ ଆନନ୍ଦ ଏନ୍‌ଡିଆରଏଫ ଡିଜି ହୋଇଛନ୍ତି। ୨ ବର୍ଷ ପାଇଁ ସେ ଏହି ପଦବୀରେ କାର୍ଯ୍ୟ କରିବେ। ଏବେ ସେ ସିଆଇଏସଏଫର ସ୍ପେସିଆଲ ଡାଇରେକ୍ଟର ଜେନେରାଲ ଅଛନ୍ତି। ଉଲ୍ଲେଖନୀୟ ସେବା ପାଇଁ ତାଙ୍କୁ ରାଷ୍ଟ୍ରପତି ପଦକ ସହିତ ଅନେକ ପୁଲିସ ମେଡାଲ ମିଳିଛି। ସେହିପରି ରାଜସ୍ଥାନ କ୍ୟାଡରର ଆଇପିଏସ ଅଧିକାରୀ ରାଜୀବ କୁମାର ଶର୍ମା ବିପିଆରଡି ମୁଖ୍ୟ ହୋଇଛନ୍ତି। ସେ ୨୦୨୬ ଜୁନ୍ ୩୦ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ।

ମହାରାଷ୍ଟ୍ରରେ ଆସନ ବଣ୍ଟନକୁ ନେଇ 'ଇଣ୍ଡି' ମେଣ୍ଟରେ ଫାଟ

# କଂଗ୍ରେସ, ଉଦ୍ଧବଙ୍କ ଆଭିମୁଖ୍ୟକୁ ନେଇ ଶରଦ ନାରାଜ

ମୁମ୍ବାଇ,୨୭।୩(ଏଜେନ୍ସି)

୨୦୨୪ ଲୋକସଭା ନିର୍ବାଚନକୁ ନେଇ ମହାରାଷ୍ଟ୍ରରେ ଇଣ୍ଡିଆ ମେଣ୍ଟରେ ଜଟିଳ ପରିସ୍ଥିତି ଦେଖାଯାଇଛି। ବୁଧବାର ଶିବସେନାର ଉଦ୍ଧବ ଗୋଷ୍ଠୀ ପକ୍ଷରୁ ୧୭ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବା ପରେ ମହାବିକାଶ ଅଘାଡି ମେଣ୍ଟରେ ସଙ୍କଟ ବଢ଼ିଛି। ଉଦ୍ଧବଙ୍କ ଆଭିମୁଖ୍ୟକୁ ନେଇ ଶରଦ ପାୱାର ନାରାଜ ହୋଇଥିଲା ବେଳେ

- ମେଣ୍ଟ ଉପରେ ପୁନଃ ବିଚାର କରିବାକୁ ହାଇକମାଣ୍ଡଙ୍କୁ ଚିଠି ଲେଖିଲେ ସଞ୍ଜୟ ନିରୂପମ
- ଏମଭିଏ ସହ ମେଣ୍ଟ ନ କରିବାକୁ ଘୋଷଣା କଲେ ପ୍ରକାଶ ଜାଭଡେକର



କଂଗ୍ରେସ ମଧ୍ୟ କ୍ଷୁବ୍ଧ ହୋଇଛି। ବରିଷ୍ଠ କଂଗ୍ରେସ ନେତା ସଞ୍ଜୟ ନିରୁପମ ସିଧାସଳଖ ଉଦ୍ଧବ ଠାକରେଙ୍କ ଶିବସେନା(ୟୁବିଟି) ବିରୋଧରେ ପ୍ରଶ୍ନ ଉଠାଇବା ସହିତ ମେଣ୍ଟ ଉପରେ ବିଚାର କରିବାକୁ ହାଇକମାଣ୍ଡଙ୍କୁ ଅନୁରୋଧ କରିଛନ୍ତି। ଉଦ୍ଧବ ୧୭ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବା ପୂର୍ବରୁ କଂଗ୍ରେସ ସହ କୌଣସି ଆଲୋଚନା କରି ନଥିବାରୁ ସଞ୍ଜୟ ମେଣ୍ଟରୁ ଓହରି ଯିବା ସପକ୍ଷରେ ମତ ରଖିଛନ୍ତି। ସେ କହିଛନ୍ତି, ଶିବସେନା ଖିଚିଡି ସ୍କାମର ଜଣେ ଅଭିଯୁକ୍ତଙ୍କୁ ପ୍ରାର୍ଥୀ କରିଛି। ମୁଁ ଜଣେ ଖିଚିଡି ଚୋରଙ୍କ ପାଇଁ କାମ କରିପାରିବି ନାହିଁ। କଂଗ୍ରେସ ନେତୃବୃନ୍ଦ ଏହା ଉପରେ କ'ଣ ନିଷ୍ପତ୍ତି ନେଉଛନ୍ତି, ତାକୁ ମୁଁ ଗୋଟିଏ ସପ୍ତାହ ଅପେକ୍ଷା କରିବି। ଏହାପରେ ସମସ୍ତ ବିକଳ୍ପକୁ ବ୍ୟବହାର କରିବି ବୋଲି ସଞ୍ଜୟ କହିଛନ୍ତି। ଅନ୍ୟପକ୍ଷରେ ମହାବିକାଶ ଅଘାଡି ସହ ମେଣ୍ଟ କରିଥିବା ବଞ୍ଚିତ ବହୁଜନ ଅଘାଡି ନେତା ମଧ୍ୟ ଆସନ ବୁଝାମଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହିତ ମେଣ୍ଟରୁ ଓହରିଯିବାକୁ ଘୋଷଣା କରିଛନ୍ତି। ଏଭଳି ସ୍ଥିତିରେ ମହାରାଷ୍ଟ୍ରରେ ଇଣ୍ଡି ମେଣ୍ଟକୁ ଶକ୍ତ ଧକ୍କା ଲାଗିପାରେ ବୋଲି କୁହାଯାଉଛି।

# ବିଜେପିରେ ସାମିଲ ହେଲେ ସାଂସଦ ରାଭନିତ୍ ସିଂ ବିଟ୍ଟୁ

ନୂଆଦିଲ୍ଲୀ,୨୭।୩(ଏଜେନ୍ସି)

**ପଞ୍ଜାବରେ କଂଗ୍ରେସକୁ ଧକ୍କା**

ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡି ବିଜେପିରେ ସାମିଲ ହୋଇଛନ୍ତି କଂଗ୍ରେସ ସାଂସଦ ରାଭନିତ୍ ସିଂ ବିଟ୍ଟୁ। ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ବିୟନ୍ତ ସିଂଙ୍କ ନାତି ଭାବେ ରାଜ୍ୟ କଂଗ୍ରେସରେ ଦବଦବା ରଖି ଆସିଥିବା ରାଭନିତ୍ ୨୦୦୯ରେ ପ୍ରଥମେ ଆନନ୍ଦପୁର ସାହିବରୁ ଲୋକସଭା ସାଂସଦ ନିର୍ବାଚନରେ ବିଜୟୀ ହୋଇଥିଲେ। ଏହାପରେ ସେ ୨୦୧୪ ଏବଂ ୨୦୧୯ ନିର୍ବାଚନରେ ମଧ୍ୟ ଲୁଧିଆନାରୁ ବିଜୟୀ ହୋଇଥିଲେ। କିନ୍ତୁ ନିର୍ବାଚନ ପୂର୍ବରୁ ସେ କଂଗ୍ରେସ ଛାଡିବା ଦଳ ପାଇଁ ଶକ୍ତ ଧକ୍କା ହୋଇଛି। ନିଜ ଜେଜେ ବାପାଙ୍କ ଅମଳରୁ ତାଙ୍କ ପରିବାର କଂଗ୍ରେସ ସହ ଜଡ଼ିତ ରହିଥିବା ଏବଂ ବିୟନ୍ତ ସିଂ ଦଳ ପାଇଁ ଜୀବନ ବଳି ଦେଇଥିଲା ବେଳେ ସେ ବିଜେପିକୁ କିଭଳି ପସନ୍ଦ କଲେ ବୋଲି ପ୍ରଶ୍ନରେ ରାଭନିତ୍ କହିଛନ୍ତି ଯେ, ବିୟନ୍ତ ସିଂ କଂଗ୍ରେସ ପାଇଁ ନୁହେଁ ବରଂ ପଞ୍ଜାବବାସୀଙ୍କ ପାଇଁ ଶହୀଦ ହୋଇଥିଲେ। ତେଣୁ ମୁଁ କେବଳ କଂଗ୍ରେସ ପାଇଁ ନୁହେଁ,



ପଞ୍ଜାବବାସୀଙ୍କ ବିକାଶ ପାଇଁ କାର୍ଯ୍ୟ କରିବାକୁ ଚାହୁଁଛି। ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିଜେପିର କାର୍ଯ୍ୟଧାରା ଏବଂ ଆଦର୍ଶ ଯେଭଳି ରହିଛି ତଦ୍ୱାରା ଏହି ଦଳରେ ରହି ହିଁ ସେ ପଞ୍ଜାବବାସୀଙ୍କୁ ସେବା ଦେଇପାରିବେ ବୋଲି କହିଛନ୍ତି।

ପଞ୍ଜାବରେ କଂଗ୍ରେସ ଆପ୍ ସହ ମେଣ୍ଟ କରିଥିବାରୁ ରାଭନିତ୍ ଦଳ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଦଳୀୟ ନେତା ଏହାକୁ ନେଇ ହାଇକମାଣ୍ଡଙ୍କ ନିକଟରେ ଅସନ୍ତୋଷ ପ୍ରକାଶ କରିଥିଲେ ହେଁ ତାହାକୁ ଅଣଦେଖା କରାଯାଇଥିଲା। ତେବେ ବିଜେପିରେ ରାଭନିତ୍‌ଙ୍କ ଯୋଗଦାନ ଉଭୟ କଂଗ୍ରେସ ଏବଂ ଆପ୍ ପାଇଁ ଚିନ୍ତାଜନକ ହେବ ବୋଲି କୁହାଯାଉଛି।




# ଗଜଲ ପ୍ରବାହ: ଦୁଇ


ସୂର୍ଯ୍ୟ ଦେଓ


ସୂର୍ଯ୍ୟମୁଖୀ ଗୀତ ରେକର୍ଡିଂବେଳେ
ଗୁରୁକୃଷ୍ଣ ଗୋସ୍ୱାମୀ, ଶାନ୍ତନୁ ମହାପାତ୍ର ଓ ଲତା ମଙ୍ଗେସକର୍

୧୯୩୭ ମସିହାରେ ମୁକ୍ତିପ୍ରାପ୍ତ ହିନ୍ଦୀ ଚଳଚ୍ଚିତ୍ର 'ଦୁନିୟା ନା ମନେ' ପାଇଁ ପ୍ରଥମ ଗଜଲ ସଂଗୀତ ଗୃହୀତ ହୋଇଥିଲା । 'ଦୁନିୟା ନା ମନେ'ରେ ସ୍ଥାନିତ ତଥା ମୁନ୍‌ସୀ ଅଜିଜ୍‌ଙ୍କ ରଚିତ 'ୟାହାଁ ପେ ଆକେ ହର୍ ଏକ୍ ଆପନେ ନିରାଲି ଦୁନିଆ ବନା ରହା ହେଁ/ ଦିୱାନା ଦାନା ଜମାନା କ୍ୟା କ୍ୟା ହମେ ତମାସେ ଦିଖା ରହା ହେଁ' ଗଜଲର ଗାୟିକା ଥିଲେ ଶାନ୍ତା ଆପ୍‌ତେ । କେ. ଭୋଲେଙ୍କ ସଙ୍ଗୀତବଦ୍ଧ ଏହି ଗଜଲ ତତ୍କାଳୀନ ସମୟରେ ଏତେ ଲୋକପ୍ରିୟ ହେଲା ଯେ, ପରବର୍ତ୍ତୀ ସମୟର ଅଧିକାଂଶ ହିନ୍ଦୁସ୍ତାନୀ ଚଳଚ୍ଚିତ୍ର ଯଥା 'ମିର୍ଜା ଗାଲିବ୍', 'ଦେବଦାସ', 'ମୁକ୍ତି', 'ପ୍ରେସିଡେଣ୍ଟ', 'ଗଜଲ', 'ଆଗ୍'ରେ ଅଧିକାଂଶ ଗୀତ ଗଜଲ ଛାୟାରେ ରଚିତ ହେଲା, ନହେଲେ ସଂପୂର୍ଣ୍ଣ ଗଜଲ ସଂଲଗ୍ନ ହେଲା । ଗୀତିକାର ଶକିଲ ବାଦାୟୁନି, ହସରତ୍ ଜୟପୁରୀ, ମଜରୁହ ସୁଲତାନପୁରୀ, ସାହିର ଲୁଧିଅନଭି, ନକସ୍‌ଲାଲପୁରୀ ହିନ୍ଦୀ ଚଳଚ୍ଚିତ୍ର ପାଇଁ ଅଧିକାଂଶତଃ ଗଜଲ ହିଁ ଲେଖିଲେ । ଏହି ଧାରାରେ 'ଗଜଲ' ଓ ତାହର ଛାୟାରେ ରଚିତ ଗୀତ ଅନ୍ୟାନ୍ୟ ପ୍ରାନ୍ତୀୟ ଚଳଚ୍ଚିତ୍ରକୁ ମଧ୍ୟ ଆସିଲା । ('ଗଜଲ କୀ ବାରାତ୍', କେଶରୀ ବିନସ୍, ପ୍ରକାଶକ: ରେଦ୍ରାଗା ବୁକ୍ସ ପାଇଭେଟ୍ ଲିମିଟେଡ୍)

'ସୂର୍ଯ୍ୟମୁଖୀ' ଚଳଚ୍ଚିତ୍ରରେ 'ଗଜଲ'ର 'ମିଜାଜ୍' ବା ଭାବ ପ୍ରୟୋଗ ଶୈଳୀର ପ୍ରୟୋଗ ହୋଇଥିବା ହେତୁ ଓଡ଼ିଆ ଚଳଚ୍ଚିତ୍ର ଗୀତରେ ଯୁକ୍ତିନିଷ୍ଠତାର ଏକ ଭିନ୍ନ ଚିତ୍ର ନିର୍ମାଣ ନୂତନ କରି ଆରମ୍ଭ ହେଲା । ଓଡ଼ିଆ ଗୀତିକବିତା ପରମ୍ପରାରେ 'କାବ୍ୟିକ ଯୁକ୍ତି' ମୂଳତଃ ବ୍ୟଞ୍ଜନାଶ୍ରୟୀ । 'ଗଜଲ' ଛାୟାକୁ ନେଇ ପ୍ରଥମ ଚଳଚ୍ଚିତ୍ର ଗୀତରେ ଏହି 'କାବ୍ୟିକ ଯୁକ୍ତି' ପରମ୍ପରା ପ୍ରୟୋଗ ହୋଇଛି । 'ରଦିଫ୍' କ୍ରମରେ 'ପରିଚୟ, ବିନିମୟ, ଦୁରୁବହ, ଅସହାୟ' ସମଧ୍ୱନି ଶବ୍ଦର ବ୍ୟବହାର ହୋଇଛି । ଗୀତର ଚିତ୍ରପଟ ସୂଚିତ ହେଲାବେଳେ 'ଗଜଲ'ର ମିଜାଜ୍‌କୁ ପ୍ରାଧାନ୍ୟ ଦିଆଯାଇଛି ଓ 'କାବ୍ୟିକ ଯୁକ୍ତି'କୁ ସଂଲଗ୍ନ କରାଯାଇଛି । ଉଦାହରଣ ସ୍ୱରୂପ: ମୋର ଏଇ ଜନ୍ମେ ଭାଗ୍ୟ ମୋ ପାଇଁ ଅଦିନ ଝଞ୍ଜା ହୋଇ/ ଅଧରରୁ ହସ ଆଖିରୁ ସପନ ଗଲା ତ ଉଡ଼ାଇ ନେଇ ଏହି ଅନ୍ତରା ପଙ୍କ୍ତିରେ ମୂଳ ମୁଖଡ଼ା ସହ ସଂଯୁକ୍ତ ହେବା ପାଇଁ ଯେଉଁ ବ୍ୟଞ୍ଜନା ରହିଛି, ତାହା 'ମିଜାଜ୍' ସହ ସମ୍ବନ୍ଧିତ । ଗୀତରେ ଥିବା ଦୁଇଟି ଅନ୍ତରା ସ୍ୱୟଂସଂପୂର୍ଣ୍ଣ ଓ ଦୁଇଧାଡ଼ିରେ କଥା ଆରମ୍ଭ କରି ଶେଷ ହେଉଛି । ତେବେ ଉଭୟ ଅନ୍ତରାରେ ସଂଯୁକ୍ତ ଧାଡ଼ିର ବ୍ୟବହାର ଓ ମୂଳ ଭାବ ସହ ଯୋଡ଼ି ହେବାର ଐନ୍ଦ୍ରଜାଳିକ ବିନ୍ୟାସ ହିଁ ଏହାକୁ ସଂପୂର୍ଣ୍ଣ ଗଜଲ ଛନ୍ଦରୁ ମୁକ୍ତ କରିଛି । 'କରିଦେଇଗଲା ଦୁନିଆରେ ମୋତେ ଚିରଦିନ ଅସହାୟ' ଏହା ଥିଲା ସଂଯୁକ୍ତ ଧାଡ଼ି । ଗଜଲ ଛାୟାରେ ଗୀତ ରଚନା, ପୁଣି ଗଜଲ ବ୍ୟାକରଣର ଝଞ୍ଜଟରୁ ମୁକ୍ତ ହେବାର ପରୀକ୍ଷାନିରୀକ୍ଷା ସହିତ 'ସୂର୍ଯ୍ୟମୁଖୀ' ଓଡ଼ିଆ ଚଳଚ୍ଚିତ୍ର ଗୀତ ରଚନାକୁ ଏଭ ଭିନ୍ନ ବୈଚିତ୍ର୍ୟ ଦେଲା । ■

# ଅକ୍ଷୟଙ୍କ ଚିନ୍ତା



ବିଭିନ୍ନ ସମୟରେ ଆଗଧାଡ଼ିର ଅଭିନେତା ଓ ଅଭିନେତ୍ରୀ ସିନେମାରେ ନଜର ଆସିଲେ ବି ଫିଲ୍ମ ଫ୍ଲପ୍ ହୋଇଥାଏ । ସେହିପରି ଅନେକ ଫିଲ୍ମ ହିଟ୍ ନ ହେବା ଯୋଗୁଁ ଅନେକ କଳାକାରଙ୍କ କ୍ୟାରିୟର୍ ବାଧାପ୍ରାପ୍ତ ହୋଇଥାଏ । ଏପରିକି ଅଭିନେତା ହୁଅନ୍ତୁ ଅବା ଅଭିନେତ୍ରୀ କ୍ରମାଗତ ଗୋଟିଏ, ଦୁଇଟି ସିନେମା ହଲ୍‌ରେ ନ ଚାଲିଲେ ସେମାନଙ୍କୁ ହାତବାନ୍ଧି ବସିବାକୁ ପଡ଼ିଥାଏ । ଏହି ପରିପ୍ରେକ୍ଷୀରେ ବଲିଉଡ୍ ଖିଲାଡିମ୍ୟାନ୍ ଅକ୍ଷୟ କୁମାରଙ୍କ କଥା ସମ୍ପୂର୍ଣ୍ଣ ଓଲଟା । ଲଗାତାର ସେ ଗୋଟିଏ କି ଦୁଇଟି ନୁହେଁ, ୧୬ଟି ଫିଲ୍ମ ଫ୍ଲପ୍ ହେବା ପରେ ବି ତାଙ୍କୁ ଏଯାଏଁ କାମ ମିଳିବା ବନ୍ଦ ହୋଇ ନାହିଁ । ଅକ୍ଷୟ ଏବେ ତାଙ୍କ ଆଗାମୀ ସିନେମା 'ବଡେ ମିଆଁ ଛୋଟେ ମିଆଁ' ପାଇଁ ବ୍ୟସ୍ତ ଅଛନ୍ତି । ଏହି ସିନେମାରେ ଭରପୂର ଆକ୍ସନ୍ ଦୃଶ୍ୟରେ ସେ ନଜର ଆସିବେ । ତେବେ ଏହାର ଟ୍ରେଲର ଲଞ୍ଚ ଅବସରରେ ନିଜର ଫ୍ଲପ୍ ଫିଲ୍ମ ବାବଦରେ ମୁହଁ ଖୋଲିଛନ୍ତି । ସେ ତାଙ୍କ ସିନେମାକୁ ସଫଳ କରିବା ପାଇଁ ସବୁ ପ୍ରକାର ପ୍ରଚେଷ୍ଟା କରିଥାନ୍ତି । କିନ୍ତୁ ବକ୍ସ ଅଫିସ୍‌ର ଭାଗ୍ୟ ତାଙ୍କ ହାତରେ ନ ଥିବା ସେ କହିଛନ୍ତି । ଆକ୍ସନ୍, କମେଡି, ରୋମାଣ୍ଟିକ୍ ସବୁପ୍ରକାର ଫିଲ୍ମ କରିବାକୁ ସେ ଚେଷ୍ଟା କରନ୍ତି । ସେଥିପାଇଁ ସେ ଗୋଟିଏ ଧାରାର ସିନେମା ଉପରେ ତିଷ୍ଠି ରହି ନ ଥାନ୍ତି । ସେହିପରି ତାଙ୍କୁ ସଫଳତା ମିଳୁ କିମ୍ବା ନ ମିଳୁ, ସେ ସର୍ବଦା ଭିନ୍ନ ଭିନ୍ନ ଶୈଳୀର ସିନେମାରେ ଅଭିନୟ କରିବାକୁ ଭଲପାଆନ୍ତି । ଏହି କାରଣ ଯୋଗୁଁ ସେ ସବୁବେଳେ କାମ କରୁଥିବା ଓ ତାଙ୍କୁ କାମ ମିଳୁଥିବା କହିଛନ୍ତି । ସେହିପରି କମେଡ଼ି ଓ ଆକ୍ସନ ସିନେମାର ଚାହିଦା ଅଧିକ ଥିବାରୁ ଏହାର ଅର୍ଥ ନୁହେଁ, ଅକ୍ଷୟ ସବୁବେଳେ ଆକ୍ସନ ସିନେମାରେ ନିଜକୁ ସୀମିତ ରଖିବେ । ଗୋଟିଏ ଶୈଳୀ ସିନେମାରେ କାମ କଲେ ଅକ୍ଷୟଙ୍କୁ ବିରକ୍ତି ଲାଗିଥାଏ । ତେବେ ଏମିତି ବି ଗୋଟିଏ ସମୟ ଥିଲା, ଯେବେ ଅକ୍ଷୟଙ୍କର କ୍ରମାଗତ ୧୬ଟି ଫିଲ୍ମ ଫ୍ଲପ୍ ହୋଇଯାଇଥିଲା । ଏହା ସତ୍ତ୍ୱେ ସେ ଭାଙ୍ଗି ନ ପଡ଼ି କାମ କରିବା ଜାରି ରଖିଲେ । ଯେଉଁଥିପାଇଁ ଏବେ ବି ଫିଲ୍ମରେ କାମ କରୁଥିବା ସେ କହିଛନ୍ତି । ■

ଓଟିଟି ପ୍ଲାଟଫର୍ମ ଓ ଆପ୍

# କେମିତି ଯାଞ୍ଚ ହୁଏ ଅଶ୍ଳୀଳ କଣ୍ଟେଣ୍ଟ

ସମୟର ସୁଅରେ ମନୋରଞ୍ଜନର ମାଧ୍ୟମ ବଦଳିଛି । ତା'ସହ ମଣିଷ ପାଦ ଥାପିଛି ସକାଧଳା ଚଳଚ୍ଚିତ୍ରରୁ ଓଟିଟି ପ୍ଲାଟଫର୍ମରେ । ହାତମୁଠାରେ ଜଣେ ହଲିଉଡ୍‌ଠୁ ଆରମ୍ଭ କରି ଓଡ଼ିଆ ସିନେମା ଓ ଅନେକ ଧାରାବାହିକର ଭରପୂର ମନୋରଞ୍ଜନ ପାଇ ପାରୁଛି । ନବେ ଦଶକରେ ଟିଭି ହିଁ ମନୋରଞ୍ଜନର ମାଧ୍ୟମ ହୋଇଥିବାରୁ ସେଥିରେ ଦେଖାଯାଉଥିବା କଣ୍ଟେଣ୍ଟ ଉପରେ ସରକାର ନଜର ରଖିବାରେ ସହଜ ହେଉଥିଲା । ମାତ୍ର କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଆଜି ଇଣ୍ଟରନେଟ୍‌ରେ ହଜାର ହଜାର ଓଟିଟି ପ୍ଲାଟଫର୍ମ ଉପଲବ୍ଧ ଅଛି । ଯେଉଁମାନେ ନିଜ ମନମୁତାବକ କଣ୍ଟେଣ୍ଟ ଦର୍ଶକଙ୍କୁ ପରଷୁଛନ୍ତି । ଫଳରେ ଅଶ୍ଳୀଳତା ଓ ହିଂସ୍ରତା ବଢ଼ି ବଢ଼ି ଚାଲିଛି । ଲୋକେ ତାହାର ମାୟାଜାଲରେ ପଡୁଛନ୍ତି । ଯାହା ଦ୍ୱାରା ସମାଜ ଉପରେ କୁପ୍ରଭାବ ପଡୁଛି ।

ନିକଟରେ ଏଭଳି ୧୮ ଟି ଓଟିଟି ପ୍ଲାଟଫର୍ମ ଉପରେ ବ୍ୟାନ୍ ଲଗାଇଛନ୍ତି କେନ୍ଦ୍ର ସରକାର । ଏଥିରେ ୫୭ଟି ସୋସିଆଲ୍ ମିଡିଆ ଆକାଉଣ୍ଟ, ୧୯ଟି ୱେବସାଇଟ୍ ତଥା ୧୦ଟି ଆପ୍ ରହିଛି । ଏହିସବୁ ପ୍ଲାଟଫର୍ମ ମହିଳାମାନଙ୍କୁ ଅପମାନିତ କଲା ଭଳି ଉପସ୍ଥାପନ କରୁଥିଲା । ସେ ସଂପର୍କରେ ମଧ୍ୟ ଏହା ଆଞ୍ଚ୍ ଆଣୁଥିଲା । ତେବେ ସ୍ୱାଭାବିକ ଭାବରେ ମନରେ ପ୍ରଶ୍ନ ଉଠେ, କେମିତି ଯାଞ୍ଚ ହୁଏ ଏ ଅଶ୍ଳୀଳତା ।

**ଯାଞ୍ଚ୍ ପଦ୍ଧତି:** ଭାରତ ସରକାର ଓଟିଟି ପ୍ଲାଟଫର୍ମ ତଥା ସୋସିଆଲ୍ ମିଡିଆ ସାଇଟ୍‌ରେ ଖରାପ ବା ଅଶ୍ଳୀଳ କଣ୍ଟେଣ୍ଟକୁ ଯାଞ୍ଚ୍ କରିବା ପାଇଁ ଅନେକ ପ୍ରକାରର ପୋର୍ଟାଲ ଓ ଅନ୍‌ଲାଇନ୍ ସୁବିଧା କରିଛନ୍ତି । ଜଣେ ବ୍ୟକ୍ତି କୌଣସି ପ୍ରକାରର ଅଶ୍ଳୀଳ କଣ୍ଟେଣ୍ଟକୁ ନେଇ ଏଥିରେ ଅଭିଯୋଗ କରିପାରିବ । ଏହି ଅଭିଯୋଗକୁ ଆଧାର କରି ଭାରତ ସରକାର ଏହି ପ୍ଲାଟଫର୍ମର ଯାଞ୍ଚ୍ କରନ୍ତି, ସେମାନଙ୍କୁ ଚେତାବନୀ ଦିଅନ୍ତି । ଦରକାର ପଡ଼ିଲେ, ସେମାନଙ୍କ ଉପରେ ଦଣ୍ଡବିଧାନ ମଧ୍ୟ କରିଥାଆନ୍ତି । ଜଣେ ଯଦି କୌଣସି ଓଟିଟି ପ୍ଲାଟଫର୍ମକୁ ନେଇ ଅଭିଯୋଗ ଦର୍ଜ କରିବାର ଥାଏ, ତେବେ ସେ 'ଟ୍ରାଇ'କୁ advqos@trai.gov.in ନିଜର ଅଭିଯୋଗ ପଠାଇ ପାରିବେ । ସେହିଭଳି services.india.gov.in ଯାଇ ମଧ୍ୟ ଅଭିଯୋଗ କରିହେବ । ତାହା ସହ mib.gov.in ରେ ବି ଅଶ୍ଳୀଳତାକୁ ପ୍ରଶ୍ରୟ ଦେଉଥିବା ଓଟିଟି ଉପରେ ସାଧାରଣ ନାଗରିକଟିଏ ଅଭିଯୋଗ କରି ପାରିବ ।

**ଦଣ୍ଡବିଧାନ ବ୍ୟବସ୍ଥା:** ବର୍ତ୍ତମାନ ଭାରତ ସରକାର ଓଟିଟି ପ୍ଲାଟଫର୍ମର ଦେଖାରେଖା 'ଇଣ୍ଟରମିଡିୟରି ଗାଇଡ୍‌ଲାଇନ୍‌ସ ଆଣ୍ଡ ଡିଜିଟାଲ୍ ମିଡିଆ ଏଥିକ୍ସ' ନିୟମ ୨୦୨୧ ଅନୁଯାୟୀ କରନ୍ତି । ଏହି ନିୟମ ଅନୁସାରେ ଓଟିଟି ପ୍ଲାଟଫର୍ମକୁ ନିଜର କ୍ୱାଲିଫିକେସନ୍, ବୟସର ରେଟିଂ ତଥା ସେଲ୍ଫ ରେଗୁଲେସନ୍ ପାଳନ କରିବାକୁ ହୁଏ । ଯଦି କୌଣସି ଓଟିଟି ପ୍ଲାଟଫର୍ମ ଏମିତି ନ କରେ, ତେବେ ଏହି ଆକ୍ଟର ଧାରା ୬୭, ୬୭(କ) ଓ ୬୭(ଖ) ପରିବେଷଣ କରାଯାଉଥିବା ଆପତ୍ତିଜନକ କଣ୍ଟେଣ୍ଟକୁ ବନ୍ଦ କରିବାର ଅଧିକାର ରଖନ୍ତି ସରକାର । ତାହା ସହ ସରକାର, ଏହାକୁ ଆଇପିସି ଧାରା ୨୯୨ ଓ ମହିଳାଙ୍କ ଅଶ୍ଳୀଳ ପ୍ରତିନିଧିତ୍ୱ (ନିଷେଧ) ଅଧିନିୟମ, ୧୯୮୬ର ଧାରା ୪ ଉଲ୍ଲଙ୍ଘନ ବୋଲି ମାନି ଥାଆନ୍ତି । ଯଦି ଜଣେ ବ୍ୟକ୍ତି ଇଲେକ୍ଟ୍ରୋନିକ ମାଧ୍ୟମରେ ଅଶ୍ଳୀଳତା ପ୍ରସାରପ୍ରଚାର କରୁଥାଏ ବା ଅନ୍ୟକୁ ଏ କାମ ପାଇଁ ପ୍ରେରିତ କରୁଥିବ, ତେବେ ତାହାକୁ ଅପରାଧ ଧରାଯାଏ । ଏଭଳି ମାମଲାରେ ପ୍ରଥମ ଥର ପାଇଁ ଜଣେ ଦୋଷୀ ସାବ୍ୟସ୍ତ ହେଲେ ୫ ଲକ୍ଷ ଟଙ୍କା ଜରିମାନା ଓ ୩ ବର୍ଷ ଜେଲ ଦଣ୍ଡ ଭୋଗିବାର ବ୍ୟବସ୍ଥା ରହିଛି । ସେହିଭଳି ଦ୍ୱିତୀୟ ଥର ପାଇଁ ଯଦି ଜଣେ ବ୍ୟକ୍ତି ସମାନ ଅପରାଧର ପୁନରାବୃତ୍ତି କରେ, ତେବେ ଉକ୍ତ ବ୍ୟକ୍ତିଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ସହ ୧୦ ଲକ୍ଷ ଟଙ୍କା ଜରିମାନାର ମଧ୍ୟ ବ୍ୟବସ୍ଥା ରହିଛି । ■






ପରଦା ପଛର କାହାଣୀ

# ଖବରକାଗଜ ଶୀର୍ଷକରୁ ଫିଲ୍ମର ଟାଇଟଲ୍ ଚୟନ



ବଲିଉଡ୍‌ର 'ସଦାବାହାର ହିରୋ' ଦେବ ଆନନ୍ଦ । ସତୁରି ଓ ଅଶୀ ଦଶକରେ ହିନ୍ଦୀ ସିନେମା ଓ ଫ୍ୟାନ୍ସଙ୍କ ହୃଦୟରେ ସେ ରାଜ କରୁଥିଲେ । ଭାରତୀୟ ସିନେମା ଇତିହାସରେ ଜଣେ ସଫଳ ଅଭିନେତା, ଲେଖକ, ନିର୍ଦ୍ଦେଶକ ଓ ନିର୍ମାତା ଭାବରେ ସେ ଗଭୀର ଛାପ ଛାଡ଼ି ଯାଇଛନ୍ତି । ଝିଅମାନେ ମଧ୍ୟ ଦେବଙ୍କ ପାଇଁ ଦିୱାନା ଥିଲେ । ସିନେମାକୁ ଜୀବନର ବ୍ରତ ଭାବରେ ଗ୍ରହଣ କରି ଅନ୍ତିମ ସମୟ ପର୍ଯ୍ୟନ୍ତ ସେ ସିନେମା ତିଆରି କରିବା ଜାରି ରଖିଥିଲେ । ୧୯୪୬ ରୁ ୨୦୧୧ ମସିହା ପର୍ଯ୍ୟନ୍ତ ସେ ସିନେମାରେ ସକ୍ରିୟ ରହିଥିଲେ । ୧୯୪୬ ମସିହାରେ ରିଲିଜ୍ ହୋଇଥିବା ସିନେମା 'ହମ୍ ଏକ୍ ହେଁ'ରୁ ଦେବ ଆନନ୍ଦ ନିଜ ଅଭିନୟ କ୍ୟାରିଅର୍ ଆରମ୍ଭ କରିଥିଲେ । ୧୯୪୮ ମସିହାରେ 'ଜିଦ୍ଦି' ଚଳଚ୍ଚିତ୍ର ତାଙ୍କୁ ଷ୍ଟାର୍‌ଡମ୍ ଦେଇ ପାରିଥିଲା । ଅଭିନେତା ଦେବ ଆନନ୍ଦ ନିଜର ୬୫ ବର୍ଷର ସିନେମା କ୍ୟାରିଅର୍‌ରେ ପ୍ରାୟ ୧୧୬ଟି ସିନେମାରେ କାମ କରି ବଲିଉଡ୍‌ରେ ଈର୍ଷଣୀୟ ସଫଳତା ପାଇ ପାରିଥିଲେ । ତାଙ୍କ ଜୀବନ ସହ ଜଡ଼ିତ ଅନେକ ଘଟଣା ଆଜି ବି ତାଙ୍କ ପ୍ରଶଂସକଙ୍କୁ ରୋମାଞ୍ଚର ଖୋରାକ୍ ଯୋଗାଇଥାଏ । ସେମିତି ଏକ ଘଟଣା, ତାଙ୍କ ସିନେମାର ଟାଇଟଲ୍ ଚୟନକୁ ନେଇ ରହିଛି । କୁହାଯାଏ, ନିଜ କ୍ୟାରିଅର୍‌ର ଶୀର୍ଷ ସମୟରେ ଅଭିନେତା ଦେବ ଆନନ୍ଦ, ସିନେମାର ଟାଇଟଲ୍ ଖବରକାଗଜର ହେଡ୍‌ଲାଇନରୁ ନେଉଥିଲେ । 'ଗାଇଡ୍', 'ଜିୱେଲ ଥିଫ୍', 'ଜନି ମେରା ନାମ' ଆଦି ସିନେମା ହେଉଛି ଏହାର ବଳିଷ୍ଠ ଉଦାହରଣ । ଦେବ ଏଭଳି କରିବାର କାରଣ ହେଉଛି, ଦର୍ଶକ ଓ ସାଧାରଣ ଲୋକଙ୍କୁ ସିନେମାଟି, ସେମାନଙ୍କ ଜୀବନ ସହ ଜଡ଼ିତ ହୋଇ ରହିଛି ବୋଲି ଅନୁଭବ ଦେବା । ଦେବଙ୍କ ଏହି କୌଶଳ ସାଧାରଣ ଲୋକଙ୍କୁ ମଧ୍ୟ ବେଶ୍ ଆକୃଷ୍ଟ କରୁଥିଲା । ତାଙ୍କର ପ୍ରତିଟି ସିନେମା, ହଲ୍‌ରେ ହାଉସ୍‌ଫୁଲ ଯାଉଥିଲା ଓ ସିନେମାଟି ସଫଳତା ସାଉଁଟୁଥିଲା । ଏଭର୍‌ଗ୍ରୀନ ଅଭିନେତା ଦେବ ଆନନ୍ଦ ନିଜର ସିନେମା ଫ୍ଲପ୍ ହେବା ସମୟରେ ବି ଏହି ପନ୍ଥା ଆପଣାଉଥିଲେ । ଫଳରେ ତାଙ୍କ ପ୍ରଶଂସକ ସଂଖ୍ୟା କେବେ ବି କମ୍ ହୋଇ ନ ଥିଲା । ବର୍ତ୍ତମାନ ବି ଦେବଙ୍କ ସିନେମା ଓ ଗୀତ ବହୁତ ପସନ୍ଦ କରନ୍ତି ଦର୍ଶକେ । ଏହି ମହାନ ଅଭିନେତାଙ୍କୁ ୨୦୦୧ ମସିହାରେ ଭାରତ ସରକାର ଦେଶର ତୃତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମ ଭୂଷଣ ପ୍ରଦାନ କରିଥିଲେ । ସେହିପରି ୨୦୦୨ ମସିହାରେ ଅଭିନେତା ଦେବ ଆନନ୍ଦ ଦାଦାସାହେବ ଫାଲ୍‌କେ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇ ସ୍ୱର୍ଣ୍ଣିମ ଇତିହାସରେ ନିଜକୁ ସାମିଲ କରି ପାରିଛନ୍ତି । ■

ଥିଏଟର ରିଲିଜ୍ (୨୯ ମାର୍ଚ୍ଚ)




**କ୍ରିୟୁ** ହିନ୍ଦୀ
ନିର୍ଦ୍ଦେଶକ : ରାଜେଶ କ୍ରିଷ୍ଣନନ୍
ପ୍ରଯୋଜକ : ଏକତା କପୁର, ରିହା କପୁର, ଶୋଭା କପୁର, ଅନିଲ କପୁର
କଳାକାର : କରିନା କପୁର, ତବୁ, କ୍ରିତି ସାନନ୍, ରାଜକୁମାର



# "ବାସ୍ତବଧର୍ମୀ ଫିଲ୍ମ ଦର୍ଶକଙ୍କୁ ଛୁଏଁ"

**ଦିବେଶ ରଞ୍ଜନ, ଅଭିନେତା**

ସେ ଜଣେ ଓଡ଼ିଆ। ହେଲେ ଜଣେ ଅଭିନେତା ଭାବେ ତାଙ୍କ ପରିଚିତି ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ପହଞ୍ଚିଛି। ସେ ଅନେକ ଆନ୍ତର୍ଜାତିକ ଫିଲ୍ମରେ କାମ କରିଛନ୍ତି। 'ଭାରା : ଏ ବ୍ଲେସିଂ', 'ଭୋର' ଆଦି ଅନେକ ହିନ୍ଦୀ ଓ ଇଂରାଜୀ ଚଳଚ୍ଚିତ୍ରରେ କାମ କରିଥିବା ଏହି ଉଦୀୟମାନ ଅଭିନେତା ଜଣକ ହେଉଛନ୍ତି ଯାଜପୁର ଜିଲ୍ଲା ଜରଦା ଗାଁର ଦିବେଶ ରଞ୍ଜନ। ନିକଟରେ ମୁମ୍ବାଇରୁ ଓଡ଼ିଶା ଆସି ସେ ଫିଲ୍ମ 'ଯାଯାବର ୨.୦'ରେ କାମ କରିଛନ୍ତି। ଏହି ଫିଲ୍ମଟି ରିଲିଜ୍ ହୋଇ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଛି। 'ଯାଯାବର ୨.୦'ରେ ଶ୍ରୀରାମ ପଣ୍ଡାଙ୍କ ଫ୍ୟାନ୍ ଭାବେ ସେ ହୃଦୟସ୍ପର୍ଶୀ ଅଭିନୟ କରିଛନ୍ତି। ମୁମ୍ବାଇରେ ରହୁଥିବା ଏହି ଯୁବ କଳାକାରଙ୍କ ସହ ଆମର ସ୍ୱତନ୍ତ୍ର ଆଳାପ।








**ଅଭିନେତା ହୋଇ ନଥିଲେ ଦିବେଶ କ'ଣ ହୋଇଥାନ୍ତେ?**

● ପିଲାଟି ଦିନରୁ ମୁଁ ଅଭିନେତା ହେବି ବୋଲି ସ୍ୱପ୍ନ ଦେଖିଥିଲି। ଏହାକୁ ପୂରା କରିବାକୁ ହିଁ ଓଡ଼ିଶାରୁ ପ୍ରଥମେ ଦିଲ୍ଲୀ ଓ ପରେ ମୁଁ ମୁମ୍ବାଇ ପଳାଇଥିଲି। ଥିଏଟରରେ ମଧ୍ୟ କାମ କରିଛି। କାମ ମିଳିବା ପୂର୍ବରୁ, ଏବଂ ପରେ ଆଉ କାମ ପାଇସାରି ଏହାକୁ ପରିଚାଳନା କରିବାକୁ ମୋତେ ଅନେକ ସଂଘର୍ଷ କରିବାକୁ ପଡ଼ିଛି।

**ବାହାରେ ରୁହନ୍ତି, ଇଂରାଜୀ ଓ ହିନ୍ଦୀ ଫିଲ୍ମ କରିଛନ୍ତି। 'ଯାଯାବର:୨.୦' ଚଳଚ୍ଚିତ୍ରରେ କାମ କରିବାକୁ କେମିତି ସୁଯୋଗ ପାଇଲେ?**

● ଇଣ୍ଟରନ୍ୟାସନାଲ୍ ସ୍ତରରେ ଇଂରାଜୀ ଭାଷାର ଫିଲ୍ମ ' ଭାରା : ଏ ବ୍ଲେସିଂ'ରେ ମୁଖ୍ୟ ନାୟକ ଭାବେ କାମ କରିଛି। ଏହା ୭ରୁ ୮ ଦେଶରେ ଥିଏଟରରେ ରିଲିଜ୍ ହେବା ସହ ଅନେକ ଫେଷ୍ଟିଭାଲ୍‌ରେ ମଧ୍ୟ ସାମିଲ ହୋଇଛି। ହିନ୍ଦୀ ଭାଷାରେ ନିର୍ମିତ 'ଭୋର' ଫିଲ୍ମରେ ମଧ୍ୟ କାମ କରିଛି। ଏହି ଫିଲ୍ମଟି ଇଣ୍ଡିଆ ପାନୋରମାରେ ରହିଥିଲା। ମୋର କାମ ବିଷୟରେ ସାଙ୍ଗ ସତ୍ୟରଞ୍ଜନ ଜାଣିଥିବାରୁ ସେ 'ଯାଯାବର ୨.୦' ରେ କାମ କରିବାକୁ ମୋତେ ପ୍ରସ୍ତାବ ଦେଇଥିଲେ। ଯେହେତୁ ପ୍ରଯୋଜକ ଅଭିଷେକ ସ୍ୱାଇଁଙ୍କ କାମ ବିଷୟରେ ଜାଣିଥିଲି। ତେଣୁ ଏକ ସାକ୍ଷାତ ପରେ 'ଯାଯାବର ୨.୦ 'ରେ କାମ କରିଥିଲି।

**ପ୍ରତ୍ୟେକ ଫିଲ୍ମରେ ନାୟକ ଓ ନାୟିକାଙ୍କୁ ଗୁରୁତ୍ୱ ଦିଆଯାଇଥାଏ, ହେଲେ 'ଯାଯାବର ୨.୦' ଏଥିରୁ ବ୍ୟତିକ୍ରମ କାହିଁକି?**

● 'ଯାଯାବର' ଫିଲ୍ମଟି ବ୍ଲକ୍ ବ୍ଲଷ୍ଟର୍ ରହିଥିଲା। 'ଯାଯାବର ୨.୦'ରେ ଶ୍ରୀରାମ ପଣ୍ଡାଙ୍କ ଫ୍ୟାନ୍ ଜଗତ ପଣ୍ଡା ଭାବେ କାମ କରିଛି। ଗୋଟିଏ ରାତିର କାହାଣୀକୁ ନେଇ ଫିଲ୍ମଟି ନିର୍ମାଣ କରାଯାଇଛି। ଏଥିରେ ଦୁଇ ଜଣ ଅପରିଚିତ ବ୍ୟକ୍ତି ଏକ ଅପ୍ରତ୍ୟାଶିତ ପରିସ୍ଥିତି ମଧ୍ୟରେ ଭେଟ ହୁଅନ୍ତି। ସେମାନଙ୍କର ଅପରାଧିକ ଅତୀତ ବିଷୟରେ ପରସ୍ପରକୁ କହିଥାନ୍ତି। ଏହା ଏକ ରୋମାଞ୍ଚଭରା କାହାଣୀ। ଏହି ଫିଲ୍ମରେ ପ୍ରତ୍ୟେକ କଳାକାରଙ୍କର ଚରିତ୍ରକୁ ଗୁରୁତ୍ୱ ଦିଆଯାଇଛି।

**'ଦମନ', 'ପ୍ରତୀକ୍ଷା' ପରେ ଦର୍ଶକ ଫିଲ୍ମ ହଲ୍ ମୁହାଁ ହୋଇଛନ୍ତି? 'ଯାଯାବର ୨.୦' ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିଛି କି?**

● ଏହା ଏକ ଏକ୍ସପେରିମେଣ୍ଟାଲ୍ ଫିଲ୍ମ। କପି ନୁହେଁ, ବରଂ ବାସ୍ତବ କାହାଣୀକୁ ନେଇ ଫିଲ୍ମଟି ତିଆରି ହୋଇଛି। ପ୍ରତ୍ୟେକ କଳାକାର କଠିନ ପରିଶ୍ରମ କରିଛନ୍ତି। ଏହି ଫିଲ୍ମଟି ଦେଖିବା ପରେ ବଲିଉଡ୍ କିମ୍ବା ହଲିଉଡ୍ ଫିଲ୍ମ ଦେଖିବା ପରି ମନେ ହେବ। ଶ୍ରୀରାମ ପଣ୍ଡାଙ୍କ ସମସ୍ତ ଫିଲ୍ମ ଓ ସଂଳାପକୁ ଏହି ଫିଲ୍ମରେ ମଧ୍ୟ ବର୍ଣ୍ଣନା କରାଯାଇଛି। ତେଣୁ ଏହି ଫିଲ୍ମଟି ନିଶ୍ଚୟ ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିବ।

**ଜଗତ ପଣ୍ଡା ଚରିତ୍ର ପାଇଁ କେତେ ପରିଶ୍ରମ କରିବାକୁ ପଡ଼ିଥିଲା?**

● ଏଥିରେ ଶ୍ରୀରାମ ପଣ୍ଡାଙ୍କ ଫ୍ୟାନ୍ ଚରିତ୍ର ମୋ ପାଇଁ ବହୁତ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା। ମାତ୍ର ୨୨ ଦିନରେ ଫିଲ୍ମ ସୁଟିଂ ହୋଇଥିଲା। ସ୍ୱଳ୍ପ ସମୟ ମଧ୍ୟରେ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଗୋଟେ ପଟେ ମୁଁ ଟ୍ୟାକ୍ସି ଡ୍ରାଇଭର ଓ ଅନ୍ୟପଟେ ପାର୍ଟଟାଇମ୍ କଣ୍ଟ୍ରାକ୍ଟ କିଲର୍। ତେଣୁ ଉଭୟ ଚରିତ୍ରରେ ନିଖୁଣ ଅଭିନୟ କରିବାକୁ ଅଧିକ ପରିଶ୍ରମ କରିବାକୁ ପଡ଼ିଥିଲା। ଲୋକପ୍ରିୟ ଅଭିନେତା ଶ୍ରୀରାମ ପଣ୍ଡା ଓ ୮୦ ଦଶକକୁ ସ୍ମରଣୀୟ କରାଯାଇଛି ଏହି ଫିଲ୍ମ ଜରିଆରେ।

**ଆପଣଙ୍କୁ କେଉଁ ପ୍ରକାର ଚରିତ୍ର କରିବାକୁ ଇଚ୍ଛା ଅଛି?**

● ହୃଦୟରୁ ଅଭିନୟ କରିବା ଦରକାର। ଯେହେତୁ ମୁଁ ଜଣେ କଠିନ ପରିଶ୍ରମୀ ଅଭିନେତା। ତେଣୁ ଚରିତ୍ରକୁ ଦେଖି କାମ କରେ। ଅର୍ବାନ୍ ଚରିତ୍ରରେ କାମ କରିବାକୁ ବେଶୀ ଇଚ୍ଛା ଅଛି। ଏହାବାଦ୍ ଷ୍ଟାଇଲିସ୍ ବା ଏକ ନିଆରା ଚରିତ୍ରରେ କାମ କରିବାର ଇଚ୍ଛା ରହିଛି।

**କେଉଁ ଦିଗକୁ ଧ୍ୟାନ ଦେଲେ, ଓଡ଼ିଆ ଫିଲ୍ମ ଆଗକୁ ଯାଇପାରିବ?**

● ଓଡ଼ିଆ ଫିଲ୍ମ କପି ବୋଲି ଦର୍ଶକଙ୍କ ମନରେ ଏକ ଧାରଣା ରହିଆସିଛି। ସେଥିପାଇଁ ସେମାନେ ଓଡ଼ିଆ ବଦଳରେ ହିନ୍ଦୀ କିମ୍ବା ଅନ୍ୟାନ୍ୟ ଫିଲ୍ମ ଦେଖିବାକୁ ପସନ୍ଦ କରୁଛନ୍ତି। ଇଣ୍ଟରନେଟ୍ ଯୁଗରେ ପ୍ରାୟତଃ ମଲାୟଲାମ, ସାଉଥ୍ କିମ୍ବା କନ୍ନଡ଼ ଫିଲ୍ମ ଅଧିକ ଦେଖୁଛନ୍ତି। ତେଣୁ ଫିଲ୍ମ ନିର୍ମାତା ନିଜ ଫିଲ୍ମରେ ଭଲ ବିଷୟ, ବାସ୍ତବ କାହାଣୀକୁ ନେଇ ଫିଲ୍ମ କରିଲେ ଏହା ଦର୍ଶକଙ୍କ ମନକୁ ଛୁଇଁଥାଏ।

**ଆପଣଙ୍କ ଫିଟ୍‌ନେସ୍ ମନ୍ତ୍ର?**

● ବ୍ୟସ୍ତ ଭିତରୁ ସମୟ କାଢ଼ି ବ୍ୟାୟାମ, ପ୍ରାଣାୟାମ କରେ। ସଙ୍ଗୀତ ଶୁଣିଥାଏ। ସ୍ୱାସ୍ଥ୍ୟ ପାଇଁ କେଉଁ ଖାଦ୍ୟ ଉପଯୋଗୀ ବା ନୁହେଁ, ସେଥିପ୍ରତି ସର୍ବଦା ସଜାଗ ରହିଥାଏ।

**ଦିବେଶଙ୍କୁ କେଉଁ ଖାଦ୍ୟ ପସନ୍ଦ?**

● ଓଡ଼ିଆ ଘରର ପାରମ୍ପରିକ ଖାଦ୍ୟ ମୋର ବହୁତ ପସନ୍ଦ। ଯେବେ ବି ମୁଁ ଓଡ଼ିଶା ଆସେ, ପଖାଳ, ଆଳୁଚଟଣି, ଶାଗ ଓ ବଡ଼ିଚୂରା ଖାଏ।

**ରିଆଲିଟି ଶୋ' ମାଧ୍ୟମରେ ଅନେକ ପିଲା ଅଭିନୟ କ୍ଷେତ୍ରକୁ ଆସୁଛନ୍ତି, ସେମାନଙ୍କୁ କ'ଣ କହିବେ?**

● ଲୋକପ୍ରିୟ ପାଇବା ଚକ୍କର ନ ରଖି ଅଭିନୟକୁ ଗୁରୁତ୍ୱ ଦେବା ଦରକାର। ମଜା ନେଇ କାମ କରନ୍ତୁ। ଅଭିନୟ ଗୋଟେ କ୍ରାଫ୍ଟ, ତେଣୁ ନିଜ ଉପରେ ଓ ଭାଷା, ଉପରେ ଗୁରୁତ୍ୱ ଦିଅନ୍ତୁ। ସବୁ ଦିଗରେ ଜ୍ଞାନ ଥିବା ଦରକାର। ଅନ୍ୟ ଭାଷାଭାଷୀର କଳାକାରଙ୍କ ସାକ୍ଷାତକାର ଦେଖନ୍ତୁ। ଏହା ଦ୍ୱାରା ଜଣେ ପ୍ରତିଷ୍ଠିତ କଳାକାର ହୋଇପାରିବେ। ■



## ସୁଶାନ୍ତଙ୍କ 'ଶେଷ କିଷାନ'




ଓଲିଉଡ୍‌ର ପ୍ରତିଷ୍ଠିତ ନିର୍ଦ୍ଦେଶକ ସୁଶାନ୍ତ ମଣିଙ୍କ ସିନେମା ସବୁବେଳେ ଦର୍ଶକଙ୍କୁ ଭିନ୍ନ ପ୍ରକାର ମନୋରଞ୍ଜନର ଖୋରାକ୍ ଯୋଗାଇ ଆସିଛି। ତେବେ ଏବେ ତାଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେବାକୁ ଯାଉଛି ନୂତନ ଓଡ଼ିଆ ସିନେମା 'ଶେଷ କିଷାନ ବଲାସିଘାଂରୁ ବର୍ଲିନ୍'। ଏହା ଯୁବ ବୈଜ୍ଞାନିକ ଶେଷ କିଷାନଙ୍କ ଜୀବନ କାହାଣୀ ଉପରେ ଆଧାରିତ। ଏହାର ମୁଖ୍ୟ ଚରିତ୍ର ଅର୍ଥାତ୍ ବୈଜ୍ଞାନିକ ଶେଷ କିଷାନ୍ ଭୂମିକାରେ ନଜର ଆସିବେ ଅଭିନେତା ସ୍ୱରାଜ। ଏଥିରେ ଅଭିନେତ୍ରୀ କୁକିଜ୍ ସ୍ୱାଇଁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ରଶ୍ମିଧଳ ପ୍ରଡକ୍‌ସନ୍ସ ଏବଂ ନିର୍ମଳ ଜୟଶ୍ୱାଲ ପ୍ରଡକ୍‌ସନ ବ୍ୟାନର୍‌ରେ ନିର୍ମିତ ଏହି ସିନେମାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ରଜତ ଧଳ ଏବଂ ନିର୍ମଳ ଜୟଶ୍ୱାଲ। ସେହିପରି ସିନେମାଟି ଯୁବ ସମାଜ ପାଇଁ ପ୍ରେରଣା ହେବ ବୋଲି ଏହାର ପୂରା ଟିମ୍ ଆଶାବାଦୀ ଅଛି। ଏହି ସିନେମାର ସୁଟିଂ ମେ' ମାସରୁ ଆରମ୍ଭ ହେବ। ■



## ସିନେ ଉତ୍ସବରେ ଝୁମିଲେ ଦର୍ଶକ

ଓଡ଼ିଆ ସିନେମାର ସର୍ବଶ୍ରେଷ୍ଠ ଉତ୍ସବ 'ତରଙ୍ଗ ସିନେ ଉତ୍ସବ-୨୦୨୪' ଗତ ୨୪ ତାରିଖରେ ତରଙ୍ଗ ଚ୍ୟାନେଲରେ ସନ୍ଧ୍ୟା ୬ଟା ୩୦ରେ ପ୍ରସାରିତ ହୋଇଛି। ଏଥିରେ ବହୁ ଆଗଧାଡ଼ିର ତାରକାଙ୍କ ଦମ୍‌ଦାର ନାଚ, ଗୀତ ଦେଖିବାକୁ ମିଳିଲା। ସିଦ୍ଧାନ୍ତ ମହାପାତ୍ର, ଅର୍ଚ୍ଚିତା, ସବ୍ୟସାଚୀ, ଜ୍ୟୋତି, ଦିବ୍ୟା, ଶୀତଲ, ଦିବ୍ୟା, ସୂର୍ଯ୍ୟମୟୀ, ଶ୍ରେୟାନ, ଶୁଭାଶିଷ, ରାଜ ରାଜେଶ, ବବି ମିଶ୍ର, ପପୁଙ୍କ ଭଳି ବହୁ କଳାକାରଙ୍କ ଉପସ୍ଥିତିକୁ କାର୍ଯ୍ୟକ୍ରମକୁ ଅଧିକ ରଙ୍ଗିନ କରିଛି। ଗୀତ, ନାଚ, କମେଡି ସାଙ୍ଗକୁ ମଜାମସ୍ତିରେ ଦର୍ଶକବେ ଝୁମିଛନ୍ତି। ଶୋ'କୁ ଲିପ୍ସା ଓ ପୁପିନ୍ଦର ମଧ୍ୟ ସୁନ୍ଦର ଭାବେ ସଞ୍ଚାଳନ କରିଥିଲେ। କହିବାକୁ ଗଲେ ଏହି ଉତ୍ସବ ଦର୍ଶକଙ୍କୁ ଭରପୂର ମନୋରଞ୍ଜନର ଖୋରାକ ଯୋଗାଇବାରେ ସଫଳ ହୋଇଛି। ସେହିପରି ଏହି ସିନେ ଉତ୍ସବରେ କଳାକାରଙ୍କୁ ମଧ୍ୟ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ■







## ରାଗିଣୀ ପାଇଁ ସଂଗୀତର ଚିନ୍ତା

ଜି-ସାର୍ଥକର ଲୋକପ୍ରିୟ ଧାରାବାହିକ 'ସନ୍ଧ୍ୟା ରାଗିଣୀ'ର କାହାଣୀକୁ ଦର୍ଶକେ ବେଶ୍ ପସନ୍ଦ କରୁଛନ୍ତି। ତା'ସହ ରାଗିଣୀ ପାଇଁ ଏବେ ସନ୍ଧ୍ୟାର ପୂରା ପରିବାର ତା'କୁ ଗୁରୁତ୍ୱ ଦେଉଛନ୍ତି। ଏପରିକି ରାଗିଣୀର ମଉସା ତା' ଭବିଷ୍ୟତ କଥା ଚିନ୍ତା କରିବା ଆରମ୍ଭ କରିଛନ୍ତି। ଯାହାକୁ ଦେଖି ସମସ୍ତେ ପୂରା ଖୁସି। ସେହିପରି ରାଗିଣୀ ପ୍ରତି ସଂଗୀତର ଦୁର୍ବଳତା ଥିବା ବେଳେ ଏବେ କିଭଳି ରାଗିଣୀର ନାଁ କଲେଜରେ ଲେଖା ହେବ, ସେନେଇ ବି ସଂଗୀତ ତା'ର ପ୍ରଚେଷ୍ଟା ଜାରି ରଖିଛି। ଏହାରି ଭିତରେ ସଂଗୀତ ଯାଇ ସନ୍ଧ୍ୟା କଲେଜରେ ପହଞ୍ଚିଛି ରାଗିଣୀର ନାଁ ଲେଖାଇବା ପାଇଁ। ତେବେ ସେଠାରେ ସେ ହକି କୋଚ୍‌ଙ୍କୁ ଭେଟି କିଭଳି ରାଗିଣୀର ଆଡ୍‌ମିଶନ ହୋଇପାରିବ, ସେନେଇ ସଂଗୀତ କାକୁତି ମିନତି ହୋଇଛି। ତେବେ ଏହି କାହାଣୀ ଆଗକୁ କି ମୋଡ଼ ନେବ, ଆଗକୁ ଜଣାପଡ଼ିବ। ■






## ଅକ୍ଷୟ ସଂଗୀତରେ ମଗ୍ନ ସ୍ୱରାଜ

କୁହୁ ସିନେ ଫ୍ଲିକ୍ସ ଓ ଭଦ୍ରା ମୋସନ୍ ଷ୍ଟୁଡିଓର ମିଳିତ ଉଦ୍ୟମରେ ଏକ ନିଆରା ଫିଲ୍ମ ଆସିବାକୁ ଯାଉଛି। ଯାହାର ଶୀର୍ଷକ ରହିଛି 'ଖୋକା ଭାଇ ତମ ପାଇଁ'। ଏହା ହେଉଛି ଅକ୍ଷୟ ମହାନ୍ତିଙ୍କ ଜୀବନୀ ଗୀତକୁ ନେଇ ଏକ ସଂଗୀତଭିତ୍ତିକ ଚଳଚ୍ଚିତ୍ର। ଯାହାର ଶୁଭ ମହୁରତ୍ କିଛିଦିନ ତଳେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମିତ୍ରଭାନୁ ମହାନ୍ତି, ଗିରିଶ ମହାନ୍ତି, ଉପାସନା ମହାନ୍ତି, ସ୍ୱରାଜ, କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠି, ଲକି ମନୀଷା ତଥା ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉକ୍ତ ଫିଲ୍ମର ନିର୍ଦ୍ଦେଶନାରେ ଗିରିଶ ମହାନ୍ତି ଓ ତାଙ୍କ ଟିମ୍ ଥିବା ବେଳେ ଏହାର କାହାଣୀ ଲେଖିଛନ୍ତି ଭରଦ୍ୱାଜ ପଣ୍ଡା ଓ ଅକ୍ଷୟ ମହାନ୍ତିଙ୍କ ପୁତ୍ର ମିତ୍ରଭାନୁ ମହାନ୍ତି। ସେହିପରି ସିନେମାଟି ଅକ୍ଷୟ ମହାନ୍ତିଙ୍କ ଜୀବନୀ ନୁହେଁ, ବରଂ ତାଙ୍କ ସଙ୍ଗୀତରୁ ତିଆରି ଏକ ଆଧୁନିକ କାହାଣୀ ବଖାଣିବ। ବର୍ତ୍ତମାନ ଯୁବପିଢ଼ିଙ୍କ ଉପରେ ଅକ୍ଷୟଙ୍କ ସଂଗୀତ ଭିନ୍ନ ଏକ ପରଶ ଦେବା ଆଶା କରାଯାଉଛି। ଏହାସହ ପୁରୁଣା ପିଢ଼ି ମନେ ରଖିଥିବା ଅକ୍ଷୟ ସଂଗୀତକୁ ପୁଣି ଥରେ ଉଜ୍ଜୀବିତ କରି ତାହାକୁ ଲୋକପ୍ରିୟ କରିବ। ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଓଲିଉଡ୍‌ର ଲୋକପ୍ରିୟ ଯୁବ ଅଭିନେତା ସ୍ୱରାଜ ବାରିକ। କାହାଣୀର ନାୟକ ଏଥିରେ ଏକବିଂଶ ଶତାବ୍ଦୀରେ ବଞ୍ଚିଥିବା ବେଳେ ଅକ୍ଷୟଙ୍କ ସଂଗୀତକୁ ଶୁଣି ସେ ନିଜକୁ ସେଥିରେ ମଗ୍ନ କରିଛନ୍ତି। ତେବେ ନାୟିକା ପ୍ରେମରେ ପଡ଼ିବା, ନାୟିକାକୁ ନିଜ ମନକଥା କହିବା, ପୁଣି ପ୍ରେମିକାକୁ ଫେରି ପାଇବା ପାଇଁ କିଭଳି ନାୟକ ଖୋକା ଭାଇଙ୍କ ଗୀତକୁ ଭରସା କରିଛି, ସେସବୁକୁ ସୁନ୍ଦର ଭାବେ ଚିତ୍ରାୟିତ କରାଯିବାକୁ ଏଥିରେ ପ୍ରୟାସ କରାଯାଇଛି। ■

# ତିନିକୋଣିଆ ପ୍ରେମରେ ଚତୁର୍ଥ ଯୁବକ ବଳି

ସ୍କୁଲ୍‌ରୁ ଜଣେ ସହପାଠୀଙ୍କୁ ଏକତରଫା ପ୍ରେମରୁ ଆରମ୍ଭ ହେଲା କାହାଣୀ । ପରବର୍ତ୍ତୀ ସହପାଠିନୀ ଜଣକ ଅନ୍ୟଜଣଙ୍କୁ ପ୍ରେମ କରି ବସିଲା । ଏଭଳି ହେଲା ଯେ, ପ୍ରେମର ଅଡୁଆ ସୂତାରେ ଛନ୍ଦି ହୋଇପଡ଼ିଥିବା ତିନିଜଣଙ୍କୁ ମୁକାଳିବା ପାଇଁ ଭିତରକୁ ପଶି ଆସିଲେ ଆଉ ଜଣେ ଯୁବକ । କିନ୍ତୁ ପ୍ରେମ, ପ୍ରତିଶୋଧ ଓ ଆକ୍ରୋଶରେ ବଳି ପଡ଼ିଗଲେ ଚତୁର୍ଥ ଯୁବକ । ଜୀବନ ହରାଇଲେ ଚିନ୍ତାମଣିଶ୍ୱର ଅଞ୍ଚଳର ଅଞ୍ଜନ ବେହେରା । ଗତ ୧୫ ତାରିଖରେ ଘଟିଥିବା ଏମିତି ଏକ ଘଟଣାରେ ଅଞ୍ଜନଙ୍କ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି ।



ରିପୋର୍ଟ: ଭୁବନେଶ୍ୱର ବ୍ୟୁରୋ

## ବେଚାରା ଅଞ୍ଜନ

### ପୃଷ୍ଠଭୂମି

ଚିନ୍ତାମଣିଶ୍ୱର ହାଇସ୍କୁଲରେ ପଢ଼ିବା ସମୟରୁ ଚମ୍ପାପୋଖରୀର ନୀହାରିକା ଦାଶ ଓରଫ୍ ଗୁଡ୍ଡି (୨୦)ଙ୍କୁ ଏକତରଫା ପ୍ରେମ କରୁଥିଲେ ସ୍ଥାନୀୟ ଅଞ୍ଚଳର ଗୌତମ ସାହୁ । ସେବେଠାରୁ ନୀହାରିକାଙ୍କୁ ଗୌତମ ବାରମ୍ବାର ପ୍ରେମ ନିବେଦନ କରୁଥିଲେ ମଧ୍ୟ ନୀହାରିକା ଏଥିରେ ସହମତି ପ୍ରକାଶ କରୁ ନ ଥିଲେ । ପରବର୍ତ୍ତୀ ସମୟରେ ନୀହାରିକାଙ୍କ ପ୍ରେମରେ ପାଗଳ ହୋଇପଡ଼ିଥିବା ଗୌତମ ହ୍ୱାଟ୍ସଆପ୍, ଫେସ୍‌ବୁକ୍ ସହ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମରେ ବାରମ୍ବାର ପ୍ରେମ ନିବେଦନ କରି ଚାଲିଥିଲେ । ଏହାରି ଭିତରେ ନୀହାରିକା ୟୁନିଟ୍-୫ କେଶରୀନଗରର କାହ୍ନା ପ୍ରଧାନ ଓରଫ ପିଙ୍କୁଙ୍କୁ ପ୍ରେମ କରିବସିଥିଲେ । ଗତ ମାର୍ଚ୍ଚ ୧୫ ତାରିଖରେ ନୀହାରିକା ଏକାମ୍ର କଲେଜରୁ ପରୀକ୍ଷା ଦେଇସାରି ଫେରିବା ସମୟରେ ଗୌତମ ସେଠାରେ ପହଞ୍ଚି ତାଙ୍କୁ ପୁଣିଥରେ ପ୍ରେମ ନିବେଦନ କରିଥିଲେ । ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରଥମେ ପାଟିତୁଣ୍ଡ ହୋଇଥିଲା । ଗୌତମର ଏକତରଫା ପ୍ରେମର ବାଚାଳାମି ସୀମା ଅତିକ୍ରମ କରୁଥିବାରୁ ଚିନ୍ତାରେ ପଡ଼ିଥିଲେ ଉଭୟ ନୀହାରିକା ଓ ପିଙ୍କୁ । ଶେଷରେ ନିଜ ବାଟରୁ ଗୌତମକୁ ହଟାଇବା ଲାଗି ଉଭୟ ରଚିଥିଲେ ଷଡ଼ଯନ୍ତ୍ର । ନୀହାରିକା, ପିଙ୍କୁ ଏବଂ ଗୌତମଙ୍କ ଅନ୍ୟ ୪ ବନ୍ଧୁ ମିଶି ଚରିଥିଲେ ଷଡ଼ଯନ୍ତ୍ର । ଯୋଜନା ଥିଲା ଯେମିତି ହେଉନା କାହିଁକି ନୀହାରିକାର ରାସ୍ତାରୁ ଗୌତମକୁ ହଟାଇବେ । ଆବଶ୍ୟକ ପଡ଼ିଲେ ଗୌତମର ଜୀବନ ନେବା ପାଇଁ ସେମାନେ ନେଇଥିଲେ ଚରମ ନିଷ୍ପତ୍ତି । କିନ୍ତୁ କିଏ ଜାଣିଥିଲା ସେମାନଙ୍କ ଏଭଳି ଷଡ଼ଯନ୍ତ୍ରରେ ଗୌତମଙ୍କ ସାଙ୍ଗ ଅଞ୍ଜନ ବଳିପଡ଼ିଯିବେ ବୋଲି!



୨୦୨୪ ମାର୍ଚ୍ଚ ୧୫ ତାରିଖ ବିଳମ୍ବିତ ରାତିରେ ଜଟଣୀର ଏକ ବିବାହ ଉତ୍ସବରେ କ୍ୟାଟେରିଂ କାର୍ଯ୍ୟ ସାରି ଗୌତମ ଓ ଅଞ୍ଜନ ଏକାଠି ଫେରୁଥିଲେ । ସେଇ ସମୟରେ କାହ୍ନା, ନୀହାରିକା ଓ ୪ଜଣ ସହଯୋଗୀ ଆସି ଚିନ୍ତାମଣିଶ୍ୱର ରାସ୍ତାରେ ସେମାନଙ୍କୁ ଅଟକାଇଥିଲେ । ଗୌତମ ଓ କାହ୍ନା ମଧ୍ୟରେ କଥା କଟାକଟି ହେବା ସହ ଝଗଡ଼ା ହୋଇଥିଲା । ସେଇ ସମୟରେ ଗୌତମର ସହଯୋଗୀ ଅଞ୍ଜନ ସେଠାରେ ଛିଡ଼ା ହୋଇଥିଲା । ସେମାନଙ୍କ ମଧ୍ୟରେ ଝଗଡ଼ା ଲାଗୁଥିବାରୁ ଅଞ୍ଜନ ଅଟକାଇବାକୁ ଉଦ୍ୟମ କରିଥିଲେ । ସେଇ ସମୟରେ କାହ୍ନା ଏକ ମାରଣାସ୍ତ୍ରରେ ଅଞ୍ଜନଙ୍କୁ ଆକ୍ରମଣ କରିଥିଲା । ଖଣ୍ଡା ଚୋଟଟି ଅଞ୍ଜନଙ୍କ କାନ୍ଧରେ ବାଜିବାରୁ ସେ ତଳେ ପଡ଼ିଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଅଧିକ ରକ୍ତସ୍ରାବ ହେବାରୁ ଅଞ୍ଜନଙ୍କ ମୃତ୍ୟୁ ହୋଇଯାଇଥିଲା । ହତ୍ୟା ପରେ ସେହିସ୍ଥାନରୁ ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ । ରାତାରାତି କାହ୍ନା ଓ ନୀହାରିକା ପ୍ରଥମେ ବ୍ରହ୍ମପୁର ପଳାଇଥିଲେ । ସେଠାରେ ସମ୍ପର୍କୀୟଙ୍କ ଘରେ ଦିନେ ରହିବା ପରେ ପୁଣି ଜଟଣୀ ପଳାଇ ଆସିଥିଲେ । ସେମାନଙ୍କୁ ଧରିବା ଲାଗି ପୁଲିସ ପିଛା କରୁଥିବାରୁ ଉଭୟ ବାରମ୍ବାର ସ୍ଥାନ ବଦଳାଉଥିଲେ । ଶେଷରେ ସାଲିଆସାହିରେ ରହୁଥିବା କାହ୍ନାର ଜଣେ ସମ୍ପର୍କୀୟଙ୍କ ଘରେ ଉଭୟ ଆଶ୍ରୟ ନେଇଥିଲେ । ଘଟଣାର ୩ ଦିନ ପରେ ଲକ୍ଷ୍ମୀସାଗର ଥାନା ପୁଲିସ ଉଭୟ ପ୍ରେମୀଯୁଗଳଙ୍କୁ ସେଠାରୁ କାବୁ କରି ନେଇଥିଲା । ଏହି ମାମଲାରେ କାହ୍ନା ଓ ନୀହାରିକାଙ୍କ ଆହୁରି ୪ଜଣ ସହଯୋଗୀଙ୍କୁ ଚିହ୍ନଟ କରାଯାଇଛି । ସେମାନେ ଧରିବାକୁ ଉଦ୍ୟମ କରାଯାଉଛି । ସୋମବାର ଉଭୟଙ୍କୁ ନେଇ ସିନ୍ ରିକ୍ରିଏସନ୍ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ ।

### ଜେଲ୍ ଫେରନ୍ତା କାହ୍ନା

ହତ୍ୟା ଅଭିଯୁକ୍ତ କାହ୍ନା ନାମରେ ଦୁଇଟି ରାହାଜାନି ମାମଲା ରହିଛି । ନୂଆପଲ୍ଲୀ ଥାନା ଓ କ୍ୟାପିଟାଲ ଥାନାରେ ରାହାଜାନି ମାମଲାରେ କାହ୍ନାକୁ ଗିରଫ କରାଯାଇଥିଲା । ସେ ଗିରଫ ହୋଇ ଜେଲ ଯାଇଥିଲା । କିନ୍ତୁ ଜାମିନ୍‌ରେ ମୁକୁଳି ନିଜ ଅଞ୍ଚଳରେ ଦବ୍‌ଦବା ଦେଖାଉଥିଲେ । ଏପରିକି ତା' ପ୍ରେମିକାକୁ ଲୁଟ୍ ସମ୍ପତ୍ତିରୁ ଟଙ୍କା ଓ ସୁନାଗହଣା ଉପହାର ଦେଉଥିଲା । ଦୁଇ ଥର ଲେଖାଏଁ ଜେଲ ଯାଇଥିଲା । ଏଥର କାହ୍ନାର ବେଲ୍ ବଣ୍ଡ ବାତିଲ୍ ଲାଗି କୋର୍ଟରେ ଆବେଦନ କରାଯିବ ବୋଲି ପୁଲିସ କହିଛି ।

# ଟାହିଟାପରାରୁ ଡବଲ୍ ମର୍ଡର୍







କଟୁ କଥା, କାହା ପାଇଁ ଖେଳ ହୋଇଥାଏ ତ ଆଉ କାହା ପାଇଁ କାଳ । ଅନେକ ସମୟରେ କଥା କଥାରୁ ଆରମ୍ଭ ହୋଇଥାଏ ଟାହି ଟାପରା । ଆଉ ତା' ପରେ ଏହା ଉଗ୍ରରୂପ ଧାରଣ କରିଥାଏ । ପରିଣାମ ଏଭଳି ହୋଇଥାଏ ଯେ ଏହାକୁ କେନ୍ଦ୍ରକରି ହତ୍ୟା ଭଳି ଜଘନ୍ୟ ଘଟଣା ଘଟିଥାଏ । ଏହାର ଉଦାହରଣ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅଞ୍ଚଳରେ । ଯେଉଁଠାରେ ଟାହିଟାପରାକୁ କେନ୍ଦ୍ରକରି ଗୋଟିଏ ପରିବାରର ବାପା, ପୁଅଙ୍କ ମୁଣ୍ଡ ଗଡ଼ିଥିବା ବେଳେ ଅନ୍ୟଏକ ପରିବାରର ବାପ ଓ ୪ ପୁଅଙ୍କୁ ଅଜୀବନ ଜେଲ୍ ଦଣ୍ଡାଦେଶ ହୋଇଛି । ଏଭଳି ଏକ ବୀଭତ୍ସ ଓ ରୋମାଞ୍ଚକର ଘଟଣାକୁ ନେଇ ଏଥର ସ୍ୱତନ୍ତ୍ର ଉପସ୍ଥାପନା ।

ବ୍ରହ୍ମପୁରରୁ ଶକ୍ତିଧର ରାଜଗୁରୁଙ୍କ ରିପୋର୍ଟ

ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ତଥା ପାଟପୁର ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ଦୁଇ ପଡ଼ୋଶୀ ଗୋଲା ସ୍ୱାଇଁ ଓ ଧନୁ ସ୍ୱାଇଁଙ୍କ ପରିବାର ମଧ୍ୟରେ ଦୀର୍ଘବର୍ଷ ଧରି ବିଭିନ୍ନ କାରଣରୁ ଲାଗି ରହିଥିଲା କଳହ । ବିଭିନ୍ନ ସମୟରେ ଉଭୟ ପରିବାର ମଧ୍ୟରେ ମାର୍‌ପିଟ ଓ ଗଣ୍ଡଗୋଳ ଲାଗି ରହୁଥିଲା । ତେବେ ୨୦୧୩ ଡିସେମ୍ବର କରିଥିଲେ । ତେବେ ଅଭିଯୋଗ ଆଧାରରେ କୌଣସି ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ପରେ ଏହାକୁ ନେଇ କୋର୍ଟରେ ଏକ ୱାନ୍-ସିସି ରୁଜୁ ହୋଇଥିଲା । ଏହି ଜଘନ୍ୟ ତଥା ସଂଘବଦ୍ଧ ଡବଲ ମର୍ଡର ଘଟଣା ଗଞ୍ଜାମ ଜିଲ୍ଲାର ଅନ୍ୟଏକ ଚର୍ଚ୍ଚିତ ଘଟଣା । ଗତ କିଛିଦିନ ପୂର୍ବେ ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଥିଲା । ଦୀର୍ଘ ୧୦ବର୍ଷର ବିଚାର ପରେ ବ୍ରହ୍ମପୁର ଅତିରିକ୍ତ



ବାପ, ୩ ପୁଅଙ୍କ ସମେତ ୫ ଜଣଙ୍କୁ ଆଜୀବନ ଜେଲ୍

୨୮ ତାରିଖରେ ଗୋଲା ସ୍ୱାଇଁ ଓ ତାଙ୍କ ପୁଅ ରାଜୀବ ସ୍ୱାଇଁ ଗାଁର ପୋଖରୀରେ ସ୍ନାନ କରୁଥିବା ବେଳେ ହଠାତ୍ ଧନୁ ସ୍ୱାଇଁଙ୍କ ୩ ପୁଅ ବାୟା ସ୍ୱାଇଁ, ଅମିନ ସ୍ୱାଇଁ ଓ କାର୍ତ୍ତିକ ସ୍ୱାଇଁଙ୍କ ସମେତ ଅନ୍ୟ କେତେଜଣ ସଂଘବଦ୍ଧ ଭାବେ ଗୋଲା ଓ ତାଙ୍କ ପୁଅ ରାଜୀବଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଖବର ପାଇ ଗୋଲା ସ୍ୱାଇଁଙ୍କ ପତ୍ନୀ ମାୟା ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ କରିଥିଲେ । ଏଠାରେ ମାୟାଙ୍କୁ ମଧ୍ୟ ମରଣାନ୍ତକ ଆକ୍ରମଣ ହୋଇଥିଲା । ଆକ୍ରମଣରେ ଗୋଲା ଓ ତାଙ୍କ ପୁଅ ରାଜୀବଙ୍କର ମୃତ୍ୟୁ ଘଟିଥିବା ବେଳେ ମାୟାଙ୍କ ଗୋଟିଏ ହାତ କଟିଯାଇଥିଲା । ଘଟଣାରେ ବାୟା, ଅମିନ ଓ କାର୍ତ୍ତିକଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା ପାଟପୁର ଥାନା ପୁଲିସ । ପରେ ତଦନ୍ତକାରୀ ଅଧିକାରୀ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ । ତେବେ ହତ୍ୟାକାଣ୍ଡରେ ଧନୁ ସ୍ୱାଇଁ, ଭଗବାନ ସ୍ୱାଇଁ ଓ ଧନୁଙ୍କର ୩ ବୋହୂ ସୁନିତା, ଅବନ୍ତି ଓ ଲକ୍ଷ୍ମୀଙ୍କର ସମ୍ପୃକ୍ତି ଥିବା ଦର୍ଶାଇ ମୃତ ଗୋଲା ସ୍ୱାଇଁଙ୍କ ବିଧବା ପତ୍ନୀ ମାୟା କୋର୍ଟରେ ଅଭିଯୋଗ

ଜିଲ୍ଲା ଦୌରାଜଜ୍ ଡ. ଇନ୍ଦୁ ଶର୍ମାଙ୍କ ଅଦାଲତରେ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଥିଲା । ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ କୋର୍ଟ ବାପା ଧନୁ ସ୍ୱାଇଁଙ୍କ ସମେତ ତାଙ୍କର ୩ ପୁଅ ଓ ଅନ୍ୟଜଣଙ୍କୁ ମିଶାଇ ମୋଟ ୫ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ବେଳେ ଅନ୍ୟ ୩ଜଣ ମହିଳା ଅର୍ଥାତ ଧନୁଙ୍କ ୩ ବୋହୂଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଗୋଲା ସ୍ୱାଇଁ ଓ ତାଙ୍କ ପୁଅ ରାଜୀବ ସ୍ୱାଇଁଙ୍କ ହତ୍ୟାକାଣ୍ଡ ମାମଲାରେ ବିଚାରଣା ବେଳେ ମୋଟ ୧୯ ଜଣ ସାକ୍ଷ୍ୟଙ୍କ ବୟାନ ରେକର୍ଡ କରାଯାଇଥିଲା । ଗତ ଗୁରୁବାର ମାମଲାର ଚୂଡ଼ାନ୍ତ ରାୟପ୍ରକାଶ ବେଳେ ଧନୁ ସ୍ୱାଇଁ (୮୦)ଙ୍କ ସମେତ ତାଙ୍କର ୩ ପୁଅ ଓ ୩ବୋହୂଙ୍କ ସହ ଘଟଣାରେ ସମ୍ପୃକ୍ତ ସମ୍ପର୍କୀୟ ଭଗବାନ ସ୍ୱାଇଁ କୋର୍ଟରେ ହାଜର ହୋଇଥିଲେ । ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି କୁରେଶୁ ଗୌଡ ଓ ସୌଭାଗ୍ୟ କୁମାର ମିଶ୍ର ମକଦ୍ଦମା ପରିଚାଳନା କରୁଥିଲେ ।





## ୨୬ ଲକ୍ଷର ବ୍ରାଉନସୁଗର ଜବତ



ଜଳେଶ୍ୱର ବ୍ଲକ, ୨୭।୩ (ସମିସ): ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ନିଶା କାରବାରର ହବ୍ ପାଲଟି ଥିବାବେଳେ ଜଳେଶ୍ୱର ପୁଲିସ ୨୬ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରିଛି। ଏହି ଘଟଣାରେ ଜଣେ ଯୁବକ ଗିରଫ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ମାଲଗୋଦାମସାହି ଅଞ୍ଚଳରେ ଝାଡେଶ୍ୱରପୁର ଅଞ୍ଚଳର ଜଣେ ଯୁବକ ବ୍ରାଉନସୁଗର କାରବାର ପାଇଁ ଅନ୍ୟ ବେପାରୀକୁ ଅପେକ୍ଷା କରିଥିବା ନେଇ ଜଳେଶ୍ୱର ଥାନା ଆଇଆଇସି ରଞ୍ଜନ କୁମାର ସେଠୀ ଖବର ପାଇଥିଲେ। ପୁଲିସ ଟିମ୍ ତୁରନ୍ତ ସେଠାରେ ଚଢ଼ଉ କରି ଉକ୍ତ ଯୁବକକୁ ଗିରଫ କରିବା ସହିତ ତାଠାରୁ ୨୬୦ ଗ୍ରାମ ବ୍ରାଉନସୁଗର ଯାହାର ଆନୁମାନିକ ମୂଲ୍ୟ ୨୬ ଲକ୍ଷ ଟଙ୍କା ମୂଲ୍ୟ ହେବ, ଗୋଟିଏ ମୋବାଇଲ ଫୋନ୍ ଓ ନଗଦ ୧୪୨୦ ଟଙ୍କା ଜବତ କରିଛି। ଗିରଫ ଯୁବକଙ୍କ ନାମରେ ପୂର୍ବରୁ ୨୦୨୨ ମସିହାରେ ଜଳେଶ୍ୱର ଥାନାରେ ଏକ ମାମଲା ରହିଛି। ଘଟଣା ବାବଦରେ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଦିଲ୍ଲୀପ କୁମାର ସାହୁ, ଆଇଆଇସି ଶ୍ରୀ ସେଠୀ ସୂଚନା ଦେଇଛନ୍ତି। ପୁଲିସ ଅଭିଯୁକ୍ତର ପରିଚୟ ଦେଇନାହିଁ।

## ହୋଲି ଖେଳ ବନ୍ଦ କରି ଶବ ସତ୍କାର କଲେ ଯୁବଗୋଷ୍ଠୀ



ଯୁଯୁମୁରା, ୨୭।୩(ସମିସ): ହୋଲିପର୍ବ ବେଶ୍ ଆନନ୍ଦ ଉତ୍ସାହ ସହ ପାଳନ ହେଉଥାଏ। ସମ୍ବଲପୁର ଜିଲ୍ଲା ଯୁଯୁମୁରା ଗାଁରେ ଯୁବକମାନେ ହୋଲି ଉତ୍ସବରେ ମସଗୁଲ ରହିଥିଲା ବେଳେ ହଠାତ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଖବର ପାଇ ଶୋକର ଲହରୀ ଖେଳି ଯାଇଥିଲା। ଯୁବକମାନେ ପରସ୍ପରକୁ ରଙ୍ଗ, ଅବିର ଲଗାଉଥିଲା ବେଳେ ଗ୍ରାମର ବୃଦ୍ଧ ମହିଳା ଅନ୍ନ ଗୁଡ଼ିଆ (୬୫)ଙ୍କ ମୃତ୍ୟୁ ଘଟିଥିବା ଖବର ପ୍ରଚାର ହୋଇଥିଲା। ଖବର ପାଇବା ପରେ ହୋଲି ଖେଳକୁ ବନ୍ଦ କରିଦେଇ ଯୁବକମାନେ ଶବସତ୍କାର କରିଥିଲେ। ଏହି ମହତ୍ କାମ ପାଇଁ ସବୁଆଡ଼େ ଯୁବଗୋଷ୍ଠୀଙ୍କ ପ୍ରଶଂସା କରାଯାଉଛି। ମୃତ ଅନ୍ନଙ୍କ କେହି ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ନ ଥିଲେ। ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା କରିବାକୁ କେହି ନଥବା ଜାଣିବା ପରେ ଯୁବକମାନେ ହୋଲି ଖେଳକୁ ବନ୍ଦ କରିଦେଇଥିଲେ। ଯୁବକ ଅରୁଣ ଦେହୁରି, କିରନ ପ୍ରଧାନ, ଗୁଣ ବିଶ୍ୱାଳ, ସଞ୍ଜୟ ବିଶ୍ୱାଳ, ରଞ୍ଜନ ବିଶ୍ୱାଳ, ଅମିତ ବିଶ୍ୱାଳ, ତରୁଣ ଦେହୁରି, ଜଗବନ୍ଧୁ ଦେହୁରି, ଅନୁପ ବେହେରା ପ୍ରମୁଖ ଏଥିରେ ସାମିଲ ଥିଲେ।

# ହୋଲିବେଳେ ଯୁବକଙ୍କୁ ଛୁରି ଭୁସି ହତ୍ୟା

## ଶବ ରଖି ଥାନା ଘେରଉ, ୨ ଅଭିଯୁକ୍ତ ଗିରଫ





ବାମରା, ୨୭।୩(ସମିସ): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ କେନ୍ଦୁପାଣିଠାରେ ହୋଲି ଉତ୍ସବବେଳେ ଗଣ୍ଡଗୋଳ ଘଟି ଜଣକର ଛୁରାମାଡ଼ରେ ଜଣକର ମୃତ୍ୟୁ ହୋଇଯାଇଥିଲା। ମୃତ ଯୁବକ ଜଣକ ହେଉଛନ୍ତି ଚିନ୍ମୟ ହାତୀ(୨୨)। ପୁଲିସ ସୂତ୍ରରୁ ପ୍ରକାଶ ଯେ, କେନ୍ଦୁପାଣି ଗ୍ରାମର ହରିଜନପଡ଼ାରେ ହୋଲି ଅବସରରେ ଯୁବକଯୁବତୀମାନେ ଏକତ୍ରିତ ହୋଇ ନୃତ୍ୟଗୀତରେ ବ୍ୟସ୍ତ ଥିଲେ। ଏହି ସମୟରେ ସେହିପଡ଼ାର ପ୍ରମୋଦ ମହାନନ୍ଦ (୨୭) ସାଉଣ୍ଡ ବକ୍ସ ବଜାଇବାକୁ ମନା କରିବାରୁ ସେଠାରେ ଥିବା ଚିନ୍ମୟ ହାତୀ(୨୨) ଓ ଦୀପକ ସୁନାନୀ(୨୪)ଙ୍କ ମଧ୍ୟରେ ବଚସା ଓ ପାଟିତୁଣ୍ଡ ହୋଇଥିଲା। ପରେ ଗଣ୍ଡଗୋଳ ବଢ଼ିଯିବାରୁ ପ୍ରମୋଦ ନିଜ ସାଙ୍ଗ ନିକଟ ଗାଁ ବାଦପଡ଼ା ନିବାସୀ ମେଘନାଦ ଛତ୍ରିଆ (୩୨)କୁ ଫୋନ କରି ଘଟଣାସ୍ଥଳକୁ ଡାକିଥିଲା। ମେଘନାଦ ମଧ୍ୟ ସେଠାକୁ ଏକ କାର୍ ଯୋଗେ ଆସି ଗଣ୍ଡଗୋଳ କରିଥିଲା। ବାହାର ଗ୍ରାମର ବ୍ୟକ୍ତି ଆମ ଗାଁରେ ଆମ ଗଣ୍ଡଗୋଳରେ ହସ୍ତକ୍ଷେପ କରିବାକୁ ବିରୋଧ କରିବାରୁ ମେଘନାଦ ସେଠାରୁ ଫେରିଯାଇଥିଲା। ତେବେ ସେ ପ୍ରତିଶୋଧପରାୟଣ ହୋଇ ଏକ ବାଇକ୍‌ରେ ପୁଣି ସେହି ସ୍ଥାନ ପାଖରେ ଥିବା ଏକ ଦୋକାନରେ ଜଗିଥିଲା। ଦ୍ୱିତୀୟ ଥର ପୁଣି ଗଣ୍ଡଗୋଳ ହେବାରୁ ମେଘନାଦ ନିଜ ପାଖରେ ରଖିଥିବା ଏକ ଧାରୁଆ ଅସ୍ତ୍ରରେ ପ୍ରଥମେ ଦୀପକ ସୁନାନୀକୁ ଅତର୍କିତ ଭାବେ ଆକ୍ରମଣ କରିଥିଲା। ଏହାଦେଖି ଘଟଣାସ୍ଥଳରେ ଥିବା ଚିନ୍ମୟ ହାତୀ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ମାତ୍ର ରକ୍ତମୁଖା ଥିବା ମେଘନାଦ ଭୁଜାଲିରେ ଚିନ୍ମୟଙ୍କ ପେଟରେ ଭୁଷି ଦେବାରୁ ରକ୍ତାକ୍ତ ହୋଇ ତଳେ ପଡ଼ିଯାଇଥିଲେ। ଆକ୍ରମଣ କରିଥିବା ମେଘନାଦକୁ କାବୁ କରୁଥିବା ସମୟରେ ସେ ଦୌଡ଼ି ସେଠାରୁ ଫେରାର ମାରିଥିଲେ। ଅନ୍ୟପଟେ ଉଭୟଙ୍କୁ ୧୦୮ ଆମ୍ବୁଲେନ୍ସରେ ବାମରା ଡାକ୍ତରଖାନାକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଚିନ୍ମୟଙ୍କ ମୃତ୍ୟୁ ହୋଇଥିବା ବେଳେ ଦୀପକଙ୍କୁ ସେଠାରୁ ରାଉରକେଲାର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ଖବର ପାଇ ଗୋବିନ୍ଦପୁର ଥାନାଧିକାରୀ ରାଜେନ୍ଦ୍ର ବେହେରା, ସବ୍‌ଇନ୍ସପେକ୍ଟର ଗଞ୍ଜୁ ଓରାମ ସମେତ ଅନ୍ୟାନ୍ୟ ଷ୍ଟାଫ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। ପୁଲିସ ଅଭିଯୁକ୍ତ ମେଘନାଦ ଓ ପ୍ରମୋଦକୁ ଗିରଫ କରିଛି। ତେବେ ବୁଧବାର ଦିନ ବ୍ୟବଚ୍ଛେଦ ପରେ ଚିନ୍ମୟଙ୍କ ଶବକୁ ଥାନା ସମ୍ମୁଖରେ ରଖି ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ପ୍ରାୟ ଚାରିଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ଆଜି ଏକ ଶୋକାକୁଳ ପରିବେଶରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

## ହୋଲି ଅଘଟଣ: ପାଣିରେ ବୁଡ଼ି ଯୁବକ ମୃତ

ସମ୍ବଲପୁର, ୨୭।୩(ସମିସ): ହୋଲି ସମୟରେ ଘଟିଗଲା ଅଘଟଣ। କେନାଲରେ ଗାଧୋଉଥିବାବେଳେ ପାଣିରେ ବୁଡ଼ିଯାଇ ବଡ଼ସିଂହାରୀ ଗ୍ରାମର ପୃଥ୍ୱୀରାଜ ବେହେରା(୩୦)ଙ୍କ ମୃତ୍ୟୁ ହୋଇଯାଇଥିଲା। ସେ ହୋଲି ଖେଳିସାରିବା ପରେ ବୁର୍ଲା ଥାନା ମୁଣ୍ଡୋଘାଟ ନିକଟ କେନାଲକୁ ଗାଧୋଇବାକୁ ଯାଇଥିଲେ। କେନାଲରେ ନିଜ ସାଙ୍ଗକୁ ଅଟକାଇ ନିଜେ ପ୍ରଥମେ ଗାଧୋଇବାକୁ ଓହ୍ଲାଇଥିଲେ। ସେହି ସମୟରେ ସେ ପାଣିରେ ବୁଡି ଯାଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚି ଉଦ୍ଧାର କରିଥିଲା। ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି।

## ଝରଣାରେ ବୁଡ଼ି ନାବାଳକ ମୃତ

ଭବାନୀପାଟଣା, ୨୭।୩(ସମିସ): ଭବାନୀପାଟଣା ମହାବୀର ପଡ଼ାର ଖଗେଶ୍ୱର ବନ୍ଦୀଛୋରଙ୍କ ପୁଅ ଦେବ କୁମାର ବନ୍ଦୀଛୋର (୧୩)ଙ୍କ ଝରଣାରେ ବୁଡ଼ି ମୃତ୍ୟୁ ଘଟିଛି। ହୋଲି ଖେଳି ସରିବା ପରେ ସେ ସାଙ୍ଗମାନଙ୍କ ସହ ମିଶି ଶୋଷପଦର ଝରଣାକୁ ଗାଧେଇବା ପାଇଁ ଯାଇଥିଲେ। ଅନେକ ସମୟ ପରେ ପାଣିରୁ ନ ବାହାରିବାରୁ ତାଙ୍କ ସାଙ୍ଗମାନେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ସଦର ଥାନା ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପାଣିରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ସଦର ଥାନାରେ ଏକ ମାମଲା ରୁଜୁ କରାଯାଇଛି।

### ଗାଧୋଇବାକୁ ଯାଇ ଯୁବକ ନିଖୋଜ

## ମୃତଦେହ ନ ମିଳିବାରୁ ଗ୍ରାମବାସୀଙ୍କ ରାସ୍ତା ଅବରୋଧ



ବାଲିଗୁଡ଼ା, ୨୭।୩(ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଦଣ୍ଡପଦରସ୍ଥିତ ଗୋଇବନ୍ଦ ଘାଇରେ ନୂଆସାହିର ଜଣେ ଯୁବକ ପାଣିରେ ବୁଡ଼ି ନିଖୋଜ ହୋଇ ଯାଇଥିଲେ। ମଙ୍ଗଳବାର ହୋଲି ଖେଳିବା ପରେ ବାଲିଗୁଡ଼ା ଦଣ୍ଡପଦର ନିକଟସ୍ଥ ଗୋଇବନ୍ଧା ଗ୍ରାମକୁ ଗାଧୋଇବାକୁ ଯାଇଥିଲେ ନୂଆସାହିରେ ମଧୁସୂଦନ ବିଶୋଇ। କୌଣସି କାରଣବଶତଃ ମଧୁସୂଦନ ପାଣିରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ହେଲେ ଯୁବକଙ୍କ କୌଣସି ପତ୍ତା ନମିଳିବାରୁ ପାଣିରେ ବୁଡ଼ି ଯାଇଥିବା ସନ୍ଦେହ କରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ବହୁ ଖୋଜାଖୋଜି କରିବା ପରେ ମଧ ମଧୁସୂଦନଙ୍କ ପତ୍ତା ମିଳି ନଥିଲା। ଏହି ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ନିଖୋଜ ଯୁବକଙ୍କ ଖବର ମିଳିନଥିଲା। ଘଟଣାକୁ ନେଇ ନୂଆସାହିରେ ଚାପା ଉତ୍ତେଜନା ଦେଖା ଦେଇଥିଲା। ଉତ୍ତ୍ୟକ୍ତ ଲୋକେ ୫୯ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ନୂଆସାହି କ୍ୟାଥଲିକ୍ ଚର୍ଚ୍ଚ ନିକଟସ୍ଥ କଳ୍ପନା ଛକରେ ରାସ୍ତା ଅବରୋଧ କରିଥିବା ଯୋଗୁଁ ୫୯ ନଂ ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ିମଟର ଅଟକି ରହିଥିଲା। ଘଟଣାସ୍ଥଳରେ ବାଲିଗୁଡ଼ା ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ୪ ଘଣ୍ଟା ପରେ ରାସ୍ତାରୋକ ହଟିଥିଲା।

### ■ ହୋଲିରେ ଅଘଟଣ

## ପୋଖରୀରେ ବୁଡ଼ି ନାବାଳକ ମୃତ

ସାଲେପୁର, ୨୭।୩(ସମିସ): ସାଲେପୁର ବ୍ଲକର ଛାଣିପୁର ପଞ୍ଚାୟତ କରମୁଆଁ ଗ୍ରାମରେ ହୋଲି ଖେଳିସାରି ନିକଟସ୍ଥ ପୋଖରୀରେ ଗାଧୋଇବାକୁ ଯାଇଥିବାବେଳେ ପାଣିରେ ଗୋଡ଼ ଖସିଯିବାରୁ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ସରୋଜ କୁମାର ଦାଶଙ୍କର ପୁତ୍ର ଯୁକ୍ତ ଦୁଇ ଶ୍ରେଣୀରେ ପଢୁଥିବା ଆଶିଷ କୁମାର ଦାଶ(୧୭)। ପୋଖରୀରେ ବୁଡ଼ି ଯିବା ପରେ ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଆଶିଷଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି। ସରୋଜଙ୍କର ସେ ଏକମାତ୍ର ପୁତ୍ର ଥିଲେ।

## ନଦୀରେ ବୁଡ଼ି ନାବାଳକ ମୃତ

ହେମଗିରି, ୨୭।୩(ସମିସ): ହୋଲି ଅବସରରେ ମଙ୍ଗଳବାର ଅପରାହ୍ନ ସାଢ଼େ ୧ଟାରେ ଏମସିଏଲସ୍ଥିତ ବସୁନ୍ଧରା ନଦୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜୟଦେବ ସିଂହଙ୍କ ପୁଅ ଅଭିନବ କୁମାର ସିଂହ (୧୩)। ଅଭିନବ ସାଙ୍ଗମାନଙ୍କ ସହ ହୋଲି ଖେଳିବା ପରେ ବସୁନ୍ଧରା ନଦୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଅସାବଧାନତା ବଶତଃ ସେ ପାଣିରେ ବୁଡ଼ିଯାଇଥିଲେ। ପରେ ସାଙ୍ଗମାନେ ତାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ସୂଚନା ଦେବା ସହ ଏମସିଏଲ ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଅଭିନବଙ୍କ ବାପା ଜୟଦେବ ଏମସିଏଲରେ ଚାକିରି କରୁଥିବା ବେଳେ ତାଙ୍କ ଘର ବିହାର ବୋଲି ଜଣାପଡ଼ିଛି। ଏ ନେଇ ଜୟଦେବ ଥାନାରେ ଏତଲା ଦେବାପରେ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶେଷକୃତ୍ୟ ପାଇଁ ଅଭିନବଙ୍କ ମୃତଦେହ ବିହାର ନିଆଯାଇଛି।

## ଲୁଣାନଦୀରେ ବୁଡ଼ିଗଲେ ଛାତ୍ର

ନିଶ୍ଚିନ୍ତକୋଇଲି, ୨୭।୩(ସମିସ): ନିଶ୍ଚିନ୍ତକୋଇଲି ଥାନା ଅଧୀନସ୍ଥ ସରପଡ଼ା ପଞ୍ଚାୟତ ସାଧୁପୁର ଗ୍ରାମର ପ୍ରଭାସ କୁମାର ସ୍ୱାଇଁଙ୍କ ପୁତ୍ର ସୌମ୍ୟ ଶୁଭ୍ରାଂଶୁ ସ୍ୱାଇଁ (୧୮) ଗାଧୋଉଥିବାବେଳେ ଲୁଣାନଦୀର ଖଣ୍ଡସାହି ନିକଟସ୍ଥ ମଙ୍ଗଳାଗଣ୍ଡରେ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ହୋଲିରେ ରଙ୍ଗ ଖେଳିବା ପରେ ଅପରାହ୍ନ ୩ଟା ସମୟରେ ଲୁଣା ନଦୀକୁ ସାଙ୍ଗମାନଙ୍କ ସହିତ ଗାଧୋଇ ଯାଇଥିଲେ। ଗାଧୋଇବା ସମୟରେ ଗୋଡ଼ ଖସିଯିବାରୁ ଗଭୀର ନଦୀକୁ ଯାଇ ଗଣ୍ଡରେ ପଡ଼ି ପ୍ରାଣ ହରାଇଥିଲେ। ସାଥି ଯୁବକମାନେ ଖୋଜା ଖୋଜି କରି ଉଦ୍ଧାର କରି ତାଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପୂର୍ବରୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡ଼ିକାଲକୁ ପଠାଯାଇଥିଲା।


SALE
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
Ph.: 9437015112



AFFIDAVIT
I, Ajay Bhogilal Mehta, S/o- Late Bhogilal Mehta, Resident of At- Krishna Enclave, 1st Floor 101, Kalavikash kendra Road, Buxibazar, Near Stewart School, PS- Mangalabag, Cuttack Sadar, Dist-Cuttack, Odisha-753001, declare by this affidavit No.10129 dtd 22.03.2024 that now onwards I shall be known as **Ajay Mehta** for all future purposes.



AFFIDAVIT
I, Archana Ajay Mehta, D/o- Late Chandrakant Modi, Resident of At- Krishna Enclave, 1st Floor 101, Kalavikash kendra Road, Buxibazar, Near Stewart School, PS- Mangalabag, Cuttack Sadar, Dist-Cuttack, Odisha-753001, declare by this affidavit No.10130 dtd 22.03.2024 that now onwards I shall be known as **Archana Mehta** for all future purposes.



NOTIFICATION
This is for the information of all concerned that M/s MAYFAIR Hotels & Resorts Limited has accorded Environmental Clearance from State Environment Impact Assessment Authority (SEIAA), Odisha for construction of Proposed G+7 Storied (Block-A) and B+G+4 Storied (Block-B) Hotel and Convention Centre "Mayfair Sanctuary" with built up area 99,204.65 Sqm. at Plot No. 3(P), 4(P), Chandrasekharpur, Bhubaneswar, Dist- Khurda, Odisha.
A copy of the said clearance Identification No. EC23B038OR123381 and File No. 4052526/103-INFRA2/11-2022, Dated 15th May, 2023 is available with the website of the SEIAA at http://www.orissaseiaa.gov.in/.
Sd/- MAYFAIR Hotels & Resorts Limited


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମହାସମର ପାଇଁ...

ନିର୍ବାଚନରେ ବିଜେଡି ଓଡ଼ିଶା ବିଧାନସଭା ନିର୍ବାଚନରେ ରେକର୍ଡ ବିଜୟ ଲକ୍ଷ୍ୟ ହାସଲ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ୫୦ ପ୍ରତିଶତରୁ ଅଧିକ ଭୋଟ୍ ହାତେଇବାକୁ ନକ୍ସା ପ୍ରସ୍ତୁତ କରିଛି। ଏହିକ୍ରମରେ ବହୁ ଅଙ୍କକଷା, କସରତ୍ ପରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତାଲିକା ଉପରେ ମୋହର ମାରିଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀଙ୍କୁ କ୍ରମାଗତ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଆସନରେ ବସାଇବାକୁ ବିଜେଡି କର୍ମୀମାନେ ଶପଥ ମଧ୍ୟ ନେଇଛନ୍ତି। ପ୍ରାର୍ଥୀ ତାଲିକାକୁ ଦେଖିଲେ ବିଜେଡି ଏଥର୍ ଆର୍‌ପାର୍ ଲଢ଼େଇ ମୁଡରେ ଥିବାବେଳେ ସର୍ବାଧିକ ବିଜୟ ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ଟିକେଟ ଦେଇଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ବିଷମ କଟକରୁ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଦଳ ପୁନର୍ବାର ପ୍ରାର୍ଥୀ କରିଛି। ଗୁଣୁପୁର ବିଧାନସଭାରୁ ରଘୁନାଥ ଗମାଙ୍ଗ, ରାୟଗଡ଼ାରୁ ଅନୁସୟା ମାଝୀ, ବରଗଡରୁ ଦେବେଶ ଆଚାର୍ଯ୍ୟ, ବିଜେପୁରରୁ ରୀତା ସାହୁ, ଅତାବିରାରୁ ସ୍ନେହାଙ୍ଗିନୀ ଛୁରିଆ, ଭଟଲୀରୁ ସୁଶାନ୍ତ ସିଂ, ଜଳେଶ୍ୱରରୁ ଅଶ୍ୱିନୀ ପାତ୍ର, ବସ୍ତାରୁ ସୁବାସିନୀ ଜେନା, ଭଣ୍ଡାରୀପୋଖରୀରୁ ସଞ୍ଜିବ ମଲ୍ଲିକ, ଚାନ୍ଦବାଲିରୁ ବ୍ୟୋମକେଶ ରାୟ, ଭଦ୍ରକରୁ ପ୍ରଫୁଲ୍ଲ ସାମଲ, ବାସୁଦେବପୁରରୁ ବିଷ୍ଣୁବ୍ରତ ରାଉତ, ଧାମନଗରରୁ ଡ. ସଞ୍ଜୟ କୁମାର ଦାସ ରହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ବିଞ୍ଝାରପୁରରୁ ପ୍ରମିଳା ମଲ୍ଲିକ, ଧର୍ମଶାଳାରୁ ପ୍ରଣବ ବଳବନ୍ତରାୟ, ଯାଜପୁରରୁ ସୁଜାତା ସାହୁ, ସୁକିନ୍ଦାରୁ ପ୍ରୀତିରଞ୍ଜନ ଘଡ଼େଇ, ଢେଙ୍କାନାଳରୁ ସୁଧୀର ସାମଲ, କାମାକ୍ଷାନଗରରୁ ପ୍ରଫୁଲ୍ଲ ମଲ୍ଲିକ, ପରଜଙ୍ଗରୁ ନୃସିଂହ ସାହୁ, ପାଲଲହଡାରୁ ମୁକେଶ ପାଲ, ଛେଣ୍ଡିପଦାରୁ ସୁଶାନ୍ତ ବେହେରା, ସୋନପୁରରୁ ନିରଞ୍ଜନ ପୂଜାରୀ, ଲୋଇସିଂହାରୁ ନିହାରରଞ୍ଜନ ବେହେରା, ପାଟଣାଗଡରୁ ସରୋଜ ମେହେରଙ୍କୁ ପ୍ରାର୍ଥୀ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ବଲାଙ୍ଗିରରୁ କଳିକେଶ ନାରାୟଣ ସିଂହଦେଓ, ଟିଟିଲାଗଡରୁ ଟୁକୁନି ସାହୁ, ନୂଆପଡାରୁ ରାଜେନ୍ଦ୍ର ଢୋଲକିଆ, ଉମରକୋଟରୁ ନବୀନା ନାୟକ, ଝରିଗାଁରୁ ରମେଶଚନ୍ଦ୍ର ମାଝୀ, ନବରଙ୍ଗପୁରରୁ କୌଶଲ୍ୟା ପ୍ରଧାନୀ, ଡାବୁଗାଁରୁ ମନୋହର ରନ୍ଧାରୀ, ଲାଞ୍ଜିଗଡରୁ ପ୍ରଦୀପ ଦିଶାରୀ, ଜୁନାଗଡରୁ ଦିବ୍ୟଶଙ୍କର ମିଶ୍ର, ଧର୍ମଗଡରୁ ପୁଷ୍ପେନ୍ଦ୍ର ସିଂହଦେଓ, ଭବାନୀପାଟଣାରୁ ଲତିକା ନାୟକ, ଜି.ଉଦୟଗିରିରୁ ସାଲୁଗା ପ୍ରଧାନ, କନ୍ଧମାଳରୁ ମହାଧର ରଣା, ବୌଦ୍ଧରୁ ପ୍ରଦୀପ ଅମାତଙ୍କ ଉପରେ ମୁଖ୍ୟମନ୍ତ୍ରୀ ଆସ୍ଥା ସ୍ଥାପନ କରିଛନ୍ତି।

ବଡ଼ମ୍ବାରୁ ମୁଖ୍ୟମନ୍ତ୍ରୀ ଦେବୀପ୍ରସାଦ ମିଶ୍ରଙ୍କୁ ପୁନର୍ବାର ଦଳ ପ୍ରାର୍ଥୀ କରିଛି। ସେହିପରି ବାଙ୍କିରୁ ଦେବୀରଞ୍ଜନ ତ୍ରିପାଠୀ, ଆଠଗଡରୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଚୌଦ୍ୱାରରୁ ସୌଭିକ ବିଶ୍ୱାଳ, କଟକ ସଦରରୁ ଚନ୍ଦ୍ରସାରଥୀ ବେହେରା, ନିଆଳିରୁ ପ୍ରମୋଦ ମଲ୍ଲିକ, ପାଟକୁରାରୁ ଅରବିନ୍ଦ ମହାପାତ୍ର, ଆଳିରୁ ପ୍ରତାପ କେଶରୀ ଦେବ, ମହାକାଳପଡାରୁ ଅତନୁ ସବ୍ୟସାଚୀ ନାୟକ, ରାଜନଗରରୁ ଧ୍ରୁବ ସାହୁ, ପୁରୀରୁ ସୁନୀଲ ମହାନ୍ତି, ବ୍ରହ୍ମଗିରିରୁ ଉମାକାନ୍ତ ସାମନ୍ତରାୟ, ସତ୍ୟବାଦୀରୁ ସଞ୍ଜୟ ଦାସବର୍ମା, ପିପିଲିରୁ ରୁଦ୍ରପ୍ରତାପ ମହାରଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ। ଜଟଣୀରୁ ବିଭୂତିଭୂଷଣ ବଳବନ୍ତରାୟ, ରଣପୁରରୁ ସତ୍ୟନାରାୟଣ ପ୍ରଧାନ, ଦଶପଲ୍ଲାରୁ ରମେଶଚନ୍ଦ୍ର ବେହେରା, ନୟାଗଡରୁ ଅରୁଣ କୁମାର ସାହୁ, ଭଞ୍ଜନଗରରୁ ବିକ୍ରମ କେଶରୀ ଆରୁଖ, ପୋଲସରାରୁ ଶ୍ରୀକାନ୍ତ ସାହୁ, କବିସୂର୍ଯ୍ୟନଗରରୁ ଲତିକା ପ୍ରଧାନ, ଛତ୍ରପୁରରୁ ସୁବାସ ଚନ୍ଦ୍ର ବେହେରା, ସୋରଡାରୁ ସଂଘମିତ୍ରା ସ୍ୱାଇଁ, ହିଞ୍ଜିଳିରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗୋପାଳପୁରରୁ ବିକ୍ରମ କୁମାର ପଣ୍ଡା, ଦିଗପହଣ୍ଡିରୁ ବିପ୍ଳବ ପାତ୍ର, ଚିକିଟିରୁ ଚିନ୍ମୟନନ୍ଦ ଶ୍ରୀରୂପଦେବ, କୋଟପାଡରୁ ଚନ୍ଦ୍ରଶେଖର ମାଝୀ, କୋରାପୁଟରୁ ରଘୁରାମ ପୋଡାଲ, ମାଲକାନଗିରିରୁ ମାନସ ମାଡକାମୀ, ଘସିପୁରାରୁ ବଦ୍ରିନାରାୟଣ ପାତ୍ର, ପାଟଣାରୁ ଜଗନ୍ନାଥ ନାଏକଙ୍କୁ ମିଶାଇ ମୋଟ ୭୧ ଜଣ ବିଧାନସଭା ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ।

### ପ୍ରଣବ ପ୍ରକାଶ...

ଦଳ ପ୍ରାର୍ଥୀ କରିଛି। କଟକରୁ ସଂତୃପ୍ତ ମିଶ୍ର, ଢେଙ୍କାନାଳରୁ ଅବିନାଶ ସାମଲ, ଜଗତସିଂହପୁରରୁ ରାଜଶ୍ରୀ ମଲ୍ଲିକ, କନ୍ଧମାଳରୁ ଅଚ୍ୟୁତ ସାମନ୍ତ ଏବଂ ଯାଜପୁରରୁ ଶର୍ମିଷ୍ଠା ସେଠୀଙ୍କୁ ମୁଖ୍ୟମନ୍ତ୍ରୀ ଦଳୀୟ ପ୍ରାର୍ଥୀ କରିଛନ୍ତି। ଘୋଷିତ ୧୫ ଜଣିଆ ତାଲିକାରେ ୨୦୧୯ ସାଧାରଣ ନିର୍ବାଚନରେ ବିଜୟ ଲାଭ କରିଥିବା ଅଚ୍ୟୁତ ସାମନ୍ତ, ରାଜଶ୍ରୀ ମଲ୍ଲିକ ଓ ଶର୍ମିଷ୍ଠା ସେଠୀଙ୍କୁ ପୁନର୍ବାର ଟିକେଟ ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ।

### ମିଶନ ଶକ୍ତି...

ଉଚ୍ଚ ପ୍ରଶଂସା ମିଳି ଆସିଛି। ରାଜ୍ୟରେ ଏସଏଚଜିରୁ ଏସଏମଇକୁ ରୂପାନ୍ତରଣ; ବର୍ତ୍ତମାନ ସାରା ଦେଶକୁ ବାଟ କଢ଼ାଉଛି। ଗତ ୨୦୧୯ ମସିହା ଲୋକସଭା ନିର୍ବାଚନରେ ଆସିକାରୁ ପ୍ରମିଳା ବିଷୋୟୀଙ୍କୁ ଦଳୀୟ ଟିକଟ ଦେଇ ଉଦାହରଣ ସୃଷ୍ଟି କରିଥିଲେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ। ନିପଟ ଗାଁର ଜଣେ ଅଳ୍ପଶିକ୍ଷିତା ମହିଳା ହୋଇଥିଲେ ହେଁ ମିଶନ ଶକ୍ତି ଭାବେ ମହିଳାଙ୍କୁ ସଶକ୍ତ ଭାବେ ଗଢ଼ିତୋଳିବାରେ ପ୍ରମିଳା ଯେଉଁ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲେ, ତାହାକୁ ସ୍ୱୀକୃତି ପ୍ରଦାନ କରି ମୁଖ୍ୟମନ୍ତ୍ରୀ ଲୋକସଭା ଟିକେଟ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏପରି ନିଷ୍ପତ୍ତି ସେତେବେଳେ ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲଶ। ପ୍ରମିଳା ବହୁ ଭୋଟରେ ବିଜୟୀ ହୋଇ ଇତିହାସ ରଚିଥିଲେ। ଆଜି ଇତିହାସର ଆଉଥରେ ପୁନରାବୃତ୍ତି ହେବାକୁ ଯାଉଛି।

### ସମ୍ବଲପୁରରେ ପୂର୍ଣ୍ଣ...

ଅନ୍ୟପକ୍ଷରେ ପ୍ରଣବ ମଧ୍ୟ ଦଳର ଟିକଟ ଆଶାୟୀଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି । ଯାଜପୁର ଜିଲ୍ଲାର ସମସ୍ତ ବିଧାନସଭା କ୍ଷେତ୍ରରେ ପ୍ରଣବଙ୍କର ଅସମ୍ଭବ ଲୋକପ୍ରିୟତା ରହିଛି। ସେ ଚାହିଁଥିଲେ ଯାଜପୁର କିମ୍ବା ଜିଲ୍ଲାର ଯେକୌଣସି ଆସନରୁ ଆଉଥରେ ବିଧାନସଭା ନିର୍ବାଚନ ଲଢ଼ି ପାରିଥାନ୍ତେ। ମାତ୍ର ଦଳର ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ନିଜେ ପ୍ରଣବ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବଲପୁରରୁ ଲଢ଼ିବା ପାଇଁ ପ୍ରସ୍ତାବ ଦେଇଥିଲେ। ଯାହାକୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିବା ସହ ତାଙ୍କୁ ସମ୍ବଲପୁରରୁ ଲଢ଼ିବାକୁ ଆଜି ଘୋଷଣା କରିଛନ୍ତି। ଦଳର ସଂଗଠନ ଆଗ; ନିଜସ୍ୱ ଆଶା, ଆକାଂକ୍ଷା ପଛ। ନିଜ ବ୍ୟକ୍ତିତ୍ୱ ଏବଂ କାର୍ଯ୍ୟଶୈଳୀ ମାଧ୍ୟମରେ ପ୍ରଣବ ଏହା ହିଁ ପ୍ରମାଣିତ କରିଛନ୍ତି। କେବଳ ସେତିକି ନୁହେଁ, ପୂର୍ବରୁ ତାଙ୍କର ମାମୁଁ ଓ ଭିଣୋଇଙ୍କୁ ଦଳୀୟ ଟିକଟ ପ୍ରଦାନ ନିମନ୍ତେ କୌଣସି ସହଯୋଗ କରିବେ ନାହିଁ ପରୋକ୍ଷରେ ପ୍ରଣବ ସୂଚାଇ ଦେଇଥିଲେ। ଯାହା ଦଳର ଅନ୍ୟ ନେତା ଏବଂ କର୍ମୀଙ୍କ ପାଇଁ ବେଶ୍ ଅନୁକରଣୀୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ନବୀନ ଆଙ୍କିଲେ...

ଅଧିନରେ ଆସୁଥିବା ୧୪ଟି ନିର୍ବାଚନମଣ୍ଡଳୀର ରିପୋର୍ଟ ଭିନ୍ନ ଭିନ୍ନ ଭାବେ ଉପସ୍ଥାପନ କରିଥିଲେ। ସେହିପରି ଉପସ୍ଥିତ ଥିବା ବିଧାୟକ ଏବଂ ନେତାମାନେ ମଧ୍ୟ ନିଜ ନିଜର ରିପୋର୍ଟ ଏବଂ ମତ ମୁଖ୍ୟମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରିଥିଲେ। ମୟୂରଭଞ୍ଜ ସଂସଦୀୟ କ୍ଷେତ୍ର ଅଧିନରେ ୭ଟି ନିର୍ବାଚନମଣ୍ଡଳୀ ରହିଥିବା ବେଳେ ୨୦୧୯ ବିଧାନସଭା ନିର୍ବାଚନରେ ବିଜେପିକୁ ୫ଟି ଏବଂ ବିଜେଡିକୁ ୨ଟି ଆସନ ମିଳିଥିଲା। ସେହିପରି ଲୋକସଭା ଆସନ ବିଜେପିକୁ ଯାଇଥିଲା। ତେବେ ଏହାପରେ ବିଜେଡିର ସାଂଗଠନିକ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବା ପରେ ଅନୁଷ୍ଠିତ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେପି ଚିତ୍‌ପଟାଙ୍ଗ ମାରିଥିଲା। କେନ୍ଦୁଝର ସଂସଦୀୟ କ୍ଷେତ୍ର ଅଧିନରେ ମୋଟ ୭ଟି ନିର୍ବାଚନମଣ୍ଡଳୀ ଆସୁଥିବା ବେଳେ ଗତ ନିର୍ବାଚନରେ ବିଜେଡି ୬ ଏବଂ ବିଜେପି ମାତ୍ର ୧ଟି ଆସନରେ ବିଜୟୀ ହୋଇଥିଲେ। କେନ୍ଦୁଝର ଲୋକସଭା ଆସନକୁ ବିଜେଡି ଜିଣିବାରେ ସକ୍ଷମ ହୋଇଥିଲା। ଅତଏବ ଉଭୟ ସଂସଦୀୟ କ୍ଷେତ୍ର ଏବଂ ଏହା ଅଧିନରେ ଆସୁଥିବା ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜୟ ଯେପରି ସୁନିଶ୍ଚିତ ହୋଇପାରିବ ସେନଇ ମୁଖ୍ୟମନ୍ତ୍ରୀ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ବିଜେଡି ପ୍ରତି ଲୋକଙ୍କର ଆଶା ଆକାଂକ୍ଷା ଦିନକୁ ଦିନ ବଢ଼ିବାରେ ଲାଗିଛି। ସେହି ଅନୁଯାୟୀ ଆମକୁ ଅଧିକ ଯତ୍ନବାନ ହୋଇ ଜନସେବାରେ ବ୍ରତୀ ହେବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ଉପସ୍ଥିତ ନେତାଙ୍କୁ ପରାମର୍ଶ ଦେଇଥିଲେ। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଦଳର ନେତାମାନଙ୍କୁ ତ୍ରୁଟିଶୂନ୍ୟ ନିର୍ବାଚନୀ ପରିଚାଳନା ଓ ନିଜନିଜ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ରାଜକିଶୋର ଦାସ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ଭାଗିରଥି ସେଠୀ, ବଦ୍ରିନାରାୟଣ ପାତ୍ର, ମିନାକ୍ଷୀ ମହାନ୍ତ, ବାସନ୍ତୀ ହେମ୍ବ୍ରମ୍ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

ସେହିପରି ଅପରାହ୍ନରେ ବାଲେଶ୍ୱର ଓ ଭଦ୍ରକ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୧୪ ବିଧାନସଭା ଆସନକୁ ନେଇ ଦଳୀୟ ସ୍ଥିତିର ସମୀକ୍ଷା କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗତ ସାଧାରଣ ନିର୍ବାଚନରେ ବିଜେଡି ୧୪ ଆସନରୁ ୧୧ ଆସନ ଜିଣିବାରେ ସମର୍ଥ ହୋଇଥିଲା। ସେହିପରି ୨ ଲୋକସଭା ଆସନକୁ ଉଭୟ ବିଜେଡି-ବିଜେପି ଗୋଟିଏ ଲେଖାଏଁ ବାଣ୍ଟି ନେଇଥିଲେ। ତେବେ ଆସନ୍ତା ନିର୍ବାଚନରେ ଦଳ ସେଠାରେ ଯେପରି ଭଲ ପ୍ରଦର୍ଶନ କରିବ ସେନେଇ ଦଳୀୟ ନେତା ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିବା ଜଣାପଡ଼ିଛି। ବାଲେଶ୍ୱର ସଂସଦୀୟ କ୍ଷେତ୍ର ସମୀକ୍ଷା ବେଳେ ପର୍ଯ୍ୟବେକ୍ଷକ ପ୍ରତାପ ଦେବ ବରିଷ୍ଠ ନେତା ଅଶ୍ୱିନୀ ପାତ୍ର, ଅନନ୍ତ ଦାସ, ସ୍ୱରୂପ ଦାସ, ରବୀନ୍ଦ୍ର ଜେନା, ସୁବାସିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭଦ୍ରକ ସଂସଦୀୟ କ୍ଷେତ୍ର ସମୀକ୍ଷା ବେଳେ ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା, ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ୟୋମକେଶ ରାୟ, ସଞ୍ଜୀବ ମଲ୍ଲିକ, ସାଂସଦ ମଞ୍ଜୁଲତା ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡି ସଂଗଠନ କିପରି ଅଧିକରୁ ଅଧିକ ସୁଦୃଢ଼ ହେବ ସେନେଇ ବିଶେଷ ଆଲୋଚନା ହୋଇଛି। ସମସ୍ତେ ସମ୍ମିଳିତ ହୋଇ ଆଗାମୀ ନିର୍ବାଚନରେ ଦଳ ପାଇଁ କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆଗାମୀ ନିର୍ବାଚନରେ ଏହି ସଂସଦୀୟ କ୍ଷେତ୍ରରେ ଦଳ ଶ୍ରେଷ୍ଠ ପ୍ରଦର୍ଶନ କରିବ ବୋଲି ଉପସ୍ଥିତ ନେତାଏ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।



# ଶୁଖିଯିବ ପାନାମା!

ପ୍ରଶାନ୍ତ ମହାସାଗରକୁ ଆଟଲାଣ୍ଟିକ ମହାସାଗର ସହ ଯୋଡୁଥିବା ୭୨ କିଲୋମିଟର ଲମ୍ବ ପାନମା କେନାଲର ନିର୍ମାଣଗତ ବୈଚିତ୍ର୍ୟ ରହିଛି । ଏହି କେନାଲ ଦେଇ ଯାଉଥିବା ପ୍ରତିଟି ମାଲବାହୀ ଜାହାଜ(କାର୍ଗୋ ସିପ୍) କୁ ଅତିକମରେ ୨୦୦ ନିୟୁତ ଲିଟର ମଧୁର ଜଳ ଦରକାର ପଡ଼ିଥାଏ । ଅର୍ଥାତ୍ ପ୍ରତିଟି କାର୍ଗୋ ସିପ୍ ପାଇଁ ୧୮୨ଟି ବିଶାଳକାୟ ୱାଟର ଟ୍ୟାଙ୍କରର ଜଳ ଦରକାର ପଡ଼ିଥାଏ । ପ୍ରତ୍ୟେକ ଦିନ ପାନମା ଦେଇ ଅନ୍ୟୂନ ୪୦ଟି କାର୍ଗୋସିପ୍ ଚଳାଚଳ କରିଥାଏ । ତେଣୁ କେତେ ଫ୍ରେସ୍ ୱାଟର ଦିକୁ ଦରକାର ତାହା ହିସାବ କରାଯାଇପାରେ ଓ ବିସ୍ମିତ ହେବାକୁ ପଡ଼ିଥାଏ । ପାନମା ଏକ ସମତଳ ଅଞ୍ଚଳ ନୁହେଁ । ସମୁଦ୍ର ପୃଷ୍ଠଠାରୁ ଏହା ହାରାହାରି ୩୬୦ ମିଟର ଉଚ୍ଚରେ ରହିଛି । ତେଣୁ କେତେ ଅଧିକ ଗଭୀରର କେନାଲ ଖୋଳିବା ଦରକାର ତାହା ଅନୁମାନ କରାଯାଇପାରେ । ପାନମା କେନାଲର ଡିଜାଇନ୍ ଏପରି ଯେ ଜାହାଜକୁ ଉପରକୁ ଟେକିକରି ଗୋଟିଏ ସ୍ତରରୁ ଅନ୍ୟ ସ୍ତରକୁ ନିଆଯାଏ । ଜାହାଜ ପ୍ରଥମେ ଗୋଟ୍ଏ ଜଳ ସ୍ତରର ଲକକୁ ପ୍ରବେଶ କରେ । ତାପରେ କେନାଲର ସେହି ସ୍ତରର ଆଗ ଓ ପଛ ଲକ୍ କରିଦିଆଯାଇ ପାଣି ସେତେବେଳ ଯାଏ ଢ଼ଳାଯାଏ ଯେପରି ଜଳସ୍ତର ଆଗରେ ଉଚ୍ଚରେ ଥିବା ଲକର ସମାନ ସ୍ତରରେ ପହଞ୍ଚିବ । ତା'ପରେ ଆଗ ଲକ୍ ଖୋଲାଯାଏ ଓ ଜାହାଜ ଅଗ୍ରସର ହୁଏ । ସମୁଦ୍ର ଜଳ ପମ୍ପ କରି କେନାଲର ଜଳ ସ୍ତର ବଢ଼ାଯାଇପାରିବ କିନ୍ତୁ ସେଥିପାଇଁ ବହୁତ ବଡ଼ ଏନର୍ଜି ସୋର୍ସ ଦରକାର ଯାହା ଅତୀବ ବ୍ୟୟସାପେକ୍ଷ । ତେଣୁ କେନାଲଠାରୁ ଅଧିକ ଉଚ୍ଚତାରେ ଥିବା ବର୍ଷାଜଳରେ ପୂର୍ଣ୍ଣଗର୍ଭା ନଦୀ ଓ ହ୍ରଦରୁ ମଧୁର ପାଣି କ୍ଷୁଦ୍ର ନାଳ ଓ ପାଇପ୍ ଯୋଗେ ଅଣାଯାଇ କେନାଲ ଜଳ ସ୍ତରକୁ ବଢ଼ାଯାଇଥାଏ । ଆମେରିକାର ୪୦% କାର୍ଗୋ ପାନମା ଦେଇ ସରବରାହ କରାଯାଇଥାଏ । ଜଳବାୟୁ ପରିବର୍ତ୍ତନ, ଅନାବୃଷ୍ଟି କାରଣରୁ ପାନମାକୁ ଜଳ ଯୋଗାଉଥିବା ପ୍ରାୟ ୫୦୦ ନଦୀ ଓ ହ୍ରଦ ଯଦି ଶୁଷ୍କ ହୋଇଯାଆନ୍ତି ତେବେ ପାନମା କେନାଲ ଦେଇ କାର୍ଗୋସିପ୍ ଚଳାଚଳ ବନ୍ଦ ହୋଇଯିବା ଆଶଙ୍କା କରାଯାଉଛି । ଯଦି ସେପରି ସଙ୍କଟ ଆସେ ତେବେ ଆମେରିକାର ପଶ୍ଚିମ ଉପକୂଳ ସହ ୟୁରୋପକୁ ଜଳପଥରେ ଯାତ୍ରା କି ମାଲ ପ୍ରେରଣ ଆପାତତଃ ଅସମ୍ଭବ ହୋଇପଡ଼ିବ । କାରଣ ସେଥିପାଇଁ ଜାହାଜକୁ ଅଧିକ ୧୩ ହଜାର କିଲୋମିଟର ସମୁଦ୍ରଯାତ୍ରା କରିବାକୁ ପଡ଼ିବ ଓ ସେଥିପାଇଁ ଜାହାଜର ଆକାର ଓ ପ୍ରକାର ଅନୁଯାୟୀ ୧ମାସରୁ ୩ମାସ ଯାଏ ଅଧିକ ସମୟ ଲାଗିବ । ୟୁରୋପରୁ ମାଲ ପାନମା ଦେଇ ସହଜରେ ଯେପରି ଚୀନ, ଜାପାନ ଓ କୋରିଆ ପହଞ୍ଚିପାରୁଛି ତାହା ସମ୍ଭବ ହେବନାହିଁ ।

## ବେଲୁଚ୍ ବିଦ୍ରୋହୀଙ୍କ ନିଶାଣରେ 'ସି-ପେକ୍' ପ୍ରକଳ୍ପ

# ପ୍ରାଣ ହରାଇଲେଣି ସର୍ବାଧିକ ଚାଇନା ଅଧିକାରୀ

ଚୀନ୍ ଏବଂ ପାକିସ୍ତାନର ମିଳିତ ସହଯୋଗରେ ପ୍ରତିଷ୍ଠା କରାଯାଉଥିବା ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର(ସିପେକ୍) ପ୍ରକଳ୍ପ ଏବେ ବେଲୁଚିସ୍ତାନ ବିଦ୍ରୋହୀଙ୍କ ନିଶାଣରେ ରହିଛି । ଚୀନ୍‌ର ବହୁ ଚର୍ଚ୍ଚିତ ' ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍(ବିଆରଆଇ) ' ପ୍ରକଳ୍ପର ଏକ ଅଂଶ ସ୍ୱରୂପ ସିପେକ୍ ପ୍ରକଳ୍ପ ପଶ୍ଚିମ ଚାଇନା ସହର କାସଗର୍ ଠାରୁ ଆରମ୍ଭ ହୋଇ ପ୍ରାୟ ୩ ହଜାର କିମି ଦେଇ ପାକିସ୍ତାନର ଆରବ ସାଗରସ୍ଥିତ ଗ୍ୱାଦର ବନ୍ଦରରେ ଶେଷ ହୋଇଛି । ୟୁରୋପ ଏବଂ ମଧ୍ୟପ୍ରାଚ୍ୟ ରାଷ୍ଟ୍ରମାନଙ୍କୁ ଚୀନ୍ ଏହାର ସାମଗ୍ରୀ ରପ୍ତାନିକୁ ସହଜ କରିବା ଲାଗି ଏହି ପ୍ରକଳ୍ପ କାର୍ଯ୍ୟକାରୀ କରୁଛି । ସଂପ୍ରତିକ ସ୍ଥିତିରେ ମାଲେସିଆ,ଇଣ୍ଡୋନେସିଆ ଆଦି ଦେଇ ମାଲ୍‌ଟା ଉପକୂଳ ଦେଇ ଚୀନ୍ ଜାହାଜ ୟୁରୋପକୁ ଯିବାକୁ ପଡୁଥିବା ବେଳେ ସିପେକ୍ ପ୍ରକଳ୍ପ ମାଧ୍ୟମରେ ସାମଗ୍ରୀ ରପ୍ତାନି କରିବାକୁ ଚୀନ୍ ମସୁଧା କରିଛି । ଏହି ପ୍ରକଳ୍ପ ପାକିସ୍ତାନର ଖାଇବର ପଖତୁନଖ୍ୱା,ଗିଲଗିଟ୍ ବଲ୍ଟିସ୍ତାନ, ପଞ୍ଜାବ ଏବଂ ବେଲୁଚିସ୍ତାନ ଦେଇ ଯାଉଥିବା ବେଳେ ଏହି ପ୍ରକଳ୍ପ ପାଇଁ ଚୀନ୍ ୬୫ ବିଲିୟନ ଡଲାର ବିନିଯୋଗ କରିଛି । କିନ୍ତୁ ଚୀନ୍ ପାଇଁ ଏବେ କାଳ ହୋଇଛି ବେଲୁଚିସ୍ତାନ । ପାକିସ୍ତାନର ଦକ୍ଷିଣ ପଶ୍ଚିମ ଏବଂ ସବୁଠାରୁ ବଡ଼ ପ୍ରଦେଶ ଭାବେ ବେଲୁଚିସ୍ତାନ ଦେଇ ସିପେକ୍ ପ୍ରକଳ୍ପର ଅଧିକାଂଶ ଭାଗ ରହିଥିବା ବେଳେ ଏହାକୁ ଜୋରଦାର ବିରୋଧ କରୁଛନ୍ତି ସ୍ଥାନୀୟ ବେଲୁଚ ବାସିନ୍ଦା । ଇରାନ ଏବଂ ଆଫଗାନିସ୍ତାନ ସୀମାକୁ ଲାଗି ରହିଥିବା ପାକିସ୍ତାନର ଏହି ପ୍ରଦେଶ ଅନ୍ୟାନ୍ୟ ପ୍ରଦେଶ ତୁଳନାରେ ଆକାରରେ ସବୁଠୁ ବଡ଼ ହୋଇଥିବା ବେଳେ ଏଠାରେ ପ୍ରଚୁର ପରିମାଣରେ ଖଣିଜ ସମ୍ପଦ ଭରି ରହିଛି । ଚୀନ୍ ଭଳି ଏକ ସ୍ୱାର୍ଥନ୍ୱେଷୀ ରାଷ୍ଟ୍ର ସିପେକ୍ ପ୍ରକଳ୍ପ ମାଧ୍ୟମରେ ବେଲୁଚିସ୍ତାନର ଖଣିଜ ସମ୍ପଦ ଲୁଟ୍ କରିବା ସହିତ ଏଠାକାର ପ୍ରାକୃତିକ ପରିବେଶ ମଧ୍ୟ ନଷ୍ଟ କରିଦେବ ବୋଲି ବେଲୁଚିସ୍ତାନ ଲିବରେସନ ଆର୍ମି(ବିଏଲଏ) ବର୍ଷ ବର୍ଷ ଧରି ଦାବି କରିଆସୁଛି । ଯାହାକୁ ନେଇ ଏହି ପ୍ରକଳ୍ପ ଆରମ୍ଭ ହେବା ଦିନ ଠାରୁ ବିଏଲଏ ପକ୍ଷରୁ ଚୀନ୍‌କୁ ନିଶାଣ କରାଯାଇଛି । ଚୀନ୍ ସିପେକ୍ ପ୍ରକଳ୍ପ ମାଧ୍ୟମରେ ଗ୍ୱାଦର ବନ୍ଦର ପ୍ରତିଷ୍ଠା କରିବା ସହିତ ଏହା ସହ ଜଡ଼ିତ ଭିତିଭୂମି ମଧ୍ୟ ନିର୍ମାଣ କରିଚାଲିଛି । କିନ୍ତୁ ବେଳକୁ ବେଳ ଏହିସବୁ ପ୍ରକଳ୍ପ ବିଏଲଏ'ର ନିଶାଣ ହେବାରେ ଲାଗିଛି । କେବଳ ଚୀନ୍ ପ୍ରକଳ୍ପ ନୁହେଁ, ପାକିସ୍ତାନରେ ଯେଉଁସବୁ ସ୍ଥଳରେ ଚାଇନା ଅସ୍ତ୍ରଶସ୍ତ୍ର ବ୍ୟବହାର କରାଯାଉଛି ସେଗୁଡିକୁ ବିଏଲଏ ନିଶାଣ କରିବାରେ ଲାଗିଛି । ଗତ ମଙ୍ଗଳବାର( ମାର୍ଚ୍ଚ ୨୬) ରେ ପାକିସ୍ତାନର ଦ୍ୱିତୀୟ ବୃହତ ନୌସେନା ବିମାନ ଘାଟି ପିଏନଏସ୍ ସିଦ୍ଦିକି ଉପରେ ବେଲୁଚ ବିଦ୍ରୋହୀମାନେ ଘନ ଘନ ବିସ୍ଫୋରଣ କରିଛନ୍ତି । ଗ୍ୱାଦର ବନ୍ଦର ନିର୍ମାଣ କାର୍ଯ୍ୟ ଉପରେ ତୀକ୍ଷଣ ନଜର ରଖିବାକୁ ଏଠାରେ ଚାଇନା ନିର୍ମିତ ସିଏଚ୍-୪ବି ପାଇଲଟ୍ ବିହୀନ ବିମାନ ମୁତୟନ କରାଯାଇଛି । କିନ୍ତୁ ଏସବୁକୁ ନଷ୍ଟ କରିଦେବା ଉଦ୍ଦେଶ୍ୟରେ ବିଏଲଏ ଏହା ଉପରେ ଆକ୍ରମଣ କରିଛି । ଯାହାକି ପାକିସ୍ତାନ ସେନା ପାଇଁ ବଡ଼ ଧକ୍କା ହୋଇଛି । ଏହି ଆକ୍ରମଣ ଘଟଣା ପାଇଁ ବିଏଲଏ'ର ମାଜିଦ୍ ବ୍ରିଗେଡ୍ ନଜକୁ ଦାୟୀ କରିଥିଲା ବେଳେ ଏହି ଘଟଣାରେ ପାକିସ୍ତାନ ସେନା ଦ୍ୱାରା ୪ ବିଦ୍ରୋହୀଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି । କେବଳ ଏହି ଘଟଣା ନୁହେଁ, ଏହାପୂର୍ବରୁ ମାର୍ଚ୍ଚ ୨୦ ତାରିଖରେ ଗ୍ୱାଦର ବନ୍ଦର କମ୍ପ୍ଲେକ୍ସରେ ସିରିଜ୍ ବିସ୍ଫୋରଣ କରାଯାଇଥିଲା ବେଳେ ଏହି ଘଟଣାରେ ୭ ଆକ୍ରମଣକାରୀଙ୍କୁ ପାକିସ୍ତାନ ସେନା ଉଡାଇ ଦେଇଥିଲା । କିନ୍ତୁ ଚାଇନା ପ୍ରକଳ୍ପ ଉପରେ ବେଲୁଚ ବିଦ୍ରୋହୀଙ୍କ ଆକ୍ରମଣ ଏବେକାର ଘଟଣା ନୁହେଁ । ସିପେକ୍ ପ୍ରକଳ୍ପ ମାଧ୍ୟମରେ ଚୀନ୍ ପାକିସ୍ତାନର ଅନ୍ୟ ଯେକୌଣସି ପ୍ରଦେଶ ତୁଳନାରେ ବେଲୁଚସ୍ତାନରେ ସର୍ବାଧିକ ପୁଞ୍ଜି ବିନିଯୋଗ କରିଥିଲା ବେଳେ ଏଠାରେ ହିଁ ଅଧିକ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଛି । ବିଶେଷକରି ବିଏଲଏ ହିଁ ଚୀନ୍ ପାଇଁ କାଳ ହେବାକୁ ଯାଉଛି । ୨୦୧୭ ପର ଠାରୁ ଚୀନ୍ ବିରୋଧରେ ବେଲୁଚ ବିଦ୍ରୋହୀ ସଂଗ୍ରାମ ଆରମ୍ଭ କରିଥିଲା ବେଳେ ବର୍ତ୍ତମାନ ପରିସ୍ଥିତିରେ ଏହା ମହାସଂଗ୍ରାମରେ ପରିଣତ ହୋଇଛି । ଚୀନ୍ ପ୍ରକଳ୍ପକୁ ବିରୋଧ କରି ୨୦୧୭ ମାର୍ଚ୍ଚ ୨୦ରେ ବିଏଲଏ ବିଦ୍ରୋହୀ ପାକିସ୍ତାନର ଆଇଏସଆଇ ଏବଂ ଏହାର ମିଲିଟାରୀ ଇଣ୍ଟେଲିଜେନ୍ସି ମୁଖ୍ୟାଳୟ ଉପରେ ଆକ୍ରମଣ କରିଥିଲେ । ଏହି ଘଟଣାରେ ୨୬ ପାକିସ୍ତାନୀ ସୁରକ୍ଷାକର୍ମୀଙ୍କ ମୃତ୍ୟୁ ହୋଇଥିଲା । ଏହାର ଠିକ୍ ଦୁଇ ମାସ ପରେ ବିଏଲଏ ପକ୍ଷରୁ ସିପେକ୍ ପ୍ରକଳ୍ପ ଉପରେ ଆକ୍ରମଣ କରାଯାଇଥିଲା ଯେଉଁଥିରେ ୧୦ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା । ୨୦୧୮ ରେ ବିଏଲଏ ପକ୍ଷରୁ କରାଚିସ୍ଥିତ ଚାଇନା ବାଣିଜ୍ୟିକ ଦୂତାବାସ ଉପରେ ଆକ୍ରମଣ କରାଯାଇଥିଲା ଯେଉଁଥିରେ ଦୁଇ ସୁରକ୍ଷାକର୍ମୀ ପ୍ରାଣ ହରାଇଥିଲେ । ଏହାପରେ ପରେ ୨୦୨୧ରେ ବିଏଲଏ ପକ୍ଷରୁ କ୍ୱେଟା ସହରସ୍ଥିତ ଏକ ହୋଟେଲ ଉପରେ ବିସ୍ଫୋରଣ କରାଯାଇଥିଲା । ଏହି ହୋଟେଲରେ ବହୁ ସଂଖ୍ୟକ ଚାଇନା କୂଟନୀତିଜ୍ଞ ରହୁଥିଲା ବେଳେ ସେମାନଙ୍କୁ ନିଶାଣ କରାଯାଇ ଏହି ଆକ୍ରମଣ କରାଯାଇଥିଲା । ଏହି ଘଟଣାରେ ମଧ୍ୟ ୫ ସୁରକ୍ଷା କର୍ମୀ ନିହତ ହୋଇଥିଲେ । ସେହି ବର୍ଷ ସିପେକ୍ ପ୍ରକଳ୍ପ ପରିଦର୍ଶନରେ ଯାଉଥିବା କିଛି ଚାଇନା ଇଞ୍ଜିନିୟରମାନଙ୍କୁ ମଧ୍ୟ ବିଏଲଏ ନିଶାଣ କରିଥିଲା । ଏକ ବସ୍‌ରେ ସେମାନେ ଯାଉଥିଲା ବେଳେ ବିସ୍ଫୋରଣ କରାଯାଇ ୯ ଚାଇନା ଅଧିକାରୀଙ୍କୁ ମାରିଦିଆଯାଇଥିଲା । ଏହାପରେ ୨୦୨୨ରେ ପାକିସ୍ତାନସ୍ଥିତ କନଫୁସିୟସ୍ ଇନଷ୍ଟିଚ୍ୟୁଟ୍ ଉପରେ ବିଏଲଏ ନିଶାଣ କରିଥିଲା । ଏହି ପ୍ରତିଷ୍ଠାନରେ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିବା କିଛି ଚାଇନା ନାଗରିକଙ୍କୁ ବିସ୍ଫୋରଣ କରି ଉଡାଇ ଦିଆଯାଇଥିଲା । ଏହାପରେ ଗତ ବର୍ଷ ଅଗଷ୍ଟରେ ମଧ୍ୟ ଚୀନ୍‌ର ଏକ ଇଞ୍ଜିନିୟର ପ୍ରତିନିଧି ଦଳ ଉପରେ ଆକ୍ରମଣ କରାଯାଇଥିଲା ; ଯେଉଁ ଘଟଣାରେ ଅନ୍ୟୂନ ୭ ଜଣଙ୍କ ମୃତ୍ୟୁ ହୋଇଥିଲା । ଏଭଳି ଘଟଣାକୁ ନେଇ ଚୀନ୍ ଏବେ ହରଡ଼ଘଣାରେ ପଡ଼ିଛି । ଚାଇନା ଅଧିକାରୀଙ୍କୁ ସୁରକ୍ଷା ଦେବା ଲାଗି ପାକିସ୍ତାନ ସେନା ଯେତେ ସତର୍କ ହେଲେ ମଧ୍ୟ ବେଲୁଚ ବିଦ୍ରୋହୀଙ୍କ ନିଶାଣରୁ ଖସିବା ସମ୍ଭବ ହେଉ ନାହିଁ ।







# ହିଟଲରଙ୍କ ସମ୍ପର୍କରେ ଜଣାଅଜଣା ତଥ୍ୟ

ଜର୍ମାନ୍ ଏକଛତ୍ରବାଦୀ ଶାସକ (ଡିକ୍ଟେଟର) ଆଡଲଫ୍ ହିଟଲର କଳାର ଛାତ୍ର ଥିଲେ । ପାଠରେ ସେ ଏତେ ଦୁର୍ବଳ ଥିଲେ ଯେ ତାଙ୍କୁ କଲେଜ ପ୍ରବେଶିକା ପରୀକ୍ଷା(ଏଣ୍ଟ୍ରାନ୍ସ ଏକଜାମ୍) ଦେବାକୁ ଅନୁମତି ମିଳିନଥିଲା । କଲେଜରୁ ତଡ଼ାଯିବା ପରେ ହିଟଲର ୧୯୦୯ ରେ ଭିଏନାରେ ବାସହୀନଙ୍କ ପାଇଁ ଉଦ୍ଦିଷ୍ଟ ଏକ ଆଶ୍ରୟସଦନରେ ରହୁଥିଲେ । ବିଶ୍ୱଯୁଦ୍ଧ -୧ରେ ଜର୍ମାନୀର ଜଣେ ସୈନିକ ଭାବେ ଯୋଗଦେଇ ସେ ମଷ୍ଟର୍ଡ ଗ୍ୟାସ ଆକ୍ରମଣରେ ଆହତ ହୋଇଥିଲେ ଓ ତାଙ୍କଠାରେ ଅନ୍ଧତ୍ୱର ଲକ୍ଷଣ ଦେଖାଯାଇଥିଲା । ନାଜି ପାର୍ଟିର ଜଣେ ସଦସ୍ୟ ତାଙ୍କୁ କୁକୁରଟିଏ ଉପହାର ଦେଇଥିଲେ । କୁକୁର ବ୍ଲଣ୍ଡି ତାଙ୍କର ଏତେ ପ୍ରିୟ ଥିଲା ଯେ ଜୀବନର ଅନ୍ତିମ ବେଳାରେ ହିଟଲର ଯେତେବେଳେ ବଙ୍କରରେ ଲୁଚିଥିଲେ ସେତେବେଳେ ବି ବ୍ଲଣ୍ଡି ତାଙ୍କ ସହ ଥିଲା । ହିଟଲର ଆତ୍ମହତ୍ୟା କରିବା ପୂର୍ବରୁ ବ୍ଲଣ୍ଡିକୁ ମଧ୍ୟ (ହିଟଲରଙ୍କ ଆଦେଶରେ) ସିୟାନାଇଡ୍ ଦିଆଯାଇ ମାରିଦିଆଯାଇଥିଲା । ନୋବେଲ ଶାନ୍ତି ପୁରସ୍କାର ପାଇଁ ହିଟଲରଙ୍କୁ ମନୋନୀତ(ନୋମିନେଟ୍) କରାଯାଇଥିଲା । ହିଟଲର ମାଂସ ଭକ୍ଷଣ, ମଦ୍ୟପାନ ଓ ଧୂମ୍ରପାନ କରୁନଥିଲେ କିନ୍ତୁ କୋକେନ ଓ ଅଫିମ ଭଳି ଡ୍ରଗ ସେବନ କରୁଥିଲେ । ହିଟଲର ଅଷ୍ଟ୍ରିଆରେ ଜନ୍ମ ହୋଇଥିଲେ ବି ଖୁବ୍ କମ୍ ବୟସରୁ ଜଣେ ଜର୍ମାନ୍ ଜାତୀୟତାବାଦୀ ଭାବେ ନିଜ ପରିଚୟ ଗଢ଼ିଥିଲେ । ହିଟଲର ଜଣେ ଚିତ୍ରକର ଥିଲେ ଓ ସେ ଆଙ୍କିଥିବା ମନୁଷ୍ୟ ଚିତ୍ରଗୁଡ଼ିକରେ ଜୀବନ ନଥିବା ଭଳି ପ୍ରତୀୟମାନ ହେଉଥିଲା । ହିଟଲରଙ୍କ ଆଦେଶରେ ନିୟୁତ ନିୟୁତ ନିରୀହ ଲୋକଙ୍କ ଜୀବନ ଦୀପ ଲିଭାଇ ଦିଆଯାଇଥିଲା । ହିଟଲର ଖ୍ରୀଷ୍ଟୀୟାନ୍ ଧର୍ମକୁ ଆଦୌ ଭଲପାଉନଥିଲେ । ଖ୍ରୀଷ୍ଟୀୟାନ୍ ଧର୍ମକୁ ସେ କ୍ରୀତଦାସମାନଙ୍କ ଧର୍ମ ବୋଲି କହୁଥିଲେ । ଶେଷ ଜୀବନରେ ତାଙ୍କଠାରେ ପାର୍କିନସନ୍ ବ୍ୟାଧିର ଲକ୍ଷଣ ମିଳିଥିଲା, ସମୟେ ସମୟେ ତାଙ୍କ ସାରା ଶରୀର ଥରୁଥିଲା । ତାଙ୍କ ଓଜନ ମାତ୍ର ୧୫୫ ପାଉଣ୍ଡ ଥିଲା । ୧୯୩୮ ରେ ଟାଇମ୍ ମ୍ୟାଗାଜିନ୍ ହିଟଲରଙ୍କୁ ପର୍ସନ୍ ଅଫ୍ ଦି ଇୟର ବାଛିଥିଲା । କ୍ଷମତାକୁ ଆସିବା ପରେ ହିଟଲର ନିଜକୁ ଟ୍ୟାକ୍ସ ଫ୍ରି କରିଥିଲେ, ନିଜ ପୁସ୍ତକଗୁଡ଼ିକର ବିକ୍ରି ଲବ୍ଧ ରୟାଲିଟି ଓ ଦରମା ବାବଦକୁ ପ୍ରଚୁର ଉପାର୍ଜନ କରୁଥିଲେ ବି କୌଣସି କର କି ଆୟ ବିବରଣୀ ଦେଉନଥିଲେ ।

## ୧.୬ କୋଟି ବର୍ଷ ପୂର୍ବେ ଯାଇଥିଲା ୧୬ ହଜାର କିମି

# ପେରୁରୁ ମିଳିଲା ଗଙ୍ଗା ଡଲ୍‌ଫିନ୍‌ର ଭଉଣୀ



ପେରୁରୁ ଏକ ବିଶାଳ ଡଲ୍‌ଫିନ୍ ମୁଣ୍ଡର ଜୀବାଶ୍ମ ଉଦ୍ଧାର କରାଯାଇଛି । ଏହି ପ୍ରଜାତି ୧.୬ କୋଟି ବର୍ଷ ତଳର ବୋଲି ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି । ଏହି ଡଲ୍‌ଫିନ୍ ପେରୁର ଅମେଜୋନିୟନ ନଦୀରେ ଶରଣ ନେଇଥିଲା । ଏହି ବିଲୁପ୍ତ ହୋଇଯାଇଥିବା ପ୍ରଜାତିର ଲମ୍ବ ୩.୫ ମିଟର ଥିଲା । ଏହାକୁ ସବୁଠାରୁ ବଡ଼ ନଦୀ ଡଲ୍‌ଫିନ ଭାବେ ଧରାଯାଉଛି । 'ସାଇନ୍ସ ଆଡଭାନ୍ସେସ'ରେ ଏ ସମ୍ବନ୍ଧିତ ଗବେଷଣା ପ୍ରକାଶ ପାଇଛି । ଏହାର ମୁଖ୍ୟ ଲେଖକ ଏଲ୍‌ଡୋ ବେନିଟ୍ସ-ପାଲୋମିନୋଙ୍କ ଅନୁଯାୟୀ ଏହି ନୂଆ ପ୍ରଜାତିର ନାମ 'ପେବନିଷ୍ଟା ୟାକୁରୁନା' ରହିଛି । ଏହା ସାରା ବିଶ୍ୱରେ ନଦୀ ଡଲ୍‌ଫିନ ପ୍ରତି ବୃଦ୍ଧି ପାଉଥିବା ବିପଦକୁ ଦର୍ଶାଉଛି । ଆଗାମୀ ୨୦ରୁ ୪୦ ବର୍ଷରେ ଏଭଳି ଭାବେ ଡଲ୍‌ଫିନ ବିଲୁପ୍ତ ହୋଇଯିବେ ବୋଲି କୁହାଯାଉଛି ।

ଗବେଷକଙ୍କ ଅନୁଯାୟୀ 'ପେବନିଷ୍ଟା ୟାକୁରୁନା' ସମ୍ପର୍କୀୟ ୧୬,୯୦୦ କିମି ଦୂର ଦକ୍ଷିଣ-ପୂର୍ବ ଏସିଆରେ ଦେଖାଯାଉଛନ୍ତି । ଗଙ୍ଗା ନଦୀରେ ଦେଖାଯାଉଥିବା ଡଲଫିନ୍ ସହ ଏହାର ସମ୍ବନ୍ଧ ରହିଛି । ଉକ୍ତ ଡଲଫିନକୁ ଗଙ୍ଗା ଏବଂ ସିନ୍ଧୁ ନଦୀରେ ଦେଖାଯାଉଥିବା ଡଲ୍‌ଫିନର ଭଉଣୀ ବୋଲି କୁହାଯାଉଛି । ଏବେ ଏହି ଡଲ୍‌ଫିନ ବିଲୁପ୍ତ ହେବାକୁ ବସିଛନ୍ତି । ୧.୬ କୋଟି ବର୍ଷ ତଳେ ୧୬ ହଜାର କିମି ପଥ ଅତିକ୍ରମ କରି ଏହି ଡଲ୍‌ଫିନ ପେରୁରେ ପହଞ୍ଚି ଥିଲା ବୋଲି ଅନୁମାନ କରାଯାଉଛି । କାରଣ ପେରୁ ନିକଟରେ ଦେଖାଯାଉଥିବା କୌଣସି ଡଲଫିନର ସମ୍ବନ୍ଧ 'ପେବନିଷ୍ଟା ୟାକୁରୁନା' ସହ ନାହିଁ ।

# ତିବତରେ ଭାଷାଗତ ଆତଙ୍କବାଦ ଚଳାଇଛି ଚୀନ୍

## ଶିଶୁଙ୍କୁ ତିବତି ବଦଳରେ ମାଣ୍ଡାରିନ୍ ଶିଖାଉଛି



ବିସ୍ତାରବାଦୀ ଚୀନ୍ ଗୋଟିଏ ପରେ ଗୋଟିଏ ଦେଶର ଜମି ହଡ଼ପ କରିବାରେ ଲାଗିଛି । ଏହି ଦେଶର ଲୋଲୁପ ଦୃଷ୍ଟି ସବୁବେଳେ ପଡୋଶୀ ରାଷ୍ଟ୍ରର ଜମି ଉପରେ ରହିଛି । ତିବତକୁ କବ୍ଜା କରି ରଖିଥିବା ବେଜିଂ ଏବେ ସେଠାରେ ଭାଷାଗତ ଆତଙ୍କବାଦ ଚଳାଇଛି । ଏଥିପାଇଁ ଚୀନ୍ ତିବତ ଶିଶୁଙ୍କୁ ଅସ୍ତ୍ର କରିଛି । ୪ ବର୍ଷର ଊର୍ଦ୍ଧ୍ୱ ଶିଶୁଙ୍କୁ ତିବତୀ ଭାଷା ବଦଳରେ ମାଣ୍ଡାରିନ ଶିକ୍ଷାଉଛି । ଏହି ଲକ୍ଷ୍ୟ ହାସଲ ପାଇଁ ତିବତରେ ବୋର୍ଡିଂ ସ୍କୁଲ୍ ଖୋଲିବାରେ ଲାଗିଛି । ଏହି ସବୁ ସ୍କୁଲରେ ମାଣ୍ଡାରିନ ଭାଷା ବାଧ୍ୟତାମୂଳକ କରିଦିଆଯାଇଛି । ତିବତ ଶିଶୁଙ୍କ ଭବିଷ୍ୟତ ସୁଧାରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି ଚୀନ୍ ପକ୍ଷରୁ କୁହାଯାଇଛି । ଦେଶର ମୁଖ୍ୟ ଭାଷା ମାଣ୍ଡାରିନ ହୋଇଥିବାରୁ ପିଲାଙ୍କୁ ଏହା ଶିକ୍ଷା ଦିଆଯାଉଛି । ମାତ୍ର ତିବତ ଲୋକ ଏହାକୁ ବିରୋଧ କରୁଛନ୍ତି । ତିବତର ପରିଚୟ ନଷ୍ଟ କରିବାକୁ ଏହି ଷଡ଼ଯନ୍ତ୍ର କରାଯାଉଛି । କମ୍ ବୟସର ଶିଶୁଙ୍କୁ ନିଶାଣ କରି ସମାଜରେ ଅରାଜକତା ସୃଷ୍ଟି କରିବାକୁ ପ୍ରୟାସ କରାଯାଉଛି । ବୋର୍ଡିଂ ସ୍କୁଲ୍ ମାଧ୍ୟମରେ ଚୀନ୍ ଏଭଳି ପିଲା ସୃଷ୍ଟି କରିବାକୁ ଚାହୁଁଛି, ଯେଉଁମାନେ ଭବିଷ୍ୟତରେ ନିଜ ଭାଷା ଏବଂ ସଂସ୍କୃତିକୁ ପସନ୍ଦ କରୁ ନ ଥିବେ ।

ବିଶେଷଜ୍ଞଙ୍କ ଅନୁଯାୟୀ ଚୀନ୍ ତିବତୀୟଙ୍କ ସାମାଜିକ କ୍ଷମତାକୁ ହ୍ରାସ କରିବା ପାଇଁ ଶିକ୍ଷାକୁ ଅସ୍ତ୍ର ଭାବେ ବ୍ୟବହାର କରୁଛି । କେହି ଏହାକୁ ବିରୋଧ କରିପାରିବେ ନାହିଁ । ବିଦେଶୀ ମାନବାଧିକାର ସଂଗଠନଗୁଡ଼ିକ ଦଶନ୍ଧି ହେଲା ତିବତରେ ଚୀନ୍ ଚଳାଇଥିବା ଅମାନବୀୟ କାର୍ଯ୍ୟକଳାପକୁ ପ୍ରଘଟ କରୁଥିଲା । କିନ୍ତୁ କିଛି ବର୍ଷ ହେଲା ଏପରି ଆଉ ହେଉନାହିଁ । ଚୀନ୍‌ର ଉତ୍ତର-ପଶ୍ଚିମ କ୍ଷେତ୍ରର ଶିନ୍‌ଜିଆଙ୍ଗ ପ୍ରଦେଶରେ ଉଇଘର ମୁସଲମାନଙ୍କ ପ୍ରତି ଅତ୍ୟାଚାର କରାଯାଉଛି । ସରକାର ତାଙ୍କ ପରିଚୟ ନଷ୍ଟ କରିବାରେ ଲାଗିଛନ୍ତି । ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବଦଳାଇ ଦିଆଯାଇଛି । କୋରାନକୁ ମଧ୍ୟ ଚୀନ୍ ନିଜ ଅନୁସାରେ ପରିବର୍ତ୍ତନ କରିଛି । ଏବେ ଏହି ଘଟଣା ଏବଂ ହଂକଂରେ ଗଣତନ୍ତ୍ର ସମର୍ଥକ ବିରୋଧୀ ଆନ୍ଦୋଳନ ପ୍ରତି ବିଶ୍ୱର ଧ୍ୟାନ କେନ୍ଦ୍ରିତ ହୋଇଛି । ଏହା ସତ୍ତ୍ୱେ ଚୀନ୍ ଅଧିକାରୀମାନେ ତିବତରେ ଅତ୍ୟାଚାର ଜାରି ରଖିଛନ୍ତି । ଗତ କିଛି ବର୍ଷ ହେଲା ଚୀନ୍ ସରକାର ଗାଁରେ ଥିବା ସ୍କୁଲ୍ ଏବଂ ତିବତ ଭାଷା ପଢ଼ାଉଥିବା ଘରୋଇ ସ୍କୁଲ୍‌କୁ ବନ୍ଦ କରିଦେଇଛନ୍ତି । ଏହା ବଦଳରେ ବୋର୍ଡିଂ ସ୍କୁଲ୍‌ର ପ୍ରଚାରପ୍ରସାର କରାଯାଉଛି । ଏବେ ୮୦ ପ୍ରତିଶତ ତିବତ ଶିଶୁ ଅର୍ଥାତ୍ ପ୍ରାୟ ୧୦ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଏହି ବୋର୍ଡିଂ ସ୍କୁଲ୍‌ରେ ପଢ଼ାଯାଉଥିବା ଆକଳନ କରାଯାଇଛି ।



# ପୋଖରୀରେ ପଡ଼ି ମହିଳାଙ୍କ ମୃତ୍ୟୁ

**ସୋସୋ/ହାଟଡିହି,୨୭।୩(ସମିସ):** ହାଟଡିହି ବ୍ଲକ ସଢା ପଞ୍ଚାୟତ ନଟିଗଡିଆ ଗ୍ରାମର ସନାତନ ନାୟକଙ୍କ ସ୍ତ୍ରୀ ମମତା ନାୟକ (୫୨) ଘର ପାଖରେ ଥିବା ପୋଖରୀରେ ପଡି ମୃତ୍ୟୁ ଘଟିଛି। ଗତ ୨୬ତାରିଖ ରାତିରେ ମମତା ଖାଇସାରି ଶୋଇବାକୁ ଆସିନଥିଲେ।ତାଙ୍କୁ ଖୋଜା ଖୋଜି କରିଥିଲେ ମଧ୍ୟ ଘର ଲୋକ ତାଙ୍କର ଖୋଜ ଖବର ପାଇନଥିଲେ। ଆଜି ସକାଳୁ ଘର ନିକଟରେ ଥିବା ପୋଖରୀରେ ମମତାର ମୃତ ଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ପାଣିରୁ ଉଦ୍ଧାର କରି ବ୍ୟବଚ୍ଛେଦ କରିବା ପାଇଁ ପଠାଇଥିଲେ।

# ଯୁବତୀଙ୍କୁ ଅଶ୍ଳୀଳ ବ୍ୟବହାର ଅଭିଯୋଗ

**ସୋସୋ,୨୭।୩(ସମିସ):** ହାଟଡିହି ବ୍ଲକ ବାଲିବରେଇ ପଞ୍ଚାୟତର ବଦଗଡିଆ ଅଞ୍ଚଳର ଏକ ଯୁବତୀକୁ ଲମ୍ବଧର ମୁଣ୍ଡା ନାମକ ଏକ ଯୁବକ ତାଙ୍କ ହାତରୁ ମୋବାଇଲ୍ ଛଡାଇ ନେବା ସହିତ ଅଶାଳୀନ ବ୍ୟବହାର କରିଥିଲେ। ଯୁବତୀ ଜଣକ ଭୟଭୀତ ହୋଇ ଦୌଡି ପଳାଇ ଲୁଚିଯାଇଥିଲେ। ଏହା ପରିବାର ଲୋକ ଖବର ପାଇବା ପରେ ଖୋଜା ଖୋଜି କରିଥିଲେ ମଧ୍ୟ ଯୁବତୀ ଜଣଙ୍କୁ ପାଇନଥିଲେ। ରାତି୧୨ଟା ବେଳେ ଭୟଭୀତ ଅବସ୍ଥାରେ ଘରେ ଯୁବତୀଜଣକ ପହଞ୍ଚିଥିଲା। ପରିବାର ଲୋକ ଏଭଳି ଅବସ୍ଥାରେ ଝିଅକୁ ଦେଖି ଚିନ୍ତାଗ୍ରସ୍ତ ହୋଇ ପଡିଥିବା ବେଳେ ସୋସୋ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏହି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିପାରିନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ପୁଲିସକୁ ପଚାରିବାରୁ ଯୁବକ ଜଣକ ଏହି ଅଞ୍ଚଳ ଛାଡି ପଳାଇଛି ।ତାର ଖୋଜଖବର କରାଯାଉଛି। ଖୁବ୍ ଶୀଘ୍ର ଗିରଫ ହେବା ନେଇ ପୁଲିସ କହିଛନ୍ତି।

# ନାଗ ସାପ ଉଦ୍ଧାର

**ସୋସୋ , ୨୭।୩(ସମିସ):** ହାଟଡିହି ବ୍ଲକର ବଞ୍ଚୋ ଗ୍ରାମର ମାର୍କଣ୍ଡ ଓଝାଙ୍କ ଘର ପାଖରେ ଏକ ନାଗ ସାପ ବୁଲୁଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ତାଙ୍କୁ ପୁଅ ସୁବାଷ ଏବଂ ପରିବାର ସଦସ୍ୟ ସହଯୋଗରେ ଉକ୍ତ ସାପକୁ ବାଡିରେ ଚାପି ଏକ ଡବାରେ ପୁରାଇ ବନ ବିଭାଗକୁ ଖବର କରିଥିଲେ।

# ଗାଡ଼ିରୁ ଲୁଟି ନେଲେ ୨୦୦ ଲିଟର ଡିଜେଲ

**ରାମଚନ୍ଦ୍ରପୁର,୨୭ ।୩(ସମିସ):** ରାତ୍ର ଜଗୁଆଳିକୁ ଭୟଭୀତ କରି ରେଙ୍ଗାଲି କେନାଲ କାମରେ ନିୟୋଜିତ ଥିବା ଗାଡିରୁ ଲୁଟି ନେଲେ ଦୁଇଶହରୁ ଉର୍ଦ୍ଧ ଡିଜେଲ ତେଲ। ଘଟଣାରୁ ଜଣାଯାଏ କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ତିଗିରିଆ ଗ୍ରାମ ନିକଟରେ ରେଙ୍ଗାଲି ବାମ ପାଶ୍ୱର୍ କୋରେଇ କେନାଲ କାର୍ଯ୍ୟରେ ନିୟୋଜିତ ଥିବା ଏକ କମ୍ପାନୀ ଗାଡିରୁ ଗତ ରାତ୍ରିରେ କେତେକ ଦୁବୃର୍ତ୍ତ ସଂଘବଦ୍ଧ ହୋଇ ପ୍ରାୟ ଦୁଇ ଶହରୁ ଉଦ୍ଧ୍ୱର୍ ଡିଜେଲ ଚୋରି କରି ଫେରାର୍ ହୋଇ ଯାଇଥିବା ନେଇ କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସକାଳୁ କେନାଲ ଉଚ୍ଚ ପଦସ୍ଥ କର୍ମଚାରୀ ପହଞ୍ଚି ଘଟଣା ସମ୍ପର୍କରେ ଅନୁଧ୍ୟାନ କରି ଘଟଣା ସମ୍ପର୍କରେ ଅଧିକ ଖୋଳତାଡ କରିଛନ୍ତି। ଏ ନେଇ କୌଣସି ଅଭିଯୋଗ ହୋଇନଥିବାର ଜଣାପଡ଼ିଛି।

■ ବାଇକ୍‌କୁ ଧକ୍କା ଦେଲା ଟ୍ରକ୍ , ଜଣେ ଗୁରୁତର

# ହମ୍ପ୍‌ସ ନିର୍ମାଣ ଦାବିରେ ରାସ୍ତାରୋକ

**ତୁରୁମୁଙ୍ଗା,୨୭ ।୩(ସମିସ):** କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଖିରେଇଟାଙ୍ଗିରୀ ନିକଟରେ ବୁଧବାର ଅପରାହ୍ନରେ ଏକ ଟ୍ରକ ବ୍ୟାକ୍ କରୁଥିବା ସମୟରେ ବାଇକକୁ ଧକ୍କା ଦେବା ଫଳରେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଏନ ଏଚ ଆଇ ଆମ୍ବୁଲାନ୍ସ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଗୁରୁତର ବାଇକ ଆରୋହୀ ହେଲେ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମି ଥାନା ଭବାନୀନଗର କୋଦାଳି ଗ୍ରାମର ସୁବ୍ରତ ଧଳ। ତେବେ ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା ।ସେଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ହମ୍ପସ ନିର୍ମାଣ ପାଇଁ ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥକୁ ଅବରୋଧ କରିଥିଲେ ।ଖବର ପାଇ ଘଟଣା ସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଁଞ୍ଚି ଲୋକଙ୍କୁ ବୁଝାସୁଝା କରୁଛି। ତେବେ ଏଠାରେ ଆଇରନ ପରିବହନ ସଂସ୍ଥା ର ଟୋକନ ପାଇଁ ରାଜପଥ ଉପରେ ଟ୍ରକ ଗୁଡିକ ବେଆଇନ ପାର୍କିଂ କରୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି।

# ଚଷମାକୁ କେନ୍ଦ୍ର କରି ଦୁଇଗୋଷ୍ଠୀଙ୍କ ମଧ୍ୟରେ ମାରପିଟ୍

**ହାଟଡ଼ିହି,୨୭ ।୩(ସମିସ):** କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅନ୍ତର୍ଗତ ସରଳା ଗ୍ରାମରେ ମଙ୍ଗଳବାର ରଙ୍ଗ ଖେଳ ସମୟରେ ଗ୍ରାମର ଦୁଇଗୋଷ୍ଠୀଙ୍କ ମଧ୍ୟରେ ମାରପିଟ୍ ହୋଇଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁସାରେ, ଗ୍ରାମର କିଛି ଯୁବକ ମାଇକ୍ ସାଉଣ୍ଡ ବଜାଇ ରଙ୍ଗ ଖେଳୁଥିଲେ। ଉକ୍ତ ଗ୍ରାମର ଅନ୍ୟଜଣେ ଯୁବକ ନିଜ ବାଇକ୍ ନେଇ ସେହି ରାସ୍ତାରେ ଯାଉଥିବା ବେଳେ ଯୁବକ ଜଣକ ପିନ୍ଧିଥିବା ଚଷମାକୁ ଦେଖି ରଙ୍ଗ ଖେଳୁଥିବା ଯୁବକଙ୍କ ମଧ୍ୟରୁ ଜଣେ ଯୁବକ ବାଇକ୍ ନେଇ ଯାଉଥିବା ଯୁବକଙ୍କ ଠାରୁ ତାଙ୍କ ଚଷମାକୁ ମାଗି ନେଇଥିଲେ। ପରେ ଉକ୍ତ ଚଷମାଟିକୁ ଯୁବକଜଣଙ୍କ ନଫେରାଇବାରୁ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସାମାନ୍ୟ ଯୁକ୍ତିତର୍କ ପରେ ଉଭୟ ପକ୍ଷରୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ମାରପିଟ୍ ହୋଇଥିଲା। ତେବେ ଏହି ଗଣ୍ଡଗୋଳରେଜଣେ ଗୁରୁତର ହୋଇଥିବା ବେଳେ ଅନ୍ୟ ୨ଜଣ ଯୁବକ ଓ ଜଣେ ମହିଳା ଆହତ ହୋଇଥିବା ଜଣାଯାଇଛି। ଏଭଳି ଘଟଣାକୁ ନେଇ ଉଭୟ ପକ୍ଷ ନନ୍ଦିପଦା ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତି କରି ଘଟଣା ସମ୍ପର୍କରେ ପୃଥକ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

# ଗଛପଡ଼ି ଭାଙ୍ଗିଲା ଘର

**ହାଟଡ଼ିହି,୨୭ ।୩(ସମିସ):** ଅପରାହ୍ନ ସମୟରେ ହୋଇଥିବା ଅଦିନିଆ କାଳବୈଶାଖୀ ଯୋଗୁଁ କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ଘଟିଥିବା ବେଳେ ଡ଼ଅଁର ପଞ୍ଚାୟତ ସରଳା ଗ୍ରାମ ୨ନଂ ୱାର୍ଡ଼ର ଗଙ୍ଗାଧର ପରିଡ଼ା, ବିଷ୍ଣୁ ଜେନା ଓ ସୁଶୀଲ ଭୋଇଙ୍କ ଘର ଉପରେ ଗଛ ପଡ଼ି ସେମାନଙ୍କ ଘର ଭାଙ୍ଗି ଯାଇଛି। ଗଙ୍ଗାଧର ଓ ସୁଶୀଲଙ୍କ ରୋଷେଇ ଘର ଭାଙ୍ଗି ଯାଇଥିବା ବେଳେ ବିଷ୍ଣୁ ଜେନାଙ୍କ ଶୋଇବା ଘରଟି ଭାଙ୍ଗି ଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ସହ କ୍ଷୟକ୍ଷତିର ଆକଳନ କରି ତୁରନ୍ତ ବିପନ୍ନ ପରିବାରଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି।

## କେନ୍ଦୁଝର ଲୋକସଭା ନିର୍ବାଚନମଣ୍ଡଳୀ

# ୧୯୬୧ଟି ବୁଥ୍‌ରେ ମତଦାନ କରିବେ ୧୫୬୯୫୨୯ ଭୋଟର

**କେନ୍ଦୁଝର,୨୭ ।୩(ସମିସ)**

କେନ୍ଦୁଝର ଲୋକସଭା ନିର୍ବାଚନମଣ୍ଡଳୀ କେନ୍ଦୁଝର ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀ ସମେତ ୭ଗୋଟି ବିଧାନ ସଭା ବିଧାନସଭାନିର୍ବାଚନମଣ୍ଡଳୀକୁ ନେଇ ଗଠିତ। କେନ୍ଦୁଝର ଲୋକସଭା ଆସନଟି ଅନୁସୂଚିତ ଜନଜାତି(ଏସଟି) ବର୍ଗ ନିମନ୍ତେ ସଂରକ୍ଷିତ ରହିଛି। ଏହି ଲୋକସଭା ଆସନଟି କେନ୍ଦୁଝରଜିଲ୍ଲାର ୨୦-ତେଲକୋଇ(ଏସଟି), ୨୧-ଘଷିପୁରା (ଅସଂରକ୍ଷିତ), ୨୨-ଆନନ୍ଦପୁର(ଏସସି), ୨୩-ପାଟଣା(ଏସଟି), ୨୪-କେନ୍ଦୁଝର(ଏସଟି), ୨୫-ଚମ୍ପୁଆ (ଅଣସଂରକ୍ଷିତ) ଏବଂ ୩୦-କରଞ୍ଜିଆ(ଏସଟି) ଆସନକୁ ନେଇ ଗଠିତ। ଉକ୍ତ ଲୋକସଭା ଆସନ ନିମନ୍ତେ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ମୋଟ ୧୯୬୧ଟି ବୁଥରେ ୧୫୬୯୫୨୯ ଜଣ ଭୋଟର ସେମାନଙ୍କର ମତ ସାବ୍ୟସ୍ତ କରିବେ ବୋଲି ଜଣାପଡିଛି। ସୂଚନା ଅନୁସାରେ ତେଲକୋଇ ବିଧାନସଭା ଆସନ ନିମନ୍ତେ ମୋଟ ୩୨୧ ଗୋଟି ବୁଥରେ ୨୩୮୪୨୬ ଜଣ ଭୋଟର ମତଦାନ କରବେ। ଘଷିପୁରା ନିର୍ବାଚନ ମଣ୍ଡଳୀନିମନ୍ତେ ୩୦୦ଟି ବୁଥରେ ୨୨୮୩୯୯ଜଣ ଭୋଟର, ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ୨୯୧ ଗୋଟି ବୁଥରେ ୨୩୩୨୦୩ ଜଣ, ପାଟଣା ନିର୍ବାଚନମଣ୍ଡଳୀରେ ୨୭୩ ଗୋଟି ବୁଥରେ ୨୧୧୭୩୮ଜଣ, କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀରେ ୨୮୩ଟି ବୁଥରେ ୨୨୯୩୬୩ ଜଣ, ଚମ୍ପୁଆ ଆସନ ନିମନ୍ତେ ୨୫୨ଟି ବୁଥରେ ୨୩୦୫୩୨ ଜଣ, ଏବଂ କରଞ୍ଜିଆ ଆସନ ନିମନ୍ତେ ୨୪୧ଗୋଟି ବୁଥରେ ୧୯୭୮୬୮ ଜଣ ଭୋଟରଙ୍କୁ ମିଶାଇ ମୋଟ ୧୫୬୯୫୨୯ ଜଣ ଭୋଟର ସେମାନଙ୍କର ମତଦାନ କରିବାକୁ ଯାଉଛନ୍ତି। ଏଥି ମଧ୍ୟରୁ ଆନନ୍ଦପୁର ପୌରପାଳିକାରେ ୩୩ଗୋଟି ବୁଥ, କେନ୍ଦୁଝରଗଡ ପୌରପାଳିକାର ୪୭ଟି ବୁଥ, ଚମ୍ପୁଆ ନିର୍ବାଚନମଣ୍ଡଳୀର ଚମ୍ପୁଆ ଏନଏସି ଏବଂ ଯୋଡା ପୌରପାଳିକା ଓ ବଡବିଲ ପୌରପାଳିକାରେ ମୋଟ ୮୧ ଟି ବୁଥ ଏବଂ କରଞ୍ଜିଆ ପୌରାଞ୍ଚଳରେ ୧୭ଟି ବୁଥକୁ ମିଶାଇ ମୋଟ ୧୭୮ ଗୋଟି ପୌରାଞ୍ଚଳ ବୁଥରେ ଭୋଟରମାନେ ସେମାନଙ୍କର ମତଦେବେ। ଗତ ୨୦୧୯ ନିର୍ବାଚନରେ ଏହି ଲୋକସଭା ଆସନଟି ବିଜୁଜନତା ଦଳ ହାତକୁ ଯାଇଥିଲା। ଦଳୀୟ ପ୍ରାର୍ଥୀ ଚନ୍ଦ୍ରାଣୀ ମୁର୍ମୁ ୪୪.୭୫% ଆର୍ଥାତ ମୋଟ ୫୨୬୩୫୯ ଖଣ୍ଡ ଭୋଟ ପାଇ ୬୬୨୦୩ ଭୋଟ ବ୍ୟବଧାନରେ ଭାଜପାର ଅନନ୍ତ ନାୟକଙ୍କୁ ପରାସ୍ତ କରିଥିଲେ। ୨୦୧୯ରେ ଭାଜପା ପ୍ରାର୍ଥୀ ୪୬୦୧୫୬ ଖଣ୍ଡ ଭୋଟ ପାଇଥିଲେ। ସେହିପରି ଜାତୀୟ କଂଗ୍ରେସ ପ୍ରାର୍ଥୀ ମୋହନ କୁମାର ହେମ୍ବ୍ରମ୍ ୧୨୮୭୧୬ଟି ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ଅନ୍ୟପକ୍ଷରେ ନୋଟାରେ ୧୯୨୦୭ ଭୋଟ ପଡିଥିବାବେଳେ ରାଷ୍ଟ୍ରିୟ ଇଣ୍ଡିପେଣ୍ଡେଣ୍ଟ ମୋର୍ଚ୍ଚାର ସୁଦର୍ଶନ ଲୋହାରଙ୍କୁ ୧୦୯୧୪ ଭୋଟ, ଅଖିଳ ଭାରତୀୟ ହିନ୍ଦୁ ମହାସଭାର ପ୍ରାର୍ଥୀ ଲାଲମୋହମ ହଂସଦାଙ୍କୁ ୧୦୦୩୮ ଭୋଟ, ବହୁଜନ ସମାଜବାଦୀ ପାର୍ଟିର ଦୂର୍ଗା ଚନ୍ଦ୍ର ପଙ୍ଗୁଆଙ୍କୁ ୯୮୬୬ ଭୋଟ, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ପ୍ରଫୁଲ୍ଲ ନାୟକଙ୍କୁ ୫୮୬୬ ଭୋଟ ଏବଂ ବହୁଜନ ମୁକ୍ତି ମୋର୍ଚ୍ଚାର ରମେଶ ଲାଗୁରୀଙ୍କୁ ୫୭୨୮ ଖଣ୍ଡ ଭୋଟ ମିଳିଥିଲା। ୨୦୧୪ରେ ମଧ୍ୟ ଏହି ଲୋକସଭା ଆସନଟି ବିଜୁ ଜନତାଦଳ ୧୫୭୩୧୭ ଭୋଟ ବ୍ୟବଧାନରେ ଜିତିଥିଲା। ବିଜେଡି ସାଂସଦ ପ୍ରାର୍ଥୀ ଶକୁନ୍ତଳା ଲାଗୁରୀ ୪୦.୦୯% ବା ୪୩୪୪୭୧ ଭୋଟ ପାଇଥିବାବେଳେ ଭାଜପାର ଅନନ୍ତ ନାୟକଙ୍କୁ୨୭୭୧୫୪ ଗୋଟି ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ କଂଗ୍ରେସରୁ ମାଧବ ସର୍ଦ୍ଦାର ପ୍ରତିଦ୍ୱନ୍ଦିତାକରି ୧୯୦୫୩୧ ଗୋଟି ଭୋଟ ପାଇବାକୁ ସକ୍ଷମ ହୋଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହା ଯେ ଚଳିତ ନିର୍ବାଚନରେ କେନ୍ଦୁଝର ଜିଲ୍ଲାର ୬ ଗୋଟି ବିଧାନସଭା କ୍ଷେତ୍ରରେ ୩୭୭୧୯ ଜଣ ଭୋଟରଙ୍କୁ ଏଥରର ତାଲିକାରେ ଯୋଗ କରାଯାଇଛି। ସେହିପରି ୩୭୫୩୭ ଜଣ ଭୋଟରଙ୍କର ନାମ ନୂତନ ଭୋଟର ତାଲିକାରୁ ବାଦ ଦିଆଯାଇଥିବା ଜଣାପଡିଛି। କରଞ୍ଜିଆ ନିର୍ବାଚନ ମଣ୍ଡଳୀକୁ ଛାଡି କେନ୍ଦୁଝର ଜିଲ୍ଲାର ୬ଟି ନିର୍ବାଚନ ମଣ୍ଡଳୀରେ ମୋଟ ୧୩୭୧୬୬୧ ଭୋଟର ରହିଥିବାବେଳେ ସେମାନଙ୍କମଧ୍ୟରୁ ୬୮୩୫୧୫ ଜଣ ପୁରୁଷ ଭୋଟର ଏବଂ ୬୮୮୦୭୦ ଜଣ ମହିଳା ଭୋଟର ରହିଛନ୍ତି। ଏଥର କେନ୍ଦୁଝର ଜିଲ୍ଲାର ୧୨୪୮୪ ଜଣ ଭିନ୍ନକ୍ଷମ ଭୋଟର ଭୋଟ ଦେବାକୁ ଯାଉଥିବାବେଳେ ୩୫୫୩୬ଜଣ ୧୮-୧୯ବର୍ଷୀୟ ଯୁବ ଭୋଟର ରହିଛନ୍ତି ଏବଂ ୨୦୦୦୫ ଜଣ ୮୦ବର୍ଷରୁ ଉର୍ଦ୍ଧ୍ୱବୟସ୍କ ବରିଷ୍ଠ ନାଗରିକ ସେମାନଙ୍କର ମତଦାନ କରିବାକୁ ଯାଉଛନ୍ତି।

# ହୋଲିରେ ରଙ୍ଗ ହେଲା ବିଭିନ୍ନ ଗାଁ ଛକ ବଜାର



**ସୋସୋ,୨୭।୩(ସମିସ):** ହୋଲି ଖେଳ ଓ ଦୋଳ ପର୍ବରେ ବିଭିନ୍ନ ଗାଁ ଉତ୍ସବ ମୁଖର ହେବା ସହ ରଙ୍ଗ ଖେଳରେ ରଙ୍ଗ ବେରଙ୍ଗ ହୋଇ ପଡିଛି। ବିଭିନ୍ନ ଗ୍ରାମର ଦୋଳ ପୂର୍ଣ୍ଣିମାରେ ଠାକୁର ଝୁଲାଇ ଉତ୍ସବ ପାଳନ କରାଯିବା ସହିତ ନୂତନ ପାଞ୍ଜି ପଢ଼ି ଏ ବର୍ଷର ଶୁଭ ଗଣନା ପ୍ରକାଶ କରାଯାଇଥାଏ। ହୋଲି ଖେଳରେ ଗାଁର ଯୁବକ ସଂଘଠାରୁ ଆରମ୍ଭ କରି ଯୁବକ ଯୁବତୀ ଓ ସବୁ ବର୍ଗର ଲୋକ ସାମିଲ ହୋଇ ହୋଲି ଖେଳର ମଜା ଉଠାଇଥିବା ଦେଖିବାକୁ ମିଳିଥିଲା। ସୋସୋ, ପଢ଼ିଆରୀ ପଲ୍ଲୀ, ଶାଳଣିଆଁ, ହାଟଡିହି, ଛେନାପଦି, ବାଙ୍ଗୋର, ମରେିଗାଁ, ବିଦ୍ୟାଧରପୁର ସଢା, ଢେଙ୍କା ଆଦି ବିଭିନ୍ନ ଗ୍ରାମ ଓ ଛକରେ ରଙ୍ଗ ଖେଳ କରାଯାଇଥିଲା। ପୂର୍ବତନ ପିପିସି ସଭାପତି ଜୟଦେବ ଜେନା ନିଜ ଦଳୀୟ କର୍ମୀ ଓ ସମର୍ଥକଙ୍କ ସହିତ ରଙ୍ଗ ଖେଳିଥିଲେ। ସେହିପରି ଜୟଦୁର୍ଗା ଫାଉଣ୍ଡେସନ ଅଧକ୍ଷା ସୁରେଶ୍ୱରୀ ସାଗରିକା ଜେନା ନିଜ ସଦସ୍ୟ ସହିତ ବିଭିନ୍ନ ଛକ ବଜାର ଓ ପରିବାର ସଦସ୍ୟଙ୍କ ନିକଟକୁ ଯାଇ ହୋଲି ଖେଳିଥିଲେ। ବିଭିନ୍ନ ଗାଁରେ ଝୁଲଣ ଯାତ୍ରା କରାଯାଇଥିଲା। ବିଭିନ୍ନ ସ୍ଥାନରେଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଘରୋଇ କଳହକୁ ନେଇ ଆତ୍ମହତ୍ୟା

**ବାଲିବନ୍ଧ,୨୭।୩ (ସମିସ):** ଝୁମ୍ପୁରା ଥାନା ଅନ୍ତର୍ଗତ ଖେଣ୍ଡରା ପଞ୍ଚାୟତ ଖେଣ୍ଡରା ଗ୍ରାମର କାଜୁ ଜଙ୍ଗଲରୁ ବୁଧବାର ଏକ ଯୁବକର ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ଝୁମ୍ପୁରା ଥାନା ଅନ୍ତର୍ଗତ ନହବେଡା ଗ୍ରାମ ଜାନସନପୁର ଗ୍ରାମ ଗୋପିନାଥ ନାଏକଙ୍କ ପୁଅ କିରଣ କୁମାର ନାଏକ (୪୦ବର୍ଷ) ବୋଲି ପୁଲିସ ସୂତ୍ରରୁ ପ୍ରକାଶ ।ମିଳିଥିବା ସୂଚନା ଅନୁଯାୟୀ ୨୪ ତାରିଖ ରାତି ନିଶାସକ୍ତ ଅବସ୍ଥାରେ କିରଣ ନାଏକ ଘର କୁ ଫେରିଥିଲେ। ଫଳରେ ସ୍ତ୍ରୀ ତେଜ ନାଏକ ସହିତ କରିଣର କଥା କଟାକଟି ସହିତ ବଚସା ହୋଇଥିଲା। ଏହା ପରେ ଘର ଘରୁ ବାହାରି ଯାଇଥିଲା କିରଣ। ସୋମବାର ଦିନ ପରିବାର ଲୋକେ କିରଣକୁ ବହୁ ଖୋଜାଖୋଜି କଲେ ।କିନ୍ତୁ କିଛି ସନ୍ଧାନ ପାଇପାରିଲେ ନାହିଁ। ପୁଣି ପରିବାର ଲୋକେ ମଙ୍ଗଳବାର ଦିନ ଖୋଜାଖୋଜି କରିବାରୁ ଘରଠାରୁ ୩କିମି ଦୂର ଖେଣ୍ଡରା ପଞ୍ଚାୟତର ଫକୀରପୁର ଛକରେ କିରଣ ବସିଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ଭାବିଲେ ସେ ଘରକୁ ଫେରି ଆସିବ, କିନ୍ତୁ କିରଣ ଘରକୁ ଫେରି ନଥିଲା। ବୁଧବାର ଦିନ ସକାଳେ କାଠ ସଂଗ୍ରହ ନିମନ୍ତେ କାଜୁ ଜଙ୍ଗଲକୁ ଯାଇଥିବା ଲୋକମାନେ କାଜୁଗଛ ଡାଳରେ ଏକ ଲୋକ ଝୁଲି ଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକ ଖବର ପାଇ ଘଟଣାସ୍ଥଳକୁ ଆସି ଦେଖିଲେ ଯେ କରିଣ ବେକରେ ପ୍ଲାଷ୍ଟିକ ରଶି ଲଗାଇ ଡାଳରେ ଝୁଲି ରହିଛି। ପରିବାର ଲୋକ ପୁଲିସକୁ ଖବର ଦେଇଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହକୁ ଉଦ୍ଧାର କରିଥିଲେ। ଏ ନେଇ ଏକ ମାମଲା ରୁଜୁ କରି ପାରିପାଶ୍ୱରିକ ସ୍ଥିତି ଅନୁଧ୍ୟାନ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଡାକ୍ତରଖାନା ପଠାଇଥିବା ପୁଲିସ ସୂଚନା ଦେଇଛି।

# ସୂଚନା ଓ ଲୋକସମ୍ପର୍କ ବିଭାଗ ଉତ୍ତରାଞ୍ଚଳ ଉପ-ନିର୍ଦ୍ଦେଶକଙ୍କ କେନ୍ଦୁଝର ଗସ୍ତ



**କେନ୍ଦୁଝର,୨୭।୩ (ସମିସ):** ସୂଚନା ଓ ଲୋକସମ୍ପର୍କ ବିଭାଗ (ଉତ୍ତରାଞ୍ଚଳ) ଉପ-ନିର୍ଦ୍ଦେଶକ କଲ୍ୟାଣୀ ଦାଶ ଆଜି କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ସୂଚନା କେନ୍ଦ୍ର ତଥା ପାଠାଗାର ନିରୀକ୍ଷଣ କରିଛନ୍ତି। ଜିଲ୍ଲା ସଦର ମହକୁମାଠାରେ ଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ସମସ୍ତ କାର୍ଯ୍ୟ ପ୍ରକ୍ରିୟା ବିଷୟରେ ପଚାରି ବୁଝିବା ସହିତ କର୍ମଚାରୀମାନଙ୍କ ସହ ଆଗାମୀ କାର୍ଯ୍ୟ ପ୍ରଣାଳୀକୁ ତ୍ୱରାନ୍ୱିତ କରିବା ପାଇଁ ଏକ ବୈଠକ କରିଥିଲେ ।ସମସ୍ତ କାର୍ଯ୍ୟ ତନଖି କରିବା ପରେ ଶ୍ରୀମତୀ ଦାଶ ସନ୍ତୋଷ ବ୍ୟକ୍ତ କରିଥିଲେ ।ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ବରିଷ୍ଠ ରାଜସ୍ୱ ସହାୟକ ପୀତବାସ ମହାନ୍ତ ଓ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହିଥିଲେ।

# ଟ୍ରକ୍ ପଛକୁ ଧକ୍କାଦେଲା ଟ୍ରକ୍, ଡ୍ରାଇଭର ଗୁରୁତର

**ତୁରୁମୁଙ୍ଗ.୨୭ ।୩(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଧନୁର୍ଜୟପୁର ନିକଟରେ ମଙ୍ଗଳବାର ସକାଳେ ଛିଡା ହୋଇଥିବା ଏକ ଟ୍ରକ ପଛରେ ଆଉ ଏକ ଟ୍ରକ ଧକ୍କା ଦେବା ଫଳରେ ପଛ ଗାଡିର ଡ୍ରାଇଭର ଗାଡି ଭିତରେ ଚାପି ହୋଇ ରହିଥିଲେ। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଁଞ୍ଚି ଗ୍ୟାସ କଟର ସାହାଯ୍ୟରେ କାଟି ଗାଡି ଭିତରେ ଚାପି ହୋଇଥିବା ଡ୍ରାଇଭରକୁ ଉଦ୍ଧାର କରି ଆମ୍ବୁଲାନ୍ସ ସହାୟତା ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଗୁରୁତର ଡ୍ରାଇଭର ହେଲେ ଅନୁଗୁଳ ଜିଲ୍ଲା ପାଲଲହଡ଼ା ପରା ଅଞ୍ଚଳର ମନୋଜ କୁମାର ସାହୁ। ଘଟଣା ସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଁଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଟ୍ରକକୁ ଜବତ କରି ତଦନ୍ତ କରୁଛି।

# ବିଜେପିର ନିର୍ବାଚନମଣ୍ଡଳୀସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ




**ସୋସୋ,୨୭।୩(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ନିର୍ବାଚନମଣ୍ଡଳୀସ୍ତରୀୟ ବିଜେପି ନେତା ତଥା ଆଶାୟୀ ପ୍ରାର୍ଥୀ ଆଲୋକ ସେଠୀଙ୍କ ନେତୃତ୍ୱରେ ବଂଚୋ ଖେଳ ପଡିଆଠାରେ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେପି ସାଂସଦ ପ୍ରାର୍ଥୀ ଅନନ୍ତ ନାୟକ, ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ବିଧାନ ସଭା ସଂଯୋଜକ ହରିହର ମହାନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ଞାନ ରଞ୍ଜନ ସାମନ୍ତ ସିଂହାର, ବରିଷ୍ଠ ନେତା ନିରାକାର ଦଳେଇ, ହେମନ୍ତ ମଲ୍ଲିକ, ରାମଚନ୍ଦ୍ର ସାହୁ, ଶମ୍ଭୁନାଥ ରାଉତ, ସୁମତି ଜେନା, ବିବେକାନନ୍ଦ ରାଉତ ପ୍ରମୁଖ ଯୋଗ ଦେଇ କିଭଳି ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଜିତିବେ ସେ ନେଇ ବୁଥ୍ ଓ ମଣ୍ଡଳସ୍ତରୀୟ କର୍ମକର୍ତ୍ତାମାନଙ୍କୁ ମନ୍ତ୍ର ପ୍ରଦାନ କରିଥିଲେ। ଏହି ସମୟରେ ବରିଷ୍ଠ ନେତା ସୁକାନ୍ତ ଜେନା, ଦିପ୍ତି ସାହୁ , ତୃପ୍ତିମୟୀ ଜେନା, ଦିପ୍ତି ଖଣ୍ଟିଆ, ଅଞ୍ଜନ ତ୍ରିପାଠୀ, ସୁଶାନ୍ତ ଜେନା, ମଣ୍ଡଳ ସଭାପତି ଶଶିକାନ୍ତ ରାଉତ, ବଳଭଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିବାବେଳେ ବୁଥ୍‌ର ସଭାପତି, ମଣ୍ଡଳ ମୋର୍ଚ୍ଚାର ପଦାଧିକାରୀ, ମଣ୍ଡଳ କମିଟିର କାର୍ଯ୍ୟକର୍ତ୍ତା ଓ ବରିଷ୍ଠ କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ। ଜ୍ଞାନ ରଞ୍ଜନ ସାମନ୍ତ ସିଂହାର ମଞ୍ଚ ପରିଚାଳନା କରିଥିବାବେଳେ ସୁଭାଦ୍ରୀ ବଳିଆର ସିଂ ଓ ସୁରେନ୍ଦ୍ର ବିଶ୍ୱାଳ ସହଯୋଗ କରିଥିଲେ।

# ଆଦର୍ଶ ଶିକ୍ଷକ ପୂର୍ଣ୍ଣ ସାର୍‌ଙ୍କ ପରଲୋକ



**ରାମଚନ୍ଦ୍ରପୁର,୨୭ ।୩(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ନେହେରୁ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ପୂର୍ଣଚନ୍ଦ୍ର ପ୍ରଧାନ ଓରଫ ପୂର୍ଣ୍ଣ ସାର୍ (୭୫)ଙ୍କର ହୃଦଘାତରେ ପରଲୋକ ଘଟିଛି। ସୋମବାର ସକାଳେ ଛାତି ରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନେବା ସମୟରେ ମଧ୍ୟାହ୍ନ ୧ଘଟିକା ସମୟରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ପୂର୍ଣ୍ଣ ସାର୍‌ଙ୍କ ପରଲୋକ ରେ ସାଇଁକୁଳ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ନିଷ୍ଠବାନ, ପରୋପକାରୀ ତଥ ଦକ୍ଷ ଇଂରାଜୀ ଶିକ୍ଷକ ଭାବରେ ସାଇଁକୁଳ ଅଞ୍ଚଳରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁଅ ବୋହୂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ନେହେରୁ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ଅନନ୍ତ ଚରଣ ସ୍ୱାଇଁ, ବିମ୍ବାଧର ପରିଡା, ପୁରାତନ ଛାତ୍ ରଙ୍ଗାଧର ସାହୁ,ବ୍ରହ୍ମାନନ୍ଦ ପଟ୍ଟନାୟକ,ତ୍ରିଲୋଚନ ପରିଡ. ଶ୍ରୀକାନ୍ତ ସେନାପତି, ଚନ୍ଦ୍ର ଶେଖର ବେହେରା, ସନତ୍ ରଥ, ଦେବେନ୍ଦ୍ର ମିଶ୍ର, ସରୋଜ ନାୟକ, ମାର୍କଣଚରଣ ସାମଲ, ଅନନ୍ତଚରଣ ଭୂୟାଁ, ଲିଟୁନ ପଣ୍ଡା, ମଳୟ ଦାଶ, ମୃତ୍ୟୁଞ୍ଜୟ ବେହେରା, ମନୋଜ ପରିଡା, ଦିବାକର ନାୟକ, ସୁଜୟ ମାଝୀ, ପ୍ରଶାନ୍ତ ଚକ୍ର, ପ୍ରତାପ ସାମଲ, ନରସିଂହ ସ୍ୱାଇଁ ଓ କ୍ଷମାକର ପରିଡା ସମେତ ଅନେକ ଗଣ୍ୟମାଣ୍ୟ ବ୍ୟକ୍ତି ଏବଂ ଶୁଭେଚ୍ଛୁ ତାଙ୍କ ବାସଭବନର ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗାଁ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡପୁଅ ପ୍ରଦିପକୁମାର ପ୍ରଧାନ ମୁଖାଗ୍ନି ଦେଇଥିଲେ।

# କାଳବୈଶାଖୀ ଉଜାଡ଼ି ଦେଲା ଘର, ଅଳ୍ପକେ ବର୍ତ୍ତିଲେ ପରିବାର



**ଚମ୍ପୁଆ,୨୭ । ୩(ସମିସ):** ଅଦିନିଆ କାଳବୈଶାଖୀ ଝଡ଼ ଗୋଟିଏ ପରିବାରକୁ ସର୍ବସ୍ୱାନ୍ତ କରି ଦେଇଛି। କାଳବୈଶାଖୀ ଯୋଗୁଁ ଚମ୍ପୁଆ ବ୍ଲକ ଭଣ୍ଡା ପଞ୍ଚାୟତ ଅନ୍ତର୍ଗତ ସୁଭଦ୍ରା ଦେଇପୁର ଗ୍ରାମରେ ବ୍ୟାପକ କ୍ଷୟ କ୍ଷତି ଘଟିଛି। ଏହି ଗ୍ରାମର କୁଶଧର ମହାରଣା ୨୦୨୧-୨୨ବର୍ଷରେ ଉଦ୍ୟାନ ବିଭାଗ କୃଷି ଉପ ନିର୍ଦ୍ଦେଶକଙ୍କ ୪ ଲକ୍ଷଟଙ୍କା ସହାୟତାରେ ଘର ଖଣ୍ଡିଏ କରିଥିଲେ। ଅଦିନିଆଁ ଝଡ ତୋଫାନ ଘରର ଆଜବେଷ୍ଟସ ଉଡାଇ ନେବାସହ ଆସବାବପତ୍ର ମଧ୍ୟ ଉଡାଇ ନେଇଯାଇଛି। ଏନେଇ ଚମ୍ପୁଆ ଉଦ୍ୟାନ ବିଭାଗ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବପର ହୋଇନଥିଲା ।ଏ ବାବଦରେ ଚମ୍ପୁଆ ତହସିଲଦାର ଧର୍ମେନ୍ଦ୍ର ଶତପଥୀଙ୍କୁ ପଚାରିବାରୁ କହିଥିଲେ ଆମେ ତାଙ୍କୁ ତାରପୋଲିନ ଯୋଗାଇଦେବୁ।

# ବଦ୍ରିଙ୍କ ଉପରେ ଭରସା କଲା ଦଳ, କର୍ମୀଙ୍କ ମହଲରେ ଉତ୍ସାହ, ବାଣ ଫୁଟାଇ ସ୍ୱାଗତ କଲେ



**ରାମଚନ୍ଦ୍ରପୁର,୨୭ ।୩(ସମିସ)**

କେନ୍ଦୁଝର ଘସିପୁରା ବିଧାନସଭା ନିର୍ବାଚନମଣ୍ଡଳୀରୁ ୨୦୨୪ ନିର୍ବାଚନ ପାଇଁ ବିଜେଡ଼ିରୁ ପୁଣି ପ୍ରାର୍ଥୀ ହୋଇଛନ୍ତି ଭେଟେରାନ୍ ବଦ୍ରିନାରାୟଣ ପାତ୍ର। ୨୦୧୯ ନିର୍ବାଚନରେ ସେ ଏଠାରୁ ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇ କଂଗ୍ରେସ୍‌ର ନିରଞ୍ଜନ ପଟ୍ଟନାୟକଙ୍କୁ ହରାଇ ବିଧାୟକ ହୋଇଥିଲେ। ୨୦୦୯ ମସିହାରେ ଏହି ନିର୍ବାଚନମଣ୍ଡଳୀ ଗଠନ ହେବା ପରେ କ୍ରମାଗତ ଭାବେ ବଦ୍ରିନାରାୟଣ ପାତ୍ର ବିଧାୟକ ଭାବେ ନିର୍ବାଚିତ ହୋଇ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇ ଆସୁଛନ୍ତି। ସେ ଏଠାରେ ୪ଥର ବିଧାୟକ ନିର୍ବାଚିତ ହୋଇଛନ୍ତି। ୨୦୧୪ ମସିହା ନିର୍ବାଚନରେ ସେ ରେକଡର୍ ସଂଖ୍ୟକ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ। ବଦ୍ରିଙ୍କର ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱୀ ନିରଞ୍ଜନ ପଟ୍ଟନାୟକ ମଧ୍ୟ ରାମଚନ୍ଦ୍ରପୁର ନିର୍ବାଚନ ମଣଳୀରୁ ୪ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ବୁଧବାର ବିଜେଡି ସୁପ୍ରିମୋ ତଥା ଦଳର ସଭାପତି ଘସିପୁରା ବିଧାନସଭା ନିର୍ବାଚନମଣ୍ଡଳୀପାଇଁ ପୁନର୍ବାର ବଦ୍ରିଙ୍କ ନାଁ ଘୋଷଣା କରିଥିବାରୁ ଘସିପୁରା ନିର୍ବାଚନ ମଣ୍ଡଳୀର ରାମଚନ୍ଦ୍ରପୁର, ଅଳତି, ଗଡବାନ୍ଧଗୋଡା, ସାଇଁକୁଳ, ପୁରୁଣାବାନ୍ଧଗୋଡା, ଗଁପୁର, ମଦନପୁର, ଦେଓଗାଁ, କେଶଦୁରାପାଳ ସମେତ ଘସିପୁରା ଅଞ୍ଚଳରେ ବିଜେଡ଼ି କର୍ମୀମାନେ ବାଣ ଫୁଟାଇ ବଦ୍ରିବାବୁଙ୍କୁ ସ୍ୱାଗତ କରିଛନ୍ତି।

# ଗୁହାଳଗଡ଼ିଆରେ ଅଷ୍ଟପ୍ରହର ନାମଯଜ୍ଞ

**ହାଟଡ଼ିହି,୨୭ ।୩(ସମିସ):** ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଗୁହାଳଗଡ଼ିଆ ଗ୍ରାମରେ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ନାମଯଜ୍ଞଟି ସାହି ମୂରବୀ ଓ ନିତାଇ ଗୌର ଭକ୍ତବୃନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ରବିବାର ଶୁଭାଧୀବାସ କଳସ ଶୋଭାଯାତ୍ରା ଆରମ୍ଭ ହୋଇ ସୋମବାର ପବିତ୍ର ଦୋଳପୂର୍ଣମୀ ଅବସରରେ ପ୍ରଭୁ ଶ୍ରୀରାଧାରମଣଙ୍କ ଅଖଣ୍ଡ ହରିନାମ ହୋଇଯାଇଛି ।ଏହି ନାମଯଜ୍ଞରେ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଗୌରଭକ୍ତ ବୃନ୍ଦ ଯୋଗଦେଇ "ଭଜ ନିତାଇ ଗୌର ରାଧେଶ୍ୟାମ ଜପ ହରେ କୃଷ୍ଣ ହରେ ରାମ" ନାମ ସଂକୀର୍ତ୍ତନ କରିଥିଲେ ।ହରିନାମ ଶ୍ରବଣ କରିବାକୁ ଶତାଧିକ ଶ୍ରଦ୍ଧାଳୁ ସଂକୀର୍ତ୍ତନ ମଣ୍ଡଳୀରେ ଯୋଗ ଦେଇଥିଲେ ।ଶେଷରେ ମଙ୍ଗଳବାର ପବିତ୍ର ହୋଲି ଉତ୍ସବରେ ନଗର ଭ୍ରମଣ କରି ଜଳାଶ୍ରୟରେ କଳସ ବିସର୍ଜନ କରି ନାମଯଜ୍ଞର ଉଦଯାପନୀ ହୋଇଯାଇଛି। ଏଥିରେ ଗ୍ରାମର ହରିହର ଜେନା, ମନ୍ମଥ ଜେନା, ସୁରେନ୍ଦ୍ର ଜେନା, ତପନ ଜେନା, ସନାତନ ଜେନା, ନିତ୍ୟାନନ୍ଦ ଜେନା, ଗରୁଡ଼ ଜେନା, ଜଗବନ୍ଧୁ ଜେନା, ଅଶୋକ ଜେନା, ନିରଞ୍ଜନ ଜେନା, ହେମନ୍ତ ଜେନା, ଡମ୍ବରୁ ଜେନା, ଶୁଭେନ୍ଦୁ ଜେନା, ସିପୁନ ଜେନା, ସାନୁ ଜେନା, ମଧୁସୂଦନ ଜେନା ପ୍ରମୁଖ ପରିଚାଳନା କରିଥିବାବେଳେ ଗ୍ରାମର ଉଦୀୟମାନ ଯୁବଗୋଷ୍ଠୀ ଏଥିରେ ସାମିଲ୍ ହୋଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ସୁଦାମ ମାରାଣ୍ଡି ମୟୂରଭଞ୍ଜ ଲୋକସଭା ବିଜେଡି ପ୍ରାର୍ଥୀ ଘୋଷଣା ପରେ କର୍ମୀ ମହଲରେ ଖୁସି

**ବାରିପଦା, ୨୭ ।୩(ସମିସ):** ମୟୂରଭଞ୍ଜ ଲୋକସଭା (ସଂରକ୍ଷିତ) ଆସନରୁ ବିଜୁ ଜନତା ଦଳ ପକ୍ଷରୁ ପ୍ରାର୍ଥୀ ଭାବେ ସୁଦାମ ମାରାଣ୍ଡିଙ୍କ ନାମ ଘୋଷଣା କରାଯାଇଛି । ୨୦୨୪ ସାଧାରଣ ନିର୍ବାଚନ ପାଇଁ ବିଜୁ



ଜନତା ଦଳ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀଙ୍କ ନାମ ତାଲିକା ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଘୋଷଣାରେ ତାଙ୍କ ନାମ ରହିଛି । ସୁଦାମ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ଜଣେ ଟାଣୁଆ ରାଜନେତା ଭାବେ ବେଶ ପରିଚିତ ଥିବା ବେଳେ ଜିଲ୍ଲାବ୍ୟାପୀ ତାଙ୍କର ସୁଦୃଢ଼ ସଙ୍ଗଠନ ରହିଛି । ଶ୍ରୀ ମାରାଣ୍ଡିଙ୍କ ଛାତ୍ର ଜୀବନରୁ ରାଜନୈତିକ କ୍ୟାରିଅର ଆରମ୍ଭ ହୋଇଥିଲା । ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ଭାବେ ୧୯୯୦-୯୫ ପର୍ଯ୍ୟନ୍ତ ପ୍ରଥମ ବିଧାୟକ ହୋଇ ବିଧାନସଭାରେ ପାଦ ଥାପିଥିଲେ । ଏହାପରେ ତତ୍କାଳୀନ କୁଳିଅଣା ନିର୍ବାଚନ ମଣ୍ଡଳୀରୁ ୧୯୯୫-୨୦୦୦ ଏବଂ ୨୦୦୦-୦୪ପର୍ଯ୍ୟନ୍ତ ଦୁଇ ଥର ବିଧାୟକ ରହିଥିଲେ । ଜେଏମଏମ ଦଳରୁ ୨୦୦୪-୦୯ ପର୍ଯ୍ୟନ୍ତ ମୟୂରଭଞ୍ଜ ଲୋକସଭା ସାଂସଦ ରହିଥିଲେ । ଏଥିପରେ ସେ ବିଜେଡିରେ ଯୋଗଦାନ କରି ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରୁ ୨୦୧୪-୧୯ ଏବଂ ୨୦୧୯-୨୪ ପର୍ଯ୍ୟନ୍ତ ଦୁଇ ଥର ବିଧାୟକ ହୋଇଥିଲେ । ବିଧାୟକ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତ୍ରୀ ମଣ୍ଡଳରେ କ୍ରୀଡା ଓ ଯୁବ ବ୍ୟାପାର, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମଣ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଭାର ଗ୍ରହଣ କରି ସୁନ୍ଦର ଭାବେ କାର୍ଯ୍ୟ ନିର୍ବାହ କରିଛନ୍ତି । ବିଜୁ ଜନତା ଦଳ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ସେବା ନିମନ୍ତେ ତାଙ୍କୁ ସାଂସଦ ପ୍ରାର୍ଥୀ ଭାବେ ଟିକଟ ପ୍ରଦାନ କରାଯାଇଛି ।

## ହାଟସାହିରେ ୧୬ ପ୍ରହରୀ ନାମ ସଂକୀର୍ତ୍ତନ

**ବିଶୋଇ, ୨୭ ।୩(ସମିସ) :** ବିଶୋଇ ଅନ୍ତର୍ଗତ ହାଟସାହି ସ୍ଥିତ ସଂକୀର୍ତ୍ତନ ମଣ୍ଡପରେ ରାଧାକୃଷ୍ଣ ସଂକୀର୍ତ୍ତନ କମିଟି ଆନୁକୂଲ୍ୟରେ ଅଷ୍ଟମ ବାର୍ଷିକ ଷୋହଳ ପ୍ରହରୀ ନାମଯଜ୍ଞ ଉଦଯାପିତ ହୋଇଯାଇଛି । ଗତ ରବିବାର ଘୋଟଉଳନ, ଅଧିବାସ ହେବାପରେ ଅପରାହ୍ନ ସମୟରୁ ହରିନାମ ନାମଯଜ୍ଞର ଶୁଭାରମ୍ଭ ହୋଇଥିଲା । ସେହିପରି ମଙ୍ଗଳବାର ଦିନ ହରିନାମ ସଂକୀର୍ତ୍ତନ ସମାପନ ଓ ନଗର ପରିକ୍ରମା କରାଯାଇଥିଲା । ବଡ଼ାମପୁର, ପାଣ୍ଡୁଦାସ ଖୁଣ୍ଟା ଅଞ୍ଚଳର ଝିଅ ସଂକୀର୍ତ୍ତନ ଦଳ ଏବଂ ଝାଡ଼ଖଣ୍ଡର ଦିକୁଭାରକାଣ୍ଡେ, ପଳାସବଣି, ଗୋବିନ୍ଦପୁର ଓ ବିଶୋଇ ହାଟସାହିର ପୁରୁଷ ସଂକୀର୍ତ୍ତନ ଦଳ ଦ୍ୱାରା ଅଖଣ୍ଡ ହରି ନାମଯଜ୍ଞ ସ୍ମରଣ କରାଯାଇଥିଲା । ତିନି ଦିନ ଧରି ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ମଣ୍ଡପ ପ୍ରାଙ୍ଗଣରେ ଏକତ୍ରିତ ହୋଇ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିଙ୍କ ଦର୍ଶନ କରି କୃପାଲାଭ କରିଥିଲେ । ପରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

# ଶାନ୍ତିଶୃଙ୍ଖଳାରେ ଶେଷହେଲା ଦୋଳ ଓ ହୋଲି ପର୍ବ





**କରଞ୍ଜିଆ, ୨୭।୩(ସମିସ)**

ଶାନ୍ତି ଶୃଙ୍ଖଳାର ସହିତ କରଞ୍ଜିଆର ଐତିହାସିକ ଦଳ ପର୍ବ ଶେଷ ହୋଇଛି । ଏହି ପର୍ବ ଦୀର୍ଘ ୧୧୮ ବର୍ଷ ଧରି ପାଳିତ ହୋଇଆସୁଛି । ଚଳିତବର୍ଷ ଦୋଳ ମେଳା କମିଟି ସଭାପତି ତଥା ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ପରମ୍ପରା ଅନୁଯାଇ ପ୍ରଥମେ ଶ୍ରୀଶ୍ରୀ ଶ୍ୟାମରାଇ ମଠକୁ ଯାଇ ଠାକୁରଙ୍କ ମିଳନ ପାଇଁ ଶ୍ରୀଜୀଉମାନଙ୍କୁ ନିମନ୍ତ୍ରଣ କରିଥିଲେ । ପରେ ଏକ ବିରାଟ ପଟୁଆରରେ ଯାଇ ସେ ଦୋଳ ପଡ଼ିଆରେ ଥିବା ଶୁଭସ୍ତମ୍ଭକୁ ପୂଜା କରିବା ପରେ ଏକ ଶାଳ ଗଛ ସ୍ଥାପନ କରିଥିଲେ । ଭୋରୁ ଉପଖଣ୍ଡର ଅନ୍ୟ ବ୍ଲକରୁ ଆସିଥିବା ଶ୍ରୀ ଜୀଉଙ୍କ ସହିତ କରଞ୍ଜିଆର ଶ୍ରୀଜୀଉମାନେ ସ୍ଥାନୀୟ ମେଳନ ପଡ଼ିଆଠାରେ ଏକତ୍ରିତ ହୋଇ ଭକ୍ତ ଓ ଭଗବାନଙ୍କ ମହାମିଳନ ହୋଇଥିଲା । ଠାକୁର ମିଳନ ପରେ ପରମ୍ପରା ଅନୁସାରେ ସଭାପତିଙ୍କ ବାସଭବନରେ ଭୋଗ ଖାଇଥିଲେ । ପରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାଇ ଶ୍ରୀଜୀଉମାନେ ସାଇ ଭ୍ରମଣ କରି ଦଳ ପଡ଼ିଆ ସ୍ଥିତ ମେଢ଼ରେ ବିଜେ କରିଥିଲେ । ଏପରି ତିନି ଦିନ ଚାଲିବା ପରେ ୨୬ ତାରିଖରେ ହୋଲି ଦିନ ସଭାପତି ଶ୍ରୀଜୀଉମାନଙ୍କୁ ଅବିର ଦେଇ ସାରିବା ପରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ହୋଲି ଖେଳ ହେଇଥିଲା । ପରେ ଶ୍ରୀଜୀଉମାନେ ନିଜ ନିଜ ମଠକୁ ବାହୁଡ଼ି ଥିଲେ । ତେବେ ଏ ବର୍ଷ ଶ୍ରୀଜୀଉମାନେ ତିନିଦିନ ପରିବର୍ତ୍ତେ ୪ଦିନ ଅବସ୍ଥାନ କରିଥିଲେ । ଠାକୁର ମିଳନ ରେ ହଜାର ହଜାର ସଂଖ୍ୟାର ଭକ୍ତଙ୍କନ ଏକତ୍ରିତ ହୋଇ ଭକ୍ତ ଓ ଭଗବାନଙ୍କ ମହାମିଳନ କୁ ଉପଭୋଗ କରିଥିଲେ । ଏହି ପର୍ବ ଦଶମୀ ଦିନରୁ ଆରମ୍ଭ ହୋଇଥାଏ । ଏହି ଦିନରୁ ୧୧ଟି ବିମାନରେ ଶ୍ରୀଜୀଉ ଗ୍ରାମ ଭ୍ରମଣ କରି ଭଗ ପାଇଥିଲେ । ତ୍ରୟୋଦଶୀରେ ଠାକୁର ମେଲଣ ପରେ ୧୯ ଟି ବିମାନରେ ଶ୍ରୀଜୀଉ ସାହି ଭ୍ରମଣ କରିଥଲେ ।

**କରଞ୍ଜିଆ:** କରଞ୍ଜିଆରେ ଚଳିତ ବର୍ଷ କରଞ୍ଜିଆରେ ହୋଲି ପର୍ବକୁ ବିଭିନ୍ନ ସଙ୍ଗଠନ ତଥା ବିଭିନ୍ନ ବର୍ଗର ଲୋକେ ପାଳନ କରିଛନ୍ତି । କରଞ୍ଜିଆ ପ୍ରେସ କ୍ଲବ, କରଞ୍ଜିଆ ମହୋତ୍ସବ କମିଟି, ରାଧେ ରାଧେ ଅନୁଷ୍ଠାନ, ଠାକୁର ଅନୁକୁଳ ଚନ୍ଦ୍ର ଅନୁଷ୍ଠାନ, ପକ୍ଷରୁ ହରିନାମ ସଙ୍କୀର୍ତ୍ତନ କରି ଦଳ ପଡ଼ିଆ ଯାଇ ଶ୍ରୀଜୀଉଙ୍କୁ ରଙ୍ଗ ବା ଅବିର ପ୍ରଦାନ କରିଥିଲେ । ଯାହା ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନ ଥିଲା । ପରେ ପ୍ରେସ କ୍ଲବ ଓ ମହୋତ୍ସବ କମିଟିର ମିଳିତ ଉଦ୍ୟମରେ ଦୋଳ ମେଳା କମିଟି ସଭାପତି ତଥା ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦଙ୍କ ବାସଭବନକୁ ଯାଇ ମିଷ୍ଟାନ୍ନ ବଣ୍ଟନ କରିବା ସହିତ ହୋଲି ଖେଳିଥିଲେ । ସେହିପରି ଉପଖଣ୍ଡ ପୁଲିସ ଅଧିକାରୀ ସୁବ୍ରତ କୁମାର, ଥାନା ଆଆଇସି ନୀରଜ କୁମାର୍ ମଲ୍ଲିକ, ପୁରୁଣା ଡ଼ିଏଫ୍‌ଓ ଶ୍ରୀକାନ୍ତ ନାୟକ, ନୂଆ କାର୍ଯ୍ୟରେ ଯୋଗଦେଇଥିବା ଡ଼ିଏଫ୍‌ଓ ସୁବ୍ରତ କୁମାର ପାତ୍ର, ଏସିଏଫ୍ ମଦନ ମୋହନ ମହାନ୍ତଙ୍କ ସାଙ୍ଗରେ ହୋଲି ପର୍ବ ପାଳନ କରିଥିଲେ । ଏଥିରେ ପ୍ରେସ କ୍ଲବ ସଭାପତି ଧରଣୀଧର ପ୍ରଧାନ, ସମ୍ପାଦକ କର୍ଣ୍ଣାର୍ଜୁନନ ସାହା, ଦୀପକ ମହାନ୍ତ, ସମୀର ଓତା, ସୁରେନ୍ଦ୍ର କୁମାର ନାୟକ, କବିତା ମହାନ୍ତ, ପାଞ୍ଚପିଢ ସାମ୍ବାଦିକ ସଂଘ ସଭାପତି ଉମାଶଙ୍କର ଦାସ, ଦିନେଶ କୁମାର ସେଠୀ, ପ୍ରଜ୍ଞା ପାଣି, ପାତ୍ର ବାବୁ, ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଆଇନଜୀବି ଦିବ୍ୟ ପ୍ରସାଦ ସାହୁ, ବିଜୟ ବାରିକ, ରାଜା ବାବୁ ପ୍ରମୁଖ ସାମିଲ୍ ହୋଇଥିଲେ ।

**ବାଙ୍ଗିରିପୋଷି:** ଜାତି, ଧର୍ମ, ବର୍ଣ୍ଣର୍ ନିର୍ବିଶେଷରେ ସମସ୍ତଙ୍କୁ ଏକାଠି କରି ରଙ୍ଗର ପର୍ବ ହୋଲି ଉତ୍ସବ ଉଦ୍‌ଯାପିତ ହୋଇଛି । ବାଙ୍ଗିରିପୋଷି ବଜାର ସମେତ ଗ୍ରାମାଞ୍ଚଳ ରାସ୍ତାଘାଟରେ ଭିଡ ଜମିଥିଲା । ସମସ୍ତେ ନିଜ ନିଜ ପ୍ରିୟପରିଜନ, ସାଙ୍ଗସାଥୀଙ୍କ ସହ ହୋଲି ଖେଳର ଆନନ୍ଦ ଉଠାଇଥିଲେ । ଏହି ଉପଲକ୍ଷେ ବାଙ୍ଗିରିପୋଷି ବଜାର ସ୍ଥିତ ଶ୍ରୀ ଶ୍ରୀ ଦୋଳ ଗୋବିନ୍ଦ ମନ୍ଦିର ଓ ଲକ୍ଷ୍ମୀନାରାୟଣ ମନ୍ଦିର, ନୟାବସାଣ ସ୍ଥିତ ଶ୍ରୀ ଶ୍ରୀ କୃଷ୍ଣରାୟ ଏବଂ ଚୁଆପାଣି ସ୍ଥିତ ଶ୍ରୀ ଶ୍ରୀ ବ୍ରଜକିଶୋରାୟ ମନ୍ଦିରରେ ପୂର୍ଣ୍ଣମୀ ସଂଧ୍ୟାରେ ମନ୍ଦିରରୁ ଠାକୁରଙ୍କୁ ବାହାରାକୁ ଆଣି ପ୍ରଥମେ ଠାକୁରଙ୍କୁ ହୋଲିଲାଗି ପର୍ବ ଅନୁଷ୍ଠିତ ହୋଇଥିଲା । ପରେ ସର୍ବସାଧାରଣ ସମସ୍ତେ ଏକତ୍ରିତ ହୋଇ ପରସ୍ପର ମଧ୍ୟରେ ହୋଲି ଖେଳର ମଜା ଉଠାଇଥିଲେ । ବ୍ଲକର ବିଭିନ୍ନ ଅଞ୍ଚଳରୁ ବହୁ ଭକ୍ତ ମାନେ ଆସି ଠାକୁରଙ୍କୁ ହୋଲି ଲଗଇବା ପରେ ଅଭିର ଓ ପାଣିରେ ଗୋଳା ଯାଉଥିବା ବିଭିନ୍ନ କିସମର ରଙ୍ଗ ନେଇ ଆନନ୍ଦ ଉଲ୍ଲାସ ମଧ୍ୟରେ ହୋଲି ପର୍ବକୁ ଉପଭୋଗ କରିଥିଲେ ।

**ବେତନଟୀ:** ବେତନଟୀ ମାରୱାଡି ସମାଜ ପକ୍ଷରୁ ହୋଲି-ମିଳନ ଉତ୍ସବ ମଙ୍ଗଳବାର ସ୍ଥାନୀୟ ଧର୍ମଶାଳା ପରିସରରେ ଆୟୋଜିତ ହୋଇଯାଇଛି । ପରମ୍ପରା ଅନୁଯାୟୀ ହୋଲିକା ଦହନ ପରଦିନ ଧର୍ମଶାଳାରେ ଆୟୋଜିତ ହୋଲି-ମିଳନ ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ମାରୱାଡି ଯୁବାମଞ୍ଚ, ମାରୱାଡି ମହିଳା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟ/ସଦସ୍ୟାଙ୍କ ସମେତ ମାରୱାଡି ସମାଜର ଶତାଧିକ ପୁରୁଷ ଏବଂ ମହିଳା ଏଥିରେ ଅଂଶଗ୍ରହଣ କରିଥିଲେ । ପରସ୍ପରକୁ ହୋଲି ଅଭିନନ୍ଦନ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ସାଙ୍ଗକୁ ଭାଇଚାରାକୁ ବଜାୟ ରଖିବାରେ ମାରୱାଡି ସମାଜର ଏହି ହୋଲି-ମିଳନ ଉତ୍ସବ ବେଶ ଗୁରୁତ୍ୱ ବହନ କରିଥାଏ ।

**ମୋରଡା:** ରଙ୍ଗର ପର୍ବ ହୋଲି ଉପଲକ୍ଷେ ମୋରଡ଼ା ବ୍ଲକର ଧର୍ମକ୍ଷେତ୍ର ତଥା ଚିତ୍ରଡା ଜଗନ୍ନାଥ ମନ୍ଦିର ତରଫରୁ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି । ମହାପ୍ରଭୁ ଜଗନ୍ନାଥଙ୍କର ଚଳନ୍ତି ପ୍ରତିମା ଶ୍ରୀ ମଦନମୋହନଙ୍କୁ ଜଗନ୍ନାଥ କମିଟି ତରଫରୁ ଚିତ୍ରଡା ଏବଂ ହଳଦୀପାଳ ଗ୍ରାମ ପରିକ୍ରମଣ କରିଛନ୍ତି । ସକାଳ ଆଠଟାରୁ ଜଗନ୍ନାଥ ମନ୍ଦିରରୁ ବିମାନରେ ମଦନମହନ ବାହାରି ଶୀର୍ଷାପାଳ ଛକ, ରାଜାବନ୍ଧ, ବୃନ୍ଦାବତୀ ପୀଠ ଦେଇ ହଳଦୀପାଳ ଗ୍ରାମକୁ ପ୍ରବେଶ କରି ମା' ସନ୍ତୋଷୀ ମନ୍ଦିର ଦେଇ ସପ୍ଲାଇ ଛକରେ ପହଞ୍ଚି ଥିଲେ । ପରେ ଚିତ୍ରଡାସ୍ଥିତ ବାବା ଚିତ୍ରେଶ୍ୱର ମହାଦେବ ମନ୍ଦିରରେ ପହଞ୍ଚି ସେଠାରେ ହରିହର ମିଳନ କରିବା ପରେ ଚିତ୍ରଡା ତଳସାହି, ମାର୍କେଟି ସାହି, ବନ୍ଧ ସାହି ଏବଂ ଡୁମୁରୁଡିହା ଗାଁ ପରିକ୍ରମଣ କରି ଜଗନ୍ନାଥ ମନ୍ଦିରରେ ପ୍ରବେଶ କରିଥିଲେ । ପରିଭ୍ରମଣ ସମୟରେ ଉପସ୍ଥିତ ଭକ୍ତମାନେ ସଂକୀର୍ତ୍ତନ କରି ହୋଲି ଖେଳି ନିଆରା ଭାବରେ ହୋଲି ଉତ୍ସବକୁ ମନାଇଥିଲେ । ସେହିପରି ଏକ ଗାଡ଼ିରେ ମାଇକ ବଜାଇ ଶକ୍ତିମୟୀ ମହାସଙ୍ଘର ୫୦ରୁ ଅଧିକ ମହିଳା ଅଭିର ଧରି ବଜାରରେ ବୁଲି ବୁଲି ଲୋକଙ୍କୁ ହୋଲି ଦେଉଥିବାର ଦେଖିବାକୁ ମିଳିଥିଲା । ସେହିପରି ହୋଲି ପୂର୍ଣ୍ଣିମା ଉପଲକ୍ଷେ ମାର୍କେଟିସାହିସ୍ଥିତ ମା ତାରିଣୀ ପୀଠରେ ବାର୍ଷିକୀ ପୂଜାପାଠ ହେବା ସହିତ ଲୋକଙ୍କ ପାଇଁ ଅନ୍ନଛତ୍ରର ବ୍ୟବସ୍ଥା କରାଯାଇଥିଲା ।





## ହୋଲିରେ ଅଘଟଣ: ୨ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ବାରିପଦା, ୨୭ ।୩(ସମିସ):** ମଙ୍ଗଳବାର ହୋଲିପର୍ବ ପାଇଁ ସର୍ବତ୍ର ଖୁସିର ବାତାବରଣ ଥିବା ବେଳେ ବାରିପଦା ସହରରେ ପୃଥକ ଘଟଣାରେ ୨ ଜଣ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ବାରିପଦା ଟାଉନ ଥାନା ଓ ରେଳବାଇ ଥାନାରେ ପୃଥକଭାବେଅପମୃତ୍ୟୁ ମାମଲା ରୁଜୁ ସହିତ ଶବବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ । ବାରିପଦା ଟାଉନ ଥାନା ଅନ୍ତର୍ଗତ ପାଲବଣୀ ବାଇପାସ ସ୍ଥିତ ସରକାରୀ ବିଦେଶୀ ଠିପବନ୍ଦ ମଦ ଦୋକାନ ନିକଟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତ ଯୁବକ ଜଣକ ହେଲେ ଶୁଳିଆପଦା ଅଞ୍ଚଳର କୃଷ୍ଣ ପାତ୍ର । ସେ ବାରିପଦାର ସୁନଗଡ଼ିଆ ଅଞ୍ଚଳରେ ଭଡାରେ ରହୁଥିବା ବେଳେ ହୁଣ୍ଡାଇ କାର ଶୋ-ରୁମରେ କାର୍ଯ୍ୟ କରୁଥିଲେ । ତେବେ ତାଙ୍କର ମୃତ୍ୟର କାରଣ ଅସ୍ପଷ୍ଟ ରହିଛି । ସେ ମଙ୍ଗଳବାର ହୋଲି ଖେଳ ସାରି ଉକ୍ତ ମଦ ଦୋକାନ ନିକଟରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଙ୍ଗମାନଙ୍କ ସହ ମଦ ପିଇଥିଲେ । ତେବେ ମଙ୍ଗଳବାର ରାତିରେ ଘରକୁ ଫେରିନଥିଲେ । ବୁଧବାର ସକାଳେ ତାଙ୍କର ମୃତଦେହ ମଦ ଦୋକାନ ନିକଟରେ ପଡ଼ିଥିବାର ଦେଖି ସ୍ଥାନୀୟଲୋକେ ବାରିପଦା ଟାଉନ ଥାନା ପୁଲିସକୁ ଖବର ଦେଇଥିଲେ । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ପରେ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପିଆରଏମ୍ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଇଥିଲେ । ତେବେ ଅଧିକ ମଦ୍ୟପାନ ଯୋଗୁଁ ବସିଥିବା ସ୍ଥାନରୁ ପଡ଼ିଯିବାରୁ ମୁଣ୍ଡରେ ପଥର ମାଡ଼ ହୋଇଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପୁଲିସ ସନ୍ଦେହ କରୁଛି । ସେହିପରି ଅନ୍ୟ ଏକ ଘଟଣାରେ ଲୋକଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇ ପିଆରଏମ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ଜଣେ ରେଳ ଫାଟକ କର୍ମଚାରୀଙ୍କ ମୃତ୍ୟ ଘଟିଛି । ମୃତକ ଜଣକ ହେଲେ ପଶ୍ଚିମବଙ୍ଗର ଖଡ଼ଗପୁର ଅଞ୍ଚଳର ଏ. ଜୋନଙ୍କ ପୁଅ ଏ. ରବି (୨୮) । ଭଞ୍ଜପୁର ଥାନା ଅନ୍ତର୍ଗତ ବାଘରାରୋଡ ସ୍ଥିତ ରେଳକ୍ରସିଂରେ କର୍ମଚାରୀ ଭାବେ ଏ ରବି ବହୁ ଦିନ ହେବ କାର୍ଯ୍ୟ କରୁଥିଲେ । ତେବେ କୌଣସି କାରଣ ପାଇଁ ସ୍ଥାନୀୟ ଅଞ୍ଚଳର କିଛି ଯୁବକଙ୍କ ସହିତ ତାଙ୍କର ପୂର୍ବରୁ ଝଗଡ଼ା ହୋଇଥିଲା । ଏହାକୁ କେନ୍ଦ୍ର କରି ହୋଲିରେ ଅଜଣା ଯୁବକମାନେ ଭଞ୍ଜପୁର ନିକଟରେ ତାଙ୍କୁ ଏକୁଟିଆ ପାଇ ମାରଧର କରିଥିଲେ । ଫଳରେ ସେ ଗୁରୁତର ହୋଇପଡ଼ିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାରିପଦା ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ସନ୍ଧ୍ୟା ସମୟରେ ଭର୍ତ୍ତି କରିଥିଲେ । ତେବେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି ।

## ନିର୍ବାଚନ ପାଇଁ ପୁଲିସ ସବ୍‌ଡିଭିଜନସ୍ତରୀୟ ତାଲିମ୍ କାର୍ଯ୍ୟକ୍ରମ

**ବେତନଟୀ, ୨୭ ।୩(ସମିସ):** ସାଧାରଣ ନିର୍ବାଚନ-୨୦୨୪କୁ ଦୃଷ୍ଟିରେ ରଖି ବେତନଟୀ ପୁଲିସ ସବ୍‌ଡିଭିଜନ ଅଧୀନ ୫ଟି ଥାନାର ଆଇଆଇସି, ଓଆଇସିଙ୍କ ସମେତ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଇ ବେତନଟୀ ଧର୍ମଶାଳାରେ ପୁଲିସ ଉପଖଣ୍ଡସ୍ତରୀୟ ତାଲିମ୍ କାର୍ଯ୍ୟକ୍ରମ ବୁଧବାର ଆୟୋଜିତ ହୋଇଯାଇଛି । ଏସଡିପିଓ ସୁଦର୍ଶନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବେତନଟୀ ଆଇଆଇସି ସସ୍ମିତା ମହାନ୍ତ, ବଡସାହି ଆଇଆଇସି ଉମାଶଙ୍କର ନାୟକ, ବୈଶିଙ୍ଗା ଆଇଆଇସି ତପନ ପ୍ରଧାନ, ରାସଗୋବିନ୍ଦପୁର ଆଇଆଇସି ସୁକାନ୍ତି କେରେଇ, ମୋରଡା ଓଆଇସି ସତ୍ୟନାରାୟଣ ବଳ ପ୍ରମୁଖଙ୍କ ସମେତ ୫ଟି ଥାନାରେ କାର୍ଯ୍ୟରତ ସବଇନସ୍ପେକ୍ଟର, ଏଏସଆଇ, ହାବିଲଦାର, କନଷ୍ଟେବଳ, ମହିଳା କନଷ୍ଟେବଳ, ଗୃହରକ୍ଷୀ, ଗ୍ରାମରକ୍ଷୀଙ୍କ ସମେତ ସମସ୍ତ ଅଧିକାରୀ ଅଂଶଗ୍ରହଣ କରିଥିଲେ ।

## ଠାକୁରମୁଣ୍ଡା ଓ ଚମକପୁରରେ ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଠାକୁରମୁଣ୍ଡା, ୨୭।୩(ସମିସ):** ଠାକୁରମୁଣ୍ଡା ବ୍ଲକ ମନ୍ଦିର ସାହିରେ ହରିନାମ ଯଜ୍ଞ କମିଟି ଦ୍ୱାରା ଚାଲିଥିବା ଚବିଶ ପ୍ରହରୀ ଅଖଣ୍ଡ ନାମଯଜ୍ଞ ଉଦଯାପିତ ହୋଇଯାଇଛି । ସେହିପରି ଠାକୁରମୁଣ୍ଡା ପଞ୍ଚାୟତ ରେଗୁଡିବେଡା (ଚମକପୁର) ସାହିରେ ନାମ ସଂକୀର୍ତ୍ତନ ଆରମ୍ଭ ହୋଇ ୨୬ ତାରିଖରେ ମଧ ଉଦଯାପିତ ହୋଇଯାଇଛି । ଏହି ଚବିଶପ୍ରହରୀ ନମଯଜ୍ଞରେ ନିଜ ନିଜର ଗ୍ରାମ ସଂକୀର୍ତ୍ତନ ଦଳ ସମେତ କେନ୍ଦୁଝର, ମୟୂରଭଞ୍ଜର ବାରିପଦା, ଖୁଣ୍ଟା, କୁଳିଅଣା ଅଞ୍ଚଳର ସଂକୀର୍ତ୍ତନ ଦଳ ଯୋଗଦେଇ ହରିନାମ ପରିବେଷଣ କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ଠାକୁରମୁଣ୍ଡା ବ୍ଲକ ଅଧକ୍ଷା ସରୋଜିନୀ



ମୁଣ୍ଡା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମାହାନ୍ତ ପ୍ରମୁଖ ଯୋଗଦେଇ ଉତ୍ସାହିତ କରିଥିଲେ ।

## ୨ ପୁଲିସ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବିଶୋଇ, ୨୭ ।୩ (ସମିସ):** ବିଶୋଇ ଥାନା ଅଧୀନ ମଣଦା ଫାଣ୍ଡି ଅଧିକାରୀ ଏ.ଏସ୍. ଆଇ ବିନାୟକ ବେହେରା ଓ ବିଶୋଇ ଥାନାର କନଷ୍ଟେବଳ



ରାଜେନ୍ଦ୍ରନାଥ ଗିରିଙ୍କୁ ଆଜି ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏଥିନିମନ୍ତେ ବିଶୋଇ ଥାନା ପରିସରରେ ଥିବା ସଭାଗୃହରେ ରାଇରଙ୍ଗପୁର ଏସ.ଡି.ପି.ଓ ଗୋକୁଳାନନ୍ଦ ସାହୁଙ୍କ ସଭାପତିତ୍ୱରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ବିଶୋଇ ଥାନା ଅଧିକାରିଣୀ ମିନି ଭୋଇ ପ୍ରଥମେ ବିଦାୟ ସମ୍ବର୍ଦ୍ଧନା ଅଭିଭାଷଣ ରଖିଥିଲେ । ପରେ ଦୁଇ କର୍ମଚାରୀଙ୍କୁ ଏସ.ଡି.ପି.ଓ ଶ୍ରୀ ସାହୁ ଓ ଓଆଇସି ଶ୍ରୀମତୀ ଭୋଇ ପୁଷ୍ପଗୁଚ୍ଛ, ବ୍ଲେଜର ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ସୁନେଇବନ୍ଧ ଡ୍ୟାମ୍‌ରୁ ମହିଳାଙ୍କ ମୃତଦେହ ଉଦ୍ଧାର

**କପ୍ତିପଦା, ୨୭।୩(ସମିସ):** କପ୍ତିପଦା ଥାନା ଶାଳଚୁଆ ସୁନେଇବନ୍ଧରେ ଜଣେ ମହିଳାଙ୍କ ହତ୍ୟା କରାଯାଇ ଫୋପାଡି ଦିଆଯାଇଛି । ସୁନେଇବନ୍ଧ ଡ୍ୟାମରେ ମୃତଦେହ ଭାସୁଥିବାବେଳେ ଏହି ଘଟଣା ସାମନାକୁ ଆସିଛି । କପ୍ତିପଦା ଥାନା ସୋନଡ୍ୟାମରୁ ମିଳିଲା ମହିଳାଙ୍କ ମୃତଦେହ । ଶାଳଚୁଆ ଅଞ୍ଚଳର ଜଣେ ଯୁବକ ମାଛ ଧରିବା ନିମନ୍ତେ ଜାଲ ପକାଇବାକୁ ଡ୍ୟାମ ଭିତରକୁ ଯାଇଥିଲେ । ଡ୍ୟାମ ଭିତରେ ମୃତଦେହ ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ । ଖବର ପାଇ କପ୍ତିପଦା ପୁଲିସଏବଂ ଅଗ୍ନିଶମ କର୍ମଚାରୀ ମୃତଦେହ ଉଦ୍ଧାର କରିଥିଲେ । ତେବେ ମୃତକଙ୍କ ପରିଚୟ ମିଳି ପାରିନାହିଁ । ମୃତ ମହିଳାଙ୍କ ଶାଢୀରେ ଏକ ବଡ଼ ପଥର ବାନ୍ଧି ଡ୍ୟାମ ଭିତରକୁ ଫୋପାଡ଼ି ଦିଆଯାଇଥିବା ପୁଲିସ ପ୍ରକାଶ କରିଛି । ତେଣୁ ମହିଳାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ସନ୍ଦେହ କରି ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ।

## ବଡ଼ଝରଣ ଗାଁରୁ ଗହଣା ଚୋରି

**ବିଜାତଳା, ୨୭।୩(ସମିସ):** ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ବଡ଼ଝରଣ ଗାଁରେ ଦିନ ଦ୍ୱିପ୍ରହରରେ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି । ଗାଁର ରୁପେନ୍ଦ୍ର ହେମ୍ବ୍ରମଙ୍କ ଘରୁ କେହି ଦୁର୍ବୃତ୍ତ କବାଟ ତାଡି ଗହଣା ଚୋରି କରି ନେଇଛି । ଏନେଇ ଥାନାରେ ଏକ ମାମଲାର ରୁଜୁକରି ପୁଲିସ ତଦନ୍ତ ଚଳାଇଛି ।

## ଚାନ୍ଦା ଆଦାୟ ଓ ଚୋରି ଅଭିଯୋଗରେ ୪ କୋର୍ଟ ଚାଲାଣ

**ଶୁଳିଆପଦା/ମୋରଡା, ୨୭।୩(ସମିସ):** ଜବରଦସ୍ତି ଚାନ୍ଦା ଆଦାୟ, ଧମକ ଚମକ ଓ ଚୋରୀ ଅଭିଯୋଗରେ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଶୁଳିଆପଦା ପୁଲିସ । ସୂଚନା ମୁତାବକ, ଶୁଳିଆପଦା ବ୍ଲକ ଉଫାଲଗଡ଼ିଆ ପଞ୍ଚାୟତ ମୁର୍ଗାପାହାଡି ଗ୍ରାମରେ ନିର୍ମାଣ କାର୍ଯ୍ୟ ଚାଲିଥିବା ସୁଉଚ୍ଚ ପାଣି ଟାଙ୍କି ନିକଟରେ ଗତ ୨୪ ତାରିଖ ବିଳମ୍ବିତ ରାତିରେ ବାଘଡା ପଞ୍ଚାୟତ ଅଧିନ କପ୍ତିଶୋଳ ଗ୍ରାମର ଚନ୍ଦନ ପାତ୍ର (୨୬), ପିରୁ ହେମ୍ବ୍ରମ (୨୭), ବଡଭାଲିଆ ପଞ୍ଚାୟତ ଅଧିନ ହାତୀମଡା ଗ୍ରାମର ବାସୁ ନାଏକ୍ (୨୬) ଓ ସାନଭାଲିଆ ଗ୍ରାମର ସମୀର ମୁର୍ମୁ (୩୩) ପହଞ୍ଚି ସେଠାରେ କାମ କରୁଥିବା ଶ୍ରମିକଙ୍କୁ ଚାନ୍ଦା ମାଗିଥିଲେ । ଶ୍ରମିକମାନେ ଏ ନେଇ ଠିକାଦାର ସହିତ କଥା ହେବାକୁ କହିବାରୁ ମାରପିଟ କରିବା ସହିତ ବିଭିନ୍ନ ପ୍ରକାର ଧମକ ଚମକ ଦେଇଥିଲେ । ଏପରିକି ଏହି ଯୁବକମାନେ ଏକ ବଡ କଟର ମେସିନ ନେଇ ପଳାଇଥିଲେ । ଏବାବଦରେ ଅଭିଯୋଗ ହେବାପରେ ଶୁଳିଆପଦା ଆଇଆଇସି ଆଦିତ୍ୟପ୍ରସାଦ ଜେନା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଉକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି ।

## ଅବସରପ୍ରାପ୍ତ ଡିଏସ୍‌ପିଙ୍କ ପରଲୋକ

**କରଞ୍ଜିଆ, ୨୭।୩(ସମିସ):** କରଞ୍ଜିଆ ଏନ୍‌ଏସି ଅନ୍ତର୍ଗତ ୫ ନମ୍ବର ୱାର୍ଡର ଲମ୍ବୋଦର ପାତ୍ର (୭୭)ଙ୍କ ପରଲୋକ ହୋଇଯାଇଛି । ସେ ପୁଲିସ ବିଭାଗରେ ଚାକିରି କରି ଡିଏସ୍‌ପି ପଦରୁ ଅବସର ନେଇଥିଲେ । ସେ ନିଜ ଚାକିରି କାଳରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ପ୍ରଶଂସିତ ହୋଇଥିଲେ । ସେ ଜଣେ ସରଳ ଓ ମିଷ୍ଟଭାଷୀ ସମ୍ପନ୍ନ ବ୍ୟକ୍ତି ଥିଲେ । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ବଡ ପୁଅ ଦେବ କୁମାର ପାତ୍ର ମୁଖାଗ୍ନି ଦେଇଥିଲେ ।

## ଅଛଡା ଗ୍ରାମରେ ବାର୍ଷିକ ମହିମା ଅଖଣ୍ଡ ଯଜ୍ଞ

**କୁଆମରା, ୨୭।୩(ସମିସ):** ଗୋପବନ୍ଧୁ ନଗର ବ୍ଲକ ପଶୁଦା ପଞ୍ଚାୟତ ଅଛଡା ଗ୍ରାମର ଅଲେଖ ଧର୍ମ ପକ୍ଷରୁ ଅଖଣ୍ଡ ଯଜ୍ଞ ଓ ବାଲ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି । ଦୁଇ ଦିନ ଧରି ଅନୁଷ୍ଠିତ ମେଳାରେ ବାଲିଯୋଡା ମହିମା ଆଶ୍ରମର ମୁଖ୍ୟ ସୋମନାଥ ବାବାଙ୍କ ତତ୍ତ୍ୱାବଧାନରେ ଅଖଣ୍ଡ ଧ୍ୱନୀ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ସୂର୍ଯ୍ୟାସ୍ତ ପରେ ଅଖଣ୍ଡ ବତୀ ପ୍ରଜ୍ୱଳନ କରାଯାଇ ହୋମ ଯଜ୍ଞ ବାବାମାନଙ୍କ ଦ୍ୱାରା ସମାପନ ହୋଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମହିମା ଆଶ୍ରମରୁ ୧୫ ଜଣ ବାବା ଯୋଗ ଦେଇଥିଲେ । ଭକ୍ତମାନଙ୍କ ଦ୍ୱାରା ଦିବା ରାତ୍ର ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କ୍ଷିତିଶ ଚନ୍ଦ୍ର ପୁଥାଳଙ୍କ ତତ୍ତ୍ୱାବଧାନରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଓ ଦଧିହାଣ୍ଡି ଗ୍ରାମ ପରିକ୍ରମା ପରେ ପୂଜା ସ୍ଥଳରେ ଦଧି ଭଙ୍ଗା କାର୍ଯ୍ୟକ୍ରମ ହୋଇଥିଲା । କାର୍ଯ୍ୟକ୍ରମ କୁ ଫନି ଭୂଷଣ ପୁଥାଳ, ରବୀନ୍ଦ୍ର ପୁଥାଳ ପ୍ରମୁଖ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରାନ୍ତରରୁ ମୁନି ଓ ଅଲେଖ ଧର୍ମ ଅବଲମ୍ବୀ ଯୋଗ ଦେଇଥିଲେ । ଦୀର୍ଘ ୩୬ ବର୍ଷ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି ।

## ହୋର୍ଡିଂ, ବ୍ୟାନର ହଟାଯାଇ ନ ଥିବାରୁ ଏଡିଏମ୍‌ଙ୍କୁ ଦାବିପତ୍ର

**ବେତନଟୀ, ୨୭ ।୩(ସମିସ)**

ସାଧାରଣ ନିର୍ବାଚନ-୨୦୨୪ ନିମନ୍ତେ ଆଦର୍ଶ ଆଚରଣବିଧି ଲାଗୁ କରାଯିବା ପରେ ମତଦାତାଙ୍କୁ ପ୍ରଭାବିତ କରାଯିବା ଭଳି କୌଣସି ସରକାରୀ ଯୋଜନା, ରାଜନୈତିକ ପ୍ରଚାର ସମ୍ପର୍କୀତ ହୋର୍ଡିଂ, ବ୍ୟାନର ଗୁଡିକ ଖୋଲାଯାଇ ନ ଥିବା କିମ୍ବା ସିଲ୍ କରାଯାଇ ନଥ ଥିବାରୁ ବୁଧବାର ଏଡିଏମ ଉଦୟ କୁମାର ମହାପାତ୍ରଙ୍କୁ ସାକ୍ଷାତକରି ଦାବିପତ୍ର ପ୍ରଦାନ କଲେ ବେତନଟୀ ବ୍ଲକ ବିଜୁ ଛାତ୍ରଜନତା ଦଳର କାର୍ଯ୍ୟକର୍ତ୍ତା । ନିର୍ବାଚନ କମିଶନଙ୍କ ଦ୍ୱାରା ଆଦର୍ଶ ଆଚରଣ ବିଧି ଲାଗୁନେଇ ଘୋଷଣା କରାଯିବା ସହିତ ନିର୍ବାଚନୀ ତାରିଖ ଘୋଷଣା ସରିଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମୁତାବକ



ମତଦାତାଙ୍କୁ ପ୍ରଭାବିତ କରିବା ଭଳି ସରକାରୀ ଯୋଜନା, ରାଜନୈତିକ ସମ୍ବନ୍ଧିତ କିମ୍ବା କୌଣସି ପ୍ରକାର ମତଦାତାଙ୍କୁ ପ୍ରଭାବିତ କରିବା ଭଳି ବ୍ୟାନର, ହୋର୍ଡିଂ, ପୋଷ୍ଟର ଗୁଡିକୁ ଫ୍ଲାଇଂସ୍କ୍ୱାଡ ପକ୍ଷରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଖୋଲିଦିଆ ଯାଉଛି; ନଚେତ ସିଲ୍ କରିଦିଆଯାଉଛି । ତେବେ ବେତନଟୀ ବ୍ଲକ ଅଧୀନ ଜାମନଣ୍ଡା ଉପକଣ୍ଠ ଯୁଗୁପୁରା ସାପ୍ତାହିକ ହାଟ ସମେତ ଗାଁ ଗହଳିର ବିଭିନ୍ନ ସ୍ଥାନରେ ବିଧାୟକ ସନାତନ ବିଜୁଳିଙ୍କ ହାତପାଣ୍ଠିର ବିନିଯୋଗରେ ଲାଗିଥିବା ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥାରେ ବିଧାୟକଙ୍କ ଫଟୋ ଲାଗି ରହିଥିବା ନେଇ ଏଡିଏମଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି । ଏନେଇ ବିଜୁ ଛାତ୍ର ଜନତାଦଳ ପକ୍ଷରୁ ସଭାପତି ମନିଷ ଗିରି, ଛାତ୍ରନେତା ଚିତ୍ତେଶ୍ୱର ବେହେରା, ପବିତ୍ର ପୃଷ୍ଟି, ଅମର ପଣ୍ଡା, ଡମ୍ବରୁଧର ମହାନ୍ତ, ଦୀପକ ସାହୁ, ଆଶିଷ ସାହୁ, ଉଦୟ କୁମାର କର ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି । ବିଧାୟକଙ୍କ ଫଟୋକୁ କାହିଁକି ହଟାଯାଇ ନାହିଁ ସେନେଇ ଦାବିପତ୍ର ମାଧ୍ୟରେ ଏଡିଏମଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି ।

## ଦୋଳ ପୂର୍ଣ୍ଣିମାରେ ଷୋହଳ ପ୍ରହର ସଂକୀର୍ତ୍ତନ

ରାଇରଙ୍ଗପୁର, ୨୭ ।୩(ସମିସ): ଜାମଦା ବ୍ଲକ ବେଲପୋଷି ସାର୍ବଜନୀନ ସଂକୀର୍ତ୍ତନ କମିଟି ତରଫରୁ ସଂସ୍କୃତି ମଣ୍ଡପ ପ୍ରତିଷ୍ଠା କାର୍ଯ୍ୟକ୍ରମ କରାଯିବା ସହ ଦୋଳ ପୂର୍ଣ୍ଣିମା ମହୋତ୍ସବ ଉପଲକ୍ଷେ ଷୋହଳ ପ୍ରହର ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାମଦା, ରାଞ୍ଚି, କାଳିକାପୁର, ପୁରୁଲିଆ, ମଲ୍ଲୀକେଡମ ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ। ସେଥିରେ ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀ, ବିଜୁ ଗୋପାଳ ଗୋପ, ଅସିତ୍ ମଣ୍ଡଳ, ସାମନ୍ତବାବୁ ଯୋଗ ଦେଇ ସଂକୀର୍ତ୍ତନ ଦେଖିବା ସହ ପ୍ରଭୁଙ୍କୁ କଲ୍ୟାଣ ଭିକ୍ଷା କରିଥିଲେ। କମିଟୀର ସଭାପତି ଚନ୍ଦନ ପ୍ରଧାନ, ସମ୍ପାଦକ ଜନ୍ମଜୟ ଜେନା, ପରେଶନାଥ ନନ୍ଦ, ନିରଞ୍ଜନ ଗୋପ, ମନ୍ମଥ ଗୋପ, ବିଜୟ କୁମାର ପାତ୍ର, ଲଳିତ ମୋହନ କବାଟ ପ୍ରମୁଖ ସହଯୋଗ କରିବା ସହ ପ୍ରସାଦ ସେବନ ଉପଲକ୍ଷେ ହରିହାଟର ବ୍ୟବସ୍ଥା କରିଥିଲେ।

### ଗୋଟିଏ କକ୍ଷରେ ୮ ଶ୍ରେଣୀର ପିଲା; ଶିକ୍ଷାଦାନ ବ୍ୟାଘାତ

# ବିପଜ୍ଜନକ ଗୃହରେ ଚାଲିଛି ରୋଷେଇ

କୁଆମରା, ୨୭।୩(ସମିସ): ଗୋପବନ୍ଧୁ ନଗର ବ୍ଲକ ବରଡିହି ପଞ୍ଚାୟତ ଦେବଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ପ୍ରତି ନାନା ସମସ୍ୟା ଦେଇ ଗତିକରୁଛି। ଏହି ବିଦ୍ୟାଳୟ ୧୯୫୭ ମସିହାରେ ପ୍ରତିଷ୍ଠା ହୋଇଛି। ବିଦ୍ୟାଳୟର ବୟସ ବଢ଼ିବା ସହ ସମସ୍ୟା ମଧ୍ୟ ବଢ଼ି ଚାଲିଛି। ଏଠାରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଦିଆଯାଉଛି। ଗତ ୨୦୧୭ରେ ଅଷ୍ଟମ ଶ୍ରେଣୀ ଖୋଲିଲା। ତେବେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଂଖ୍ୟା ଏବେ ୭୧ ରହିଛି। ମାତ୍ର ଗୋଟିଏ ଗୃହରେ ୮ ଟି ଶ୍ରେଣୀର ଛାତ୍ରଛାତ୍ରୀ ପଢୁଛନ୍ତି। ଫଳରେ ଶିକ୍ଷାଦାନ ବ୍ୟାଘାତ ଘଟୁଛି। ପୂର୍ବରୁ ନିର୍ମିତ ହୋଇଥିବା ଦୁଇଟିଯାକ ଛାତଘର ଏବେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ତେଣୁ ଗତ ୫ ବର୍ଷ ହେଲା ସେହି ଘରେ ଶିକ୍ଷାଦାନ ହେଉନାହିଁ। ତେବେ ଏହି ବିପଦ ସଙ୍କୁଳ ଗୃହକୁ ଆଜି ପର୍ଯ୍ୟନ୍ତ ଭଙ୍ଗା ଯାଇପାରିନାହିଁ। ଏବେ ଆଠଟି ଶ୍ରେଣୀ ପାଇଁ ୩ ଜଣ ଶିକ୍ଷକଙ୍କୁ ନିଯୁକ୍ତି



ଦିଆ ଯାଇଥିବା ବେଳେ ପ୍ରଧାନ ଶିକ୍ଷକ ପଦ ଦୀର୍ଘ ବର୍ଷ ହେଲା ଖାଲି ପଡ଼ିଛି। ଏହି ବିଦ୍ୟାଳୟ ଉପରେ ପାଟଶାଣୀପୁର, ପରିଛିପୁର, ହାତୀକୋଟ, କିରିକିଚିଆ, ଦେବ ଗାଁ, ଖପରବଣୀ ଗ୍ରାମର ପିଲା ନିର୍ଭର କରୁଛନ୍ତି। ଏଠାରେ ମତଦାନ କେନ୍ଦ୍ର ମଧ୍ୟ ହୋଇଥାଏ। ତେବେ ଆଗାମୀ ନିର୍ବାଚନରେ ଏଠାରେ କିପରି ମତଦାନ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ବିଦ୍ୟାଳୟ ପରିସରରେ ରୋଷେଇ ଗୃହ ମଧ୍ୟ ବିପଜ୍ଜନକ ଅବସ୍ଥାରେ ରହିଛି। ଏ ନେଇ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ରଞ୍ଜନ କୁମାର ସେଠୀଙ୍କୁ ଯୋଗାଯୋଗ କରିବାରୁ ସେ ଏ ବିଷୟରେ ବ୍ଲକ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିବା କହିଛନ୍ତି। ସେହିପରି ବ୍ଲକ ଶିକ୍ଷା ଅଧିକାର ଅଭିମନ୍ୟୁ ସେଠୀଙ୍କୁ ଯୋଗାଯୋଗ କରିବାରୁ ଖୁବ୍ ଶୀଘ୍ର ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

## ୩ ବାଲି ବୋଝେଇ ହାଇୱା ଜବତ

ରାଇରଙ୍ଗପୁର, ୨୭ ।୩(ସମିସ): ବାମନଘାଟୀ ଉପଖଣ୍ଡରେ ବିଭିନ୍ନ ବାଲିଘାଟରୁ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଛି। ତିରିଂ ଥାନା ପକ୍ଷରୁ ନୂଆଗାଁ ଛକରେ ଝାଡଖଣ୍ଡ ଅଞ୍ଚଳର ୩ଟି ବେଆଇନ ବାଲି ବୋଝେଇ ହାଇଭା ଗାଡ଼ିକୁ ଜବତ କରିବା ସହ ୩ ଡ୍ରାଇଭର ଝାଡ଼ଖଣ୍ଡ ରାଜ୍ୟର କୁଆଲି ଥାନା ଅଞ୍ଚଳର ଚୈତନ୍ୟ ସୋରେନ ଏବଂ ପଟକା ଥାନା ଅଞ୍ଚଳର ଜୟଦେବ କୁମାର ଦେ ଓ ରାଜାରାମ ଗୋପଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଆନନ୍ଦମାର୍ଗ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ

ଶୁକ୍ରୁଳି, ୨୭।୩(ସମିସ): ଶୁକ୍ରୁଳି ବ୍ଲକ ଅନ୍ତର୍ଗତ ଆନନ୍ଦ ମାର୍ଗ ବିଦ୍ୟା ନିକେତନର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରଣଜିତ କୁମାର ନାଏକ, ମୁଖ୍ୟବକ୍ତା ସୂର୍ଯ୍ୟକାନ୍ତ ଆରୁଖ, ଅତିଥିଭାବେ କ୍ଷୀରମଣି ମହାନ୍ତ, ଅଙ୍କିତା ବେହେରା ଯୋଗ ଦେଇଥିଲେ। ପ୍ରଥମେ ଅଧ୍ୟକ୍ଷା ଗାୟତ୍ରୀ ପ୍ରସାଦ ଷଡଙ୍ଗୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଦେବେନ୍ଦ୍ର କୁମାର ପାତ୍ର ଓ ପ୍ରଶାନ୍ତ କୁମାର ଜେନା। ନିଶିକାନ୍ତ ନାଏକ, ଟୁଏଲଭ ଚନ୍ଦ୍ର ବେହେରା, ରୋହିତ କୁମାର ଭୋଇ ଓ ଶିକ୍ଷୟିତ୍ରୀ ରଜନୀ ଗନ୍ଧା ନାୟକ, ବିଶାଖା ସାହୁ, ସଞ୍ଚିତା ମିଶ୍ର, ପୂଜା ରାଣୀ ପାତ୍ର, ରୁକ୍ମିଣୀ ମହାନ୍ତ, ଲକ୍ଷ୍ମୀ କର୍ମକାର, ସସ୍ମିତା ପାତ୍ର, ଦିପ୍ତୀମୟୀ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଡ୍ରେନ୍ ନିର୍ମାଣ ନେଇ ଗଣ୍ଡଗୋଳ ମାମଲା; ନ୍ୟାୟ ଦାବିକଲା ବଣିକ ସଙ୍ଘ

ମୋରଡ଼ା, ୨୭।୩(ସମିସ): ମୋରଡ଼ା ଡାକ ବଙ୍ଗଳା ପାର୍ଶ୍ୱରେ ଥିବା ସ୍ୱର୍ଗତ ଦିଲ୍ଲୀପ ବିନ୍ଧାଣିଙ୍କ ବାସଭବନ କନଫରେନ୍ସ



ହଲରେ ବଣିକ ସଙ୍ଘ ତରଫରୁ ରବିବାର ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ସମ୍ମିଳନୀରେ ଡ୍ରେନ ନିର୍ମାଣକୁ ନେଇ ଉପୁଜିଥିବା ଗଣ୍ଡଗୋଳ ଆଲୋଚନାର ବିଷୟ ପାଲଟିଛି। ବଣିକ ସଙ୍ଘର ସଭାପତି ସୌରଭରଞ୍ଜନ ମହାନ୍ତି ସମସ୍ତ ତଥ୍ୟଭିତ୍ତିକ ଘଟଣା ଗଣମାଧ୍ୟମ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଗତ ୧୫ତାରିଖରେ ମୋରଡାର ପ୍ରତିଷ୍ଠିତ ବ୍ୟବସାୟୀଙ୍କ ବ୍ୟକ୍ତିଗତ ଜାଗା ଉପରେ ବିଧାୟକଙ୍କ ପାଣ୍ଠିରେ ଏକ ଡ୍ରେନ ପାଇଁ ଜେସିବି ଲାଗିଥିବା ସମୟରେ ବିବେକାନନ୍ଦ ବିନ୍ଧାଣି କାର୍ଯ୍ୟାଦେଶ ଓ ଲେ-ଆଉଟ ମାଗିଥିଲେ; କିନ୍ତୁ ସେଠାରେ କୌଣସି ସରକାରୀ କର୍ମଚାରୀ ଉପସ୍ଥିତ ନ ଥିଲେ। ତେଣୁ ସେ କାର୍ଯ୍ୟକୁ ବନ୍ଦ କରିବା ପାଇଁ କହିବାରୁ କିଛି ଯୁବକ ତାଙ୍କୁ ଧକ୍କା ମାରିବା ସହିତ ଆକ୍ରମଣ ପାଇଁ ଉଦ୍ୟମ କରୁଥିଲେ; ଯାହାକି ସିସିଟିଭି ଫୁଟେଜରେ କଏଦ ହୋଇଛି। ସମ୍ମିଳନୀରେରେ ସଙ୍ଘର ସଭାପତି ଶ୍ରୀ ମହାନ୍ତିଙ୍କ ସମେତ ମୋରଡ଼ା ସରପଞ୍ଚ ରବି ସିଂ, ସଙ୍ଘର ସହ ସମ୍ପାଦକ ରଞ୍ଜନ କୁମାର ପାତ୍ର, କାର୍ଯ୍ୟନିର୍ବାହୀ ସଦସ୍ୟ ନିଶାକର ବିନ୍ଧାଣି, ବ୍ୟବସାୟୀ ଅଜିତ କୁମାର ଧଳ, ପୂର୍ବତନ ସରପଞ୍ଚ ହିମାଂଶୁ କୁମାର ପାତ୍ର, ବିବେକାନନ୍ଦ ବିନ୍ଧାଣି ଓ ସୁଧିରକୁମାର ରାଜ ଉପସ୍ଥିତ ଥିଲେ।

## କଇଁଫୁଲ ପରିବାର ପକ୍ଷରୁ ବିଶ୍ୱ କବିତା ଦିବସ ପାଳିତ



ବେତନଟୀ, ୨୭ ।୩(ସମିସ): ବେତନଟୀ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ କଇଁଫୁଲ ପରିବାର ପକ୍ଷରୁ ବିଶ୍ୱକବିତା ଦିବସ ପାଳିତ ହୋଇଯାଇଛି। ଶତଦଳ ଶିଶୁସାହିତ୍ୟ ପ୍ରତିଷ୍ଠାନର ସଭାପତି ଭାସ୍କରଚନ୍ଦ୍ର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମୀକ୍ଷକ ଭାବରେ ପ୍ରାକ୍ତନ ପ୍ରାଧ୍ୟାପକ ଡ. ରମାକାନ୍ତ ସିଂହ, ଚିତ୍ରେଶ୍ୱରୀ ସାହିତ୍ୟ ସଂସଦର ସମ୍ପାଦକ ଅଜୟ କୁମାର ପାଳ, ଅନନ୍ୟା ସାହିତ୍ୟ ସଂସଦର ପଦ୍ମଲୋଚନ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ବନମୟୂରୀ ସମ୍ପାଦକ ନିରୋଦ ସୁନ୍ଦର ଜେନା ସଂଯୋଜନା ଏବଂ ମଞ୍ଚପରିଚାଳନା ଦାୟିତ୍ୱ ତୁଲାଇବା ସହିତ ସ୍ୱାଗତ ସମ୍ଭାଷଣ ପୂର୍ବକ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଏଥିରେ ନିମାଇଁଚରଣ ବେହେରା, ପ୍ରିୟନାଥ ପାଣି, ପ୍ରଭାତ ଆଚାର୍ଯ୍ୟ, ସଚ୍ଚିଦାନନ୍ଦ ମହାନ୍ତି, ସବିତା ମହାନ୍ତି, ସୀମା ଦାସ, ଡ. ମନ୍ଦାକିନୀ ସାହୁ, ବାସୁଦେବ ନାପିତ, ହରେନ୍ଦ୍ର ବାରିକ, ରତିକାନ୍ତ ବେହେରା, ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ, ଅଜୟ ପାଳ, ନିରୋଦ ସୁନ୍ଦର ଜେନା, ଭାସ୍କରଚନ୍ଦ୍ର ଦ୍ୱିବେଦୀ, ପର୍ଶୁରାମ ସାହୁ ପ୍ରମୁଖଙ୍କ କବିତା ସଂକଳନଗୁଡିକୁ ସମୀକ୍ଷା କରାଯାଇଥିଲା। ପର୍ଶୁରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗାଁମୁହାଁ ବନ୍ୟଜନ୍ତୁ; ଖୁଣ୍ଟାପୋଷିରୁ ମୃତ ହରିଣ ଉଦ୍ଧାର

ଠାକୁରମୁଣ୍ଡା, ୨୭।୩(ସମିସ): କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଦିଗଧର ଗ୍ରାମପଞ୍ଚାୟତ ଖୁଣ୍ଟାପୋଷି ଗ୍ରାମରେ ଏକ ହରିଣର ମୃତଦେହକୁ ବନବିଭାଗ ଉଦ୍ଧାର କରିଛି। ମୃତ ହରିଣକୁ ବନବିଭାଗ ଉଦ୍ଧାର କରିବା ପରେ ଠାକୁରମୁଣ୍ଡା ପ୍ରାଣୀ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଛି। ପରେ ଠାକୁରମୁଣ୍ଡା ରେଞ୍ଜ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଛି। ସୂଚନା ଅନୁଯାୟୀ, ଖୁଣ୍ଟାପୋଷି ଗ୍ରାମ ନିକଟ ଜଙ୍ଗଲ ଭିତରୁ ଏକ ହରିଣ ଦୌଡ଼ି ଦୌଡ଼ି ଆସି ଗ୍ରାମର ତୁଳସୀ ମାହାନ୍ତଙ୍କ ବାଡ଼ିରେ ପଶିଯାଇଥିଲା। ପରେ ଠାକୁରମୁଣ୍ଡା ବନବିଭାଗକୁ ଖବର ଦେଇଥିଲେ। ଖବର ପାଇବା ମାତ୍ରେ ରେଞ୍ଜ ଅଧିକାରୀ କିଶୋର କୁମାର ପାଣିଗ୍ରାହୀ, ବନପାଳ ତପନ କୁମାର ମହାନ୍ତ, ଫରେଷ୍ଟ ଗାର୍ଡ ଗାୟତ୍ରୀ ମହାନ୍ତ, ପ୍ରମୋଦ କୁମାର ମାହାନ୍ତଙ୍କ ସମେତ ଅନ୍ୟ ବନକର୍ମଚାରୀ ଉଦ୍ଧାର କରିଥିଲେ। ତେବେ ହରିଣଟି ଖାଦ୍ୟ ଅନ୍ୱେଷଣରେ ଗ୍ରାମ ଭିତରକୁ ପଶିଆସିଥିଲା ବୋଲି ଅନୁମାନ କରାଯାଉଛି। ମୃତ ହରିଣର ବୟସ ପ୍ରାୟ ୨ବର୍ଷ ୬ ମାସ ହୋଇଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ।

## ମହୁଲଡିହା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ମହୁଲଡିହା, ୨୭।୩(ସମିସ): ମହୁଲଡିହା ସରସ୍ୱତୀ ଶିଶୁ ମନ୍ଦିରରେ ବାର୍ଷିକ ଉତ୍ସବ ଗତ ୨୪ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଗୁରୁମା ହେମଲତା ମହାନ୍ତ ଶିଶୁ ମନ୍ଦିରର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ମହୁଲଡିହା ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ନିରଞ୍ଜନ ମହାନ୍ତ, ସମ୍ମାନିତ ଅତିଥି ଠାକୁରମୁଣ୍ଡା ବ୍ଲକର ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ମୁଖ୍ୟବକ୍ତା ଭାବେ ଶିଶୁ ମନ୍ଦିରର ସମ୍ପାଦକ ହେମନ୍ତ କୁମାର ମହାନ୍ତ ଯୋଗଦେଇଥିଲେ। ବିଦ୍ୟାଳୟର ଶିଶୁ ଜିଲ୍ଲା ସ୍ତରରେ ବାରିପଦା ବିଜ୍ଞାନ ମେଳାରେ କୃତିତ୍ୱ ଅର୍ଜନ କରିଥିବାରୁ



ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଗୁରୁମା ବୀଣାପାଣି ମହାନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ଗୁରୁମା ଲତିକା ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ଝରଣା ମହାନ୍ତ, ସବିତା ମହାନ୍ତ, ଭଉଣୀ ବିଷ୍ଣୁପ୍ରିୟା ମହାନ୍ତ ଓ ଗୋଲକ ଭାଇ କୃତୀ ଶିଶୁଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ମା' କୀଚକେଶ୍ୱରୀ ମନ୍ଦିରକୁ ସମାଜସେବୀଙ୍କ କାର୍ପେଟ୍ ଅର୍ପଣ



ଖିଚିଂ, ୨୭।୩(ସମିସ): ଖିଚିଂର ମା' କୀଚକେଶ୍ୱରୀଙ୍କ ମନ୍ଦିରରେ ବର୍ଷତମାମ ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ। ଗ୍ରୀଷ୍ମ ଦିନରେ ମନ୍ଦିର ସମ୍ମୁଖ ଭାଗର ଚଟାଣ ଅତ୍ୟଧିକ ଉତ୍ତପ୍ତ ହେଉଥିବାରୁ ଶ୍ରଦ୍ଧାଳୁମାନେ କଷ୍ଟ ଅନୁଭବ କରିଥାନ୍ତି। ଏହି ସମସ୍ୟାକୁ ଉପଲବ୍ଧି କରି କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଭଣ୍ଡାରିଦିହା ଗ୍ରାମର ସମାଜସେବୀ ବିପିନବିହାରୀ ପୁହାଣ ଏକ ୧୦୦ ଫୁଟ ଲମ୍ବ ବିଶିଷ୍ଟ ଗୋଟିଏ ଉନ୍ନତମାନର କାର୍ପେଟ ଅର୍ପଣ କରିଛନ୍ତି। ଫଳରେ ମନ୍ଦିର ସେବକ, ଶ୍ରଦ୍ଧାଳୁ ତଥା ଜନସାଧାରଣ ଖୁସି ବ୍ୟକ୍ତ କରିଛନ୍ତି।

## ବାମନଘାଟି କମ୍ପ୍ୟୁଟର ଆସିଷ୍ଟାଣ୍ଟ ସଂଘର ସଭା

ବଡଡାଲିମା/ତିରିଙ୍ଗ, ୨୭।୩ (ସମିସ): ମୟୂରଭଞ୍ଜ ଜିଲ୍ଲା କଂପ୍ୟୁଟର ଆସିଷ୍ଟାଣ୍ଟ ସଂଘର ସଭାପତି ସମୀର କାଲିଆ, ସମ୍ପାଦକ ବିଶ୍ୱଜିତ୍ ସାହୁଙ୍କ ତତ୍ତ୍ୱାବଧାନରେ ରବିବାର ବାମନଘାଟି କମ୍ପ୍ୟୁଟର ଆସିଷ୍ଟାଣ୍ଟ ସଂଘର ଏକ ମିଳିତ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ସୂଚନା ଆଇପିଆର/ଏସଏମଇ ଓଡ଼ି ୨୫୫/୨୭-୨-୨୪ରେ ୮୫୧୧ଟି ମାଧ୍ୟମିକ ବିଦ୍ୟାଳୟରେ ଓକାକ ମାଧ୍ୟମରେ ଆଉଟସୋର୍ସିଂ ଜରିଆରେ କଂପ୍ୟୁଟର ଆସିଷ୍ଟାଣ୍ଟ ପଦବୀରେ ନିଯୁକ୍ତି କରିବାକୁ ଥିବାବେଳେ ପୂର୍ବରୁ ବିଦ୍ୟାଳୟରେ ୨୦୧୪ଠାରୁ ୨୦୧୯ ପର୍ଯ୍ୟନ୍ତ କଂପ୍ୟୁଟର ଶିକ୍ଷକ (ସ୍କୁଲ କୋର୍ଡ଼ିନେଟର) ଭାବେ କାର୍ଯ୍ୟ କରିଥିବା ୪୦୦୦ ଶିକ୍ଷକଙ୍କୁ ସରକାର ଅଗ୍ରାଧିକାର ଆକାରରେ ନିଯୁକ୍ତି ଦେବାକୁ ସଂଘ ସହିତ ବିଶେଷ ଆଲୋଚନା ହୋଇଥିଲା। ଏହି ଆଲୋଚନା ପ୍ରସଙ୍ଗରେ ସମସ୍ତେ କିପରି ଚାକିରି ପାଇପାରିବେ ସେ ନେଇ ରାଜ୍ୟ ସଂଘ ସମ୍ପାଦକ ଦିଲ୍ଲୀପ କୁମାର ନାୟକ ଭର୍ଚୁଆଲ ମାଧ୍ୟମରେ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟତଃ ଭାବେ ବାମନଘାଟିର କର୍ମକର୍ତ୍ତା ସୁବ୍ରତ କୁମାର ସାହୁ, ଚିନ୍ମୟ ନାୟକ, ଦୀପକ ବେହେରା, ଦେବାଶିଷ କର, ଆମିର କର, ରାଜୁ ବାରିକ, ଅବନ୍ତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ମହିଳା ଫେଡେରେସନ ବ୍ଲକ ଉପସଭାପତିଙ୍କ ଦୁବାଇ ଯାତ୍ରା



ବେତନଟୀ, ୨୭ ।୩(ସମିସ): ମିଶନଶକ୍ତି ମହିଳା ଫେଡେରେସନର ବେତନଟୀ ବ୍ଲକ ଉପସଭାପତି ଶାନ୍ତିଲତା ରାଉତ ଦୁବାଇଗସ୍ତ କରିଛନ୍ତି। ଭୁବନେଶ୍ୱରସ୍ଥିତ ମିଶନଶକ୍ତି ଭବନରେ ଆନୁଷଙ୍ଗିକ କାଗଜପତ୍ର କାମ ସମ୍ପାଦନ ପରେ ସୋମବାର ଅପରାହ୍ନରେ ଦୁବାଇଯାତ୍ରା କରିବେ। ମୟୂରଭଞ୍ଜ ଜିଲ୍ଲାର ବେତନଟୀ ସମେତ ରାସଗୋବିନ୍ଦପୁର ଏବଂ ଠାକୁରମୁଣ୍ଡା ବ୍ଲକରୁ ତିନିଜଣ ଫେଡେରେସନର କାର୍ଯ୍ୟକର୍ତ୍ତା ଦୁବାଇଗସ୍ତ ପାଇଁ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଭୁବନେଶ୍ୱରଗସ୍ତ ପୂର୍ବରୁ ଫେଡେରେସନର ବ୍ଲକ ଉପସଭାପତି ଶାନ୍ତିଲତା ରାଉତଙ୍କୁ ସଭାପତି ଭାରତୀ ଦାସ ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

## ବିଶ୍ୱ ଯକ୍ଷ୍ମା ଦିବସ

ବାରିପଦା, ୨୭ ।୩(ସମିସ): ଯକ୍ଷ୍ମା ରୋଗର ସମ୍ପୂର୍ଣ୍ଣ ବିଲୋପ ଲକ୍ଷ୍ୟରେ ରବିବାର 'ବିଶ୍ୱ ଯକ୍ଷ୍ମା ଦିବସ' ପାଳନ କରାଯାଇଛି। ଏନେଇ ବାରିପଦାର ଶୁନଗଡ଼ିଆ ସ୍ଥିତ ଛାତି ଓ ଯକ୍ଷ୍ମା ବିଭାଗ ପରିସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ଛାତି ଓ ଯକ୍ଷ୍ମା ବିଭାଗର ନୋଡାଲ ଅଧିକାରୀ ରାମଚନ୍ଦ୍ର ମୁର୍ମୁ, ଡା ମଧୁସ୍ମିତା ନାୟକ, ପ୍ରଫେସର ଥିଟା ମହାନ୍ତି, ସ୍ୱେଚ୍ଛାସେବୀ ରୋହିତ କୁମାର ପତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅଧିକାଂଶ ସମୟରେ ଟିକିଏ ଅସାବଧାନତା ଯୋଗୁଁ ଅନେକ ଲୋକ ଯକ୍ଷ୍ମାର ଶିକାର ହୋଇ ଆଖି ବୁଜିଥାନ୍ତି। ତେବେ ଯକ୍ଷ୍ମାର ପ୍ରଥମ ପର୍ଯ୍ୟାୟରେ ଚିକିତ୍ସା ଆରମ୍ଭ କରାଗଲେ ଏହା ଭଲ ହୋଇପାରିଥାଏ। ଏ ନେଇ ସଚେତନତା, ଦୃଢ଼ ମନବଳତା, ଯୋଜନା ଆଦି ଦ୍ୱାରା ରୋଗରୁ ସୁସ୍ଥ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆସନ୍ତା ୨୦୨୫ ମସିହା ସୁଦ୍ଧା ସମ୍ପୂର୍ଣ୍ଣ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମର ଆହ୍ୱାନକୁ ହୃଦୟଙ୍ଗମ କରି ମୟୂରଭଞ୍ଜ ଜିଲ୍ଲାକୁ ଟିବି ମୁକ୍ତ କରିବା ପାଇଁ ଅହରହ ନିଜର ସେବା ମନୋବୃତ୍ତିକୁ ଲୋକଙ୍କ ପାଇଁ ଉତ୍ସର୍ଗ କରି କାର୍ଯ୍ୟ କରିବାକୁ କହିଥିଲେ।

## ସିନ୍ଦୂରଗୌରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାରିପଦା, ୨୭ ।୩(ସମିସ): ଶାମାଖୁଣ୍ଟା ବ୍ଲକର ସିନ୍ଦୁରଗୌରା ପଞ୍ଚାୟତ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ କିଶୋର କୁମାର ମହାନ୍ତଙ୍କ



ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବନଭୂମି ମହାବିଦ୍ୟାଳୟ, ରଙ୍ଗାମାଟିଆର ଅଧ୍ୟକ୍ଷ ହରିଶ ଚନ୍ଦ୍ର ମହାନ୍ତ, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଶିକ୍ଷାବିତ୍ ଡଃ. ଭକ୍ତହରି ମହାନ୍ତ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଜଗଦୀଶଚନ୍ଦ୍ର ମହାନ୍ତ ଓ ଝୁମର ଗୁରୁ ତଥା ଓଡିଶୀ ଗୁରୁ ଲକ୍ଷ୍ମୀ ପ୍ରସାଦ ମହାନ୍ତ ଯୋଗଦେଇ ପାଠପଢ଼ି ଏକ ସୁସ୍ଥ ସମାଜ ତଥା ଦେଶ ଗଠନରେ ବ୍ରତୀ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ଓ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହା ପରେ ବାର୍ଷିକ କ୍ରୀଡା ଏବଂ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଜାତୀୟ ରଗବି ଫୁଟବଲ୍ ଖେଳରେ ଚାମ୍ପିଅନ ହୋଇ ପୁରସ୍କୃତ ହୋଇଥିବା ଛାତ୍ରଛାତ୍ରୀ ତଥା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଝୁମର, ସାନ୍ତାଳୀ, ଓଡିଶୀ, ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ ଆଦି ସାଂସ୍କୃତି କାର୍ଯ୍ୟକ୍ରମ ଝୁମର ଗୁରୁ କ୍ଷିରୋଦ ମହାନ୍ତ ଏବଂ ନୃତ୍ୟ ବିଶାରଦ ସାଗର କୁମାରଙ୍କ ନିର୍ଦ୍ଦେଶନାରେ ସମ୍ପାଦନ ହୋଇଥିଲା। ଶିକ୍ଷକ ଶତ୍ରୁଘ୍ନ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଉପେନ୍ଦ୍ରନାଥ ମହାନ୍ତ, ଦୁଷ୍ମନ୍ତ ମହାନ୍ତ, ଖଗେଶ୍ୱର ମହାନ୍ତ, ବିଘ୍ନରାଜ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ମନୋଜ କୁମାର ମହାନ୍ତ ଧନ୍ୟବାଦ ଦେଇଥିଲେ।

## ବିପଦରେ ମଠ ମଣ୍ଡପ ଓ ବାସଗୃହ

ଖିଚିଂ, ୨୭।୩(ସମିସ): ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଆଧ୍ୟାତ୍ମିକ ପୀଠ ଖିଚିଂଠାରୁ ମାତ୍ର ୩ କି:ମି: ଦୂରରେ ରହିଛି କେଶନା ଗ୍ରାମ। ଏହି ଗ୍ରାମର ଶିଳ୍ପୀଙ୍କ କଳା ମୁଗୁନି ପଥରରେ ନିର୍ମିତ ବିଭିନ୍ନ ଦେବାଦେବୀ ମୂର୍ତ୍ତି ସମେତ ଗୃହ ଉପକରଣ ସାମଗ୍ରୀର ମନୋରମ କଳାକୃତି ଦେଶ ବିଦେଶରେ ପ୍ରସିଦ୍ଧି ଲାଭ କରିଛି। ଗ୍ରାମର ପୂର୍ବ ଦିଗରେ ରହିଛି ଜିଲ୍ଲାର ସର୍ବ ପୁରାତନ ମହିମା ମଣ୍ଡପ ଓ ଟୁଙ୍ଗିଘର। ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ଏହି ଗ୍ରାମର ଗୃହୀଭକ୍ତଙ୍କ ଦ୍ୱାରା ମହିମା ଧର୍ମର ବିଭିନ୍ନ ନୀତିକାନ୍ତି ପାଳନ ହୋଇଆସୁଛି। ରାଜ୍ୟ ସରକାରଙ୍କ ଅନୁଦାନରେ ଏଠାରେ ନିର୍ମିତ ହୋଇଛି ମାର୍କେଟ କମ୍ପ୍ଲେକ୍ସ, କର୍ମଶାଳା ଓ ପାଣି ଟାଙ୍କି। ତେବେ ମଧ୍ୟ ଭାଗରେ ରହିଛି ଏକ ବିରାଟ ଅଶ୍ୱଥ ଓ ଅନ୍ୟଟି ରାଧାଚୂଡ଼ା ଗଛ। ଏ ଦୁଇଟି ଗଛର ଖୁବ ନିକଟରେ ୧୦୦ କେଭିଏ ଟ୍ରାନ୍ସଫର୍ମରୁ ଗ୍ରାମକୁ ବିଦ୍ୟୁତ ତାର ସଂଯୋଗ ହୋଇଛି।



ଅନେକ ସମୟରେ ବିଜୁଳି ସରବରାହ ପାଇଁ ଗଛ ଦୁଇଟି ଆନ୍ତରାୟ ସୃଷ୍ଟି କରୁଛି। ଝଡ଼, ବତାସ ଭଳି ପ୍ରାକୃତିକ ବିପର୍ଯ୍ୟୟ ହେଲେ ଗଛ ଭାଙ୍ଗିବା ସହିତ ନିକଟସ୍ଥ ବାସଗୃହ କ୍ଷତିଗ୍ରସ୍ତ ହେବା ଆଶଙ୍କା ରହୁଛି। ଏପରିକି ବିଜୁଳି ତାର ଛିଡିବା ଫଳରେ ଧନ ଜୀବନ ପ୍ରତି ବିପଦ ରହିଛି। ତେଣୁ କୌଣସି ବଡ ଧରଣର ବିପଦ ଘଟିବା ହେବା ପୂର୍ବରୁ ସ୍ଥାନୀୟ ସରପଞ୍ଚ, ବିଜୁଳି ବିଭାଗ ତଥା ଗ୍ରାମବାସୀ ଗଛ ଦୁଇଟିକୁ କାଟିବା ପାଇଁ ବିହିତ ପଦକ୍ଷେପ ନେବା ଜରୁରୀ ବୋଲି ପୂର୍ବତନ ସରପଞ୍ଚ ନନ୍ଦକିଶୋର ଖଟୁଆ ମତ ରଖିଛନ୍ତି।

# ଅନ୍ତର୍ଜାତୀୟ ଟି-୨୦ ଠାରୁ ଆଇପିଏଲ୍ ଏବେ ବି ପଛରେ

ନୂଆଦିଲ୍ଲୀ,୨୭ ।୩(ଏଜେନ୍ସି)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୭ତମ ସଂସ୍କରଣ ଇତିମଧ୍ୟରେ ଆରମ୍ଭ ହୋଇ ସାରିଛି। ୨୦୦୮ ରେ ଆରମ୍ଭ ହୋଇଥିବା ଏହି ହାଇପ୍ରୋଫାଇଲ ଲିଗ୍‌ର ୧୬ଟି ସଂସ୍କରଣ ଖେଳାଯାଇ ସାରିଛି। ପ୍ରତିବର୍ଷ ଏହି ଲିଗ୍‌ରେ ନୂଆ ନୂଆ ରେକର୍ଡ ସୃଷ୍ଟି ହୋଇଛି। କିନ୍ତୁ ଅନ୍ତର୍ଜାତୀୟ ଟି-୨୦ରେ ସୃଷ୍ଟି ହୋଇଥିବା କିଛି ରେକର୍ଡ ଆଇପିଏଲରେ ଦେଖିବାକୁ ମିଳିନାହିଁ। ଆଇପିଏଲ୍‌ରେ ଏପର୍ଯ୍ୟନ୍ତ ୩୦୦ରୁ ଊର୍ଦ୍ଧ୍ୱ ରନ ଦେଖିବାକୁ ମିଳିନାହିଁ। କେବଳ ସେତିକି ନୁହଁ ଆଇପିଏଲରେ ଗୋଟିଏ ଓଭରରେ ଏପର୍ଯ୍ୟନ୍ତ ୬ଟି ଛକା ଦେଖିବାକୁ ମିଳିନାହିଁ। ଆଇପିଏଲରେ ସୃଷ୍ଟି ହୋଇ ନଥିବା ଏପରି ୫ଟି ରେକର୍ଡ ସଂକ୍ରାନ୍ତରେ ଆଲୋଚନା କରିବା।



ଛକା ସହାୟତାରେ ଅପରାଜିତ ୧୬୨ ରନର ଶତକୀୟ ପାଳି ଖେଳିଥିଲେ।

## ସବୁଠୁ ବଡ଼ ସ୍କୋର: ୩୦୦+ ରନ୍ ନେପାଳ କରିଥିଲା

୨୦୧୩ ଏପ୍ରିଲ ୨୩ରେ ଆଇପିଏଲ୍‌ରେ ସବୁଠାରୁ ବଡ଼ ଦଳୀୟ ସ୍କୋର ଦେଖିବାକୁ ମିଳିଥିଲା। ପୁଣେ ୱାରିୟର୍ସ ବିପକ୍ଷରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ୫ ୱିକେଟ ହରାଇ ଆଇପିଏଲର ସର୍ବବୃହତ ସ୍କୋର ୨୬୩ ରନ ସଂଗ୍ରହ କରିଥିଲା। କିନ୍ତୁ ଅନ୍ତର୍ଜତୀୟ କ୍ରିକେଟରେ ଏହାଠାରୁ ବଡ଼ ସ୍କୋର ୩ଥର ସଂଗୃହିତ ହୋଇସାରିଛି। ୨୦୨୩ ସେପ୍ଟେମ୍ବର ୨୭ରେ ନେପାଳ ମଙ୍ଗୋଲିଆ ବିପକ୍ଷରେ ୩୦୦ରୁ ଅଧିକ ଅନ୍ତର୍ଜାତୀୟ ରନ ସଂଗ୍ରହ କରିଥିଲା। କିନ୍ତୁ ଆଇପିଏଲରେ ୩୦୦ରୁ ଅଧିକ ରନ ସଂଗୃହୀତ ହୋଇନାହିଁ। ୨୦୧୯ରେ ଆୟର୍ଲାଣ୍ଡ ବିପକ୍ଷରେ ଆଫଗାନିସ୍ତାନ ୩ ୱିକେଟ ହରାଇ ୨୭୮ ରନ ସଂଗ୍ରହ କରିଥିଲା। ଏହି ମ୍ୟାଚ୍‌ରେ ହଜରତୁଲ୍ଲା ଜଜାଇ ୧୬

## ଡବଲ ହ୍ୟାଟ୍ରିକ: ଆଇପିଏଲରେ ହୋଇନି

● ଅନ୍ତର୍ଜାତୀୟ ଟି-୨୦ରେ ୪ଥର

ଆଇପିଏଲରେ ଏପର୍ଯ୍ୟନ୍ତ ଡବଲ ହ୍ୟାଟ୍ରିକ ଦେଖିବାକୁ ମିଳିନାହିଁ। କ୍ରମାଗତ ୪ଟି ବଲ୍‌ରେ ୪ ୱିକେଟ ନେବାକୁ ଡବଲ ହ୍ୟାଟ୍ରିକ କୁହାଯାଇଥାଏ। ଅନ୍ତର୍ଜାତୀୟ କ୍ରିକେଟରେ ଏପରି ୪ଥର ଦେଖିବାକୁ ମିଳିଛି। ଶ୍ରୀଲଙ୍କାର ଲସିଥ ମାଲିଙ୍ଗା ଆୟର୍ଲାଣ୍ଡ ବିପକ୍ଷରେ, ଆଫଗାନିସ୍ତାନର ରସିଦ ଖାନ୍ ୨୦୧୯ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏହି ସଫଳତା ପାଇଥିଲେ। ସେହିପରି ଆୟର୍ଲାଣ୍ଡର କର୍ଟିସ କ୍ୟାମ୍ପର ୨୦୨୧ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଓ ୨୦୨୨ରେ ୱେଷ୍ଟଇଣ୍ଡିଜର ଜେସନ ହୋଲ୍ଡର ନେଦରଲାଣ୍ଡସ ବିପକ୍ଷରେ ଏହି ସଫଳତା ପାଇଛନ୍ତି। ଆଇପିଏଲରେ ଏପର୍ଯ୍ୟନ୍ତ ଏହି ରେକର୍ଡ ସୃଷ୍ଟି ହୋଇପାରିନାହିଁ।

## ଦ୍ରୁତତମ ଅର୍ଦ୍ଧଶତକ

● ୨୦୨୩ରେ ଜୟସ୍ୱାଲ ଗୋଟିଏ ବଲ୍ ପଛରେ ରହିଥିଲେ

୨୦୦୭ ଟି-୨୦ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଭାରତର ଯୁବରାଜ ସିଂ ଷ୍ଟୁଆର୍ଟ ବ୍ରଡଙ୍କ ଗୋଟିଏ ଓଭରରେ ୬ ଛକା ମାରିଥିଲେ। ଫଳରେ ସେ ମାତ୍ର ୧୨ଟି ବଲ୍‌ର ସମ୍ମୁଖୀନ ହୋଇ ଅର୍ଦ୍ଧଶତକ ପୂରା କରିଥିଲେ। ଏହି ରେକର୍ଡ ଏପର୍ଯ୍ୟନ୍ତ ଅତୁଟ ରହିଛି। ଆଇପିଏଲ୍ କିମ୍ବା ଅନ୍ତର୍ଜାତୀୟ ଟି-୨୦ରେ ଏହି ରେକର୍ଡକୁ ଭଙ୍ଗା ଯାଇପାରିନାହିଁ। କିନ୍ତୁ ଗତବର୍ଷ ଆଇପିଏଲରେ ରାଜସ୍ଥାନ ରୟାଲ୍ସର ଯଶସ୍ୱୀ ଜୟସ୍ୱାଲ ଏହି ରେକର୍ଡର ସମକକ୍ଷ ହେବାକୁ ଗୋଟିଏ ବଲ୍ ଓ ଏହାକୁ ଭାଙ୍ଗିବାରେ ଦୁଇଟି ବଲ ପଛରେ ରହିଯାଇଥିଲେ। ୨୦୨୩ ମେ ୧୧ରେ ଜୟସ୍ୱାଲ କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ୧୩ଟି ବଲ ଖେଳି ୫୦ ରନ ସଂଗ୍ରହ କରିଥିଲେ।

## ସବୁଠୁ ବଡ଼ ଭାଗୀଦାରି: ଆଇପିଏଲ ଯୋଡି ୨୯ ରନ ଦୂରରେ

୨୦୧୬ରେ ଆଇପିଏଲ୍‌ରେ ସବୁଠାରୁ ବଡ଼ା ଭାଗୀଦାରୀ ଦେଖିବାକୁ ମିଳିଥିଲା। ଆରସିବିର ବିରାଟ କୋହଲି ଓ ଏବି ଡିଭିଲର୍ସ ଗୁଜରାଟ ଲାୟନ୍ସ ବିପକ୍ଷରେ ୨୨୯ ରନର ଭାଗୀଦାରି ସ୍ଥାପନ କରିଥିଲେ। କିନ୍ତୁ ଅନ୍ତର୍ଜାତୀୟ ଟି-୨୦ରେ ଏହାଠାରୁ ବଡ଼ ପାର୍ଟନରସିପ୍ ଦେଖିବାକୁ ମିଳିଛି। ୨୦୧୯ରେ ଆଫଗାନିସ୍ତାନର ଉସ୍‌ମାନ ଗନି ଓ ହଜରତୁଲ୍ଲା ଜଜାଇ ଆୟର୍ଲାଣ୍ଡ ବିପକ୍ଷରେ ୨୩୬ ରନର ଭାଗୀଦାରି ସ୍ଥାପନ କରିଥିଲେ। ସେହପରି ୨୦୨୪ ଫେବୃଆରୀ ୧୫ରେ ଜାପାନର ଦୁଇ ବ୍ୟାଟର ଚୀନ୍ ବିପକ୍ଷରେ ଅନ୍ତର୍ଜାତୀୟ ଟି-୨୦ରେ ୨୫୮ ରନର ସର୍ବବୃହତ୍ ପାର୍ଟନରସିପ୍ ସ୍ଥାପନ କରିଥିଲେ।

## ଗୋଟିଏ ଓଭରରେ ୬ ଛକା

● ଆଇପିଏଲ୍‌ରେ କିନ୍ତୁ ୪ଥର ଗୋଟିଏ ଓଭରରେ ୫ ଛକା

ଅନ୍ତର୍ଜାତୀୟ ଟି-୨୦ରେ ଯୁବରାଜ ସିଂ ଗୋଟିଏ ଓଭରରେ ୬ଟି ଛକା ମାରିଛନ୍ତି। ସେ ୨୦୦୭ ଟି-୨୦ ବିଶ୍ୱକପ୍‌ରେ ଏଭି ଅବିଶ୍ୱସନୀୟ ରେକର୍ଡ ସୃଷ୍ଟି କରିଥିଲେ। କିନ୍ତୁ ଆଇପିଏଲରେ ଏପର୍ଯ୍ୟନ୍ତ ଏହି ରେକର୍ଡ ଦେଖିବାକୁ ମିଳିନାହିଁ। ଅନ୍ତର୍ଜାତୀୟ ଟି-୨୦ରେ ଯୁବରାଜଙ୍କୁ ବାଦ୍ ଦେଲେ ୱେଷ୍ଟଇଣ୍ଡିଜର କାଇରନ ପୋଲାର୍ଡ ମଧ୍ୟ ଗୋଟିଏ ଓଭରରେ ୬ ଛକା ମାରି ଏହି ରେକର୍ଡର ପୁନରାବୃତ୍ତି କରିଛନ୍ତି। ତେବେ ଆଇପିଏଲ୍‌ରେ ଗୋଟିଏ ଓଭରରେ ୫ଟି ଛକା ୪ଥର ଦେଖିବାକୁ ମିଳିଛି। ସେମାନେ ହେଲେ ରିଙ୍କୁ ସିଂ, ରାହୁଲ ତେୱାତିଆ, କ୍ରିସ ଗେଲ ଓ ରବିନ୍ଦ୍ର ଜାଡେଜା।

## ଆଇପିଏଲ୍ -୧୭ ଖେଳ ସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ | ସମୟ |
|---|---|---|---|
| ୧/୪ | ମୁମ୍ବାଇ- ରାଜସ୍ଥାନ | ମୁମ୍ବଇ | ରାତି ୭.୩୦ |
| ୨/୪ | ବାଙ୍ଗାଲୋର- ଲକ୍ଷ୍ନୌ | ବେଙ୍ଗାଲୁରୁ | ରାତି ୭.୩୦ |
| ୩/୪ | ଦିଲ୍ଲୀ- କୋଲକାତା | ବିଶାଖାପାଟଣା | ରାତି ୭.୩୦ |
| ୪/୪ | ଗୁଜରାଟ- ପଞ୍ଜାବ | ଅହମ୍ମଦାବାଦ | ରାତି ୭.୩୦ |
| ୫/୪ | ହାଇଦ୍ରାବାଦ- ଚେନ୍ନାଇ | ହାଇଦରାବାଦ୍ | ରାତି ୭.୩୦ |
| ୬/୪ | ରାଜସ୍ଥାନ- ବାଙ୍ଗାଲୋର | ଜୟପୁର | ରାତି ୭.୩୦ |
| ୭/୪ | ମୁମ୍ବାଇ- ଦିଲ୍ଲୀ | ମୁମ୍ବଇ | ଅପରାହ୍ନ ୩.୩୦ |
| ୭/୪ | ଲକ୍ଷ୍ନୌ- ଗୁଜରାଟ | ଲକ୍ଷ୍ନୌ | ରାତି ୭.୩୦ |
| ୮/୪ | ଚେନ୍ନାଇ- କୋଲକାତା | ଚେନ୍ନଇ | ରାତି ୭.୩୦ |
| ୯/୪ | ପଞ୍ଜାବ- ହାଇଦ୍ରାବାଦ୍ | ମୋହାଲି | ରାତି ୭.୩୦ |
| ୧୦/୪ | ରାଜସ୍ଥାନ- ଗୁଜରାଟ | ଜୟପୁର | ରାତି ୭.୩୦ |
| ୧୧/୪ | ମୁମ୍ବାଇ- ବେଙ୍ଗାଲୁରୁ | ମୁମ୍ବଇ | ରାତି ୭.୩୦ |
| ୧୨/୪ | ଲକ୍ଷ୍ନୌ- ଦିଲ୍ଲୀ | ଲକ୍ଷ୍ନୌ | ରାତି ୭.୩୦ |
| ୧୩/୪ | ପଞ୍ଜାବ- ରାଜସ୍ଥାନ | ମୋହାଲି | ରାତି ୭.୩୦ |
| ୧୪/୪ | କୋଲକାତା- ଲକ୍ଷ୍ନୌ | କୋଲକାତା | ଅପରାହ୍ନ ୩.୩୦ |
| ୧୪/୪ | ମୁମ୍ବାଇ- ଚେନ୍ନାଇ | ମୁମ୍ବାଇ | ରାତି ୭.୩୦ |
| ୧୫/୪ | ବେଙ୍ଗାଲୁରୁ- ହାଇଦ୍ରାବାଦ୍ | ବେଙ୍ଗାଲୁରୁ | ରାତି ୭.୩୦ |
| ୧୬/୪ | ଗୁଜରାଟ-ଦିଲ୍ଲୀ | ଅହମ୍ମଦାବାଦ | ରାତି ୭.୩୦ |
| ୧୭/୪ | କୋଲକାତା- ରାଜସ୍ଥାନ | କୋଲକାତା | ରାତି ୭.୩୦ |
| ୧୮/୪ | ପଞ୍ଜାବ- ମୁମ୍ବାଇ | ମୋହଲି | ରାତି ୭.୩୦ |
| ୧୯/୪ | ଲକ୍ଷ୍ନୌ- ଚେନ୍ନାଇ | ଲକ୍ଷ୍ନୌ | ରାତି ୭.୩୦ |
| ୨୦/୪ | ଦିଲ୍ଲୀ- ହାଇଦ୍ରାବାଦ୍ | ଦିଲ୍ଲୀ | ରାତି ୭.୩୦ |
| ୨୧/୪ | କୋଲକାତା- ବେଙ୍ଗାଲୁରୁ | କୋଲକାତା | ଅପରାହ୍ନ ୩.୩୦ |
| ୨୧/୪ | ପଞ୍ଜାବ- ଗୁଜରାଟ | ମୋହଲି | ରାତି ୭.୩୦ |
| ୨୨/୪ | ରାଜସ୍ଥାନ- ମୁମ୍ବାଇ | ଜୟପୁର | ରାତି ୭.୩୦ |
| ୨୩/୪ | ଚେନ୍ନାଇ- ଲକ୍ଷ୍ନୌ | ଚେନ୍ନଇ | ରାତି ୭.୩୦ |
| ୨୪/୪ | ଦିଲ୍ଲୀ- ଗୁଜରାଟ | ଦିଲ୍ଲୀ | ରାତି ୭.୩୦ |
| ୨୫/୪ | ହାଇଦ୍ରାବାଦ- ବେଙ୍ଗାଲୁରୁ | ହାଇଦରାବାଦ୍ | ରାତି ୭.୩୦ |
| ୨୬/୪ | କୋଲକାତା- ପଞ୍ଜାବ | କୋଲକାତା | ରାତି ୭.୩୦ |
| ୨୭/୪ | ଦିଲ୍ଲୀ- ମୁମ୍ବାଇ | ଦିଲ୍ଲୀ | ଅପରାହ୍ନ ୩.୩୦ |
| ୨୭/୪ | ଲକ୍ଷ୍ନୌ- ରାଜସ୍ଥାନ | ଲକ୍ଷ୍ନୌ | ରାତି ୭.୩୦ |
| ୨୮/୪ | ଗୁଜରାଟ- ବେଙ୍ଗାଲୁରୁ | ଅହମ୍ମଦାବାଦ୍ | ଅପରାହ୍ନ ୩.୩୦ |
| ୨୮/୪ | ଚେନ୍ନାଇ- ହାଇଦ୍ରାବାଦ୍ | ଚେନ୍ନାଇ | ରାତି ୭.୩୦ |
| ୨୯/୪ | କୋଲକାତା- ଦିଲ୍ଲୀ | କୋଲକାତା | ରାତି ୭.୩୦ |
| ୩୦/୪ | ଲକ୍ଷ୍ନୌ- ମୁମ୍ବାଇ | ଲକ୍ଷ୍ନୌ | ରାତି ୭.୩୦ |
| ୧/୫ | ଚେନ୍ନାଇ- ପଞ୍ଜାବ | ଚେନ୍ନଇ | ରାତି ୭.୩୦ |
| ୨/୫ | ହାଇଦ୍ରାବାଦ୍- ରାଜସ୍ଥାନ | ହାଇଦରାବାଦ୍ | ରାତି ୭.୩୦ |
| ୩/୫ | ମୁମ୍ବାଇ- କୋଲକାତା | ମୁମ୍ବଇ | ରାତି ୭.୩୦ |
| ୪/୫ | ବେଙ୍ଗାଲୁରୁ- ଗୁଜରାଟ | ବେଙ୍ଗାଲୁରୁ | ରାତି ୭.୩୦ |
| ୫/୫ | ପଞ୍ଜାବ- ଚେନ୍ନାଇ | ଧର୍ମଶାଳା | ଅପରାହ୍ନ ୩.୩୦ |
| ୫/୫ | ଲକ୍ଷ୍ନୌ- କୋଲକାତା | ଲକ୍ଷ୍ନୌ | ରାତି ୭.୩୦ |
| ୬/୫ | ମୁମ୍ବାଇ- ହାଇଦ୍ରାବାଦ୍ | ମୁମ୍ବଇ | ରାତି ୭.୩୦ |
| ୭/୫ | ଦିଲ୍ଲୀ- ରାଜସ୍ଥାନ | ଦିଲ୍ଲୀ | ରାତି ୭.୩୦ |
| ୮/୫ | ହାଇଦ୍ରାବାଦ- ଲକ୍ଷ୍ନୌ | ହାଇଦରାବାଦ୍ | ରାତି ୭.୩୦ |
| ୯/୫ | ପଞ୍ଜାବ- ବେଙ୍ଗାଲୁରୁ | ଧର୍ମଶାଳା | ରାତି ୭.୩୦ |
| ୧୦/୫ | ଗୁଜରାଟ- ଚେନ୍ନାଇ | ଅହମ୍ମଦାବାଦ୍ | ରାତି ୭.୩୦ |
| ୧୧/୫ | କୋଲକାତା- ମୁମ୍ବାଇ | କୋଲକାତା | ରାତି ୭.୩୦ |
| ୧୨/୫ | ଚେନ୍ନାଇ- ରାଜସ୍ଥାନ | ଚେନ୍ନଇ | ଅପରାହ୍ନ ୩.୩୦ |
| ୧୨/୫ | ବେଙ୍ଗାଲୁରୁ- ଦିଲ୍ଲୀ | ବେଙ୍ଗାଲୁରୁ | ରାତି ୭.୩୦ |
| ୧୩/୫ | ଗୁଜରାଟ- କୋଲକାତା | ଅହମ୍ମଦାବାଦ | ରାତି ୭.୩୦ |
| ୧୪/୫ | ଦିଲ୍ଲୀ- ଲକ୍ଷ୍ନୌ | ଦିଲ୍ଲୀ | ରାତି ୭.୩୦ |
| ୧୫/୫ | ରାଜସ୍ଥାନ- ପଞ୍ଜାବ | ଗୌହାଟୀ | ରାତି ୭.୩୦ |
| ୧୬/୫ | ହାଇଦ୍ରାବାଦ- ଗୁଜରାଟ | ହାଇଦରାବାଦ୍ | ରାତି ୭.୩୦ |
| ୧୭/୫ | ମୁମ୍ବାଇ- ଲକ୍ଷ୍ନୌ | ମୁମ୍ବଇ | ରାତି ୭.୩୦ |
| ୧୮/୫ | ବେଙ୍ଗାଲୁରୁ- ଚେନ୍ନାଇ | ବେଙ୍ଗାଲୁରୁ | ରାତି ୭.୩୦ |
| ୧୯/୫ | ହାଇଦ୍ରାବାଦ୍- ପଞ୍ଜାବ | ହାଇଦରାବାଦ | ଅପରାହ୍ନ ୩.୩୦ |
| ୧୯/୫ | ରାଜସ୍ଥାନ-କୋଲକାତା | ଗୌହାଟୀ | ରାତି ୭.୩୦ |
| ୨୧/୫ | କ୍ୱାଲିଫାୟର-୧ | ଅହମ୍ମଦାବାଦ | ରାତି ୭.୩୦ |
| ୨୨/୫ | ଏଲିମିନେଟର | ଅହମ୍ମଦାବାଦ | ରାତି ୭.୩୦ |
| ୨୪/୫ | କ୍ୱାଲିଫାୟର-୨ | ଚେନ୍ନଇ | ରାତି ୭.୩୦ |
| ୨୬/୫ | ଫାଇନାଲ | ଚେନ୍ନାଇ | ରାତି ୭.୩୦ |

ଏପ୍ରିଲ୍ ୧ ରୁ ଖେଳ ଶେଷ ପର୍ଯ୍ୟନ୍ତ

● ଇଣ୍ଡିଆନ ଓପନ ପାରା ଆଥ୍‌ଲେଟିକ୍ସ

## ସୁଚିତ୍ରାଙ୍କୁ ସ୍ୱର୍ଣ୍ଣ, ଜୟନ୍ତୀଙ୍କୁ ୩ ରୌପ୍ୟ



**ଭୁବନେଶ୍ୱର, ୨୭।୩ (ସମିସ):** ବେଙ୍ଗାଲୁରୁର ଶ୍ରୀ କାନ୍ତରାଭା ଷ୍ଟାଡିୟମ୍‌ରେ ଚାଲିଥିବା ଇଣ୍ଡିଆନ ଓପନ ପାରାଆଥଲେଟିକ୍ସ ଚାମ୍ପିଅନସିପ ବୁଧବାର ଶେଷ ହୋଇଛି। ଏଥିରେ ଓଡ଼ିଶାରୁ ଦୁଇ ପ୍ରତିଯୋଗୀ ଶ୍ରେଷ୍ଠ ସଫଳତା ପାଇଛନ୍ତି। ଏମାନଙ୍କ ମଧ୍ୟରୁ ସୁଚିତ୍ରା ପରିଡ଼ା ଟି-୫୫ ବର୍ଗରେ ଭାଗ ନେଇଥିଲେ। ଏହି ବର୍ଗରେ ସେ ଜାଭେଲିନ୍ ଥ୍ରୋ'ରେ ସ୍ୱର୍ଣ୍ଣ ଓ ସଟ୍‌ପୁଟ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସେହିପରି ଟି-୪୭ ବର୍ଗରେ ଭାଗ ନେଇଥିଲେ ଓଡ଼ିଶାର ଅନ୍ତର୍ଜାତୀୟ ଆଥ୍‌ଲେଟ ଜୟନ୍ତୀ ବେହେରା। ଏହି ବର୍ଗରେ ସେ ୩ଟି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ସେ ୧୦୦, ୨୦୦ ଓ ୪୦୦ ମିଟର ଦୌଡ଼ରେ ଭାଗ ନେଇ ସବୁଥିରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। କିନ୍ତୁ ଗୋଟିଏ ହେଲେ ସ୍ୱର୍ଣ୍ଣ କବ୍‌ଜା କରିବାରେ ଅସମର୍ଥ ହୋଇଥିଲେ।

## ଏନ୍‌ସିଏ ଶିବିରରେ ୪ ଓଡ଼ିଆ






**କଟକ,୨୭।୩ (ସମିସ):** ଏପ୍ରିଲ ୨୬ରୁ ମେ ୨୨ ପର୍ଯ୍ୟନ୍ତ ଜାତୀୟ କ୍ରିକେଟ ଏକାଡେମୀ (ଏନସିଏ)ର ୧୯ ବର୍ଷରୁ କମ୍ ବାଳକ ଶିବିର ଅନୁଷ୍ଠିତ ହେବ। ଅଖିଳ ଭାରତୀୟ କନିଷ୍ଠ ଚୟନ କମିଟି ପକ୍ଷରୁ ୪ ଓଡ଼ିଆ ଖେଳାଳିଙ୍କୁ ଏହି ଶିବିରରେ ଭାଗ ନେବା ନିମନ୍ତେ ଚୟନ କରାଯାଇଛି। ଏମାନେ ହେଲେ ସାର୍ଥକ ଜି ପଣ୍ଡା, ଶ୍ରେୟାଂଶ ଭରଦ୍ୱାଜ, ଆଶୀର୍ବାଦ ସ୍ୱାଇଁ ଓ ଶ୍ରୀରାଜ ପଟ୍ଟନାୟକ। କନିଷ୍ଠ ବର୍ଗର ଜାତୀୟ ଟୁର୍ଣ୍ଣାମେଣ୍ଟଗୁଡ଼ିକରେ ଏମାନେ ଉତ୍କୃଷ୍ଟ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏନସିଏ ଶିବିରରେ ସ୍ଥାନ ପାଇଥିବା ଖେଳାଳିଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏସନ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି।

## ପୂର୍ବାଞ୍ଚଳ ଦଳରେ ତନ୍ମୟୀ ବେହେରା



**କଟକ,୨୭।୩(ସମିସ):** ବରିଷ୍ଠ ମହିଳା ଆନ୍ତଃ ଜୋନାଲ ବହୁ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଠାରୁ ଆରମ୍ଭ ହେବ। ମହାରାଷ୍ଟ୍ରର ପୁଣେରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ନିମନ୍ତେ ଗଠିତ ପୂର୍ବାଞ୍ଚଳ ଦଳରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ତନ୍ମୟୀ ବେହେରା ସ୍ଥାନ ପାଇଛନ୍ତି। କଟକରେ ଜନ୍ମିତ ୧୯ ବର୍ଷୀୟ ତନ୍ମୟୀ ଜଣେ ଅଲରାଉଣ୍ଡର ଭାବେ ପରିଚିତ। ବାମହାତୀ ବ୍ୟାଟିଂ ଓ ଡାହାଣହାତୀ ମିଡିୟମ ପେସ୍ ବୋଲିଂର ଦକ୍ଷତା ରଖିଥିବା ତନ୍ମୟୀ ଜାତୀୟ ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏସନ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ତନ୍ମୟୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଆଜିଠୁ କଳାହାଣ୍ଡି କପ୍ ୨ୟ ପର୍ଯ୍ୟାୟ

**କଟକ,୨୭।୩(ସମିସ):** ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ଦ୍ୱିତୀୟ ପର୍ଯ୍ୟାୟ ଗୁରୁବାର ଠାରୁ ଆରମ୍ଭ ହେବ। ଗୋଲ୍ଡ-ଏ ଏବଂ ଗୋଲ୍ଡ-ବି ଗ୍ରୁପରେ ସ୍ଥାନିତ ଦଳକୁ ନେଇ ମ୍ୟାଚ୍ ଖେଳାଯିବ। କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ହେବାକୁ ଥିବା କଳାହାଣ୍ଡି କପ୍‌ର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ଏପ୍ରିଲ ୧୬ ପର୍ଯ୍ୟନ୍ତ ଚାଲିବ। ବାରବାଟୀ ଷ୍ଟାଡିୟମ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ, ଡ୍ରିମସ ଗ୍ରାଉଣ୍ଡ, ଖୋର୍ଦ୍ଧାର ବିଜେବି ହାଇସ୍କୁଲ ଗ୍ରାଉଣ୍ଡ, କିଟ କ୍ରିକେଟ ଷ୍ଟାଡିୟମ, ଅଡଶପୁର ୟୁଏନ କଲେଜ ଗ୍ରାଉଣ୍ଡରେ ସମସ୍ତ ମ୍ୟାଚ୍ ଖେଳାଯିବ। ୨୮ରୁ ୨ ତାରିଖ ପର୍ଯ୍ୟନ୍ତ ଗୋଲ୍ଡ-ବି ଗ୍ରୁପର ଏବଂ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ଗୋଲ୍ଡ-ଏ ଗ୍ରୁପର ମ୍ୟାଚ ହେବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ପ୍ରେସବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

### ରାମେଶ୍ୱର କପ୍ କ୍ରିକେଟ

## ଫାଇନାଲରେ ଗଞ୍ଜାମର ଆଲ୍‌ଫା ସ୍ପୋର୍ଟିଂ

ଭୁବନେଶ୍ୱର, ୨୭।୩ (ସମିସ)

ଗଞ୍ଜାମର ଆଲଫା ସ୍ପୋର୍ଟିଂ ଏଠାରେ ଚାଲିଥିବା ୧୭ ବର୍ଷରୁ କମ୍ ରାମେଶ୍ୱର କପ୍ କନିଷ୍ଠ କ୍ରିକେଟ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ବୁଧବାର ଖେଳାଯାଇଥିବା ସେମିଫାଇନାଲ୍‌ରେ ଆଲଫା ସ୍ପୋର୍ଟିଂ ମାତ୍ର ୧ ୱିକେଟରେ ଭୁବନେଶ୍ୱରର ଗ୍ରୀନ୍ସ ଏକାଡେମୀକୁ ପରାସ୍ତ କରିଥିଲା। ଆସନ୍ତା ମାର୍ଚ୍ଚ ୩୧ ତାରିଖ ରବିବାର ଖେଳାଯିବାକୁ ଥିବା ଫାଇନାଲ ମ୍ୟାଚ୍‌ରେ ଆଲ୍‌ଫା ସହ ଆୟୋଜକ ରାମେଶ୍ୱର ସ୍ପୋର୍ଟିଂର ମୁକାବିଲା ହେବ। ସେହିପରି ୧୪ ବର୍ଷରୁ କମ୍ ବିଭାଗର ସେମିଫାଇନାଲ ଗୁରୁବାରଠାରୁ ଆରମ୍ଭ ହେବ। ଏହାର ପ୍ରଥମ ସେମିଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ ସହ ସହିଦ୍ ସ୍ପୋର୍ଟିଂର ମୁକାବିଲା ହେବ।

ବୁଧବାର ଖେଳାଯାଇଥିବା ୧୭ ବର୍ଷରୁ କମ୍ ଦ୍ୱିତୀୟ ସେମିଫାଇନାଲରେ ମୟଙ୍କ ପଟ୍ଟନାୟକ ୬୩ ବଲ୍‌ରେ ୬୯ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଗ୍ରୀନ୍ସ ଏକାଡେମୀ ୯ ୱିକେଟରେ ୧୮୯ ରନ୍ କରିଥିଲା। ପ୍ରତିପକ୍ଷ ଦଳର ବିଶାଳ ପ୍ରସାଦ ୨୬ ରନ୍‌ରେ ୩ଟି ୱିକେଟ ପାଇଥିଲେ। ଜବାବରେ ଆଲ୍‌ଫା ସ୍ପୋର୍ଟିଂ ଶେଷ ଓଭରରେ ୯ ୱିକେଟ ହରାଇ ୧୯୩ ରନ୍ କରିବା ସହ ମାତ୍ର ୧ ୱିକେଟରେ ଉତ୍କଣ୍ଠାପୂର୍ଣ୍ଣ ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ଶେଷ ଯାଏ ଅପରାଜିତ ରହି ୬୧ ବଲ୍‌ରୁ ୬୪ ରନ୍ କରିଥିବା ଆର୍ ସମର୍ଥଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଆଦର୍ଶ ପଟ୍ଟନାୟକ ୫୦ ରନ୍ କରିଥିଲେ। ଓଡ଼ିଶା ରଣଜୀ ଦଳର ପୂର୍ବତନ ଅଧିନାୟକ ପ୍ରଭଞ୍ଜନ ମଲ୍ଲିକ ଅତିଥିଭାବେ ଯୋଗ ଦେଇ ସମର୍ଥଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।




## ମୋନିଙ୍କ ୨୦ ଗୋଲ୍; ଓଡ଼ିଶା ଏକାଦଶ ବିଜୟୀ

**କଟକ,୨୭।୩(ସମିସ):** କଟକରେ ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍ ଖେଳାଯାଉଛି। ସିଡିଏ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ୧୫ବର୍ଷରୁ କମ୍ ବୟସ ବର୍ଗର ଏକ ମ୍ୟାଚରେ ଓଡ଼ିଶା ଏକାଦଶ ଦଳ ବୃହତ୍ତ ବିଜୟ ହାସଲ କରିଛି। ଦଳ ୨୬-୦ ଗୋଲରେ ଯୋବ୍ରା ମ୍ୟୁନିସିପାଲିଟି ହାଇସ୍କୁଲକୁ ପରାସ୍ତ କରିଥିଲା। ୬୦ ମିନିଟ ବିଶିଷ୍ଟ ଏହି ମ୍ୟାଚ୍‌ରେ ଟି ମୋନି ବସ୍କି ଏକାକି ୨୦ଟି ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧରେ ୧୩ଟି ଏବଂ ଦ୍ୱିତୀୟାର୍ଦ୍ଧରେ ୭ଟି ଗୋଲ ସ୍କୋର କରି ଓଡ଼ିଶା ଏକାଦଶକୁ ସହଜ ବିଜୟ ପ୍ରଦାନ କରିଥିଲେ ମୋନି। ଦଳ ପକ୍ଷରୁ ରାକ୍ଷୀ ମଇତି ୩ଟି, ସୁହାସ ମିତା ପୁରୀ ୨ଟି ଏବଂ ରୁବିନା ନାଏକ ଗୋଟିଏ ଗୋଲ ଦେଇଥିଲେ। ଏହି ବୟସ ବର୍ଗର ଅନ୍ୟ ଦୁଇ ମ୍ୟାଚ୍‌ରେ ସ୍ପୋର୍ଟସ ଓଡ଼ିଶା ୧୩-୦ ଗୋଲରେ କାଜିବଜାର ହାଇସ୍କୁଲକୁ ଏବଂ ଫାଓ ଏକାଡେମୀ ୨-୧ ଗୋଲରେ ୟୁନିଟ-୬ ଆଥଲେଟିକ ଆସୋସିଏସନକୁ ପରାସ୍ତ କରିଛି। ସେହିପରି ୧୭ବର୍ଷରୁ କମ୍ ବୟସ ବର୍ଗର ମ୍ୟାଚ୍‌ରେ କିଟ-କିସ ୨-୦ ଗୋଲରେ ଟାଟା ଷ୍ଟିଲ ଫାଉଣ୍ଡେସନକୁ ଏବଂ କିଶୋର କ୍ଲବ ୩-୦ ଗୋଲରେ କାଜିବଜାର ହାଇସ୍କୁଲକୁ ହରାଇଥିଲା।



## ରାଜ୍ୟସ୍ତରୀୟ ସ୍କୁଲ ଚେସ୍: ସ୍ୱସ୍ତିକ ଚାମ୍ପିଅନ

କଟକ,୨୭।୩(ସମିସ)

ଆଇଏସ୍ ଚେସ୍ ସେଣ୍ଟର ଏବଂ କେ.ଟି. ଗ୍ଲୋବାଲ୍ ସ୍କୁଲ ମିଳିତ ଆନୁକୂଲ୍ୟରେ ମହାନଦୀବିହାରରେ ଚାଲିଥିବା ରାଜ୍ୟସ୍ତରୀୟ ସ୍କୁଲ୍ ଚେସ୍ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରୁ ୮ ପଏଣ୍ଟ ହାସଲ କରି କଟକର ସ୍ୱସ୍ତିକ ଶୁଭମ୍ ପଟ୍ଟନାୟକ ଚାମ୍ପିଅନ ହୋଇଥିଲେ। ପୁରସ୍କାର ସ୍ୱରୂପ ୫ହଜାର ଟଙ୍କାର ଅର୍ଥ ରାଶି ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧାର ଆଦିତ୍ୟ ବିକ୍ରମ ମିଶ୍ର ୭.୫ ପଏଣ୍ଟ ସହ ଉପବିଜେତା ହୋଇ ଥିବା ବେଳେ, ବିକାଶ କୁମାର ଲେଙ୍କା, ସାତ୍ୱିକ ସ୍ୱାଇଁ, ଆର୍ଯ୍ୟନ ବେହେରା, ଆୟୁଷ୍ମାନ ମହାନ୍ତି, ମହାପାତ୍ର ଆୟୁଷ ଆର୍ଯ୍ୟନ, ସାଇଶକ୍ତି ପଣ୍ଡା, ଲଳିତ ରଞ୍ଜନ ସାହୁ, ପିୟୁଷ ନାୟକ ଯଥାକ୍ରମେ ତୃତୀୟରୁ ଦଶମ ସ୍ଥାନ ଅଧିକାର କରି ଅର୍ଥରାଶି ସହ ଟ୍ରଫି ହାସଲ କରିଥିଲେ। ସେହିପରି ଜିତେଶ୍ ସାମଲ, ଇ. ରାଗିଣୀ, ସିଦ୍ଧାର୍ଥ ମଲ୍ଲିକଙ୍କ ସହ ମୋଟ ୧୫ଜଣ ଅନରେଟେଡ୍ ଖେଳାଳୀଙ୍କୁ ମଧ୍ୟ ଅର୍ଥରାଶି ପ୍ରଦାନ କରାଯାଇଥିଲା।

ଆଇଏସ୍ ଚେସ୍ ସେଣ୍ଟରର ନିର୍ଦ୍ଦେଶକ ଆଇନଜୀବି ମାନସ ପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋପାଳକୃଷ୍ଣ ବେହେରା, ସମ୍ମାନୀୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ପ୍ରତିଯୋଗିତାକୁ ଆନ୍ତର୍ଜାତୀୟ ଆର୍ବିଟର ଜ୍ୟୋତି ଶଙ୍କର ନନ୍ଦ, ତାପସ ମହାନ୍ତି ଓ ଅଭିଶେଷ ଆଚାର୍ଯ୍ୟ ପରିଚାଳନା କରିଥିଲେ।





# ଡେନିମ୍ ଜ୍ୟାକେଟ୍ ଷ୍ଟାଇଲ୍

**ଫେଶନରେ ଡେନିମ୍ ଜ୍ୟାକେଟ୍‌ର ବେଶ୍ ଚାହିଦା ରହିଛି । ବର୍ତ୍ତମାନ ବଜାରରେ ବିଭିନ୍ନ ଡିଜାଇନର ଜ୍ୟାକେଟ୍ ଉପଲବ୍ଧ । କିନ୍ତୁ ବ୍ଲୁ ଡେନିମ୍ ଜିନ୍ସ ଭଳି ଡେନିମ୍ ଜ୍ୟାକେଟ୍‌କୁ ମଧ୍ୟ ମହିଳା ବେଶ୍ କରନ୍ତି । ଅବଶ୍ୟ ସବୁବେଳେ ଗୋଟିଏ ଷ୍ଟାଇଲ୍‌ରେ ଏହି ଜ୍ୟାକେଟ୍‌କୁ ପିନ୍ଧିବାକୁ ଭଲ ଲାଗେ ନାହିଁ । କାରଣ ଲୁକ୍‌ରେ ନୂଆପଣ ଦେଖିବାକୁ ମିଳି ନ ଥାଏ । ତେବେ ଡେନିମ୍ ଜ୍ୟାକେଟ୍‌କୁ ନୂଆ ଉପାୟରେ ଭିନ୍ନ ଭିନ୍ନ ଆଉଟ୍‌ଫିଟ୍ ସହ ପିନ୍ଧିଲେ କିଭଳି ସୁନ୍ଦର ଲୁକ୍ ମିଳିପାରିବ, ସେ ସମ୍ପର୍କରେ ଜାଣିବା ।**



### ସ୍କର୍ଟ୍ ସହ ଡେନିମ୍

କୌଣସି ପାର୍ଟି ଫଙ୍କ୍‌ସନ୍‌କୁ ଯିବାକୁ ଚାହୁଁଥିଲେ, ପେନ୍‌ସିଲ୍ ସ୍କର୍ଟ କିମ୍ବା ଟିୟୁବ୍ ଟପ୍ ସହିତ ଡେନିମ୍ ଜ୍ୟାକେଟ୍ ପିନ୍ଧିପାରିବେ । ଏଥିରୁ ଏକ କୁଲ୍ ଲୁକ୍ ମିଳିଥାଏ । ଏହି ଜ୍ୟାକେଟ୍ ସହିତ ଫିକା ରଙ୍ଗ ଡ୍ରେସ୍ ସୁନ୍ଦର ଲାଗେ । ଚାହିଁଲେ ଢିଲା ଜ୍ୟାକେଟ୍ ପିନ୍ଧି ଫ୍ୟାନ୍ସି ଲୁକ୍ ପାଇପାରିବେ ।

### ସାର୍ଟ ସହ ଡେନିମ୍

ଡେନିମ୍ ଜ୍ୟାକେଟ୍‌କୁ ସାର୍ଟ କିମ୍ବା କ୍ରପ୍ ଟପ୍ ସାଙ୍ଗରେ ପିନ୍ଧିପାରିବେ । ଏହା ଦେଖିବାକୁ ଯେତିକି ସାଦାସିଧା, ସେତିକି ଷ୍ଟାଇଲିସ୍ ମଧ୍ୟ । ଏହି ଆଉଟ୍‌ଫିଟ୍ ସହ ଚାହିଁଲେ ଅକ୍ସିଡାଇଜ୍ ଅଳଙ୍କାର ମଧ୍ୟ ପିନ୍ଧିପାରିବେ ।

### ଶାଢ଼ି ସହ ଡେନିମ୍

ଅନେକଙ୍କ ଧାରଣା ଥାଏ ଜିନ୍ସ ଜ୍ୟାକେଟ୍ କେବଳ ୱେଷ୍ଟର୍ଣ୍ଣ ଆଉଟ୍‌ଫିଟ୍ ସହ ମାନିଥାଏ । କିନ୍ତୁ ଏହା ଉଭୟ ପାଶ୍ଚାତ୍ୟ ଓ ପାରମ୍ପରିକ ଡ୍ରେସ୍‌କୁ ସୁନ୍ଦର ଲାଗେ । ବିଶେଷକରି ଶାଢ଼ି ସହିତ ଏହା ଖୁବ୍ ଆକର୍ଷଣୀୟ ଦେଖାଯାଏ । ଅବଶ୍ୟ ଏହି ଜ୍ୟାକେଟ୍ କେବଳ କଟନ୍ ଓ ସିଫନ୍ ଶାଢ଼ି ସହିତ ସୁନ୍ଦର ଦେଖାଯାଏ ।

### ଡ୍ରେସ୍ ସହ ଡେନିମ୍

କୌଣସି ପାର୍ଟି ଫଙ୍କ୍‌ସନ୍‌କୁ ଯାଉଥିଲେ ଡ୍ରେସ୍ ସହ ଡେନିମ୍ ଜ୍ୟାକେଟ୍ ପିନ୍ଧିପାରିବେ । ଏଥିପାଇଁ ବଜାରରେ ମିଳୁଥିବା ଡବଲ୍ ସେଡ୍‌ର ଜ୍ୟାକେଟ୍ ବାଛି ପାରିବେ ।

### ଜମ୍ପ୍ ସୁଟ୍ ସହ ଡେନିମ୍

ଷ୍ଟ୍ରାପ୍ କିମ୍ବା ଅଫ୍-ସୋଲଡର ଡିଜାଇନ ଜମ୍ପସୁଟ୍ ସହ ଡେନିମ୍ ଜ୍ୟାକେଟ୍ ଅତି ସୁନ୍ଦର ମାନିଥାଏ । ଏଥିରୁ ଷ୍ଟାଇଲିସ୍ ଓ ଫଙ୍କି ଲୁକ୍ ମିଳେ ।

# ବିବିଧ କଳାର ପୂଜାରୀ ଗାୟତ୍ରୀ



**ଜୀବନର ଉଠାଣି ଗଡ଼ାଣି ରାସ୍ତାରେ ଚାଲିବା ସମସ୍ତଙ୍କ ପାଇଁ ସହଜ ହୋଇ ନ ଥାଏ । ଅନେକ ହାରିଯାଆନ୍ତି । ଆଉ କିଛି ଭାଙ୍ଗି ନ ପଡ଼ି, ଦୁର୍ଯୋଗକୁ ସୁଯୋଗରେ ପରିଣତ କରି ଲକ୍ଷ୍ୟ ପ୍ରାପ୍ତି କରିଥାନ୍ତି । ସଂଘର୍ଷରୁ ସଫଳତା ପ୍ରାପ୍ତ କରିଥିବା ସେମିତି ଜଣେ ଯୁବତୀ ହେଲେ ଗାୟତ୍ରୀ ସାହୁ । ଘର ଗଞ୍ଜାମ ଜିଲ୍ଲା, ବଳରାମପୁରରେ । ସେ ଏକାଧାରାରେ ଜଣେ ପଟ୍ଟଚିତ୍ର, ଟ୍ରାଇବାଲ, ପେନସିଲ୍ ତଥା ଟେରାକୋଟା ଶିଳ୍ପୀ ।**

### ପିଲାବେଳୁ ଚିତ୍ରକଳାରେ ରୁଚି

ଛୋଟବେଳୁ ପାରମ୍ପରିକ ଚିତ୍ରକଳା ପ୍ରତି ତାଙ୍କର ଥିଲା ଆଗ୍ରହ । ବିଭିନ୍ନ ଛବି ଦେଖି ତାକୁ ନିଜ ରଙ୍ଗ ତୂଳୀରେ ରୂପ ଦେଉଥିଲେ ଗାୟତ୍ରୀ । କିନ୍ତୁ, ତାଙ୍କର ଏ ପ୍ରତିଭାକୁ ପ୍ରୋତ୍ସାହିତ କରିବାପାଇଁ କେହି ନଥିଲେ । ବଣଫୁଲ ବଣରେ ମଉଳିବା ଭଳି, ପରିସ୍ଥିତି ମଧ୍ୟରେ ଗତିକରୁଥିଲେ । ଉପାନ୍ତ ଅଞ୍ଚଳରେ ରହି ଚିତ୍ରକଳା ପାଇଁ ଚାଲିଥିଲା ସଂଘର୍ଷ । ଯଦିଓ ଇଚ୍ଛାଥିଲା ଗୁରୁଙ୍କଠାରୁ ଚିତ୍ରକଳାରେ ପ୍ରଶିକ୍ଷଣ ନେବା ପାଇଁ, କିନ୍ତୁ ଅର୍ଥ ସାଜିଥିଲା ବାଧକ । ତଥାପି ସେ ହାରିନଯାଇ ଯେନତେନ ଉପାୟ ଆପଣାଇ ୟୁଟ୍ୟୁବ୍‌ରୁ ଚିତ୍ର ଶିକ୍ଷା କରିଥିଲେ । ସେଇଠୁ ଆରମ୍ଭ ହୁଏ ଚିତ୍ରକଳା ପାଇଁ ଯାତ୍ରା । ଗଞ୍ଜାମରେ ଦ୍ୱାଦଶ ଶିକ୍ଷା ଶେଷ କରି ଚାଲିଆସନ୍ତି ରାଜଧାନୀ । ଯୁକ୍ତତିନିରେ ପାଠପଢ଼ା ସାଙ୍ଗକୁ ଖଣ୍ଡଗିରି ସ୍ଥିତ ବି.କେ କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟରେ ପ୍ରଶିକ୍ଷଣ ନେଇ ସ୍ନାତକ ହାସଲ କରିଛନ୍ତି ।

### ଏକ ମଧ୍ୟରେ ଅନେକ

କୌଣସି ଗୋଟିଏ ପ୍ରକାର ଚିତ୍ର ନୁହେଁ, ସେ ବିଭିନ୍ନ ଚିତ୍ରକଳାକୁ ନେଇ ବହୁ ପରୀକ୍ଷାନିରୀକ୍ଷା କରନ୍ତି । ଆଧୁନିକ ଚିତ୍ର ପରିବର୍ତ୍ତେ ପାରମ୍ପରିକ ଆର୍ଟ ଯଥା- ଟ୍ରାଇବଲ ଆର୍ଟ, ପଟ୍ଟଚିତ୍ର, ଟେରାକୋଟା, ପେନସିଲ୍ ଆର୍ଟ, ପୋଟ୍ରେଏଟ୍ କରି ନିଜ ପ୍ରତିଭାକୁ ଲୋକଲୋଚନକୁ ଆଣିଛନ୍ତି ସେ । କେବଳ ସେତିକି ନୁହେଁ, ସେ ଡ୍ରେସ୍‌ରେ ହାତ ସାହାଯ୍ୟରେ କଳାକୃତି କରିଥାନ୍ତି । ବାହାଘର ବ୍ରତଘରରେ ଘର କାନ୍ଥରେ କଳସ, କଦଳୀ ଗଛ, ଜଗନ୍ନାଥ ମହାପ୍ରଭୁଙ୍କ ଚିତ୍ର ଆଙ୍କି ବହୁ ପ୍ରଶଂସା ସାଉଁଟିଛନ୍ତି । ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ବିଭିନ୍ନ ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି ସେ ।

### କଳାକୃତିରୁ ରୋଜଗାର





ଚିତ୍ରକଳାରୁ ରୋଜଗାର ହୋଇପାରିବ ବୋଲି ସେ କେବେ କଳ୍ପନା କରି ନ ଥିଲେ । କିନ୍ତୁ, ଧୀରେ ଧୀରେ ତାଙ୍କର ଚିତ୍ର ଲୋକଙ୍କୁ ପସନ୍ଦ ଆସିଲା । ପ୍ରଥମେ ସେ ନିଜ ଚିହ୍ନାଜଣା ଲୋକଙ୍କ ମଧ୍ୟରେ ଏହି ବ୍ୟବସାୟ ଆରମ୍ଭ କରିଥିଲେ । କିନ୍ତୁ, ପରବର୍ତ୍ତୀ ସମୟରେ ସେ ନିଜର ଏକ ୟୁଟ୍ୟୁବ୍ ଚ୍ୟାନେଲ ଖୋଲି ଏହାକୁ ଆଗକୁ ନେଇଥିଲେ । ବିଭିନ୍ନ ପାରମ୍ପରିକ ଚିତ୍ର ଅଙ୍କନ କରୁଥିଲେ ମଧ୍ୟ ତାଙ୍କ ପୋଟ୍ରେଏଟ୍ ଆର୍ଟର ରହିଛି ବିଶେଷ ଚାହିଦା । ଲୋକମାନେ ସେମାନଙ୍କ ଆବଶ୍ୟକତା ଅନୁସାରେ ପୋଟ୍ରେଏଟ୍ ଚିତ୍ର କରିବାକୁ ବରାଦ ଦେଇଥାନ୍ତି । ଏହା ଦ୍ୱାରା ସେ ମାସିକ ୫୦ ହଜାର ଟଙ୍କା ମଧ୍ୟରେ ରୋଜଗାର କରିଥାନ୍ତି ।

### ପିଲାଙ୍କୁ ପ୍ରଶିକ୍ଷଣ

୨୪ ବର୍ଷିୟା ଗାୟତ୍ରୀ ବିଭିନ୍ନ ସ୍ଥାନରେ ତଥା ବିଦ୍ୟାଳୟରେ ଛୋଟ ପିଲାଙ୍କୁ ଚିତ୍ରକଳା ପ୍ରଶିକ୍ଷଣ ଦେଉଛନ୍ତି । ଏଥି ସହିତ ସେ ବ୍ୟକ୍ତିଗତ ଭାବରେ ପିଲାଙ୍କ ଘରକୁ ଯାଇ ଚିତ୍ର ଶିକ୍ଷା ଦେଇଥାନ୍ତି । ବିଭିନ୍ନ ସ୍ଥାନରେ ସେ ନିଜେ ଲାଇଭ୍ ଷ୍ଟ୍ରିମିଂ ଚିତ୍ର ଅଙ୍କନ କରିଥାନ୍ତି ।

### ଆଗାମୀ ଲକ୍ଷ୍ୟ

ଯଦିଓ ସହରରେ ଲୋକମାନେ ଚିତ୍ରକଳାର ମହତ୍ତ୍ୱ ବୁଝିଛନ୍ତି, କିନ୍ତୁ, ଏବେବି ଏପରି ଅନେକ ଗ୍ରାମାଞ୍ଚଳରେ ଲୋକମାନେ କଳାକୃତିକୁ ଅଣଦେଖା କରନ୍ତି । ସେମାନେ ବୁଝିପାରନ୍ତିନି କି ଚିତ୍ରକଳାକୁ ନେଇ ଜଣେ ନିଜର ପରିଚୟ ତିଆରି କରିପାରିବ । ସ୍ୱାବଲମ୍ବୀ ହୋଇପାରିବ । ତେଣୁ ଆଗାମୀ ଦିନରେ ଗ୍ରାମାଞ୍ଚଳରେ କଳାକୃତିର ପ୍ରଚାର ପ୍ରସାର କରିବା ଲକ୍ଷ୍ୟ ରଖିଛନ୍ତି ଗାୟତ୍ରୀ ।

### ପାରିବାରିକ ସହଯୋଗ

ଅନେକ ସମୟରେ ଲୋକମାନେ ତାଙ୍କର ଚିତ୍ରକଳାକୁ ନେଇ ବିଭିନ୍ନ କଥା କହନ୍ତି । କିନ୍ତୁ, ସେସବୁକୁ ଭ୍ରୂକ୍ଷେପ ନ କରି ସେ ଏକନିଷ୍ଠ ହୋଇ ଏ ଦିଗରେ ଆଗେଇ ଥିଲେ । ନିଜର ପରିବାର ଲୋକଙ୍କ ସହଯୋଗ ଓ ସମର୍ଥନ ପାଇଁ ସେ ଆଜି ନିଜର ଏକ ପରିଚୟ ତିଆରି କରିଛନ୍ତି ।

# ଏପରି କରନ୍ତୁ ମାଟିପାତ୍ର ସଫା



**ସାଧାରଣତଃ ଖରାଦିନେ ବିଭିନ୍ନ ପ୍ରକାର ମାଟି ବାସନ ଯଥା- ମାଟି ହାଣ୍ଡି, ସୁରେଇ, ବୋତଲ, ରୋଷେଇ ସରଞ୍ଜାମ ଆଦି ବ୍ୟବହାର କରାଯାଏ । ଅଧିକାଂଶ ଲୋକେ ମାଟି ପାତ୍ରରେ ପାଣି ପିଇବା ପସନ୍ଦ ମଧ୍ୟ କରିଥାନ୍ତି । ତେବେ ବର୍ତ୍ତମାନ ସମୟରେ ଗୃହିଣୀମାନେ ଅତ୍ୟାଧୁନିକ ରୋଷେଇ ସାମଗ୍ରୀ ପରିବର୍ତ୍ତେ ମାଟି ପାତ୍ରର ବ୍ୟବହାରକୁ ଗୁରୁତ୍ୱ ଦେଉଛନ୍ତି । କିନ୍ତୁ, ଏହାକୁ ସଫା କରିବା ସମୟରେ ଚିନ୍ତାରେ ପଡ଼ୁଛନ୍ତି । କିନ୍ତୁ, ବାସ୍ତବରେ ମାଟିପାତ୍ର ସଫା କରିବା ଆଦୌ କଷ୍ଟକର ହୋଇନଥାଏ । ତେଣୁ କେତୋଟି ସରଳ ଉପାୟ ଆପଣାଇ ଏହାକୁ ସଫା କରି ହେବ, ଜାଣିବା ସେ ବିଷୟରେ ।**

### ଗରମପାଣି ଓ ସର୍ଫ

ମାଟିବାସନ ସଫା କରିବା ପାଇଁ ଗରମପାଣିର ସାହାଯ୍ୟ ନେଇପାରିବେ । ଗରମପାଣିରେ ଅଳ୍ପ ସର୍ଫ ଓ କିଛି ଲେମ୍ବୁରସ ମିଶାନ୍ତୁ । ସେହି ପାଣିରେ ମାଟି ବାସନକୁ ବୁଡ଼ାଇ କିଛି ସମୟ ରଖି ଦିଅନ୍ତୁ । ପରେ ଏକ ସ୍କ୍ରବର୍ ସାହାଯ୍ୟରେ ବାସନକୁ ସଫା କରନ୍ତୁ । ଏହା ଦ୍ୱାରା ମାଟିପାତ୍ର ସଫା ହେବା ସହ ଚକ୍ ଚକ୍ ଦିଶିଥାଏ ।

### ବେକିଂସୋଡ଼ା ଓ ଲୁଣ

ମାଟି ବାସନ ସଫା କରିବା ପାଇଁ ବେକିଂସୋଡ଼ା ଓ ଲୁଣ ଏକ ଭଲ ବିକଳ୍ପ ଅଟେ । ଗୋଟିଏ ଛୋଟିଆ ପାତ୍ରରେ କିଛି ବେକିଂ ସୋଡ଼ା, ଲୁଣ ଓ ପାଣି ମିଶ୍ରଣ କରି ଏକ ଘୋଳ ପ୍ରସ୍ତୁତ କରନ୍ତୁ । ସେହି ଘୋଳକୁ ସ୍କ୍ରବର୍ ସାହାଯ୍ୟରେ ମାଟି ବାସନ ସଫା କରନ୍ତୁ ।

### ସିର୍କା ଓ ଗରମପାଣି

ସିର୍କା ଓ ଗରମପାଣି ସାହାଯ୍ୟରେ ଅପରିଷ୍କାର ମାଟିପାତ୍ରକୁ ସଫା କରିପାରିବେ । ଏହା ବ୍ୟତୀତ ଯଦି ମାଟି ବାସନରେ ଦାଗ ଲାଗିଥାଏ, ଏହାକୁ ସିର୍କା ଦ୍ୱାରା ଛଡ଼ାଇ ପାରିବେ ।

# ପିଙ୍କ୍ ବ୍ଲଶ୍ ମେକ୍‌ଅପ



**ସମ୍ପ୍ରତି ମ୍ୟାଟ୍ ମେକ୍‌ଅପ୍ ଲୁକ୍‌ର ବେଶ୍ ଚାହିଦା ରହିଛି । ଚାହିଁଲେ ପିଙ୍କ୍ ବ୍ଲଶ୍ ମେକ୍‌ଅପ୍ ମଧ୍ୟ ଆପଣାଇ ପାରିବେ । ଏହି ମେକ୍‌ଅପ୍ କିଭଳି ନେବେ, ଜାଣିବା ସେ ସମ୍ପର୍କରେ ।**

- ନିଜ ତ୍ୱଚା ଅନୁସାରେ ଗୋଟିଏ ଭଲ ପ୍ରାଇମର୍ ବାଛନ୍ତୁ । ସେହିପରି ତ୍ୱଚାର ରଙ୍ଗ ଅନୁସାରେ ଫାଉଣ୍ଡେସନ ଲଗାନ୍ତୁ । ଦିନରେ ଏହି ମେକ୍‌ଅପ୍ ନେଉଥିଲେ ହାଲୁକା ମେକ୍‌ଅପ୍ ବେଶ୍ ନିଅନ୍ତୁ । ଯେଉଁଳି ଏହା ଦୀର୍ଘ ସମୟ ରହିବ, ସେଥିପାଇଁ ହାଲୁକା ଲୁସ୍ ପାଉଡର୍ ଲଗାନ୍ତୁ । ଏହାପରେ କଣ୍ଟୁର କରନ୍ତୁ ।
- ବର୍ତ୍ତମାନ ବ୍ଲଶ୍ ପାଇଁ ପାଉଡର୍ ତୁଳନାରେ ଅଧିକ ଟିଣ୍ଟ ବ୍ୟବହାର କରାଯାଉଛି । ଏହି ଟିଣ୍ଟକୁ ଦୁଇ ଗାଲରେ ଲଗାଇ ପାରିବେ । ଏହାକୁ ଏକ ବ୍ଲେଣ୍ଡର ସାହାଯ୍ୟରେ ଭଲ ଭାବେ ମିକ୍ସ କରିବା ଆବଶ୍ୟକ । ଏହାପରେ ଲୁସ୍ ପାଉଡର ଲଗାଇ ମେକ୍‌ଅପ୍‌କୁ ସେଟ୍ କରନ୍ତୁ ।
- ଆଖିପାଇଁ ବିଜ୍ କିମ୍ବା ମ୍ୟାଟ୍ ବ୍ରାଉନ ଭଳି ସଫ୍ଟ ସେଡ୍ ଚୟନ କରିପାରିବେ । ତେବେ ଆକର୍ଷଣୀୟ ଆଖି ମେକ୍‌ଅପ୍ ପାଇଁ ସ୍ମଜ୍ ପ୍ରୁଫ୍ ଆଇ ପଲିସ୍ ବା ଲିକୁଇଡ୍ ଆଇ ଲାଇନର୍ ବ୍ୟବହାର କରିପାରିବେ ।

# ଅଙ୍ଗୁରରେ ତ୍ୱଚାର ଯତ୍ନ



**ବର୍ତ୍ତମାନ ସମୟରେ ଟାଣ ଖରା, ଧୂଳି, ମାଟି ଓ ପ୍ରଦୂଷଣ ଯୋଗୁଁ ତ୍ୱଚା ଶୁଷ୍କ, ରୁକ୍ଷ ହୋଇଯାଏ । ତେଣୁ ଧୀରେ ଧୀରେ ତ୍ୱଚାର ଚମକ ହଜିବାକୁ ଲାଗେ । ଏପରିସ୍ଥଳେ ଅଙ୍ଗୁରକୋଳି ବ୍ୟବହାର କରି ମୁହଁର ହଜି ଯାଇଥିବା ଚମକକୁ ପୁଣି ଫେରାଇ ପାରିବେ । ଅଙ୍ଗୁରରେ ପ୍ରଚୁର ପରିମାଣର ସାଇଟ୍ରିକ୍ ଏସିଡ୍ ରହିଥିବାରୁ, ଏହା ତ୍ୱଚାରେ ଥିବା ଦାଗକୁ ଦୂର କରିବାରେ ସହାୟକ ହୋଇଥାଏ । ତେବେ କିପରି ଏହାକୁ ବ୍ୟବହାର କରିବେ, ଜାଣିବା ସେ ବିଷୟରେ ।**

### ଅଙ୍ଗୁର ଓ ପୋଦିନା ଫେସ୍‌ପ୍ୟାକ୍

ପ୍ରଥମେ କିଛି ଅଙ୍ଗୁର କୋଳି ନେଇ ଅଳ୍ପ ପୋଦିନା ପତ୍ର ମିଶାଇ ଗ୍ରାଇଣ୍ଡିଂ କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ଏକ ପାତ୍ରକୁ କାଢି ଦିଅନ୍ତୁ । ସେଥିରେ ଦୁଇଚାରି ବୁନ୍ଦା ଲେମ୍ବୁରସ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହି ପେଷ୍ଟକୁ ମୁଁହରେ ଲଗାଇ ୧୦ ମିନିଟ ରଖି ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ । ଏହାପରେ ଛୋଟ ବରଫ ଖଣ୍ଡକୁ ଗୋଲାପ ଜଳରେ ବୁଡ଼ାଇ ମୁହଁରେ ଲଗାନ୍ତୁ । ଏହା ତ୍ୱଚାରେ ଚମକ ଆଣିବାରେ ସହାୟକ ହୋଇଥାଏ ।

### ଅଙ୍ଗୁର ଓ ଗାଜର ଫେସ୍‌ପ୍ୟାକ୍

ଅଙ୍ଗୁରର ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ପେଷ୍ଟକୁ ଗୋଟିଏ ପାତ୍ରରେ କାଢି ସେଥିରେ ଏକ ଚାମଚ, ଚାଉଳ ଗୁଣ୍ଡ ଓ ଦୁଇ ଚାମଚ ଗାଜର ଜୁସ୍ ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହି ପେଷ୍ଟକୁ ମୁହଁରେ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ । ଏହା ଶୁଖିଯିବା ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ଦିଅନ୍ତୁ । ଏହା ଦ୍ୱାରା ତ୍ୱଚାରେ ଉଜ୍ଜ୍ୱଳତା ବୃଦ୍ଧି ପାଏ ।

### ମହୁ ଓ ଅଙ୍ଗୁର ରସ

ଗୋଟିଏ ଛୋଟିଆ ପାତ୍ରରେ ଅଳ୍ପ ଅଙ୍ଗୁର ରସ ନେଇ, ସେଥିରେ ଏକ ଚାମଚ ମହୁ ଦିଅନ୍ତୁ । ଏଥି ସହିତ ଏକ ଚାମଚ ଗୋଲାପଜଳ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ପେଷ୍ଟକୁ ମୁହଁରେ ଲଗାଇ କିଛି ସମୟ ପରେ ଧୋଇ ଦିଅନ୍ତୁ । ଏହା ତ୍ୱଚାରେ ଥିବା ଦାଗ ଦୂର କରିଥାଏ ।



# ପଣସ ହାଣ୍ଡି ମସଲା

ମୋ ହାଣ୍ଡିଶାଳରୁ...



### ଆବଶ୍ୟକ ସାମଗ୍ରୀ

ପଣସ କଠା-୨୫୦ ଗ୍ରାମ୍, କଟା ପିଆଜ- ଅଳ୍ପ, କଟା ଟମାଟୋ - ଅଳ୍ପ କଞ୍ଚାଲଙ୍କା- ଦୁଇଟା, ଅଦା ରସୁଣ କଟା - ଅଳ୍ପ , ହଳଦୀଗୁଣ୍ଡ- ଅଧା ଚାମଚ, ଲଙ୍କାଗୁଣ୍ଡ - ଅଧା ଚାମଚ, ଶୁଖିଲା ଲଙ୍କା - ଦୁଇଟି, ଗରମ ମସଲା - ଅଧା ଚାମଚ, ତେଜପତ୍ର - ଅଳ୍ପ, ଗୋଲମରିଚ - ଅଳ୍ପ, ବଡ଼ ଅଳେଇଚ - ଗୋଟିଏ, ଲୁଣ - ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚୁଲି ଲଗାଇ କଡ଼େଇ ବସାନ୍ତୁ । ସେଥିରେ ଅଳ୍ପ ତେଲ ଦେଇ ପଣସକୁ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ପଣସ ଭାଜି ହୋଇଗଲା ପରେ ଏହାକୁ ପ୍ଲେଟ୍‌ରେ କାଢ଼ି ରଖନ୍ତୁ । ଗ୍ରେଭି ପାଇଁ ସେହି କଡ଼େଇରେ ଅଳ୍ପ ତେଲ ଦେଇ ପିଆଜ, ଅଦା, ରସୁଣ କଟା ଓ କଞ୍ଚାଲଙ୍କା ପକାଇ ଭାଜନ୍ତୁ । ହାଲୁକା ଭାଜି ହୋଇଗଲା ପରେ ସେଥିରେ ଟମାଟୋ କଟା ଦିଅନ୍ତୁ । ଏହାପରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଗରମମସଲା ଲୁଣ ଦେଇ କଷନ୍ତୁ । ମସଲା କଷି ହୋଇଯିବା ପରେ ଗ୍ୟାସ୍ ବନ୍ଦ କରିଦିଅନ୍ତୁ । ଏହାକୁ ଗ୍ରାଇଣ୍ଡିଂ କରି ରଖନ୍ତୁ ।

ଏହା ପରେ ଚୁଲା ଲଗାଇ ମାଟି ହାଣ୍ଡି ବସାନ୍ତୁ । ସେଥିରେ ଦୁଇ ଚାମଚ ତେଲ ଦିଅନ୍ତୁ । ତେଲ ଗରମ ହୋଇଯିବା ପରେ ତେଜପତ୍ର, ଗୋଲମରିଚ, ଶୁଖିଲା ଲଙ୍କା ଓ ଅଳେଇଚ ଦିଅନ୍ତୁ । ଏହାପରେ ଭାଜି ରଖିଥିବା ପଣସ ଓ ମସଲା ସବୁକୁ ଦିଅନ୍ତୁ । ଏହାକୁ ପିଠାଖଡ଼ିକା ସାହାଯ୍ୟରେ ଭଲ ଭାବେ ମିଶାଇ ଦିଅନ୍ତୁ । ଅଳ୍ପ ପାଣି ଦେଇ ଢାଙ୍କୁଣୀ ଘୋଡ଼ାଇ ୧୦ -୧୫ ମିନିଟ୍ ଫୁଟାନ୍ତୁ । ଧନିଆ ପତ୍ର ପକାଇ ପରଶି ଦିଅନ୍ତୁ ଗରମ ଗରମ 'ପଣସ ହାଣ୍ଡି ମସଲା' ।

### ହେଡ୍, ଶର୍ମା ଓ କ୍ଲାସେନ୍‌ଙ୍କ ଦ୍ରୁତ ଅର୍ଦ୍ଧଶତକ

# ଆଇପିଏଲ୍ ରେକର୍ଡ ସହ ହାଇଦ୍ରାବାଦ୍ ବିଜୟୀ



**ଆଇପିଏଲ୍‌ରେ ସର୍ବାଧିକ ଦଳଗତ ସ୍କୋର**

| ରନ୍ | ଓଭର | ଦଳ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ତାରିଖ |
|---|---|---|---|---|---|
| ୨୭୭/୩ | ୨୦ | ହାଇଦ୍ରାବାଦ୍ | ମୁମ୍ବାଇ | ହାଇଦରାବାଦ୍ | ୨୭-୩-୨୦୨୪ |
| ୨୬୩/୫ | ୨୦ | ବାଙ୍ଗାଲୋର | ପୁଣେ | ବେଙ୍ଗାଲୁରୁ | ୨୩-୪-୨୦୧୩ |
| ୨୫୭/୫ | ୨୦ | ଲକ୍ଷ୍ନୌ | ପଞ୍ଜାବ | ମୋହାଲି | ୨୮-୪-୨୦୨୩ |
| ୨୪୮/୩ | ୨୦ | ବାଙ୍ଗାଲୋର | ଗୁଜରାଟ | ବେଙ୍ଗାଲୁରୁ | ୧୪-୫-୨୦୧୬ |
| ୨୪୬/୫ | ୨୦ | ଚେନ୍ନାଇ | ରାଜସ୍ଥାନ | ଚେନ୍ନାଇ | ୩-୪-୨୦୧୦ |
| ୨୪୫/୬ | ୨୦ | କୋଲକାତା | ପଞ୍ଜାବ | ଇନ୍ଦୋର | ୧୨-୫-୨୦୧୮ |
| ୨୪୦/୫ | ୨୦ | ଚେନ୍ନାଇ | ପଞ୍ଜାବ | ମୋହାଲି | ୧୯-୪-୨୦୦୮ |
| ୨୩୫/୪ | ୨୦ | ଚେନ୍ନାଇ | କେକେଆର | କୋଲକାତା | ୨୩-୪-୨୦୨୩ |
| ୨୩୫/୧ | ୨୦ | ବାଙ୍ଗାଲୋର | ମୁମ୍ବାଇ | ମୁମ୍ବଇ | ୧୦-୫-୨୦୧୫ |
| ୨୩୫/୯ | ୨୦ | ମୁମ୍ବାଇ | ହାଇଦ୍ରାବାଦ୍ | ଆବୁଧାବି | ୮-୧୦-୨୦୨୧ |

ହାଇଦ୍ରାବାଦ୍, ୨୭।୩(ଏଜେନ୍ସି)

ଟ୍ରାଭିସ୍ ହେଡ୍ (୨୪ବଲ୍‌ରେ ୬୨ରନ୍), ଅଭିଷେକ ଶର୍ମା (୨୩ ବଲ୍‌ରେ ୬୩ ରନ୍) ଓ ହେନ୍‌ରିକ୍ କ୍ଲାସେନ୍ (୩୪ ବଲ୍‌ରେ ଅପରାଜିତ ୮୦ରନ୍)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ୩୧ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରି ରେକର୍ଡ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ୍ ୩ ୱିକେଟରେ ୨୭୭ ରନ୍ ସଂଗ୍ରହ କରିଥିଲା। ଆଇପିଏଲ୍‌ରେ ଏହା ଥିଲା ସର୍ବାଧିକ ଦଳଗତ ସ୍କୋର। ସେହିପରି ୨୭୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ମୁମ୍ବାଇ ଇଣ୍ଡିଆନ୍ସ ୫ ୱିକେଟରେ ୨୪୬ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହା ଫଳରେ ଏହି ମ୍ୟାଚ୍‌ରେ ହାରାହାରି ସର୍ବାଧିକ ୫୧୯ ରନ୍‌ର ଆଇପିଏଲ୍ ରେକର୍ଡ ହୋଇଛି। ମୁମ୍ବାଇ ପକ୍ଷରୁ ତିଳକ ବର୍ମା ୩୪ ବଲ୍‌ରେ ୨ ଚୌକା ଓ ୬ ଛକା ସହ ସର୍ବାଧିକ ୬୪ ରନ୍ କରିଥିଲେ। ଟିମ୍ ଡେଭିଡ୍ ୪୨[3], ଇଶାନ କିଶାନ ୩୪, ନମନ ଧୀର ୩୦, ରୋହିତ ଶର୍ମା ୨୬ ଓ ରୋମାରିଓ ସେଫର୍ଡ ୧୫[3] ରନ୍ କରିଥିଲେ ମଧ ଦଳକୁ ଜିତାଇପାରି ନଥିଲେ। ବିଜୟୀ ହାଇଦ୍ରାବାଦ୍ ପକ୍ଷରୁ ଅଧିନାୟକ ପ୍ୟାଟ କମିନ୍ସ ଓ ଜୟଦେବ ଉନାଦକତ୍ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

**ରେକର୍ଡ ଦଳଗତ ସ୍କୋର:** ଗତ କିଛିବର୍ଷ ଭଲ ଖେଳୁ ନ ଥିବା ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଚଳିତ ସିଜନରେ ଭଲ ଆରମ୍ଭ କରିଛି। ଏଠାରେ ଘରୋଇ ମାଟିରେ ପ୍ରଥମେ ବ୍ୟାଟିଂ କରିବା ପରେ ଅଷ୍ଟ୍ରେଲୀୟ ଓପନର ଟ୍ରାଭିସ୍ ହେଡ୍‌ଙ୍କ ସହ ପ୍ରଥମ ୱିକେଟ୍‌ରୁ ୪.୧ ଓଭରରେ ୪୫ ରନ୍ ଉଠାଇବା ପରେ ମୟଙ୍କ ଅଗରୱାଲ (୧୧) ଆଉଟ ହୋଇଥିଲେ। ଏହା ଦଳ ଲାଗି ଆଶୀର୍ବାଦ ସାବ୍ୟସ୍ତ ହୋଇଥିଲା। ହେଡ୍‌ଙ୍କ ସହ ଅଭିଷେକ ଶର୍ମା ଯୋଗଦେବା ପରେ ରନ୍ ସଂଗ୍ରହ ଦ୍ରୁତଗତିରେ ବୃଦ୍ଧି ପାଇଥିଲା। ଦ୍ୱିତୀୟ ୱିକେଟ ଯୋଡିରେ ଉଭୟ ଖେଳାଳି ୨୩ ବଲ୍‌ରେ ୬୮ ରନ୍ ଉଠାଇ ଧୂଆଁଧାର ଆରମ୍ଭ କରିଦେଇଥିଲେ। ମାତ୍ର ୧୮ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ହେଡ୍ ୨୪ ବଲ୍‌ରେ ୯ ଚୌକା ଓ ୩ଛକା ସହ ୬୨ ରନ୍ କରିଆଉଟ ହୋଇଥିଲେ। ତାଙ୍କ ପାର୍ଟନର ଅଭିଷେକ ଟିକିଏ ଆଗକୁ ଯାଇ ୧୬ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିବା ପରେ ୨୩ ବଲ୍‌ରୁ ୩ ଚୌକା ଓ ୭ଛକା ସହ ୬୩ ରନ୍ କରିଥିଲେ। ଦୁଇ ଦକ୍ଷିଣ ଆଫ୍ରିକୀୟ ଖେଳାଳି ଆଇଡେନ୍ ମାର୍କରାମ ଓ ହେନ୍‌ରିକ୍ କ୍ଲାସେନ୍‌ଙ୍କ ଯୋଡି ମୁମ୍ବାଇ ବୋଲରଙ୍କ ନିର୍ମମ ପ୍ରହାର କରି ୫୫ ବଲରୁ ୧୧୬ ରନ୍ ଉଠାଇ ଦଳକୁ ରେକର୍ଡ ସ୍କୋର କରିବାରେ ସହାୟତା କରିଥିଲେ। ମାତ୍ର ୨୩ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା କ୍ଲାସେନ୍ ୩୪ବଲ୍ ଖେଳି ୪ ଚୌକା ଓ ୭ଛକା ସହ ୮୦ ଏବଂ ମାର୍କରାମ ୨୮ ବଲ୍‌ରୁ ୪୨ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ।

ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ବିଶ୍ୱର ଶ୍ରେଷ୍ଠ ବୋଲର ଯଶପ୍ରୀତ ବୁମ୍‌ରା ୪ ଓଭରରେ ସବୁଠାରୁ କମ୍ ୩୬ ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୪୬ ରନ୍ ଦେଇଥିଲେ। ତୃତୀୟ ସର୍ବକନିଷ୍ଠ ବିଦେଶୀ ଖେଳାଳିଭାବେ ଡେବ୍ୟୁ କରିଥିବା କ୍ୱେନା ମାଫକା ୪ ଓଭରରେ ସର୍ବାଧିକ ୬୬ ରନ୍ କରିଥିଲେ। ଦଳର ପୂର୍ବତନ ଅଧିନାୟକ ରୋହିତ ଶର୍ମା ଏଠାରେ ୨୦୦ତମ ଆଇପିଏଲ୍ ମ୍ୟାଚ୍ ଖେଳିଛନ୍ତି।



**ଆଇପିଏଲ୍-୧୭**
**ଆଜିର ମ୍ୟାଚ୍**
**ରାଜସ୍ଥାନ-ଦିଲ୍ଲୀ**
ସ୍ଥାନ- ଜୟପୁର, ସମୟ- ରାତି ୭ଟା ୩୦
- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

● ମନ୍ଥର ବୋଲିଂ

## ଗିଲ୍‌ଙ୍କ ଉପରେ ୧୨ ଲକ୍ଷ ଜରିମାନା

**ଚେନ୍ନଇ,୨୭।୩(ଏଜେନ୍ସି):** ଗୁଜରାଟ ଟାଇଟନ୍ସ ଅଧିନାୟକ ଶୁବମାନ ଗିଲ୍ ମନ୍ଥର ବୋଲିଂ ପାଇଁ ୧୨ ଲକ୍ଷ ଟଙ୍କା ଜରିମାନର ସମ୍ମୁଖୀନ ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଚେନ୍ନଇ ସୁପର କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍‌ରେ ଗୁଜରାଟ ୬୩ ରନରେ ପରାସ୍ତ ହୋଇଥିଲା। ମନ୍ଥର ବୋଲିଂ ପାଇଁ ଗିଲ୍‌ଙ୍କ ଉପରେ ଜରିମାନ ଲାଗୁ କରାଯାଇଛି ଆଇପିଏ କର୍ତ୍ତୃପକ୍ଷ କହିଛନ୍ତି। ଟସ୍ ଜିତି ଗୁଜରାଟ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଚେନ୍ନଇ ୨୦ ଓଭରରେ ୬ ୱିକେଟ ହରାଇ ୨୦୬ ରନ ସଂଗ୍ରହ କରିଥିଲା। ଜବାବରେ ଗୁଜରାଟ୍ ୮ ୱିକେଟ ହରାଇ ୧୪୩ ରନରେ ସୀମିତ ରହି ପରାସ୍ତ ହୋଇଥିଲା।

## ବିରାଟ କୋହଲି ଜିତାଇଲେ

**ବେଙ୍ଗାଲୁରୁ,୨୭।୩(ଏଜେନ୍ସି):** ସୋମବାର ଅନୁଷ୍ଠିତ ଆଇପିଏଲର ଷଷ୍ଠ ମ୍ୟାଚ୍‌ରେ ବିରାଟ କୋହଲିଙ୍କ ମ୍ୟାଚ୍ ବିଜୟୀ ପାଳି ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୪ ବଲ ବାକି ଥାଇ ୪ ୱିକେଟରେ ପଞ୍ଜାବ କିଙ୍ଗସକୁ ପରାସ୍ତ କରିଛି। ଟସ୍ ହାରି ପଞ୍ଜାବ ପ୍ରଥମେ ବ୍ୟାଟିଂ କରି ୬ ୱିକେଟ ହରାଇ ୧୭୬ ରନ ସଂଗ୍ରହ କରିଥିଲା। ଜବାବରେ ବେଙ୍ଗାଲୁରୁ ୧୯.୨ ଓଭରରେ ୬ ୱିକେଟ ହରାଇ ୧୭୮ ରନକରି ବିଜୟୀ ହୋଇଥିଲା। ୪୯ ବଲରୁ ୧୧ ଚୌକା ଓ ୨ ଛକା ସହ ୭୭ ରନର ଦ୍ରୁତ ପାଳି ଖେଳିଥିବା କୋହଲି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

## ଚେନ୍ନାଇର କ୍ରମାଗତ ଦ୍ୱିତୀୟ ବିଜୟ

ମଙ୍ଗଳବାର ଅନୁଷ୍ଠିତ ଲିଗ୍ ୭ମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସ ୬୩ ରନରେ ଗୁଜରାଟ ଟାଇଟନ୍ସକୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ୬ ୱିକେଟ ହରାଇ ୨୦୬ ରନ ସଂଗ୍ରହ କରିଥିଲା। ଜବାବରେ ଗୁଜରାଟ ୮ ୱିକେଟ ହରାଇ ୧୪୩ ରନ କରି ହାରିଥିଲା। ୨୩ ବଲରୁ ୨ ଚୌକା ଓ ୫ ଛକା ସହ ୫୧ ରନ ସଂଗ୍ରହ କରିଥିବା ଚେନ୍ନାଇ ବ୍ୟାଟର ଶିବମ୍ ଦୁବେ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ।

## ପ୍ରି-କ୍ୱାର୍ଟରରେ ସିନ୍ଧୁ

**ମାଦ୍ରିଦ୍,୨୭।୩(ଏଜେନ୍ସି):** ଏଠାରେ ଚାଲିଥିବା ୧୭ କୋଟି ୫୦ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ସ୍ପେନ ମାଷ୍ଟର୍ସ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଅଭିଜ୍ଞ ଭାରତୀୟ ମହିଳା ଖେଳାଳି ପିଭି ସିନ୍ଧୁ ପ୍ରି- କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇଥର ଅଲିମ୍ପିକ୍ସ ପଦକ ହାସଲ କରିଥିବା ସିନ୍ଧୁ ରାଉଣ୍ଡ ଅଫ୍ ୩୨ ମୁକାବିଲାରେ ବିଶ୍ୱର ୪୯ ନଂ ଖେଳାଳି କାନାଡାର ୟୁ ଝାଙ୍ଗ୍‌ଙ୍କୁ ୨୧-୧୬, ୨୧-୧୨ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଅନ୍ୟତମ ଭାରତୀୟ ମହିଳା ଖେଳାଳି ଅସ୍ମିତା ଚଲିହା ଥାଇଲାଣ୍ଡର ରଚାନକ ଇଣ୍ଟାନନଙ୍କଠାରୁ ୧୩-୨୨, ୧୧-୨୧ରେ ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛନ୍ତି। ପୁରୁଷ ଏକକ ସତୀଶ କୁମାର କରୁଣାକରନ ୧୫-୨୧, ୧୯-୨୨ରେ ସିଙ୍ଗାପୁରର ଜିଆ ହେଙ୍ଗ ଜାସନ ତେହଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

### ଯୁଗଳରେ ଅର୍ଜୁନ- ଧ୍ରୁବ ଯୋଡ଼ିଙ୍କ ଅଗ୍ରଗତି

ପୁରୁଷ ଯୁଗଳ ପ୍ରତିଯୋଗିତାରେ ଅଷ୍ଟମ ସିଡ୍ ମାନ୍ୟତା ପାଇଥିବା ଭାରତୀୟ ଯୋଡି ଏମ୍‌ଆର ଅର୍ଜୁନ ଓ ଧ୍ରୁବ କପିଳ ପ୍ରି- କ୍ୱାର୍ଟରକୁ ଉଠିଛନ୍ତି। ଏହି ଯୋଡି ୨୧-୧୮, ୨୧-୧୭ରେ ମେକ୍ସିକୋ ଯୋଡି ଜୋବ କାଷ୍ଟିଲୋ ଗାଲିଣ୍ଡୋ ଓ ଲୁଇସ୍ ନାଭାରୋଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି।

**ଫିଫା ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍**

# ଆଫଗାନିସ୍ତାନଠାରୁ ହାରିଲା ଭାରତ

ଗୌହାଟୀ,୨୭।୩(ଏଜେନ୍ସି)

ଫିଫା ବିଶ୍ୱକପ୍ ୨୦୨୬ ଯୋଗ୍ୟତା ପର୍ଯ୍ୟାୟର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାରତ ନିମ୍ନ ର୍ୟାଙ୍କ୍‌ର ଦଳ ଆଫଗାନିସ୍ତାନଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଏହି ମ୍ୟାଚ୍‌ରେ ୩୯ ବର୍ଷୀୟ ଭାରତୀୟ ଅଧିନାୟକ ତଥା ଅଗ୍ରଭାଗ ଖେଳାଳି ସୁନୀଲ ଛେତ୍ରୀ କ୍ୟାରିୟରର ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ଏକ ବିରଳ ମାଇଲଖୁଣ୍ଟ ଛୁଇଁଥିଲେ। କିନ୍ତୁ ତାଙ୍କୁ ନିରାଶ ହେବାକୁ ପଡିଛି।

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଆଥଲେଟିକ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଏହି ମୁକାବିଲାରେ ଭାରତ ୧-୨ ଗୋଲରେ ଆଫଗାନିସ୍ତାନଠାରୁ ପରାସ୍ତ ହୋଇଛି। ୩୮ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର ଜରିଆରେ ଛେତ୍ରୀ ଏକମାତ୍ର ଗୋଲ ସ୍କୋର କରି ଭାରତକୁ ଅଗ୍ରଣୀ କରାଇଥିଲେ। ଅପରପକ୍ଷରେ ଆଫଗାନିସ୍ତାନ ପାଇଁ ରହମତ ଆକବରୀ ୭୦ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ଏହାପରେ ୮୮ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର ଜରିଆରେ ମୁଖାମ୍ମାଦ ଗୋଲ ଦେଇ ଆଫଗାନିସ୍ତାନକୁ ଅଗ୍ରଣୀ କରାଇଥିଲେ। ଏହାପୂର୍ବରୁ ଦୁଇଦଳ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଗୋଲଶୂନ୍ୟ ଭାବେ ଅମୀମାଂସିତ ରହିଥିଲା। ପରାଜୟ ସତ୍ତ୍ୱେ ଅଙ୍କ ତାଲିକାରେ ଭାରତର ସ୍ଥାନ ପରିବର୍ତ୍ତନ ହୋଇନାହିଁ। ଭାରତ ୪ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ଦୁଇଟି ପରାଜୟ ସହ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଆଫଗାନିସ୍ତାନ ୪ ମ୍ୟାଚ୍ ଖେଳି ଗୋଟିଏ ବିଜୟ, ଗୋଟିଏ ଡ୍ର ଓ ଦୁଇ ପରାଜୟ ସହ ସମାନ ୪ ଅଙ୍କ ହାସଲ କରିଥିଲେ ମଧ ତୃତୀୟ ସ୍ଥାନରେ ରହିଛି। କତାର ୩ଟି ମ୍ୟାଚ୍ ଖେଳି ସବୁଥିରେ ବିଜୟୀ ହୋଇ ୯ ପଏଣ୍ଟ ପାଇ ଶୀର୍ଷରେ ଓ କୁଏତ୍ ୩ ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ୨ ପରାଜୟ ସହ ୩ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି।



### ୧୫୦ତମ ମ୍ୟାଚ୍‌ରେ ଛେତ୍ରୀଙ୍କ ୯୪ତମ ଗୋଲ

ଏହି ମ୍ୟାଚ୍‌ରେ ଛେତ୍ରୀ କ୍ୟାରିୟରର ୧୫୦ତମ ମ୍ୟାଚ୍ ଖେଳିବାର ସୌଭାଗ୍ୟ ହାସଲ କରିଥିଲେ। ଗୋଟିଏ ଗୋଲ ଦେବାସହ ସେ କ୍ୟାରିୟରର ୯୪ତମ ଗୋଲ ସ୍କୋର କରିଛନ୍ତି। ଏବେ ଖେଳ ଜାରିରଖିଥିବା ଫୁଟବଲରଙ୍କ ମଧ୍ୟରେ ସେ ତୃତୀୟ ସର୍ବାଧିକ ଗୋଲ ସ୍କୋର କରିଛନ୍ତି। ଛେତ୍ରୀ ୨୦୦୫ ଜୁନ ୧୨ରେ କ୍ୱେଟାରେ ପାକିସ୍ତାନ ବିପକ୍ଷରେ କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ୩୯ ବର୍ଷୀୟ ଛେତ୍ରୀ ନିଜର ପ୍ରଥମ, ୨୫ତମ, ୫୦ତମ, ୭୫ତମ, ୧୦୦ତମ, ୧୨୫ ଓ ୧୫୦ତମ ମ୍ୟାଚ୍‌ରେ ଅତିକମରେ ଗୋଟିଏ ଲେଖାଏ ଗୋଲ ସ୍କୋରକରି ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି।

**ମିଆମି ଓପନ୍ ଟେନିସ୍**

# ରିବାକିନା- ଆଜାରେଙ୍କା ସେମିଫାଇନାଲ

ମିଆମି,୨୭।୩(ଏଜେନ୍ସି)



ମିଆମି ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ପ୍ରତିଯୋଗିତାରେ କାଜାଖସ୍ତାନର ଏଲିନା ରିବାକିନା ଓ ବେଲରୁଷର ଭିକ୍ଟୋରିଆ ଆଜାରେଙ୍କା ପରସ୍ପରକୁ ସେମିଫାଇନାଲରେ ଭେଟିବା ସ୍ପଷ୍ଟ ହୋଇଛି। ଚତୁର୍ଥ ସିଡ୍ ମାନ୍ୟତା ପାଇଥିବା ରିବାକିନା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ୭-୫, ୬-୭, ୬-୪ ସେଟ୍‌ରେ ଗ୍ରୀସ୍‌ର ଅଷ୍ଟମ ସିଡ୍ ଖେଳାଳି ମାରିଆ ସାକାରିଙ୍କୁ ହରାଇ ସେମିକୁ ଉଠିଛନ୍ତି। ସେହିପରି ୨୭ତମ ସିଡ୍ ଆଜାରେଙ୍କା ଅନ୍ୟଏକ କ୍ୱାର୍ଟର ଫାଇନାଲରେ ୭-୬, ୧-୬, ୬-୩ ସେଟ୍‌ରେ କାଜାଖସ୍ତାନର ୟୁଲିଆ ପୁତିନଶେଭାଙ୍କୁ ହରାଇ ସେମିରେ ପ୍ରବେଶ କରିଛନ୍ତି। ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲରେ ଜେକିକା ପେଗୁଲା ଓ ଏକାଟେରିନା ଆଲେକଜାଣ୍ଡ୍ରୋଭା ଏବଂ କାରୋଲିନ୍ ଗାର୍ସିଆ ଓ ଡାନିଏଲେ କଲିନ୍ସ ପରସ୍ପରକୁ ଭେଟିବେ।

### କ୍ୱାର୍ଟରରେ ଆଲକାରାଜ, ମେଦଭେଦେଭ, ସିନର

ମିଆମି ଓପନ ପୁରୁଷ ଏକକ ପ୍ରତିଯୋଗିତାରେ ଶ୍ରେଷ୍ଠ ସିଡ୍ ସ୍ପେନ୍‌ର କାର୍ଲୋସ ଆଲକାରାଜ, ତୃତୀୟ ସିଡ୍ ଡାନିଲ ମେଦେଭେଦେଭ, ଦ୍ୱିତୀୟସିଡ ଇଟାଲୀର ଜାନିକ ସିନର, ଚତୁର୍ଥ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାଉଣ୍ଡ ଅଫ୍ ୧୬ ଅର୍ଥାତ ପ୍ରି- କ୍ୱାର୍ଟରରେ ଆଲକାରାଜ୬-୩, ୬-୩ ସିଧାସଳଖ ସେଟ୍‌ରେ ଇଟାଲୀର ଲୋରେଞ୍ଜୋ ମୁସେଟିଙ୍କୁ, ଜ୍ୱେରେଭ ୬-୧, ୬-୪ ସେଟ୍‌ରେ ରୁଷିଆର କରେନ ଖାଚାନୋଭଙ୍କୁ, ସିନର ୬-୪, ୬-୩ ସେଟ୍‌ରେ ଅଷ୍ଟ୍ରେଲିଆର ଖ୍ରୀଷ୍ଟୋଫର କନେଲଙ୍କୁ, ମେଦଭେଦେଭ ୭-୬, ୬-୦ ସେଟ୍‌ରେ ଡୋମିନିକ କୋପଫେରଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

**ନଭେମ୍ବର ୨୨ରୁ ଭାରତର ଅଷ୍ଟ୍ରେଲିଆ ଗସ୍ତ** | **୭ ଜାନୁଆରୀ ପର୍ଯ୍ୟନ୍ତ ଚାଲିବ ସିରିଜ**

# ପର୍ଥରେ ପ୍ରଥମ, ସିଡ୍‌ନୀରେ ଶେଷ ଟେଷ୍ଟ

ନୂଆଦିଲ୍ଲୀ,୨୭।୩(ଏଜେନ୍ସି)

ଭାରତୀୟ ଦଳର ଅଷ୍ଟ୍ରେଲିଆ ଗସ୍ତ ମଙ୍ଗଳବାର ଜାରି କରାଯାଇଛି। ଏହି ହାଇପ୍ରୋଫାଇଲ ଗସ୍ତରେ ଭାରତ ୫ଟି ଟେଷ୍ଟ ମ୍ୟାଚ୍ ଖେଳିବ। ଏଥିରେ ଗୋଟିଏ ପିଙ୍କବଲ୍ ଅର୍ଥାତ ଦିବାରାତ୍ର ଟେଷ୍ଟ ସାମିଲ ରହିଛି। ନଭେମ୍ବର ୨୨ରୁ ପର୍ଥରେ ପ୍ରଥମ ଟେଷ୍ଟ ଖେଳାଯିବ। ସିରିଜରେ ଅନ୍ତିମ ଟେଷ୍ଟ ସିଡ୍‌ନୀରେ ଜାନୁଆରୀ ୩ରୁ ଆରମ୍ଭ ହେବ। ଗତ ୧୦ ବର୍ଷ ମଧ୍ୟରେ ଅଷ୍ଟ୍ରେଲିଆ ମାଟିରେ ଗୋଟିଏ ହେଲେ ବି ଟେଷ୍ଟ ସିରିଜ ହାରିନାହିଁ। ଭାରତ ଅଷ୍ଟ୍ରେଲିଆ ମାଟିରେ ଦୁଇଥର ଓ ଘରୋଇ ପରିବେଶରେ ଦୁଇଥର ସିରିଜ ଜିତିଛି। ପ୍ରତିଥର ଭାରତ ୨-୧ ଅନ୍ତରରେ ବାଜି ମାରିଛି।

### ଆଡିଲେଡ୍‌ରେ ଦିବାରାତ୍ର ଟେଷ୍ଟ

କ୍ରିକେଟ ଅଷ୍ଟ୍ରେଲିଆ ୨୦୨୪-୨୫ ସିଜନ ପାଇଁ କାର୍ଯ୍ୟସୂଚୀ ଜାରି କରିଛି।

ପ୍ରଥମ ଟେଷ୍ଟ ପରେ ଡିସେମ୍ବର ୬ରେ ଆଡିଲେଡ୍‌ରେ ଦିବାରାତ୍ର ଟେଷ୍ଟ ଆରମ୍ଭ ହେବ। ଏହାପରେ ୧୪ ତାରିଖରେ ବ୍ରିସ୍‌ବେନ୍‌ର ଗାବା ଟେଷ୍ଟରେ ତୃତୀୟ ଟେଷ୍ଟ ଆରମ୍ଭ ହେବ। ସେହିପରି ଡିସେମ୍ବର ୨୬ରେ ମେଲବୋର୍ଣ୍ଣରେ ଚତୁର୍ଥ ଟେଷ୍ଟ ଆରମ୍ଭ ହେବ। ୨୦୨୫ ଜାନୀଆରୀ ୩ରୁ ୫ମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ଭାରତକୁ ବାଦ ଦେଲେ ପାକିସ୍ତାନ ମଧ୍ୟ ୩ଟି ଦିନିକିଆ ଓ ୩ଟି ଟି-୨୦ ମ୍ୟାଚ୍ ଖେଳିବାକୁ ପାକିସ୍ତାନ ଗସ୍ତ କରିବ।

**ଭାରତର ଅଷ୍ଟ୍ରେଲିଆ ଗସ୍ତ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୨୨-୨୬, ନଭେମ୍ବର | ପ୍ରଥମ ଟେଷ୍ଟ | ପର୍ଥ |
| ୦୬-୧୦, ଡିସେମ୍ବର | ଦ୍ୱିତୀୟ ଟେଷ୍ଟ | ଆଡିଲେଡ |
| ୧୪-୧୮, ଡିସେମ୍ବର | ତୃତୀୟ ଟେଷ୍ଟ | ଗାବା |
| ୨୬- ୩୦, ଡିସେମ୍ବର | ଚତୁର୍ଥ ଟେଷ୍ଟ | ମେଲବୋର୍ଣ୍ଣ |
| ୦୩-୦୭, ଜାନୁଆରୀ | ପଞ୍ଚମ ଟେଷ୍ଟ | ସିଡ୍‌ନୀ |

### ଭାରତର ଏହା ଶେଷ ବିଦେଶୀ ସିରିଜ

ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ୨୦୨୩-୨୫ ଚକ୍ରରେ ଭାରତ ପାଇଁ ବିଦେଶରେ ଏହା ଶେଷ ସିରିଜ ସାବ୍ୟସ୍ତ ହେବ। ଚକ୍ରର ଦୁଇ ବର୍ଷ ସମୟ ଅବଧୀରେ ସବୁ ଦଳକୁ ୬ଟି ସିରିଜ ଖେଳିବାକୁ ହୋଇଥାଏ। ୩ଟି ଲେଖାଏଁ ସିରିଜ ଘରୋଇ ଓ ବିଦେଶୀ ମାଟିରେ ଖେଳିବାକୁ ହୋଇଥାଏ। ଏହି କ୍ରମରେ ଭାରତ ତା'ର ଶେଷ ବିଦେଶୀ ତଥା ଆୱେ ସିରିଜ ଅଷ୍ଟ୍ରେଲିଆରେ ହିଁ ଖେଳିବ। ଭାରତ ପ୍ରଥମ ବିଦେଶ ଗସ୍ତରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧-୧ରେ ସିରିଜ ଅମୀମାଂସିତ ରଖିଥିଲା। ୱେଷ୍ଟଇଣ୍ଡିଜ ଗସ୍ତରେ ଭାରତ ୧-୦ରେ ସିରିଜ ଜିତିଥିଲା। ଭାରତ ଏବେ ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ବିପକ୍ଷରେ ଟେଷ୍ଟ ସିରିଜ ଖେଳିବ। ଭାରତ ଏପର୍ଯ୍ୟନ୍ତ ୯ଟି ମ୍ୟାଚ୍ ଖେଳି ୬ଟିରେ ବିଜୟୀ, ୨ଟି ପରାସ୍ତ ହେବା ସହ ଗୋଟିଏ ଅମୀମାଂସିତ ରଖି ୬୮. ୫୧ ପର୍ସେଣ୍ଟେଜ ସହ ଡବ୍ଲ୍ୟୁଟିସି ଅଙ୍କ ତାଲିକାର ଶୀର୍ଷରେ ଅଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA